# ଧରିତ୍ରୀ DHARITRI

ବ୍ରହ୍ମପୁର, ବୁଧବାର, ଜାନୁୟାରୀ ୬/୨୦୨୧ (୧୬ ପୃଷ୍ଠା) | Berhampur, Wednesday, January 6/2021 | ★★★

୧୬ଶ ଭାଗ ୨୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ବୁଲେଟ୍ ଚଲାଉଛନ୍ତି କ୍ରୀତି**

ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ୍ ବୁଲେଟ୍ ଚଲାଉଥିବାର ଭିଡିଓ ଶେୟାର କରିଛନ୍ତି। ଏହା ଇନ୍‌ଷ୍ଟାରେ ଖୁବ୍ ଭାଇରାଲ୍ ହୋଇଛି।

୧୨

୧୫

**ଟେଷ୍ଟ ଦଳରୁ ବାଦ୍ ପଡ଼ିଲେ ରାହୁଲ**

ଆଘାତପ୍ରାପ୍ତ ଯୋଗୁ କେ.ଏଲ୍. ରାହୁଲ ଅଷ୍ଟ୍ରେଲିଆ ବିପକ୍ଷ ଅବଶିଷ୍ଟ ଦୁଇ କ୍ରିକେଟ ଟେଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି।




# ୧୩ ସୁଦ୍ଧା ଟିକାକରଣ

**ନୂଆଦିଲ୍ଲୀ, ୫।୧(ପି.ଟି.)**

କୋଭିଡ୍-୧୯ ଟିକାକୁ ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ମିଳିବା ତାରିଖଠାରୁ ୧୦ ଦିନ ମଧ୍ୟରେ ଅର୍ଥାତ୍ ୧୩ ତାରିଖ ସୁଦ୍ଧା ଟିକାଦାନ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ସରକାର ପ୍ରସ୍ତୁତ ଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜାନୁୟାରୀ ୩ରେ କୋଭିଶିଲ୍ଡ ଓ କୋଭାକ୍ସିନ୍ ଟିକାକୁ ସରକାର ଜରୁରୀ ବ୍ୟବହାର ମଞ୍ଜୁରୀ ପ୍ରଦାନ କରିଥିଲେ। ତେବେ ଟିକାଦାନ ତାରିଖ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ସରକାର ନେବେ। ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି, ଟିକା ନେବା ଲାଗି ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀଙ୍କ ନିମନ୍ତେ ପଞ୍ଜୀକରଣର ଆବଶ୍ୟକତା ନାହିଁ।

ସାରା ଦେଶରେ ଟିକାକରଣ ପ୍ରସ୍ତୁତିର ଯାଞ୍ଚ ଲାଗି ଡ୍ରାଏ ରନ୍ କରାଯାଇଥିଲା। ଏହା ସଫଳ ହୋଇଥିବାରୁ ବ୍ୟବହାର ଅନୁମତି ☞ପୃଷ୍ଠା-୪



## ଫାଇଜର ଟିକା ନେଇଥିବା ନର୍ସଙ୍କ ମୃତ୍ୟୁ

**ନୂଆଦିଲ୍ଲୀ:** ଆମେରିକୀୟ କମ୍ପାନୀ ଫାଇଜର ଦ୍ୱାରା ପ୍ରସ୍ତୁତ କୋଭିଡ୍-୧୯ ଟିକା ନେଇଥିବା ପର୍ତ୍ତୁଗାଲର ନର୍ସ ସୋନିଆ ଆସେଭେଦୋଙ୍କ ମୃତ୍ୟୁ ଘଟିଛି। ଟିକା ନେବାର ୨ ଦିନ ପରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପର୍ତ୍ତୁଗିଜ୍ ଇନଷ୍ଟିଚ୍ୟୁଟ ଅଫ ଅଙ୍କୋଲୋଜିରେ ନର୍ସ ଥିବା ୪୧ ବର୍ଷୀୟା ସୋନିଆ ଡିସେମ୍ବର ୩୦ରେ ☞ପୃଷ୍ଠା-୪

# ଏସ୍‌ଆଇଟିକୁ ଝଟକା

## ଅଭିଯୁକ୍ତ ଛାତ୍ର ନାବାଳକ

**ନୟାଗଡ଼ ଅଫିସ,୫।୧**

ବହୁ ଚର୍ଚ୍ଚିତ ନୟାଗଡ଼ ସଦର ଥାନା ପରୀ ହତ୍ୟା ଓ ବଳାତ୍କାର ଘଟଣା ନୂଆ ମୋଡ଼ ନେଇଛି। ଅଭିଯୁକ୍ତ କଲେଜ ଛାତ୍ର ଜଣେ ନାବାଳକ ବୋଲି ମଙ୍ଗଳବାର ନୟାଗଡ଼ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ କହିଛନ୍ତି। ଏଥିସହ ଅଭିଯୁକ୍ତଙ୍କ ନାର୍କୋ ଆନାଲିସିସ୍ ଟେଷ୍ଟ କରିବା ପାଇଁ ଏସ୍‌ଆଇଟି କରିଥିବା ଆବେଦନକୁ ଜୁଭେନାଇଲ କୋର୍ଟ ବିଚାର କରିବାକୁ ଆଦେଶ ଦେଇଛନ୍ତି। ପୋକ୍‌ସୋ ଅଦାଲତଙ୍କ ଏହି ରାୟ ପରେ କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି)କୁ ଶକ୍ତ ଝଟ୍‌କା ଲାଗିଛି। ଅଭିଯୁକ୍ତଙ୍କୁ କେଉଁ ଉଦ୍ଦେଶ୍ୟରେ ଏସ୍‌ଆଇଟି ସାବାଳକ ସଜାଇଥିଲା ଏବେ ତାକୁ ନେଇ ବିଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଛି।

ସୂଚନା ଥାଉକି, ଅଭିଯୁକ୍ତ କଲେଜ ଛାତ୍ରଙ୍କୁ ସାବାଳକ ଦର୍ଶାଇ ଏସ୍‌ଆଇଟି ଗତ ୨୧ତାରିଖରେ କୋର୍ଟଚାଲାଣ କରିଥିଲା। ଏପରିକି ୩ଦିନିଆ ରିମାଣ୍ଡରେ ନେଇ ଘଟଣାସ୍ଥଳରେ ଡେମୋ ପ୍ରଦର୍ଶନ କରିଥିଲା। ପରେ ଅଭିଯୁକ୍ତଙ୍କ ନାର୍କୋ ଆନାଲିସିସ୍ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଆଇଟି ପକ୍ଷରୁ ସୋମବାର କୋର୍ଟରେ ଆବେଦନ କରାଯାଇଥିଲା। ମଙ୍ଗଳବାର ଅଦାଳତ ଉକ୍ତ ଆବେଦନର ଶୁଣାଣି କରିଥିଲେ। ଅଭିଯୁକ୍ତଙ୍କ ଜନ୍ମ ପ୍ରମାଣପତ୍ର ଓ ମାଟ୍ରିକ ସାର୍ଟିଫିକେଟର ବୟସକୁ ଆଧାର କରି ବିଚାରପତି ଉଦୟଭାନୁ ଜେନା ରାୟ ଶୁଣାଇ ଅଭିଯୁକ୍ତ ଛାତ୍ର ନାବାଳକ ହୋଇଥିବାରୁ ମାମଲାକୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ(କିଶୋର ନ୍ୟାୟ ଅଦାଲତ)କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋକ୍‌ସୋ ଅଦାଲତଙ୍କ ଏହି ନିର୍ଦ୍ଦେଶ ପରେ ଅଭିଯୁକ୍ତ ଛାତ୍ରଙ୍କୁ ଜୁଭେନାଇଲ୍ ବୋର୍ଡରେ ହାଜର କରାଯାଇଛି। ବିଚାରପତି ଚିତ୍ତରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ☞ପୃଷ୍ଠା-୪

### ପରୀ ହତ୍ୟାକାଣ୍ଡର ନୂଆ ମୋଡ଼

- ସାବାଳକ ଦର୍ଶାଇ କୋର୍ଟଚାଲାଣ କରିଥିଲା ଏସ୍‌ଆଇଟି
- ମାମଲା ଜୁଭେନାଇଲ୍ ବୋର୍ଡକୁ ସ୍ଥାନାନ୍ତର
- ଅନୁଗୋଳ ବାଳ ଅପରାଧ ଗୃହକୁ ଗଲେ ନାବାଳକ

### ଧରିତ୍ରୀ ଦାୟିତ୍ୱବାନ ଗଣମାଧ୍ୟମର ଭୂମିକା ନେଇଛି

ପରୀ ହତ୍ୟାକାଣ୍ଡରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଜଣେ ନାବାଳକ ଛାତ୍ରଙ୍କୁ ସାବାଳକ ଦର୍ଶାଇ କୋର୍ଟଚାଲାଣ କରିଥିଲା। ଏପରି କି ଛାତ୍ରଙ୍କ ନାମ ମଧ ପ୍ରକାଶ କରିଥିଲା। ହେଲେ ଛାତ୍ରଜଣକ ଗିରଫ ପରଠାରୁ ତାଙ୍କ ନାମ ପ୍ରକାଶ ନ କରି ଧରିତ୍ରୀ ଏକ ଦାୟିତ୍ୱବାନ୍ ଗଣମାଧମର ଭୂମିକା ଗ୍ରହଣ କରିଆସିଛି। ମଙ୍ଗଳବାର ନୟାଗଡ଼ ପୋକ୍‌ସୋ କୋର୍ଟ ଉକ୍ତ ଛାତ୍ରଙ୍କୁ ନାବାଳକ ଦର୍ଶାଇବା ସହ ତାଙ୍କ ନାର୍କୋ ଆନାଲିସିସ୍ ଟେଷ୍ଟ ପାଇଁ ଏସ୍‌ଆଇଟି କରିଥିବା ଆବେଦନକୁ ଜୁଭେନାଇଲ କୋର୍ଟ ବିଚାର କରିବାକୁ ଆଦେଶ ଦେଇଛନ୍ତି।


# ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

## ଲର୍ଣ୍ଣସ ଲାଇସେନ୍ସ ଆବେଦନକାରୀ ମାନଙ୍କ ନିମନ୍ତେ ସୂଚନା

- ଲର୍ଣ୍ଣିଙ୍ଗ ଲାଇସେନ୍ସ ଆବେଦନକାରୀ ସବୁ ରାଜ୍ୟର ଭାରତ ସରକାରଙ୍କର ସାରଥି ପୋର୍ଟାଲରେ କମ୍ପ୍ୟୁଟର ମାଧ୍ୟମରେ **LL** ପରୀକ୍ଷା ଦେଉଛନ୍ତି ।
- ଓଡ଼ିଶାରେ **LL** ଆବେଦନକାରୀ ୨୦୧୪ ମସିହାରୁ ଭାରତ ସରକାରଙ୍କର ସାରଥି ପୋର୍ଟାଲରେ କମ୍ପ୍ୟୁଟର ମାଧ୍ୟମରେ **LL** ପରୀକ୍ଷା ଦେଉଛନ୍ତି ।
- **LL** ପରୀକ୍ଷାର ସ୍ୱଚ୍ଛତା ପାଇଁ ସବୁ ପରୀକ୍ଷା କେନ୍ଦ୍ରରେ **CCTV** ଲଗାଯାଇଅଛି ।
- ଆବେଦନକାରୀମାନେ ପ୍ରତିଦିନ ସକାଳ ୭ ଟାରେ ସେମାନଙ୍କର ପ୍ରିୟ ସ୍ଲଟ୍ ବୁକ୍ କରିବାର ସର୍ବୋତ୍ତମ ସୁଯୋଗ ପାଇଥାନ୍ତି ।
- ଦୟାକରି ଆମକୁ **www.twitter.com/STAOdisha** ରେ ଅନୁସରଣ କରନ୍ତୁ କିମ୍ବା **STA** ରୁ ଅଦ୍ୟତନ ପାଇବାକୁ ଆମର ପୃଷ୍ଠା **https://www.facebook.com/OdishaSTA/** ପସନ୍ଦ କରନ୍ତୁ ।
- ଲର୍ଣ୍ଣିଙ୍ଗ ଲାଇସେନ୍ସ ପରୀକ୍ଷା ପାଇଁ ଆସିବା ପୂର୍ବରୁ ଦୟାକରି ଟ୍ରାଫିକ ଚିହ୍ନ ଏବଂ ନିୟମ ବିଷୟରେ ଜ୍ଞାନ ଆହରଣ କରନ୍ତୁ ।
- ଆବେଦନକାରୀ କମ୍ପ୍ୟୁଟର ରେ ଲର୍ଣ୍ଣିଙ୍ଗ ଲାଇସେନ୍ସ ପରୀକ୍ଷା ଦେବେ । କମ୍ପ୍ୟୁଟର ଓ ମାଉସ ଚଳାଇବା ପାଇଁ ପ୍ରାର୍ଥୀଙ୍କର ସାଧାରଣ ଜ୍ଞାନ ରହିବା ଉଚିତ୍ ।
- ଆବେଦନକାରୀମାନେ **www.parivahan.gov.in** ପୋର୍ଟାଲରେ ନମୂନା ପ୍ରଶ୍ନଗୁଡ଼ିକ ଦେଖିପାରିବେ ଏବଂ ମକ୍ ଟେଷ୍ଟ (Mock Test) ଦେଇ ପାରିବେ ।
- କାଗଜପତ୍ର ଏବଂ ବାୟୋମେଟ୍ରିକ୍ସ ଯାଞ୍ଚ ନିମନ୍ତେ ଦୟାକରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ର ଲର୍ଣ୍ଣିଙ୍ଗ ଲାଇସେନ୍ସ ପରୀକ୍ଷା କେନ୍ଦ୍ରରେ ଅତି କମ୍‌ରେ ୪୫ ମିନିଟ୍ ସ୍ଲଟ୍ ସମୟ ପୂର୍ବରୁ ପହଞ୍ଚିବା ଆବଶ୍ୟକ ।
- ବହୁତ ଶୀଘ୍ର ଯାଆନ୍ତୁ ନାହିଁ କାରଣ ଆପଣଙ୍କର ସ୍ଲଟ୍ ସମୟର ୪୫ ମିନିଟ୍ ପୂର୍ବରୁ ଆପଣଙ୍କୁ ଅନୁମତି ଦିଆଯିବ ।
- ଦୟାକରି ସ୍ୱୀକୃତି ସ୍ଲିପ୍ **(Acknowledgement Slip)** ଓ ଅସ୍ଥାୟୀ ନିଯୁକ୍ତି ସ୍ଲିପ୍ **(Provisional Appointment Slip)** ରେ ଉଲ୍ଲେଖିତ ନିର୍ଦ୍ଦେଶାବଳୀ ଅନୁସରଣ କରନ୍ତୁ ।
- ଯାଞ୍ଚ ପାଇଁ ଆବେଦନ ସମୟରେ ଆପଣ ଅପଲୋଡ଼୍ କରିଥିବା ମୂଳ କାଗଜପତ୍ର ଗୁଡ଼ିକ ଦୟାକରି ସାଙ୍ଗରେ ଆଣିବା ଆବଶ୍ୟକ । ଗ୍ରହଣ କରିବାକୁ ଥିବା କାଗଜପତ୍ର ଗୁଡ଼ିକର ତାଲିକା ସ୍ୱୀକୃତି ସ୍ଲିପ୍ **(Acknowledgement Slip)** ରେ ଉଲ୍ଲେଖ କରାଯାଇଛି । ଉଦାହରଣ ସ୍ୱରୂପ :- ଯଦି ଆପଣ ଆଧାରକୁ ଆଇଡି ପ୍ରମାଣ ଭାବରେ ଅପଲୋଡ଼୍ କରିଛନ୍ତି, ତେବେ ଦୟାକରି ଆପଣଙ୍କର ମୂଳ ଆଧାର କାର୍ଡ ବହନ କରନ୍ତୁ, ଅନ୍ୟ କୌଣସି ଆଇଡ଼ି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ ।
- **LL** ଆବେଦନର ପ୍ରିଣ୍ଟ କପି, ଫି ରସିଦ୍, ସ୍ୱୀକୃତି ସ୍ଲିପ୍ **(Acknowledgement Slip)**, ଅପଲୋଡ଼୍ ହୋଇଥିବା ଯେ କୌଣସି କାଗଜପତ୍ର ର ନକଲ ଏବଂ ବ୍ଲଡ୍ ଗ୍ରୁପ ସାର୍ଟିଫିକେଟ୍ ଆଣିବାର କୌଣସି ଆବଶ୍ୟକତା ନାହିଁ ।
- ମୋବାଇଲ ଫୋନ୍ ରେ ଡିଜିଟାଲ ଅସ୍ଥାୟୀ ନିଯୁକ୍ତି ସ୍ଲିପ୍ **(Digital Provisional Appointment Slip)** ଦେଖାଇପାରିବେ କିମ୍ବା ତା'ର ନକଲ ସାଙ୍ଗରେ ଆଣି ପାରିବେ ।
- ଯେଉଁ ଆବେଦନକାରୀମାନେ ୧ ଫେବୃଆରୀ ୨୦୨୦ ପୂର୍ବରୁ ଆବେଦନ କରିଥିଲେ ଏବଂ କାଗଜପତ୍ର ଅପଲୋଡ଼୍ କରିନାହାଁନ୍ତି, ସେମାନେ ମୂଳ କାଗଜପତ୍ର ସହିତ ନକଲ କପି ଆଣିବା ଆବଶ୍ୟକ ।

## ଲର୍ଣ୍ଣସ ଲାଇସେନ୍ସ କମ୍ପ୍ୟୁଟର ପରୀକ୍ଷାରେ ପ୍ରାର୍ଥୀମାନଙ୍କ ପାଇଁ ସୂଚନା

(୧) କମ୍ପ୍ୟୁଟର ର **LL** ଟେଷ୍ଟ ସ୍କ୍ରିନରେ, ପ୍ରାର୍ଥୀଙ୍କୁ ଲର୍ଣ୍ଣିଙ୍ଗ ଲାଇସେନ୍ସ **(LL)** ପରୀକ୍ଷା ପାଇଁ ଅସ୍ଥାୟୀ ନିଯୁକ୍ତି ସ୍ଲିପ୍ **(Provisional Appointment Slip)** ରେ ଦିଆଯାଇଥିବା **ଆବେଦନ ନମ୍ବର (Application Number)** ଦେବାକୁ ପଡ଼ିବ ।

(୨) ତା' ପରେ କିବୋର୍ଡ଼ ରେ ଥିବା **ଟ୍ୟାବ୍ (TAB)** ବଟନ୍ ଦବାନ୍ତୁ କିମ୍ବା ସ୍କ୍ରିନ ଉପରେ ଯେ କୌଣସି ସ୍ଥାନରେ ମାଉସରେ କ୍ଲିକ୍ କରନ୍ତୁ । ଜନ୍ମ ତାରିଖ ପୂରଣ କରିବାର କୌଣସି ଆବଶ୍ୟକତା ନାହିଁ ।

(୩) ବାୟୋମେଟ୍ରିକ୍ସ ସମାପ୍ତ ହେବା ପରେ ପଞ୍ଜୀକୃତ ମୋବାଇଲ ନମ୍ବର ରେ ଯାଇଥିବା **ପାସ୍‌ୱାର୍ଡ଼ (Password)** କୁ ଉପଯୁକ୍ତ ସ୍ଥାନରେ ଭରନ୍ତୁ ।

(୪) **ପାସ୍‌ୱାର୍ଡ଼ (Password)** ତଳକୁ ଥିବା **ଲଗଇନ୍ (Login)** ବଟନ୍ ଉପରେ କ୍ଲିକ୍ କରନ୍ତୁ ।

(୫) ତା'ପରେ ଡ୍ରପ୍ ଡାଉନ୍ ତାଲିକାରୁ ଭାଷା (ଇଂରାଜୀ କିମ୍ବା ଓଡ଼ିଆ) ଚୟନ କରନ୍ତୁ ।

(୬) ତା'ପରେ RTO ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା **ପିନ୍ (Pin)** ଭରନ୍ତୁ ଏବଂ **ଅଗ୍ରଗତି (Proceed)** ବଟନ୍ ଉପରେ କ୍ଲିକ୍ କରନ୍ତୁ ।

(୭) ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ସହିତ ପରଦାରେ ପ୍ରଦର୍ଶିତ ହେବ । ପ୍ରତ୍ୟେକ ପ୍ରଶ୍ନର ଉତ୍ତରକୁ ଦିଆଯାଇଥିବା ସମୟ ହେଉଛି ୩୦ ସେକେଣ୍ଡ, ଅନ୍ୟଥା ଏହା ପରବର୍ତ୍ତୀ ପ୍ରଶ୍ନକୁ ଯିବ ।

(୮) ପ୍ରତ୍ୟେକ ପ୍ରଶ୍ନ ପାଇଁ ୩/୪ ଟି ଉତ୍ତର ପ୍ରଦର୍ଶିତ ହେବ । ମାଉସ ଚଳାଇ ସଠିକ ଉତ୍ତର ଉପରେ କ୍ଲିକ୍ କରନ୍ତୁ କିମ୍ବା କମ୍ପ୍ୟୁଟର କିବୋର୍ଡ଼ ର ୧,୨,୩,୪ ନମ୍ବର ଦବାନ୍ତୁ ।

(୯) ଉତ୍ତର ଚୟନ କରିବା ପରେ **ନିଶ୍ଚିତ (Confirm)** ବଟନ୍ ଉପରେ କ୍ଲିକ୍ କରନ୍ତୁ କିମ୍ବା କମ୍ପ୍ୟୁଟର କିବୋର୍ଡ଼ ରେ ଏଣ୍ଟର କି **(Enter Key)** ଦବାନ୍ତୁ ।

(୧୦) ଏହି ଉପାୟରେ ଆପଣଙ୍କୁ ୨୦ ଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ।

(୧୧) ୧୨ ଟି ସଠିକ ଉତ୍ତର ପରେ କମ୍ପ୍ୟୁଟର **'ପାସ୍' (PASS)** ପ୍ରଦାନ କରିବ, ଅନ୍ୟଥା ଏହା ଉତ୍ତର ଦେବାକୁ ସମସ୍ତ ପ୍ରଶ୍ନ ଗୋଟିଏ ପରେ ଗୋଟିଏ ଦର୍ଶାଇବ ।

(୧୨) ୧୨ ଟି ରୁ କମ୍ ସଠିକ ଉତ୍ତର ପାଇଁ ଏହା **'ଫେଲ୍' (FAIL)** ଦର୍ଶାଇବ ।

(୧୩) ଯଦି ଆପଣ ପରୀକ୍ଷାରେ **ପାସ୍ (PASS)** କରନ୍ତି, ଲର୍ଣ୍ଣିଙ୍ଗ ଲାଇସେନ୍ସ **(LL)** ଡ଼ାଉନଲୋଡ କରିବାକୁ ତୁରନ୍ତ ଆପଣଙ୍କର ପଞ୍ଜୀକୃତ ମୋବାଇଲ ନମ୍ବର ରେ **SMS** ପାଇବେ ।

(୧୪) ଶିକ୍ଷାର୍ଥୀ ଲାଇସେନ୍ସ କୁ ନିମ୍ନରେ ଦିଆଯାଇଥିବା URL ରୁ ଡ଼ାଉନଲୋଡ କରାଯାଇପାରିବ **https://sarathi.parivahan.gov.in/sarathiservicecov9/sarathiHomePublic.do->learner licence-> print learner licence (form3)-> click on proceed button->** ଆବେଦନ ନମ୍ବର, ଜନ୍ମ ତାରିଖ ଦେଇ **ଦାଖଲ (Submit)** ବଟନ୍ ଉପରେ କ୍ଲିକ୍ କରନ୍ତୁ ।

(୧୫) ପରୀକ୍ଷାରେ **ବିଫଳ (FAIL)** ହେଲେ ଆବେଦନକାରୀ ପରୀକ୍ଷା ତାରିଖରୁ ୭ ଦିନ ପରେ ପୁନଃ ପରୀକ୍ଷା ପାଇଁ ଆବେଦନ କରିପାରିବେ ।

(୧୬) ଯଦି ଆବେଦନକାରୀ ପରୀକ୍ଷା ଅବଧି ମଧ୍ୟରେ ଆବଣ୍ଟିତ କମ୍ପ୍ୟୁଟରରେ **LL** ପରୀକ୍ଷା ଆରମ୍ଭ କରିବା ପାଇଁ କୌଣସି ପ୍ରମାଣପତ୍ର (ଆବେଦନ ନମ୍ବର, ପାସ୍‌ୱାର୍ଡ଼ ଇତ୍ୟାଦି) ପ୍ରବେଶ କରନ୍ତି ନାହିଁ, ତେବେ ତାଙ୍କୁ ଅନୁପସ୍ଥିତ ବୋଲି ଚିହ୍ନିତ କରାଯିବ ।

**ପରିବହନ ଆୟୁକ୍ତ, ଓଡ଼ିଶା**

**ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି**


## ୧ରେ ସାଧାରଣ ବଜେଟ



**ନୂଆଦିଲ୍ଲୀ,୫।୧:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃୟାରୀ ପହିଲାରେ ସାଧାରଣ ବଜେଟ ଉପସ୍ଥାପନ କରିବେ। ସଂସଦର ବଜେଟ ଅଧିବେଶନ ଚଳିତ ମାସ ୨୯ରୁ ଆରମ୍ଭ ହେବ ବୋଲି ଏକ ମିଡିଆ ରିପୋର୍ଟରେ ପ୍ରକାଶ ପାଇଛି। ବଜେଟ ଅଧିବେଶନ ୨ଟି ପର୍ଯ୍ୟାୟରେ ହେବ। ଜାନୁୟାରୀ ୨୯ରୁ ଫେବୃୟାରୀ ୧୫ ଏବଂ ମାର୍ଚ୍ଚ ୮ରୁ ଏପ୍ରିଲ ୮ ମଧ୍ୟରେ ଅଧିବେଶନ ନେଇ ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ଶୁପାରିସ କରିଥିବା ଜଣାପଡିଛି। ଜାନୁୟାରୀ ୨୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବାର ☞ପୃଷ୍ଠା-୪

## ବାର୍ଡ ଫ୍ଲୁ ଆଶଙ୍କା: ପଠାଗଲା ୪୦୦ ନମୁନା

**ଭୁବନେଶ୍ୱର,୫।୧(ବ୍ୟୁରୋ)**



କରୋନା ମହାମାରୀ ସମ୍ପୂର୍ଣ୍ଣ ଥମି ନ ଥିବା ବେଳେ ବାର୍ଡ ଫ୍ଲୁ ଭଳି ଆଉ ଏକ ବିପଦର ଆଶଙ୍କା ଦେଖାଦେଇଛି। ବିଭିନ୍ନ ରାଜ୍ୟରେ ବିଦେଶାଗତ ପକ୍ଷୀଙ୍କ ସମେତ କାଉ ଓ ବତକ ଭଳି ପକ୍ଷୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ପକ୍ଷୀଙ୍କ ମଳ ଓ ଲାଳ ନମୁନା ସଂଗ୍ରହ କରାଯାଉଛି। ମଙ୍ଗଳବାର ଚିଲିକା ଓ ଅନ୍ୟାନ୍ୟ ସ୍ଥାନରୁ ୪୦୦ ପକ୍ଷୀଙ୍କ ଠାରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଫୁଲନଖରାସ୍ଥିତ ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ(ଏଡିଆର୍‌ଆଇ)କୁ ପଠାଯାଇଛି। ☞ପୃଷ୍ଠା-୪

## ଜେଲ ଡିଆଇଜିଙ୍କ ସମେତ ୭ ଅଧିକାରୀ ବିଦା

**ଭୁବନେଶ୍ୱର,୫।୧(ବ୍ୟୁରୋ):** ଦୁର୍ନୀତି ଓ ଅପାରଗତା ଯୋଗୁ ରାଜ୍ୟ ସରକାର ୭ ଜଣ ଅଧିକାରୀଙ୍କୁ ମଙ୍ଗଳବାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଜେଲ ଡିଆଇଜି, ଜଣେ କମାଣ୍ଡାଣ୍ଟ, ଜଣେ ଡିଏସ୍‌ପି, ଜଣେ ଡେପୁଟି କମାଣ୍ଡାଣ୍ଟ ଥିବା ବେଳେ ୨ ଜଣ ଖଣି ଅଧିକାରୀ ଓ ଜଣେ ସିଡିପିଓ ରହିଛନ୍ତି। ଜେଲ ଡିଆଇଜି ଗୋପବନ୍ଧୁ ମଲ୍ଲିକ ୱାର୍ଡର ଚୟନ ନିମନ୍ତେ ଥିବା କମିଟିର ମୁଖ୍ୟ ଭାବରେ ତାଙ୍କ ପଦବୀର ଅପବ୍ୟବହାର କରି ଚୟନ ପ୍ରକ୍ରିୟାରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଜେଲ ବିଭାଗରେ ତାଙ୍କର କାର୍ଯ୍ୟକଳାପ ସନ୍ତୋଷଜନକ ନ ଥିଲା। ତାଙ୍କର ସାଧୁତା ଉପରେ ସନ୍ଦେହ ଥିଲା। ତାଙ୍କୁ ବାଧ୍ୟତାମୂଳକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମୂଲ୍ୟ ମାଇଲେ**


RSPL EVOLUTION IS CONSTANT

ଘଡ଼ୀ ଡିଟର୍ଜେଣ୍ଟ New Year DHAMAKA

ସ୍କିମ୍ 2nd January 2021 ରୁ ଲାଗୁ

କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ

ଦୋକାନୀ ଭାଇମାନେ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ମାଗଣା ପ୍ୟାକେଟ୍ ଏବଂ ମାଗଣା ପିସ୍

Ghadi Powder: 3kgx10 pkts., 2kgx10 pkts., 1kgx25 pkts., 500gx40 pkts., 135gx72 pkts., 67gx100 pkts.

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3kg ର 2 ବସ୍ତା | 3kg ର 1 ପ୍ୟାକେଟ୍ ମାଗଣା |
| 2kg ର 1 ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| 1kg ର 1 ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| 500g ର 1 ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| ₹10/-(135g) ର 1 ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| ₹5/-(67g) ର 1 ବସ୍ତା | ₹5/-(67 g) ର 5 ପ୍ୟାକେଟ୍ ମାଗଣା |

Ghadi Cake: 90gx100 pcs., 185gx56 pcs., 300gx48 pcs.

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1 ନଗ*(ପେଟି) | ₹ 5(90g) ର 5pcs.ମାଗଣା |

Ghadi Machine Wash: 1kgx12 pkts., 500gx24 pkts., 100gx 60pkts.

| ସ୍ଲାବ୍ | ଘଡ଼ି ମେଶିନ୍ ୱାଶ୍ ମାଗଣା ପ୍ୟାକେଟ୍ |
|---|---|
| 1kg ର 1 ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| 500g ର 1 ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| ₹10/-(100g) ର 1 ବସ୍ତା | ₹10/-(100g) ର 4 ପ୍ୟାକେଟ୍ ମାଗଣା |

ପ୍ରଥମେ ବ୍ୟବହାର କର, ପରେ ବିଶ୍ୱାସ କର

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।

B. UMA SHANKAR (BHUBANESWAR): 7873096108,
RAJESH KUMAR (SAMBALPUR): 8709987942,
DHEERENDRA VERMA (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : RSPL CARE 1800 120 2800



କରୋନା ମୁକାବିଲା ପାଇଁ ଭାରତର ପଦକ୍ଷେପକୁ ପ୍ରଶଂସା କରିଛନ୍ତି ବିଜନେସ୍ ଟାଇକୁନ ବିଲ୍ ଗେଟ୍ସ। କରୋନା ହଟାଇବାକୁ ବିଜ୍ଞାନ କ୍ଷେତ୍ରରେ ଭାରତ ଭୂମିକା ଅଗ୍ରଣୀ ରହିଥିବା ସେ କହିଛନ୍ତି। ସାଇଣ୍ଟିଫିକ୍ ଇନୋଭେଶନ ଏବଂ ଟିକା ପ୍ରସ୍ତୁତ କ୍ଷେତ୍ରରେ ଭାରତର କାର୍ଯ୍ୟ ବେଶ୍ ପ୍ରଶଂସନୀୟ । ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଗତ ରବିବାର ଅକ୍ସଫୋର୍ଡ ଟିକା କୋଭିଶିଲ୍ଡକୁ ଜରୁରିକାଳୀନ ବ୍ୟବହାର ପାଇଁ ଅନୁମତି ଦେଇଥିଲେ।

## ସଂକ୍ଷେପରେ

### ଚାଷୀଙ୍କ ଟ୍ରାକ୍ଟର ରାଲି ୭କୁ ଘୁଞ୍ଚିଲା

**ନୂଆଦିଲ୍ଲୀ, ୫।୧(ପି.ଟି.):** ଆସନ୍ତା ୬ ତାରିଖରେ ପାଗ ଖରାପ ରହିବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ପରେ ଆନ୍ଦୋଳନରତ କୃଷକ ସଂଗଠନଗୁଡ଼ିକ ସେମାନଙ୍କର ପ୍ରସ୍ତାବିତ ଟ୍ରାକ୍ଟର ଶୋଭାଯାତ୍ରାକୁ ଗୋଟିଏ ଦିନ ଘୁଞ୍ଚାଇ ଦେଇଛନ୍ତି। ୭ରେ ଟ୍ରାକ୍ଟର ଶୋଭାଯାତ୍ରା ହେବ। ସିଙ୍ଘୁ ସୀମାରେ ଚାଷୀ ନେତାମାନେ ଏକ ଖବରଦାତା ସମ୍ମିଳନୀକୁ ଏହି ସୂଚନା ଦେଇଛନ୍ତି। ସେଦିନ ସମସ୍ତ ଆନ୍ଦୋଳନ ସ୍ଥଳରୁ ହଜାର ହଜାର ଚାଷୀ ଟ୍ରାକ୍ଟରରେ କୁଣ୍ଡଲି-ମାନେସାର-ପଲୱାର (କେଏମ୍‌ପି) ଅଭିମୁଖେ ଶୋଭାଯାତ୍ରା ବାହାର କରିବେ ବୋଲି ସ୍ୱରାଜ ଅଭିଯାନ ନେତା ଯୋଗେନ୍ଦ୍ର ଯାଦବ କହିଛନ୍ତି। ତେବେ ୨୬ ତାରିଖରେ ଦିଲ୍ଲୀକୁ ପ୍ରସ୍ତାବିତ ଟ୍ରାକ୍ଟର ରାଲି କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହୋଇନାହିଁ। ହରିୟାଣାର ପ୍ରତି ଗାଁରୁ ୧୦ଟି ଟ୍ରାକ୍ଟର ଏଥିରେ ଭାଗ ନେବାକୁ ଅନୁରୋଧ କରାଯିବ। ସେହିପରି ପ୍ରତି ଘରୁ ଜଣେ ଏବଂ ପ୍ରତି ଗାଁରୁ ୧୧ ମହିଳା ଉକ୍ତ ରାଲିରେ ଯୋଗଦେବା ଲାଗି ନିବେଦନ କରାଯିବ ବୋଲି କୃଷକ ନେତା ଯୋଗୀନ୍ଦର ନୈନ୍ କହିଛନ୍ତି।

### ପଶ୍ଚିମବଙ୍ଗ କ୍ରୀଡ଼ା ମନ୍ତ୍ରୀଙ୍କ ଇସ୍ତଫା



**ନୂଆଦିଲ୍ଲୀ, ୫।୧:** ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାରରେ କ୍ରୀଡ଼ା ମନ୍ତ୍ରୀ ଥିବା ଲକ୍ଷ୍ମୀ ରତନ ଶୁକ୍ଲା ଇସ୍ତଫା ଦେଇଛନ୍ତି। ଏହି ପୂର୍ବତନ କ୍ରିକେଟର ତାଙ୍କ ଇସ୍ତଫା ପତ୍ର ମୁଖ୍ୟମନ୍ତ୍ରୀ ମମତାଙ୍କ ନିକଟକୁ ପଠାଇଦେଇଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଅଧିକ ଧ୍ୟାନ ଦେବା ସହ ଟିଏମ୍‌ସି ବିଧାୟକ ଭାବେ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ସେ କାମ କରିବେ ବୋଲି କହିଛନ୍ତି। ଯେ କେହି ଇସ୍ତଫା ଦେଇପାରିବେ ବୋଲି ନିଜ ପ୍ରତିକ୍ରିୟାରେ ମମତା କହିଛନ୍ତି। ଶୁକ୍ଲା ଉତ୍ତର ହାୱଡ଼ା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ରାଜ୍ୟ ପରିବହନ ମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଟିଏମ୍‌ସି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ।

### ଭଗ୍ନ ମନ୍ଦିର ନିର୍ମାଣ ଲାଗି ପାକ୍ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ଇସ୍‌ଲାମାବାଦ, ୫।୧(ପି.ଟି.):** ପାକିସ୍ତାନର ଖାଇବର ପାଖ୍‌ତୁନଖ୍ୱା ପ୍ରଦେଶରେ ଗତ ସପ୍ତାହରେ ବହୁ ବର୍ଷର ପୁରାତନ ଏକ ହିନ୍ଦୁ ମନ୍ଦିରକୁ ଉତ୍ତ୍ୟକ୍ତ ଲୋକେ ଭାଙ୍ଗିଦେବା ସହ ସେଥିରେ ନିଆଁ ଲଗାଇଦେଇଥିଲେ। ଏହି ଆକ୍ରମଣ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଦେଶ ଲଜ୍ଜିତ ହୋଇଛି। ତେଣୁ ତୁରନ୍ତ ସେଠାରେ ମନ୍ଦିର ପୁନଃନିର୍ମାଣ ଲାଗି ପାକ୍ ସୁପ୍ରିମକୋର୍ଟ ମଙ୍ଗଳବାର ବିସ୍ଥାପିତ ସମ୍ପତ୍ତି ଟ୍ରଷ୍ଟ ବୋର୍ଡ (ଇପିଟିବି)କୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶରେ ଥିବା ସମସ୍ତ ମନ୍ଦିର, ଗୁରୁଦ୍ୱାରର ସବିଶେଷ ବିବରଣୀ ଦାଖଲ କରିବା ଲାଗି ଅଦାଲତ ବୋର୍ଡକୁ କହିଛନ୍ତି। ଗତ ସପ୍ତାହରେ ଟେରି ଗ୍ରାମରେ ଥିବା ମନ୍ଦିର ଉପରେ ଜମାଏତ୍ ଉଲେମା-ଇ-ଇସ୍‌ଲାମ ପାର୍ଟିର ସଦସ୍ୟମାନେ ଆକ୍ରମଣ କରିବା ସହ ନିଆଁ ଲଗାଇଦେଇଥିଲେ। ଏହାକୁ ମାନବାଧିକାର କର୍ମୀଙ୍କ ସମେତ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ନେତାମାନେ ଦୃଢ଼ ନିନ୍ଦା କରିଥିଲେ।

### ତାଜମହଲ ସୁରକ୍ଷା ସମୀକ୍ଷା ହେବ

**ନୂଆଦିଲ୍ଲୀ, ୫।୧(ପି.ଟି.):** ଗୈରିକ ପତାକା ଉଡ଼ାଉଥିବା ୪ ଯୁବକଙ୍କୁ ତାଜମହଲ ପରିସରରୁ ଗିରଫ କରାଯିବା ପରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ମୋଗଲ ସାମ୍ରାଜ୍ୟର ଏହି ସ୍ଥାପତ୍ୟର ସୁରକ୍ଷା ଦାୟିତ୍ୱ ନେଇଥିବା ସିଆଇଏସ୍‌ଏଫ୍ ଏହାର ପର୍ଯ୍ୟବେକ୍ଷଣ ଓ ସଂଗୃହୀତ ଗୋଇନ୍ଦା ତଥ୍ୟର ସମୀକ୍ଷା କରିବ ବୋଲି ମଙ୍ଗଳବାର କହିଛି। ଧର୍ମୀୟ ସ୍ଥଳରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି ଲାଗି ୪ ଯୁବକ ଉଦ୍ୟମ କରୁଥିଲେ ବୋଲି ଅଭିଯୋଗ ହୋଇଛି। ସୁରକ୍ଷାରେ ଉଲ୍ଲଂଘନ ହୋଇଥିବାରୁ ସିଆଇଏସ୍‌ଏଫ୍‌ଠାରୁ ସବିଶେଷ ବିବରଣୀ ମଗାଯିବ ବୋଲି ଏଏସ୍‌ଆଇ ଆଗ୍ରା ସର୍କଲର ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ବସନ୍ତ ସ୍ୱର୍ଣ୍ଣକାର କହିଛନ୍ତି।

## ଦେଢ଼ କୋଟିରେ ପ୍ରେମିକଙ୍କୁ କିଣିଲେ

**ନୂଆଦିଲ୍ଲୀ, ୫।୧:** ଜଣେ ବିବାହିତ ଯୁବକଙ୍କୁ ଦେଢ଼ କୋଟି ଟଙ୍କା ବଦଳରେ ତାଙ୍କ ସ୍ତ୍ରୀଙ୍କଠାରୁ କିଣି ନେଇଛନ୍ତି ପ୍ରେମିକା। ମଧ୍ୟପ୍ରଦେଶର ଭୋପାଳରେ ଏଭଳି ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଯୁବକଙ୍କ ଝିଅ ଫ୍ୟାମିଲି କୋର୍ଟର ଦ୍ୱାରସ୍ଥ ହେବା ପରେ ପୂରା ଘଟଣା ପଦାକୁ ଆସିଛି। ନାବାଳିକା ଝିଅ ଜଣକ ବାପାଙ୍କ ବିରୋଧରେ କୋର୍ଟରେ ଏକ କେସ୍ ଫାଇଲ କରି କହିଥିଲେ ଯେ, ବାପା ତାଙ୍କ ଅଫିସ୍‌ର ଅନ୍ୟ ଜଣେ ଝିଅଙ୍କୁ ପ୍ରେମ କରୁଥିବାରୁ ସବୁବେଳେ ଘରେ ଅଶାନ୍ତି ଲାଗିରହୁଛି। ଏଥିଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ପରେ କୋର୍ଟ ଏହି ମାମଲାରେ ସ୍ୱାମୀ ସ୍ତ୍ରୀଙ୍କୁ ସମନ କରିବା ସହ ସେମାନଙ୍କ କାଉନ୍‌ସେଲିଂ କରାଇଥିଲେ। ପରେ ସ୍ତ୍ରୀ ଏକ ସର୍ତ୍ତରେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାକୁ ରାଜି ହୋଇଥିଲେ। ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ପ୍ରେମିକାଙ୍କ ଏକ ଆପାର୍ଟମେଣ୍ଟ ଓ ୨୭ ଲକ୍ଷ ଟଙ୍କା ଦେବାକୁ ସର୍ତ୍ତ ରଖିଥିଲେ। ଏଥିରେ ପ୍ରେମିକା ମଧ୍ୟ ରାଜି ହୋଇଯାଇଥିଲେ। ଉଭୟଙ୍କ



ମଧ୍ୟରେ ସମ୍ପର୍କ ଭଲ ରହୁ ନ ଥିବାରୁ ଏବଂ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେ ଏପରି ନିଷ୍ପତ୍ତି ନେଇଥିବା ମହିଳା ଜଣକ କହିଛନ୍ତି।

## ସାଇକେଲରେ ଡ୍ରାଏ ରନ୍ ଟିକା


**ବାରାଣସୀ, ୫।୧:** କୋଭିଡ୍-୧୯ ଟିକାକରଣକୁ ସଫଳତାର ସହ ସମ୍ପୂର୍ଣ୍ଣ କରାଯିବାକୁ ସାରା ଦେଶରେ ଡ୍ରାଏରନ୍ କରାଯାଉଛି। ତେବେ ଉତ୍ତରପ୍ରଦେଶରେ ଏଥିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନମଣ୍ଡଳୀ ବାରାଣସୀରେ ଟିକାକୁ ସାଇକେଲରେ ବୁହାଯାଉଥିବା ଘଟଣା ସାମ୍ନାକୁ ଆସିବା ପରେ ଟିକାକରଣର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚୌକାଘାଟସ୍ଥିତ ଓମେନ୍ସ ହସ୍ପିଟାଲଠାରେ ଜଣେ କର୍ମଚାରୀ ଭାକ୍ସିନକୁ ସାଇକେଲରେ ନେଇଯାଉଥିବା ଦେଖିବାକୁ ମିଳିଥିଲା। ଏପରିକି ସେଠାରେ ସୁରକ୍ଷାକର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ। ଭ୍ୟାନ ଯୋଗେ ଅନ୍ୟ ସେଣ୍ଟରକୁ ଟିକା ନିଆଯାଇଥିବାବେଳେ କେବଳ ଓମେନ୍ସ ହସ୍ପିଟାଲକୁ ସାଇକେଲରେ ଏହାକୁ ବୁହାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଡ୍ରାଏ



ରନ୍‌କୁ ନିୟମାନୁଯାୟୀ ସଫଳତାର ସହ ଶେଷ କରିବାକୁ ସୋମବାର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସେଣ୍ଟ୍ରାଲ ଭିଷ୍ଟାକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୫।୧**



**ସର୍ତ୍ତ ରଖିଲେ ସୁପ୍ରିମ୍‌କୋର୍ଟ**

- ୨:୧ ସଂଖ୍ୟାଗରିଷ୍ଠତାରେ ଅନୁମତି
- ସ୍ମଗ୍ ଟାୱାର ସ୍ଥାପନ, ଆଣ୍ଟି-ସ୍ମଗ୍ ଗନ୍ ବ୍ୟବହାର ନିର୍ଦ୍ଦେଶ

ନୂଆ ପାର୍ଲାମେଣ୍ଟ ଭବନ ସହ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବାକୁ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଏହାର ଚତୁଃପାର୍ଶ୍ୱରେ ପାର୍ଲାମେଣ୍ଟ ଅଞ୍ଚଳ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକର ପୁନର୍ବିକାଶ ଲକ୍ଷ୍ୟ ରଖାଯାଇଛି। ତେବେ ସର୍ବୋଚ୍ଚ ଅଦାଲତ କେତେକ ସର୍ତ୍ତ ସହ ପ୍ରକଳ୍ପ କାର୍ଯ୍ୟ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପୁନର୍ବିକାଶ ପ୍ରକଳ୍ପକୁ ଅଦାଲତ ସବୁଜ ସଙ୍କେତ ଦେବା ସହ ଜମି ବ୍ୟବହାରରେ ପରିବର୍ତ୍ତନ ବିଜ୍ଞପ୍ତି ଏବଂ ପରିବେଶ ମନ୍ତ୍ରଣାଳୟର ସୁପାରିସକୁ କାଏମ ରଖିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ସରକାର ସ୍ୱାଗତ କରିଛନ୍ତି। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଦିଲ୍ଲୀ ବିଶ୍ୱଶ୍ରେଣୀର ରାଜଧାନୀ ମହାନଗରୀ ହେବା ଦିଗରେ ଅଗ୍ରସର ହେଉଛି। ଏଭଳି ସମୟରେ ସେଣ୍ଟ୍ରାଲ ଭିଷ୍ଟା ଭଳି ପ୍ରକଳ୍ପର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀ କହିଛନ୍ତି। ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ଅଧିନିୟମ ଅଧୀନରେ କ୍ଷମତାର ପ୍ରୟୋଗ ବୈଧ, ପରିବେଶ ମଞ୍ଜୁରୀ ଲାଗି ସମ୍ପୃକ୍ତ ମନ୍ତ୍ରଣାଳୟ ଅନୁମତି ଦେବା ମଧ୍ୟ ଠିକ୍ ଓ ବୈଧ ହୋଇଥିବାରୁ ଏହାକୁ କାଏମ ରଖାଗଲା ବୋଲି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର କହିଛନ୍ତି। ଲୁଟିୟନ୍ସ ଜୋନ୍‌ରେ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ନିର୍ମାଣକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ୍ ଦାଏର ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣ ଲାଗି ଜମି ବ୍ୟବହାରରେ ପରିବର୍ତ୍ତନ ଏବଂ ପରିବେଶ ନିୟମାବଳୀର ଉଲ୍ଲଂଘନ ଅଭିଯୋଗ ହୋଇଥିଲା। ସେଣ୍ଟ୍ରାଲ ଭିଷ୍ଟା ଅଞ୍ଚଳରେ ନିର୍ମାଣ ପରିବେଶ ଉପରେ ପ୍ରଭାବ ପକାଇବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ସେଠାରେ ସ୍ମୋଗ୍ ଟାୱାର ସ୍ଥାପନ କରିବା ସହ ସମସ୍ତ ନିର୍ମାଣସ୍ଥଳରେ ଆଣ୍ଟି-ସ୍ମଗ୍ ଗନ୍ ବ୍ୟବହାର ଲାଗି ସୁପ୍ରିମକୋର୍ଟ ପ୍ରକଳ୍ପ ସମର୍ଥକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠ ପ୍ରକଳ୍ପକୁ ୨:୧ ସଂଖ୍ୟାଗରିଷ୍ଠତାରେ ଅନୁମତି ପ୍ରଦାନ କରିଛନ୍ତି। ପ୍ରକଳ୍ପକୁ ଅନୁମତି ପ୍ରଦାନ ନେଇ ସଞ୍ଜୀବ ଖାନ୍ନା ଓ ଦିନେଶ ମାହେଶ୍ୱରୀ ଜଷ୍ଟିସ୍ ଖାନ୍‌ୱିଲକରଙ୍କ ସହ ସହମତ ହୋଇଥିଲେ। ତେବେ ଜମି ବ୍ୟବହାର ପରିବର୍ତ୍ତନକୁ ଅନୁମତି ଦେବାରେ ଜଷ୍ଟିସ୍ ଖାନ୍ନା ଏକମତ ହୋଇ ନ ଥିଲେ। ଏଥିପାଇଁ ଐତିହ୍ୟ ସଂରକ୍ଷଣ କମିଟି (ଏଚ୍‌ସିସି)ର ପୂର୍ବ ଅନୁମୋଦନ ନ ଥିବା ଏବଂ ସର୍ବସାଧାରଣଙ୍କ ଅଂଶଗ୍ରହଣ ପାଇଁ ଘୋଷଣା ହୋଇ ନ ଥିବା ସେ ଦର୍ଶାଇଥିଲେ।

## ପ୍ରତି ମୁହୂର୍ତ୍ତ ପାଇଁ ପ୍ରସ୍ତୁତ ରୁହ

**ବେଜିଂ, ୫।୧**

**ଚାଇନା ସୈନ୍ୟଙ୍କୁ ଜିନ୍‌ପିଙ୍ଗଙ୍କ ନିର୍ଦ୍ଦେଶ**



ଶି ଜିନ୍‌ପିଙ୍ଗ

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଦେଶର ସୈନ୍ୟବାହିନୀକୁ ପ୍ରତ୍ୟେକ ମୁହୂର୍ତ୍ତରେ କାର୍ଯ୍ୟାନ୍ୱୟନ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ସମୟରେ ପ୍ରସ୍ତୁତିକୁ ସୁନିଶ୍ଚିତ କରିବାକୁ ହେଲେ ପ୍ରକୃତ ଯୁଦ୍ଧ ସ୍ଥିତି ଭଳି ପ୍ରଶିକ୍ଷଣ ବଢ଼ାଇବାକୁ ସେ ସଶସ୍ତ୍ର ବଳକୁ ଆହ୍ୱାନ ଦେଇଛନ୍ତି। ସୈନ୍ୟମାନଙ୍କ ସାମର୍ଥ୍ୟ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବଢ଼ାଇବାକୁ ଫ୍ରଣ୍ଟଲାଇନ ଫିଙ୍ଗ୍‌ନର ବ୍ୟବହାର ଜରୁରୀ। ଏଥିସହିତ ଟେକ୍‌ନୋଲୋଜି ଉପରେ ଅଧିକ ଗୁରୁତ୍ୱ ଦେବାକୁ ଜିନ୍‌ପିଙ୍ଗ କହିଛନ୍ତି। କେନ୍ଦ୍ରୀୟ ସାମରିକ ଆୟୋଗ (ସିଏମ୍‌ସି)କୁ ୨୦୨୧ରେ ଏହା ଜିନ୍‌ପିଙ୍ଗଙ୍କ ପ୍ରଥମ ନିର୍ଦ୍ଦେଶନାମା। ଗତବର୍ଷ ଜୁନ୍‌ରେ ଗଲ୍‌ୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିବାବେଳେ ଚାଇନାର କେତେ ମରିଥିଲେ ତାହା ସେ ପ୍ରକାଶ କରି ନ ଥିଲା। ଅନେକ ଚାଇନା ସୈନ୍ୟ ଭାରତୀୟ ଅଞ୍ଚଳ ମଧ୍ୟରେ ଅନୁପ୍ରବେଶ କରିବାରୁ ଏଭଳି ସଂଘର୍ଷ ହୋଇଥିଲା। ରାଷ୍ଟ୍ରପତି ଜିନ୍‌ପିଙ୍ଗ ୨୦୧୨ରେ ସିଏମ୍‌ସି ମୁଖ୍ୟ ହୋଇଥିଲେ। ଚାଇନା ସୈନ୍ୟବାହିନୀକୁ ଆଧୁନିକୀକରଣ କରିବା ଲାଗି ସେ ୨୦୧୫ରେ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ଏହି ଆଧୁନିକୀକରଣ କାର୍ଯ୍ୟ ୨୦୨୦ରେ ଶେଷ ହେବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ସେହିପରି ଦକ୍ଷିଣ ଚାଇନା ସାଗରରେ ଆମେରିକାର ଉପସ୍ଥିତିକୁ ରୋକିବା ଲାଗି ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ତାଇୱାନ୍‌କୁ ଟାର୍ଗେଟ କରି ସମରାଭ୍ୟାସ ବଢ଼ାଇଥିଲା।

## ଭାରତ ଗସ୍ତ ବାତିଲ କଲେ ବୋରିସ୍

**ନୂଆଦିଲ୍ଲୀ, ୫।୧**

**ସାଧାରଣତନ୍ତ୍ର ଦିବସରେ ହେବେନାହିଁ ଅତିଥି**



ବୋରିସ୍ ଜନ୍‌ସନ

ଆଗାମୀ ସାଧାରଣତନ୍ତ୍ର ଦିବସରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଅତିଥି ହେବେନାହିଁ। ଚଳିତ ମାସ ଶେଷ ସପ୍ତାହରେ ଭାରତ ଗସ୍ତ କାର୍ଯ୍ୟକ୍ରମକୁ ସେ ବାତିଲ କରିଛନ୍ତି। କରୋନା ମହାମାରୀ ବେଳେ ନିଜ ଦେଶରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିବା ଜରୁରୀ ବୋଲି ସେ ଦର୍ଶାଇଛନ୍ତି। ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବା ଲାଗି ଜନ୍‌ସନଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତେବେ ସେ ଭାରତ ଗସ୍ତରେ ଆସିପାରୁ ନ ଥିବାରୁ ଦୁଃଖିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ ଯୋଗେ ଜଣାଇଛନ୍ତି। ବ୍ରିଟେନରେ ନୂଆ ଷ୍ଟ୍ରେନ୍ ସଂକ୍ରମଣ ବଢ଼ି ଚାଲିଥିବାରୁ ଗତ ରାତିରୁ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଛି।

## ଦ୍ୱିତୀୟ ଦିନ ଭଦ୍ରାଙ୍କୁ ଜେରା

**ନୂଆଦିଲ୍ଲୀ, ୫।୧**

ବେନାମୀ ସମ୍ପତ୍ତି ମାମଲାରେ ଆୟକର ବିଭାଗ ଟିମ୍ ମଙ୍ଗଳବାର ଦ୍ୱିତୀୟ ଦିନ ପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରାଙ୍କୁ ଜେରା କରିଛି। ଉକ୍ତ ମାମଲାରେ ଭଦ୍ରାଙ୍କ ବୟାନ ରେକର୍ଡ କରାଯାଇଛି। ଅପରାହ୍ନ ୨ଟା ୪୫ରେ ଆୟକର ଟିମ୍ ଭଦ୍ରାଙ୍କ ନୂଆଦିଲ୍ଲୀର ସୁଖଦେବ ବିହାର ବାସଭବନ ଉପରେ ଚଢ଼ାଉ କରିଥିଲେ। ସୋମବାର ମଧ୍ୟ ଆୟକର ଅଧିକାରୀମାନେ ୯ ଘଣ୍ଟା ଭଦ୍ରାଙ୍କୁ ଜେରା କରିବା ସହ ତାଙ୍କ ବୟାନ ରେକର୍ଡ କରିଥିଲେ। ରବର୍ଟଙ୍କର ବ୍ରିଟେନରେ କେତେକ ଅଘୋଷିତ ସମ୍ପତ୍ତି ଥିବା ଅଭିଯୋଗର ତଦନ୍ତ ଚାଲିଛି।



କେନ୍ଦ୍ରର କୃଷି ଆଇନ ବିରୋଧରେ ଗାଜିପୁର ସୀମାରେ କୃଷକମାନେ ଟ୍ରାକ୍ଟରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଧାଡ଼ିରେ ଛିଡ଼ା ହେଲେ ମମତା

**କୋଲକାତା, ୫।୧**

'ସ୍ୱାସ୍ଥ୍ୟ ସାଥୀ' ସ୍ମାର୍ଟ କାର୍ଡ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର କୋଲକାତା ମ୍ୟୁନିସିପାଲିଟି କାର୍ଡ ବଣ୍ଟନ କେନ୍ଦ୍ରରେ ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ନଗର ଉନ୍ନୟନ ମନ୍ତ୍ରୀ ଫିର୍‌ହାଦ ହାକିମ ଏବଂ ଅନ୍ୟ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ମମତା ପୂର୍ବାହ୍ନ ୧୧ଟା ୪୫ରେ ଉକ୍ତ କେନ୍ଦ୍ରରେ କାର୍ଡ ନେବାକୁ ସାଧାରଣ ଲୋକଙ୍କ ସହ ଲାଇନ ଲଗାଇଥିଲେ। ରାଜ୍ୟ ସରକାରଙ୍କ ଯୋଜନାରେ ଲୋକଙ୍କୁ ଏହି କାର୍ଡ ଯୋଗେ ବର୍ଷକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁବିଧା ଯୋଗାଯିବାର ବ୍ୟବସ୍ଥା ହୋଇଛି। ତେବେ ମମତାଙ୍କ ଏହି କାର୍ଯ୍ୟକୁ ଡ୍ରାମା ବୋଲି କହି ସମାଲୋଚନା କରିଛନ୍ତି ରାଜ୍ୟ ଭାଜପା ସଭାପତି ଦିଲୀପ ଘୋଷ। ସୂଚନାଯୋଗ୍ୟ, କିଛି ଦିନ ପରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

## ବାଚସ୍ପତି ବିର୍ଲାଙ୍କ ଝିଅଙ୍କୁ ୟୁପିଏସ୍‌ସିରେ ସଫଳତା

**ନୂଆଦିଲ୍ଲୀ, ୫।୧**

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଝିଅ ଅଞ୍ଜଳି ବିର୍ଲା ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି) ଦ୍ୱାରା ଆୟୋଜିତ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଉଦ୍ୟମରେ ହିଁ ତାଙ୍କୁ ଏହି ସଫଳତା ମିଳିଛି। ଅଞ୍ଜଳୀଙ୍କ ମା' ଜଣେ ଡାକ୍ତର ଏବଂ ବଡ଼ ଭଉଣୀ ଜଣେ ସିଏ। ପରିବାରର ସମସ୍ତ ସଦସ୍ୟ ଦେଶ ସେବା କାମ କରୁଥିବାରୁ ସେ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି ବୋଲି ଅଞ୍ଜଳି କହିଛନ୍ତି। ମହିଳା ସଶକ୍ତୀକରଣ ପାଇଁ କାମ କରିବାକୁ ଇଚ୍ଛା ଥିବା ସେ ପ୍ରକାଶ କରିଛନ୍ତି।



ଅଞ୍ଜଳି ବିର୍ଲା

## ପୂର୍ବତନ ବ୍ୟାଙ୍କ ଅଧିକାରୀଙ୍କୁ ଫାଶୀଦଣ୍ଡ

**ବେଜିଂ, ୫।୧**




ଲାଇ ଜିଆଓମିନ୍

ଚାଇନାର ଜଣେ ପୂର୍ବତନ ବ୍ୟାଙ୍କ ଅଧିକାରୀ ଲାଇ ଜିଆଓମିନ୍‌ଙ୍କୁ ତିଆନଜିନ୍‌ସ୍ଥିତ ଏକ କୋର୍ଟ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ଲାଇଙ୍କ ନାମରେ ୨୬୦ ଡଲାର ମିଲିୟନ ଲାଞ୍ଚ କାରବାର ଓ ଦୁର୍ନୀତି ଅଭିଯୋଗ ରହିଥିଲା। କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ସଦସ୍ୟ ଲାଇ ଷ୍ଟେଟ ବ୍ରଡକାଷ୍ଟର ଚାଇନା ସେଣ୍ଟ୍ରାଲ ଟେଲିଭିଜନ (ସିସିଟିଭି) ସମ୍ମୁଖରେ ନିଜ ଦୋଷ ମାନିଥିଲେ। ଏହି ଦୃଶ୍ୟ ଟେଲିଭିଜନରେ ପ୍ରସାରଣ କରାଯାଇଥିଲା। ନିଜ ପଦବୀର ଦୁରୁପଯୋଗ କରି ସେ ବିପୁଳ ପରିମାଣର ଅର୍ଥ, ସୌଖୀନ କାର୍, ସୁନା ଇଟା ଆଦି ଲାଞ୍ଚ ନେବା ସହ ବ୍ୟାପକ ମାତ୍ରାରେ ଦୁର୍ନୀତିରେ ସାମିଲ ଥିଲେ ବୋଲି କୋର୍ଟ କହିଛନ୍ତି। ତେବେ ଉକ୍ତ ଟଙ୍କାକୁ ସେ ଆଦୌ ଖର୍ଚ୍ଚ କରି ନ ଥିବା ଲାଇ କହିଥିଲେ। ହଂକଂ ତାଲିକାଭୁକ୍ତ ଚାଇନା ହୁଆରଙ୍ଗ ଆସେଟ ମ୍ୟାନେଜମେଣ୍ଟ କୋ. ପୂର୍ବତନ ଚେୟାରମ୍ୟାନ୍ ଲାଇ ବିବାହିତ ସତ୍ତ୍ୱେ ବେଆଇନ ଭାବେ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିବା ଏବଂ ତାଙ୍କ ଔରସରୁ ସନ୍ତାନ ଜନ୍ମ ନେବା ଘଟଣାରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

## ଓବାମା ପ୍ରଶାସନର ଅଲ୍‌କାଏଦା ଲିଙ୍କ୍

**ୱାଶିଂଟନ, ୫।୧**



**ସହଯୋଗୀ ସଂସ୍ଥାଙ୍କୁ ପାଣ୍ଠି ଯୋଗାଉଥିଲା**

ବିଶ୍ୱକୁ ଆତଙ୍କବାଦ ମୁକ୍ତ କରିବା କଥା କହୁଥିବା ଆମେରିକା ପରୋକ୍ଷରେ ଏହାର ସବୁଠୁ ବଡ଼ ଶତ୍ରୁ ଅଲ୍‌କାଏଦା ସହ ଜଡ଼ିତ ସଂସ୍ଥାକୁ ଆର୍ଥିକ ସହାୟତା ଯୋଗାଉଥିବା ଏକ ତଦନ୍ତରୁ ଜଣାପଡ଼ିଛି। ବେଆଇନ ଇସ୍‌ଲାମୀୟ ଆତଙ୍କବାଦୀ ସଂଗଠନ ଅଲ୍-କାଏଦାର ସହଯୋଗୀ ସଂସ୍ଥାକୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ପ୍ରଶାସନ ପାଣ୍ଠି ଯୋଗାଉଥିଲା। ସିନେଟ ଫାଇନାନ୍ସ କମିଟି ଅଧ୍ୟକ୍ଷ ଚୁକ୍ ଗ୍ରାସଲିଙ୍କ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ତଦନ୍ତ ଅନୁଯାୟୀ ଓବାମା ପ୍ରଶାସନ ଅଲ୍ କାଏଦାର ସହଯୋଗୀ ସଂଗଠନ ଇସ୍‌ଲାମିକ ରିଲିଫ୍ ଏଜେନ୍ସୀ (ଆଇଏସ୍‌ଆର୍‌ଏ) ପାଇଁ ଆମେରିକାର ଏକ ସାହାଯ୍ୟକାରୀ ସଂସ୍ଥା ୱାର୍ଲ୍ଡ ଭିଜନ୍‌କୁ ୨ ଲକ୍ଷ ଡଲାର ମଞ୍ଜୁର କରିଥିଲା। ଆମେରିକାର ସରକାରୀ ସଂସ୍ଥାଗୁଡ଼ିକ କିପରି ପାକିସ୍ତାନ ଓ ମଧ୍ୟପ୍ରାଚ୍ୟର ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ଇସ୍‌ଲାମୀୟ ଦାତବ୍ୟ ସଂସ୍ଥାଗୁଡ଼ିକୁ ଇଣ୍ଟରଆକ୍ସନ ଜରିଆରେ ପାଣ୍ଠି ଯୋଗାଉଥିଲେ ଗତବର୍ଷ ଏକ ଗଣମାଧ୍ୟମ ଏହାର ପର୍ଦ୍ଦାଫାସ୍ କରିଥିଲା। ହେଲ୍ପିଂ ହ୍ୟାଣ୍ଡ ଫର୍ ରିଲିଫ୍ ଆଣ୍ଡ ଡେଭେଲପ୍‌ମେଣ୍ଟ (ଏଚ୍‌ଏଚ୍‌ଆର୍‌ଡି) ସମେତ ଅଧିକାଂଶ ବିବାଦୀୟ ଇସ୍‌ଲାମୀୟ ଦାତବ୍ୟ ଅନୁଷ୍ଠାନ ସହ ଇଣ୍ଟରଆକ୍ସନର ଚୁଗେଦର ପ୍ରୋଜେକ୍ଟ ଜଡ଼ିତ। ଲଶ୍କର-ଇ-ତୋଇବାର ଦାତବ୍ୟ ଓ ରାଜନୈତିକ ଶାଖା ସହ ଏଚ୍‌ଏଚ୍‌ଆର୍‌ଡି କାର୍ଯ୍ୟ କରିଥାଏ। ୱାର୍ଲ୍ଡ ଭିଜନ ଓ ଏହାର ଆଇଏସ୍‌ଆର୍‌ଏ ସହ ସମ୍ପର୍କ ଉପରେ ଆମେରିକା ସିନେଟ ୨୦୧୯ରେ ତଦନ୍ତ ଆରମ୍ଭ କରିଥିଲା। ସୁଦାନର ସଂଘର୍ଷ ଅଞ୍ଚଳରେ ମାନବୀୟ ସେବା ପାଇଁ ୨୦୧୪ ଜାନୁୟାରୀରେ ୟୁନାଇଟେଡ୍ ଷ୍ଟେଟ୍ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭେଲପମେଣ୍ଟ (ୟୁଏସ୍‌ଏଆଇଡି) ୱାର୍ଲ୍ଡ ଭିଜନକୁ ୭୨୩,୪୦୫ ଡଲାର ଯୋଗାଇଥିଲା। ୱାର୍ଲ୍ଡ ଭିଜନ ଏହି ସେବା କାର୍ଯ୍ୟ କରିବାକୁ ଆଇଏସ୍‌ଆର୍‌ଏକୁ ଦାୟିତ୍ୱ ଦେଇଥିଲା। ଆତଙ୍କବାଦ ସହ ସମ୍ପୃକ୍ତି ଲାଗି ଆଇଏସ୍‌ଆର୍‌ଏ ବିରୋଧରେ ଆମେରିକ ସରକାର ୨୦୦୪ରୁ କଟକଣା ଲଗାଇଥିବାବେଳେ ଏ ସମ୍ପର୍କରେ ଜାଣି ନ ଥିବା ୱାର୍ଲ୍ଡ ଭିଜନ କହିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୬୪,୧୯,୩୬୦ | ୧୮,୬୭,୩୬୬ | ୬,୧୨,୬୩,୫୩୬ |
| ଭାରତ | ୧,୦୩,୭୩,୨୮୭ | ୧,୫୦,୧୦୬ | ୯୯,୯୨,୦୩୯ |
| ଓଡ଼ିଶା | ୩,୩୦,୬୯୦ | ୧୮୮୭(+୫୩) | ୩,୨୬,୭୭୮ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ଲୋନ୍ ପରିଶୋଧ ସତ୍ତ୍ୱେ କଟିଛି ଫାଇନ୍

ନୟାଗଡ଼ ଅଫିସ,୫ା୧:ଋଣ କାରର ମାସିକ କିସ୍ତି ନିୟମିତ ପୈଠ ହେଉଥିଲେ ବି ବିନା ସୂଚନାରେ ଗ୍ରାହକଙ୍କ ଆକାଉଣ୍ଟରୁ ୨୯୫୦ଟଙ୍କା ଫାଇନ କାଟି ନେବା ଘଟଣା ନୟାଗଡ଼ ଜିଲା ଖାଉଟି ଅଦାଲତରେ ପହଞ୍ଚିଛି। ଅଦାଲତ ମାମଲାକୁ ବିଚାର ପାଇଁ ଗ୍ରହଣ କରି କେସ ନଂ. ୮୦/୨୦ରେ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି । ଅଭିଯୋଗ ଅନୁସାରେ ନୟାଗଡ଼ ଜିଲା ସଦର ମହକୁମାର ଏକ ବ୍ୟାଙ୍କର ମୁଖ୍ୟ ଶାଖାରୁ ଲକ୍ଷ୍ମୀଧର ସାହୁ ନାମକ ଜଣେ ଗ୍ରାହକ ଆବଶ୍ୟକ କାଗଜପତ୍ର ଦାଖଲ କରି ୨୦୨୦ ମାର୍ଚ୍ଚରେ ଏକ କାର ଲୋନ ନେଇଥିଲେ । ଏ ବାବଦରେ ମାସିକ କିସ୍ତି ନିୟମିତ ପୈଠ କରୁଥିଲେ । ତେବେ ଗତ ଜୁଲାଇ ୫ରେ କୌଣସି ସୂଚନା ନ ଦେଇ ଗାଡ଼ିର ଆରସି କପି ଦାଖଲ କରି ନ ଥିବା ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷ ସଂପୃକ୍ତ ଗ୍ରାହକଙ୍କ ଆକାଉଣ୍ଟରୁ ୨୯୫୦ଟଙ୍କା ଫାଇନ ଆକାରରେ କାଟି ନେଇଥିଲେ । ଏ ସମ୍ପର୍କରେ ଜାଣିବାରେ ଗ୍ରାହକ ଲକ୍ଷ୍ମୀଧର ବ୍ୟାଙ୍କର ମୁଖ୍ୟ ପରିଚାଳକଙ୍କୁ ଭେଟି ଆରସି କପି ଦାଖଲ କରିଥିବା ସତ୍ତ୍ୱେ ବ୍ୟାଙ୍କ ଅନଧିକୃତଭାବେ ତାଙ୍କ ଆକାଉଣ୍ଟରୁ ଫାଇନ୍ କାଟି ନେଇଥିବା ଲିଖିତ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ,ଭୁବନେଶ୍ୱର ତଥା ଆରବିଆଇକୁ ମଧ୍ୟ ଅଭିଯୋଗ ପତ୍ର ସଂପୃକ୍ତ ଗ୍ରାହକଙ୍କ ଦ୍ୱାରା ପଠାଯାଇଥିଲା । ଅଭିଯୋଗର ଦୀର୍ଘ ୫ମାସ ଅତିକ୍ରାନ୍ତ ହୋଇ ସାରିଥିଲା । ଅନ୍ୟପକ୍ଷେ ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଭେଟି ଅନୁରୋଧ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଖାଉଟି ଅଦାଳତରେ ଦ୍ୱାରସ୍ଥ ହୋଇଥିଲେ।




# ଆଉ କମିବନି ସିଲାବସ୍

**ସ୍କୁଲ ଖୋଲିବା ପାଇଁ ସରକାରଙ୍କ ପ୍ରସ୍ତୁତି**
- ପ୍ରତି ଜିଲାରେ ନୋଡାଲ ଅଫିସର ନିଯୁକ୍ତ
- ଶିକ୍ଷକ ଆବଶ୍ୟକତା ପୂରଣ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୫ା୧(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୮ତାରିଖରୁ ସ୍କୁଲ ଖୋଲିବ। ଏ ନେଇ ଜୋରସୋର୍‌ରେ ପ୍ରସ୍ତୁତି ଚାଲିଛି। କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ସ୍କୁଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ସିଲାବସ୍ ଆଉ କମିବ ନାହିଁ। ୭୦% ସିଲାବସ୍‌ରେ ଛାତ୍ରୀଛାତ୍ର ପାଠ ପଢ଼ିବେ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସ୍କୁଲ ଖୋଲିଲେ କେମିତି ପାଠପଢ଼ା ହେବ ସେନେଇ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ପ୍ରତି ଜିଲାରେ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ସ୍କୁଲରେ ପ୍ରସ୍ତୁତି ନେଇ ସୋମବାର ଜିଲା ଶିକ୍ଷାଧିକାରୀ (ଡିଇଓ)ମାନଙ୍କ ସହ ସ୍ୱତନ୍ତ୍ର ସଚିବ ବୈଠକ କରିଥିଲେ। ୧୫ରୁ ୧୭ଟି ଜିଲାର ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ମିଳିତ ବୈଠକ ସରିଛି। ପ୍ରତି ଜିଲାର ନୋଡାଲ ଅଧିକାରୀ ସମ୍ପୃକ୍ତ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ସହ ସମନ୍ୱୟ ରଖି କାମ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ପୂର୍ବରୁ ସିଲାବସ୍ ୩୦ ପ୍ରତିଶତ କମିଛି। ଆଉ କମାଯାଇପାରିବ ନାହିଁ। ତେଣୁ ଛାତ୍ରୀଛାତ୍ରଙ୍କୁ ୭୦% ସିଲାବସ୍‌ର ପାଠ ପଢ଼ିବାକୁ ପଡ଼ିବ। ସେହିପରି ସ୍କୁଲଗୁଡ଼ିକରେ ଶିକ୍ଷକ ଆବଶ୍ୟକତା ଥିଲେ ତୁରନ୍ତ ପୂରଣ କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱଳ୍ପ ସମୟ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରିବା ପାଇଁ ଶନିବାର ଓ ରବିବାରକୁ ଶିକ୍ଷାଦାନ ଦିବସରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଅନ୍ୟପକ୍ଷରେ ଏହା ସମ୍ଭବ ନୁହେଁ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଥିଲା। ଏ ସଂକ୍ରାନ୍ତରେ ମନ୍ତ୍ରୀ କହିଛନ୍ତି ଯେ, ଛାତ୍ରୀଛାତ୍ରମାନେ ୧୦୦ ଦିନ ପାଠ ପଢ଼ିବାର ଆବଶ୍ୟକତା ରହିଛି। ରବିବାର ନ ପଢ଼ାଇଲେ, ୧୦୦ ଦିନ ହେବନାହିଁ। ଛାତ୍ରୀଛାତ୍ର ମଧ୍ୟ ୧୦୦ରୁ କମ୍ ଦିନ ପଢୁଥିବାରୁ ମନରେ ଦୁଃଖ ରଖିଛନ୍ତି। ତେଣୁ ଶନିବାର ଓ ରବିବାର ଶିକ୍ଷାଦାନ ଦିବସ ରହିବ। ସେହିପରି ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ କୋଭିଡ୍ ଟେଷ୍ଟ କରାଯିବା ଲାଗି ନିଷ୍ପତ୍ତି ହୋଇନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଗଲେ ଆମେ ଟେଷ୍ଟ କରାଇବୁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, କରୋନା ପାଇଁ ଗତ ମାର୍ଚ୍ଚ ୧୭ତାରିଖରୁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହେଉଥିବା ବାର୍ଷିକ ପରୀକ୍ଷା ନିମନ୍ତେ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କୁ ପ୍ରସ୍ତୁତ କରିବା ସହିତ ବିଭିନ୍ନ ସମୟରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରିବା ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରିବାକୁ ହେବ। ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆସନ୍ତା ୮ତାରିଖରୁ ସ୍କୁଲ ଖୋଲିବା ନିମନ୍ତେ ନିଷ୍ପତ୍ତି ନେଇଛି। ଏଥିପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଏସ୍ଓପି ଜାରି କରାଯାଇଛି।

## ସ୍କୁଲରେ ସପ୍ତାହକୁ ଥରେ ସ୍ୱାସ୍ଥ୍ୟ ଯାଞ୍ଚ

ଭୁବନେଶ୍ୱର, ୫ା୧(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୮ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲ ଖୋଲିବ। ସ୍କୁଲ ଖୋଲିଲେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଏକାଠି ହେବେ। ଫଳରେ କରୋନା ସଂକ୍ରମଣର ଭୟ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସ୍କୁଲରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ରାଜ୍ୟର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ସ୍କୁଲରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କର ସପ୍ତାହକୁ ଥରେ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ଆଶାକର୍ମୀ ଏବଂ ଏଏନ୍ଏମ୍‌ଙ୍କୁ ନିୟୋଜିତ କରାଇ ସପ୍ତାହକୁ ଥରେ ନିକଟସ୍ଥ ସ୍କୁଲ ଯାଇ ତଦାରଖ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଯଦି କାହାର କରୋନା ଲକ୍ଷଣ ଦେଖାଯାଏ ତେବେ ରାପିଡ୍ ରେସପନ୍ସ ଟିମ୍ ଦ୍ୱାରା ତାଙ୍କର କୋଭିଡ୍ ଟେଷ୍ଟ କରାଇବାକୁ କୁହାଯାଇଛି।

# ଟେନ୍‌ସା ଫାଣ୍ଡି ଅଧିକାରୀଙ୍କୁ ତୀରମାଡ଼


ଫାଣ୍ଡି ଅଧିକାରୀଙ୍କ ଡାହାଣ ପାଖ ପେଟରେ ତୀର ପଶିଛି ।

- ଗୁରୁତର ଅବସ୍ଥାରେ ଆରଜିଏଚ୍ ସ୍ଥାନାନ୍ତର
- ଭୟରେ ଜିରୋ ପଏଣ୍ଟ ହାଟିଂ ପୁରୁଷଶୂନ୍ୟ

ସୁନ୍ଦରଗଡ/ଟେନ୍‌ସା/ବଣାଇଁ, ୫ା୧ (ଡି.ଏନ.ଏ/ସ୍ୱ.ପ୍ର)

ବେଆଇନ ମଦ କାରବାର ଉପରେ ଚଢ଼ାଉ ପାଇଁ ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଟେନସା ଫାଣ୍ଡି ଅଧୀନ ଜିରୋ ପଏଣ୍ଟ ହାଟିଂ (ବସ୍ତି)କୁ ଯାଇଥିବା ବେଳେ ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରାଙ୍କୁ ତୀରମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ଜେନେରାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ପୋଲିସ ଭୟରେ ଉକ୍ତ ବସ୍ତି ପୁରୁଷଶୂନ୍ୟ ହୋଇପଡିଛି ।

ସୂଚନା ଅନୁସାରେ, ଜିରୋ ପଏଣ୍ଟ ହାଟିଂ (ବସ୍ତି)ରେ ବେଆଇନ ମଦ କାରବାର ଚାଲିଥିବା ଖବର ପାଇ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୪ଟା ବେଳେ ଫାଣ୍ଡି ଅଧିକାରୀ ବେହେରା ଓ ପିସିଆର ଭ୍ୟାନ୍ ଡ୍ରାଇଭରଙ୍କ ସହ ସେଠାକୁ ଯାଇଥିଲେ। ବସ୍ତିରେ କିଛି ଯୁବକଙ୍କ ସହିତ ଫାଣ୍ଡି ଅଧିକାରୀ ବେହେରାଙ୍କ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ବେହେରାଙ୍କୁ ଲକ୍ଷ୍ୟ କରି ବସ୍ତି ଭିତରୁ କେହି ଜଣେ ତୀରମାଡ଼ କରିଥିଲେ। ଫଳରେ ତୀରଟି ତାଙ୍କ ଡାହାଣ ପାଖ ପେଟରେ ପଶିଯାଇଥିଲା। ପିସିଆର ଭ୍ୟାନ ଡ୍ରାଇଭର ତୁରନ୍ତ ତାଙ୍କୁ ଟେନ୍‌ସା ଇସ୍ପାତ ହସ୍ପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ଜେନେରାଲ ହସ୍ପିଟାଲ(ଆରଜିଏଚ୍)କୁ ସ୍ଥାନାନ୍ତର କରାଯାଇଛି। ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ହସ୍ପିଟାଲ ରାସ୍ତାରେ ହାତୀ


ଖୁଆଡ଼ ରାସ୍ତାରେ ବୁଲୁଥିବା ହାତୀ।

ରାଇବଣିଆ, ୫ା୧

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ଖୁଆଡ଼ ହସ୍ପିଟାଲ ନିକଟରେ ମଙ୍ଗଳବାର ଏକ ଦନ୍ତାହାତୀ ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଞ୍ଚଳବାସୀ ହାତୀକୁ ଦେଖି ଭୟଭୀତ ହୋଇପଡିଥିଲେ। ହାତୀଟି କାହାର କିଛି କ୍ଷତି କରୁ ନ ଥିବା ବେଳେ କୁଶଗଡ଼ ରାସ୍ତା ଦେଇ ଜଙ୍ଗଲମୁହାଁ ହୋଇଛି। ଜଳେଶ୍ୱର ରେଞ୍ଜର ସରୋଜ ମହାନ୍ତିଙ୍କ ନିର୍ଦ୍ଦେଶରେ ରାଇବଣିଆ ଫରେଷ୍ଟର ସୌମ୍ୟରଞ୍ଜନ ମାଝିଙ୍କ ସହିତ ବନକର୍ମଚାରୀମାନେ ହାତୀକୁ ପଶ୍ଚିମବଙ୍ଗକୁ ଘଉଡ଼ାଇବା ଲାଗି ପ୍ରୟାସ ଜାରି ରଖିଛନ୍ତି । ଉଲ୍ଲେଖଯୋଗ୍ୟ, ରାଇବଣିଆ ଅଞ୍ଚଳରେ ହାତୀମାନେ ବାରମ୍ବାର ଆସି ଫସଲ ନଷ୍ଟ କରିବା ସହିତ ଘର ଦ୍ୱାର ଭାଙ୍ଗୁଥିବାରୁ ଏହାର ପ୍ରତିକାର ଲାଗି ସାଧାରଣରେ ଦାବି ହେଉଛି ।

# ୪ ଅଭିଯୁକ୍ତ ଗିରଫ


ମୁଖ୍ୟଅଭିଯୁକ୍ତ ପୋଲିସକୁ ଡେମୋ ଦେଖାଉଛନ୍ତି।

**ମାହାଙ୍ଗା ଡବଲ ମର୍ଡର ଘଟଣା**
- ଡେମୋ ଦେଖାଇଲେ ମୁଖ୍ୟ ଅଭିଯୁକ୍ତ
- ହତ୍ୟା ପାଇଁ ପୂର୍ବରୁ ଯୋଜନା ହୋଇଥିଲା
- ଅଭିଯୁକ୍ତ ମନ୍ତ୍ରୀଙ୍କ ବହିଷ୍କାର ଦାବି ତେଜିଲା

ନିଶ୍ଚିନ୍ତକୋଇଲି/ମାହାଙ୍ଗା,୫ା୧(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା ନୃତ୍ତାଙ୍ଗସ୍ଥିତ ଝିଙ୍କୁଟି ନିକଟରେ ଭାଜପା ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳ ହତ୍ୟା ଘଟଣାରେ ଗ୍ରାମାଞ୍ଚଳ ପୋଲିସ ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ହେଲେ ଝିଙ୍କୁଟି ଗ୍ରାମର ପଞ୍ଚାନନ ସେଠୀ(୨୮)। ଅନ୍ୟ ଅଭିଯୁକ୍ତମାନେ ହେଲେ ଝିଙ୍କୁଟି ଗ୍ରାମର ଅରବିନ୍ଦ ଖଟୁଆ(୨୭), ନୃତ୍ତାଙ୍ଗ ଗ୍ରାମର କ୍ଷୀତିଶ ଆଚାର୍ଯ୍ୟ(୪୫) ଓ ଲଳିତ ମୋହନ ବରାଳ(୭୫)। ମୁଖ୍ୟ ଅଭିଯୁକ୍ତ ପଞ୍ଚାନନ ସମସ୍ତ ଘଟଣା ପୋଲିସ ଆଗରେ ବଖାଣିବା ପରେ କଟକ ଅତିରିକ୍ତ ଏସ୍‌ପି ପ୍ରଦୀପ୍ତ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ ଘଟଣାସ୍ଥଳକୁ ନେଇଥିଲା। ସେଠାରେ ସେ ହତ୍ୟାକାଣ୍ଡର ଡେମୋ ଦେଖାଇଥିଲେ। ଏହି ସମୟରେ ପୋଲିସ ଶୁକନଦୀ ପଠା ନିକଟ ଏକ ବେଣା ଗଛମୂଳରୁ ଗୋଟିଏ ରକ୍ତଭିଜା ଖଣ୍ଡା ଜବତ କରିଥିଲା। ଏଥିସହ ୨ ହଳ ଚପଲ, ଏକ ଚଷମା କାଚ, ରୁମାଲ, ଧଳା କପଡ଼ା ବ୍ୟାଗ, ୩ଟି କଞ୍ଜ୍ୟୁମର ଗ୍ୟାସ୍ କାର୍ଡ, ୪ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ଅପରପକ୍ଷରେ ଅଭିଯୁକ୍ତ ତାଲିକାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ଥିବାରୁ ତାଙ୍କ ବହିଷ୍କାର ଓ ଗିରଫ ଦାବିରେ ଭାଜପା ଆନ୍ଦୋଳନକୁ ଜୋରଦାର କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତାପଙ୍କ କୁଶପୁତ୍ତଳିକା ଦାହ କରିବା ସହ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଇଛି।

ଏନେଇ ଅପରାହ୍ନରେ ଡିଆଇଜି ଆଶିଷ କୁମାର ସିଂ, ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ କିଶୋର ମାହାଙ୍ଗା ଥାନାରେ ପହଞ୍ଚି ତଦନ୍ତର ସମୀକ୍ଷା କରିବା ପରେ ଖବରଦାତା ସମ୍ମିଳନୀ ଜରିଆରେ ବିସ୍ତୃତ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଏହି ହତ୍ୟାକାଣ୍ଡ ପାଇଁ ପୂର୍ବରୁ ଯୋଜନା କରାଯାଇଥିଲା। ଜାନୁୟାରୀ ୨ତାରିଖରେ କୁଳମଣି ଓ ଦିବ୍ୟସିଂହ ରାତିରେ ଘରକୁ ଫେରୁଥିବାବେଳେ ଅଭିଯୁକ୍ତମାନେ ମୋବାଇଲ ଜରିଆରେ ସେମାନଙ୍କ ଗତିବିଧିର ସୂଚନା ରଖିଥିଲେ। ଝିଙ୍କୁଟି ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ଅଭିଯୁକ୍ତମାନେ ଲାଇନ୍ କାଟି ଦେବା ସହ ରାସ୍ତାରେ କାଠଗଣ୍ଡି ପକାଇଦେଇଥିଲେ। କୁଳମଣି ଓ ଦିବ୍ୟସିଂହ ରାସ୍ତାରେ କାଠଗଣ୍ଡି ପଡ଼ିଥିବା ଦେଖି ଅଟକିଯିବାରୁ ଅଭିଯୁକ୍ତମାନେ ଠେଙ୍ଗାରେ ଆକ୍ରମଣ କରିଥିଲେ। ଉଭୟ ବାଇକ୍‌ରୁ ପଡ଼ିଯିବା ପରେ ବୀଭତ୍ସଭାବେ ଖଣ୍ଡାରେ ହାଣି ଦେଇଥିଲେ। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ସମ୍ପର୍କରେ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ସୂଚନାଯୋଗ୍ୟ, କୁଳମଣିଙ୍କ ପୁଅ ରମାକାନ୍ତ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ମନ୍ତ୍ରୀ ପ୍ରତାପଙ୍କ ସମେତ ୧୩ ଜଣଙ୍କ ନାମରେ ଆଇପିସି ଦଫା ୧୨୦ ବି, ୧୪୭, ୧୪୮, ୧୪୯, ୩୦୨, ୫୦୬ ଓ ଆର୍ମସ ଆକ୍ଟ ୨୫ ଓ ୨୭ରେ ଏକ ମାମଲା(ନଂ. ୫/୨୧) ରୁଜୁ ହୋଇଛି। ବି.ଯୁଗଳ କିଶୋରଙ୍କ ନେତୃତ୍ୱରେ ୫ଟି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସୋମବାର ରାତିରେ ଅଭିଯୁକ୍ତଙ୍କୁ ପୋଲିସ ଉଠାଇ ଆଣି ଏକ ଅଜ୍ଞାତ ସ୍ଥାନରେ ପଚରାଉଚୁରା କରୁଥିଲା।

# କାଜୁ ଜଙ୍ଗଲରେ ନିଆଁ


ସରାଶପଶିରେ ପୋଡିଯାଇଥିବା କାଜୁ ବଗିଚା।

ଚମ୍ପୁଆ,୫ା୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ସୁନାପଶି ପଞ୍ଚାୟତର ସରାସପଶି ଗ୍ରାମରେ ଦିନ ଦି ପ୍ରହରରେ କାଜୁ ଜଙ୍ଗଲରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଙ୍ଗଲ ଉଜାଡ଼ି ଦେଇଛି। ସୂଚନା ଅନୁସାରେ ୫ ବର୍ଷ ତଳେ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ଉଦ୍ୟାନ ବଭାଗ ପକ୍ଷରୁ ବିର୍ଷା ମୁଣ୍ଡା ଓ ବେଣୁଧର ମହାନ୍ତଙ୍କୁ କାଜୁ ଚାରା ଯୋଗାଇ ଦିଆ ଯାଇଥିଲା। ଉକ୍ତ ଗଛକୁ ସେମାନେ ଦେଖାରଖା କରିବା ସହିତ ରକ୍ଷଣା ବେକ୍ଷଣ କରୁଥିଲେ। ଚଳିତ ବର୍ଷ ଉକ୍ତ ଗଛରେ ଫୁଲ ଆସିଥିବା ବେଳେ ଗତ ରବିବାର କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ସେଠାରେ ଗୋରୁ ଚରାଳୀମାନେ ଦେଖି ଉଭୟଙ୍କୁ ଖବର ଦେବା ସହିତ ନିଆଁ ଲିଭାଇଥିଲେ। ଏହି ନିଆଁ ଦ୍ୱାରା ବିର୍ଷା ମୁଣ୍ଡାଙ୍କ ୧୦୦ ଗଛ ପୋଡିଯାଇଥିବାବେଳେ ବେଣୁଧରଙ୍କ ୭୦ରୁ ଊର୍ଦ୍ଧ୍ୱ କାଜୁ ଗଛ ପୋଡିଯାଇଛି। ଉଭୟ ଆର୍ଥିକ ସହାୟତା ପାଇଁ ବିଭାଗକୁ ଲିଖିତ ଅନୁରୋଧ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଶ୍ରେୟାନ୍
ପରିବାରବର୍ଗ


ସୌମ୍ୟାଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଏସ୍ଆଇଟିଙ୍କୁ...

୩ଜଣିଆ ବୋର୍ଡ କଲେଜ ଛାତ୍ରଙ୍କୁ ଅନୁଗୋଳ ବାଳ ସୁଧାର ଗୃହକୁ ପଠାଇଛନ୍ତି। ଆସନ୍ତା ୮ତାରିଖରେ ଜୁଭେନାଇଲ୍ କୋର୍ଟରେ ମାମଲାର ଶୁଣାଣି ହେବ। ଅଭିଯୁକ୍ତଙ୍କୁ ଗତ ଡିସେମ୍ବର ୨୧ ତାରିଖରେ ଏସ୍ଆଇଟି କୋର୍ଟ ଚାଲାଣ କରିଥିଲା। ଏସ୍ଆଇଟିର ଅନୁରୋଧ କ୍ରମେ ପୋକ୍‌ସୋ କୋର୍ଟ ବିଚାରପତି ଉଦୟଭାନୁ ଜେନା ୨୨, ୨୩ ଓ ୨୪ ତାରିଖ ୩ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଥିଲେ। ରିମାଣ୍ଡ ଶେଷ ପରେ ତାଙ୍କୁ ପୁଣି ଜେଲ୍ ପଠାଇ ଦିଆଯାଇଥିଲା। ସୋମବାର କଲେଜ ଛାତ୍ରଙ୍କ ବିଚାର ବିଭାଗୀୟ ମିଆଦ ଶେଷ ହେବା ପରେ ଏସ୍ଆଇଟି ତାଙ୍କୁ କୋର୍ଟରେ ହାଜର କରାଇଥିଲା। ଏପରି କି ଅଭିଯୁକ୍ତ ଛାତ୍ରଙ୍କ ନାର୍କୋ ଆନାଲିସିସ୍ ପାଇଁ ଏସ୍ଆଇଟି ପକ୍ଷରୁ ଅଦାଲତରେ ଆବେଦନ କରାଯାଇଥିଲା। ଅପରପକ୍ଷରେ ଅଭିଯୁକ୍ତ ଛାତ୍ରଙ୍କ ପକ୍ଷରୁ ନାବାଳକ ପ୍ରମାଣପତ୍ର କୋର୍ଟରେ ଦାଖଲ କରାଯିବା ସହ ମାମଲାକୁ ଜୁଭେନାଇଲ୍ କୋର୍ଟରେ ବିଚାର କରିବାକୁ ପ୍ରାର୍ଥନା କରାଯାଇଥିଲା। ଏହାପରେ ଅଦାଲତ ସମ୍ପୃକ୍ତ ଛାତ୍ର ମା'ଙ୍କଠାରୁ ଜନ୍ମ ତାରିଖ ସମ୍ପର୍କରେ ମତାମତ ନେଇଥିଲେ। ପୋକ୍‌ସୋ କୋର୍ଟ ଏହାର ଶୁଣାଣି କରି ରାୟ ଦେଇ କଲେଜ ଛାତ୍ରଙ୍କ ପରିବାରକୁ ଆଶ୍ୱାସନା ଦେଇଛନ୍ତି। କୋର୍ଟଙ୍କ ରାୟ ପରେ ପରୀଙ୍କ ମା'ବାପା ଓ କଲେଜ ଛାତ୍ରଙ୍କ ମା' ନ୍ୟାୟର ଜୟ ବୋଲି କହିବା ସହ ଏସ୍ଆଇଟିର ତଦନ୍ତକୁ ନେଇ ପ୍ରଶ୍ନ କରିଛନ୍ତି।

ଅଭିଯୁକ୍ତ ଛାତ୍ରଙ୍କ ଓକିଲ ଚନ୍ଦ୍ର ବିଜୟୀ ମିଶ୍ରଙ୍କ ସୂଚନା ଅନୁସାରେ, କଲେଜ ଛାତ୍ରଙ୍କ ଜନ୍ମ ପ୍ରମାଣପତ୍ର ଓ ମାଟ୍ରିକ ସାର୍ଟିଫିକେଟରେ ଜନ୍ମ ତାରିଖ ୬।୨।୨୦୦୩ ରହିଛି, ଯାହାକି ପୂର୍ବରୁ ଏସ୍ଆଇଟି ଅବଗତ ଥିଲା। ଏହାସତ୍ତ୍ୱେ ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରା ଅଭିଯୁକ୍ତଙ୍କ ଓସିଫିକେଶନ ଟେଷ୍ଟ ଆଧାରରେ ୧୮ବର୍ଷରୁ ଅଧିକ ବୋଲି କୋର୍ଟରେ ପ୍ରମାଣ ପତ୍ର ଦାଖଲ କରିଥିଲେ। ଫଳରେ କୋର୍ଟ କଲେଜ ଛାତ୍ରଙ୍କୁ ଜେଲ ପଠାଇ ଦେଇଥିଲେ। ନାବାଳକଙ୍କୁ ବାଳ ସୁଧାର ଗୃହରେ ରଖିବାର ନିୟମ ରହିଛି। ହେଲେ ଏସ୍ଆଇଟି କଲେଜ ଛାତ୍ରଙ୍କୁ ବାଳସୁଧାର ଗୃହକୁ ନ ପଠାଇ କାହିଁକି ଏପରି କଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ମିଶ୍ର କହିଛନ୍ତି।

### ବାର୍ଡ ଫ୍ଲୁ...

ଏଥିସହିତ ପକ୍ଷୀଙ୍କ ଠାରେ ଦେଖାଯାଉଥିବା ଆଭିଆନ ଇନ୍‌ଫ୍ଲୁଏଞ୍ଜା ଉପରେ ନଜର ରଖିବା ସହ ପ୍ରସ୍ତୁତ ରହିବାକୁ ପ୍ରାଣୀ ପାଳନ ଓ ଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ମୁଖ୍ୟ ପ୍ରାଣୀ ଅଧିକାରୀଙ୍କୁ ଚିଠି ଲେଖାଯାଇଛି। କିଛିବର୍ଷ ପୂର୍ବରୁ ବିଦେଶାଗତ ପକ୍ଷୀଙ୍କ ଯୋଗୁ ରାଜ୍ୟରେ ବାର୍ଡ ଫ୍ଲୁ ଦେଖା ଦେଇଥିଲା। ଚଳିତ ବର୍ଷ ବିଭିନ୍ନ ଜଳାଶୟ ଏବଂ ଅଭୟାରଣ୍ୟକୁ ବିଦେଶରୁ ବହୁ ପକ୍ଷୀ ଆସିଛନ୍ତି। ଏପରି କି କେତେକ ରାଜ୍ୟରେ ବାର୍ଡ ଫ୍ଲୁ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପକ୍ଷୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ସହ ରୋଗ ସଂକ୍ରମଣକୁ ପ୍ରତିରୋଧ କରିବାକୁ ବିଭାଗ ପକ୍ଷରୁ ପ୍ରସ୍ତୁତ ଆକ୍ସନ ପ୍ଲାନ ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରାଣୀପାଳନ ଓ ଚିକିତ୍ସା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରତ୍ନାକର ରାଉତ କହିଛନ୍ତି ଯେ, ବିଦେଶରୁ ପ୍ରତ୍ୟେକ ବର୍ଷ ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ପକ୍ଷୀମାନେ ଆସିଥାନ୍ତି। ଅଧିକାଂଶ ସମୟରେ ସେମାନଙ୍କ ଦ୍ୱାରା ବାର୍ଡ ଫ୍ଲୁ ଭଳି ରୋଗ ବ୍ୟାପୀ ଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବର୍ଷ ଏହି ସମୟରେ ପକ୍ଷୀଙ୍କ ଠାରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥାଏ। ଚଳିତ ବର୍ଷ ୧୦ ହଜାର ୯୫୩ ନମୁନା ସଂଗ୍ରହ କରାଯାଇ ଏଡିଆର୍ଆଇକୁ ପଠାଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ପକ୍ଷୀ ଠାରେ ଫ୍ଲୁ ର ସଙ୍କେତ ମିଳି ନାହିଁ। ଯଦି କୌଣସି ଗୋଟିଏ ସ୍ଥାନରେ ୫୦ରୁ ଅଧିକ ପକ୍ଷୀଙ୍କର ନିୟମିତ ଭାବେ ମୃତ୍ୟୁ ହୁଏ, ତେବେ ସେଠାରେ ଆଭିଆନ ଇନ୍‌ଫ୍ଲୁଏଞ୍ଜାର ଆଶଙ୍କା ଥାଏ। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସେପରି ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ତେବେ ସତର୍କତା ଦୃଷ୍ଟିରୁ ଚିଲିକା ଆଖପାଖ ଅଞ୍ଚଳ ଏବଂ ଖୋର୍ଦ୍ଧା ଜିଲାର ଅନ୍ୟ ସ୍ଥାନରୁ ୪୦୦ ନମୁନା ସଂଗ୍ରହ କରାଯାଇ ପଠାଯାଇଛି। ଏହା ଏକ ନିୟମିତ ପ୍ରକ୍ରିୟା। ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

ରାଜ୍ୟରେ ଚଳିତ ବର୍ଷ ଚିଲିକାକୁ ପ୍ରାୟ ୧୨ ଲକ୍ଷ ପକ୍ଷୀ ବିଦେଶରୁ ଆସିଛନ୍ତି। ସେହପରି ଭିତରକନିକା, ଅଂଶୁପା, ହୀରାକୁଦ ଓ ଅନ୍ୟାନ୍ୟ ଜଳାଶୟକୁ ବହୁ ପକ୍ଷୀ ଆସିଛନ୍ତି। ଏହାଛଡ଼ା ରାଜ୍ୟରେ ବିଭିନ୍ନ ବ୍ରଏଲର ଫାର୍ମରେ ୩ କୋଟିରୁ ଊର୍ଦ୍ଧ୍ୱ ପକ୍ଷୀ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି।

ସୂଚନାଯୋଗ୍ୟ, ଡିସେମ୍ବରରେ ରାଜସ୍ଥାନ ଓ ହିମାଚଳ ପ୍ରଦେଶରେ ଅନେକ ପକ୍ଷୀ ମରିଥିବା ଜଣାପଡିଛି। ରାଜସ୍ଥାନରେ ୨୫୦ କାଉ ମରିଥିବା ବେଳେ ହିମାଚଳ ପ୍ରଦେଶରେ ୧୭୦୦ ବିଦେଶାଗତ ପକ୍ଷୀଙ୍କର ମୃତ୍ୟୁ ହୋଇଛି। ସେହିପରି କେରଳରେ ଗତ ୧୦ ଦିନ ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ବତକଙ୍କ ମୃତ୍ୟୁ ପରେ ୩୬ହଜାର ପକ୍ଷୀଙ୍କୁ ମାରିବାକୁ ସେଠାକାର ସରକାର ଅନୁମତି ଦେଇଛନ୍ତି।

ଖାଦ୍ୟ ଅନ୍ୱେଷଣ, ଅଣ୍ଡା ଓ ଛୁଆ ଦେବା ଲାଗି ସେପ୍ଟେମ୍ବରରୁ ବିଦେଶାଗତ ପକ୍ଷୀ ବିଭିନ୍ନ ରାଜ୍ୟରେ ଥିବା ହ୍ରଦ, ଅଭୟାରଣ୍ୟ ଓ ଅନ୍ୟାନ୍ୟ ସ୍ଥାନକୁ ଆସିଥାନ୍ତି। ତେବେ ଏହି ସମୟରେ ସେମାନଙ୍କ ଠାରେ ଫ୍ଲୁ ଦେଖା ଦେଇଥାଏ। ବିଦେଶୀ ପକ୍ଷୀଙ୍କ ଉପରେ ନଜର ରଖିବା ସହ ରୋଗ ଯେପରି ନ ବ୍ୟାପିବ ସେ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ ଦେଇଛନ୍ତି। ଯଦି କୌଣସି ଠାରେ ପକ୍ଷୀ ମରୁଥିବାର ସୂଚନା ମିଳିବ ତୁରନ୍ତ ମନ୍ତ୍ରଣାଳୟକୁ ଜଣାଇବାକୁ କୁହାଯାଇଛି। ପ୍ରତ୍ୟେକ ସପ୍ତାହରେ ଏ ନେଇ ରିପୋର୍ଟ ଦେବାକୁ ପରାମର୍ଶ ମଧ୍ୟ ଦିଆଯାଇଛି।

### ଜେଲ ଡିଆଇଜିଙ୍କ...

ଅବସର ଦିଆଯାଇଛି। ସେହିପରି ସ୍ନିଗ୍ଧାରାଣୀ ମିଶ୍ର କୋରାପୁଟ ଜିଲା ନନ୍ଦପୁର ସିଡିପିଓ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ନାମରେ ଦୁଇଟି ଭିଜିଲାନ୍ସ ମାମଲା କରାଯାଇଛି। ୨୦୧୬ରେ ୮୦ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମକଦ୍ଦମା ଦାଏର କରାଯାଇଥିବା ବେଳେ ଅକ୍ଟୋବର ୨୦୨୦ରେ ଛତୁଆ ବିଲ୍ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟଙ୍କ ଠାରୁ ୧ ଲକ୍ଷ ୭୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଥିଲେ। ସେଥିପାଇଁ ସେ ନିଲମ୍ବିତ ହୋଇଛନ୍ତି। କମାଣ୍ଡାଣ୍ଟ ଏକାନ୍ତ ପ୍ରିୟ ନାୟକ ଓଡ଼ିଶା ସଶସ୍ତ୍ର ପୋଲିସ ସେବାରେ କାର୍ଯ୍ୟରତ ଥିଲେ। ଦୁର୍ବ୍ୟବହାର ତଥା ତାଙ୍କ ଅଧସ୍ତନ କର୍ମଚାରୀଙ୍କୁ ମାରଧର କରିବା ଅଭିଯୋଗରେ ତାଙ୍କ ବିରୋଧରେ ଗୋଟିଏ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି। ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଜଣେ ନିଶାସକ୍ତ ତଥା ଅଯୋଗ୍ୟ ଅଫିସର ଭାବେ ତାଙ୍କ ନାମରେ ଅନେକ ଅଭିଯୋଗ ଥିଲା। ସେହିପରି ଡିଏସ୍‌ପି ଗୌତମ ମଲ୍ଲିକଙ୍କ ବିରୋଧରେ ଦୁଇଟି ଫୌଜଦାରି ମାମଲା ରୁଜୁ କରାଯାଇଥିବା ବେଳେ ତାଙ୍କୁ ମଧ୍ୟ ଚାକିରିରୁ ନିଲମ୍ବିତ କରାଯାଇଥିଲା। ତାଙ୍କର ସାଧୁତା ଅତ୍ୟନ୍ତ ସନ୍ଦେହଜନକ। ଡେପୁଟି କମାଣ୍ଡାଣ୍ଟ ଦେବେନ୍ଦ୍ର ନାଥ ବେହେରା ଓଡ଼ିଶା ସଶସ୍ତ୍ର ପୋଲିସ ସେବାରେ କାର୍ଯ୍ୟ କରୁଛନ୍ତି। ତାଙ୍କ ନାମରେ ଜଙ୍ଗଲରୁ କାଠ ଚୋରି ଅଭିଯୋଗରେ ଏକ ଫୌଜଦାରି ମକଦ୍ଦମା ରୁଜୁ କରାଯାଇଛି। ସେହିପରି ବିନାନୁମତିରେ ସରକାରୀ ଗାଡ଼ିରେ ଅଧସ୍ତନ କର୍ମଚାରୀଙ୍କୁ ବ୍ୟବହାର କରି କାଠ ଚୋରାଚାଲାଣ ଅଭିଯୋଗରେ ତାଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

କନିଷ୍ଠ ଖଣି ଅଧିକାରୀ ସତ୍ୟବ୍ରତ ରାଉତଙ୍କ ବିରୋଧରେ ୫ଟି ଭିଜିଲାନ୍ସ ମାମଲା ରହିଛି। ତାଙ୍କର ସାଧୁତା ସନ୍ଦେହଜନକ। ଦାୟିତ୍ୱରେ ଅବହେଳା ଏବଂ ଦୁର୍ବ୍ୟବହାର ଆଦି ଗୁରୁତର ଅଭିଯୋଗରେ ତାଙ୍କ ବିରୋଧରେ ୩ଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବର୍ତ୍ତମାନ ସେ ନିଲମ୍ବିତ ଅଛନ୍ତି।

କନିଷ୍ଠ ଖଣି ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡାଙ୍କ ବିରୋଧରେ ୩ଟି ଭିଜିଲାନ୍ସ ମାମଲା ଥିବା ବେଳେ ତାଙ୍କର ସାଧୁତା ମଧ୍ୟ ସନ୍ଦେହ ଘେରରେ ରହିଛି। ଦାୟିତ୍ୱରେ ଅବହେଳା ଓ ଦୁର୍ବ୍ୟବହାର ଆଦି ଗୁରୁତର ଅଭିଯୋଗରେ ତାଙ୍କ ବିରୋଧରେ ୩ଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେ ବର୍ତ୍ତମାନ ନିଲମ୍ବିତ ଅଛନ୍ତି। ଏହି ବାଧ୍ୟତାମୂଳକ ଅବସରକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ୨୦୨୦ ଡିସେମ୍ବର ୩୦ରେ ରାଜ୍ୟ ସରକାର ୬ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଏକବର୍ଷ ମଧ୍ୟରେ ରାଜ୍ୟ ସରକାର ୧୧୦ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ପ୍ରଶାସନର ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ସେବା ମନୋଭାବର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଦୁର୍ନୀତି ତଥା ସେବା ଯୋଗାଇବାରେ ଅବହେଳା କରୁଥିବା କର୍ମଚାରୀମାନଙ୍କ ପାଇଁ ଏହି ପଦକ୍ଷେପ ଏକ ସତର୍କ ଘଣ୍ଟି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ସାଧାରଣ ଜୀବନରେ ସାଧୁତା ଓ ନୈତିକତା ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଅସାଧୁ ଅଧିକାରୀଙ୍କ ବିରୋଧରେ ଶୂନ୍ୟ ସହିଷ୍ଣୁତା ଉପରେ ସେ ଜୋର ଦେଇ ଆସିଛନ୍ତି। ପ୍ରଶାସନରୁ ଦୁର୍ନୀତ ଓ ଅପାରଗତା ଦୂର କରିବା ପାଇଁ ସବୁବେଳେ କଠୋର ପଦକ୍ଷେପ ନେଇଛନ୍ତି।

### ୧୩ ସୁଦ୍ଧା...

ମିଳିବାର ୧୦ ଦିନରେ ଟିକାକରଣ ଲାଗି ମନ୍ତ୍ରଣାଳୟ ପ୍ରସ୍ତୁତ ଥିବା ଭୂଷଣ କହିଛନ୍ତି। ଟିକା ପ୍ରଦାନ ପରିଚାଳନା ଲାଗି ଭାରତରେ କୋ-ୱିନ୍ ସିଷ୍ଟମ୍ ପ୍ରସ୍ତୁତ ହୋଇଛି। ଟିକାକରଣ ନିମନ୍ତେ ନାମ ପଞ୍ଜୀକରଣ ପାଇଁ ଏହି ଆପ୍‌କୁ ସାରା ବିଶ୍ୱ ବ୍ୟବହାର କରିପାରିବ। ଯେଉଁ ଦେଶ ଏହାକୁ ବ୍ୟବହାର କରିବାକୁ ଚାହିଁବ, ସରକାର ସେଥିପାଇଁ ସହାୟତା କରିବେ ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ଦେଶରେ ମହାମାରୀ ସ୍ଥିତିରେ ଉନ୍ନତି ଆସୁଛି। ସକ୍ରିୟ ମାମଲା ଓ ନୂଆ ମୃତ୍ୟୁସଂଖ୍ୟା ହ୍ରାସ ପାଉଛି। ଏହି ଟ୍ରେଣ୍ଡ ଜାରି ରହିବା ଆଶା କରାଯାଉଛି ବୋଲି ନୀତି ଆୟୋଗ ସଦସ୍ୟ(ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ କହିଛନ୍ତି। ଦୁଇଟି କରୋନା ଟିକାକୁ ମଞ୍ଜୁରୀ ପ୍ରଦାନରେ ସମସ୍ତ ବୈଜ୍ଞାନିକ ଓ ବୈଧାନିକ ଆବଶ୍ୟକତା ପୂରଣ କରାଯିବା ସହ ନିୟାମକ ନିୟମାବଳୀ ପାଳନ କରାଯାଇଥିବା ସେ ଦୋହରାଇଛନ୍ତି।

### ଫାଇଜର ଟିକା...

ଭାକ୍ସିନ ନେଇଥିଲେ। ଏହା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ଏବଂ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥିଲା ବୋଲି ତାଙ୍କ ବାପା କହିଛନ୍ତି। ନୂଆବର୍ଷ ପରେ ସେ ଜଣେ ବନ୍ଧୁଙ୍କ ଘରକୁ ଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୂର୍ବରୁ ସେ କୌଣସି ରୋଗରେ ମଧ୍ୟ ପୀଡ଼ିତ ନ ଥିଲେ। ଏଥିପାଇଁ ନର୍ସଙ୍କ ବାପା ସରକାରଙ୍କୁ ଦୋଷ ଦେଇଛନ୍ତି। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ତାହାର ତଦନ୍ତ କରାଯିବ ବୋଲି ସେଠାକାର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି।

### ୧ରେ ସାଧାରଣ...

କାର୍ଯ୍ୟକ୍ରମ ରହିଛି। ଏହାପରେ ପହିଲାରେ ବଜେଟ ଆସିବ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ସରକାର ସଂସଦର ଶୀତ ଅଧିବେଶନକୁ ବାତିଲ କରିଥିଲେ। ଏ ନେଇ ସବୁ ଦଳର ନେତାଙ୍କୁ ଅବଗତ କରାଯାଇଥିଲା। ସମସ୍ତେ ଏହି ଅଧିବେଶନ ବାତିଲ ନେଇ ସହମତି ପ୍ରକାଶ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ। କରୋନା ମହାମାରୀ ଲାଗି ଦେଶର ଅର୍ଥ ବ୍ୟବସ୍ଥା ସଙ୍କଟ ଦେଇ ଗତି କରୁଛି। ଅର୍ଥ ବ୍ୟବସ୍ଥାକୁ ଛିଡା କରିବା ଲାଗି ଚଳିତ ବର୍ଷ ବଜେଟରେ ବିଭିନ୍ନ ଦିଗକୁ ସରକାର ପ୍ରାଥମିକତା ଦିଆଯାଉଛି। କରୋନା କଟକଣା ହଟିଥିଲେ ବଜାର ଟ୍ରାକକୁ ସମ୍ପୂର୍ଣ୍ଣ ଫେରିପାରିନାହିଁ। ଏଭଳି ସ୍ଥିତିରେ ସାଧାରଣ ବଜେଟରେ କିଭଳି ରହୁଛି ଦେଖିବାକୁ ବାକି ରହିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର କର୍ମକ୍ଷେତ୍ରରେ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ପରିବାରରେ ଆକସ୍ମିକ କଳହ ଲାଗିବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପୁଞ୍ଜିଲଗାଣ ପାଇଁ ଦିନଟି ବହୁତ ଭଲ। ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ସନ୍ତାନଙ୍କ କୃତୀ ଓ କୃତିତ୍ୱରୁ ଖୁସି ରହିବେ।

**ବୃଷ**
ଆତ୍ମୀୟ ଓ ମିତ୍ରମାନଙ୍କ ସାହାଯ୍ୟ ସହଯୋଗ ନେଇ କାର୍ଯ୍ୟ ହାସଲ କରିବେ। ନୂତନ କର୍ମାରମ୍ଭ କ୍ଷେତ୍ରରେ ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଇ ଋଣଗ୍ରସ୍ତ ହେବାକୁ ପଡ଼ିବ। ଜମିଜମା କିଣାବିକା ବାବଦରେ ରହିଥିବା ସମସ୍ୟା ଦୂରୀଭୂତ ହୋଇଯିବ। ଅନ୍ୟ କାହା କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ**
ବିଶ୍ରାମହୀନ କାମ ଓ ବିଶେଷ ଭ୍ରମଣ କାରଣରୁ ଆକସ୍ମିକ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି। ପରିବାରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇପାରନ୍ତି। ଆର୍ଥିକ ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଘଟିବାରୁ ଖୁସି ହେବେ।

**କର୍କଟ**
ପରିବାରର ବିଭିନ୍ନ ଅସୁବିଧା ବିଷୟ ଚିନ୍ତା କରି ମନରେ ଅସ୍ଥିରତା ଲାଗି ରହିବ। କେତେକ ଖଳପ୍ରକୃତିର ଲୋକମାନେ ଜାଣି ଶୁଣି ବିରୁଦ୍ଧାଚରଣ କରିପାରନ୍ତି। ଆଶା ଓ ବିଶ୍ୱାସ ନେଇ ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। କୌଣସି କ୍ଷେତ୍ରରେ ପୁଞ୍ଜିଲଗାଣ ପାଇଁ ମନ ବଳାଇବେ।

**ସିଂହ**
ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତଭେଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହୋଇପାରନ୍ତି।

**କନ୍ୟା**
ସାମାଜିକ ସ୍ତରରେ ନିଜ ଲୋକଙ୍କୁ ମନେଇ କାମ ହାସଲ କରିବାରେ ସଫଳ ହେବେ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ଭାବପ୍ରବଣବଶତଃ ବନ୍ଧୁ କିମ୍ବା ସହକର୍ମୀଙ୍କୁ ଓଲଟା କଥା କହି ଅପଦସ୍ଥ ହେବେ। କଠୋର ପରିଶ୍ରମଜନିତ କ୍ଳାନ୍ତି ଓ ଅବସାଦ ଅନୁଭବ କରିପାରନ୍ତି।

**ତୁଳା**
ସହକର୍ମୀଙ୍କ ସହ ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ଠିକ୍ ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ ସ୍ପଷ୍ଟବାଦିତା ଓ ସହୃଦୟତା ହେତୁ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଜିଦ୍‌ଖୋର ପ୍ରବୃତ୍ତି ତ୍ୟାଗ କଲେ କେତେକାଂଶରେ ଉପକୃତ ହେବେ। ଆକସ୍ମିକ ଭାବେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବିତ ହେବାର ଆଶଙ୍କା ରହିଛି।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରିଲେ ସଫଳତା ମିଳିବ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ନଚେତ୍ ସମସ୍ୟା ଜାଲରେ ଛନ୍ଦି ହୋଇପଡ଼ିବେ। ସନ୍ଧ୍ୟା ସୁଦ୍ଧା ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ, ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ**
ପୂର୍ବାଲୋଚନାନୁଯାୟୀ ନୂତନ ସ୍ଥାନ ଭ୍ରମଣ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ବିବାଦୀୟ କ୍ଷେତ୍ରରେ ମଧ୍ୟସ୍ଥତା କଲେ ସମାଲୋଚିତ ହେବାକୁ ପଡିବ। ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାକୁ ବଢାଇଦେବ।

**ମକର**
ବନ୍ଧୁଙ୍କ ସହାୟତାରେ ଆର୍ଥିକ ଅନଟନଜନିତ ମନସ୍ତାପ ଦୂରୀଭୂତ ହୋଇଯିବ। ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତତା ବୃଦ୍ଧି ପାଇବ। ନୂତନ କର୍ମାରମ୍ଭ, ଯାନବାହନ କ୍ରୟ, ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ବନ୍ଧୁଙ୍କ ବ୍ୟବହାରରେ ସନ୍ତୋଷ ପ୍ରକାଶ କରିପାରିବେ ନାହିଁ।

**କୁମ୍ଭ**
ନୂତନ ଯୋଜନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଅନ୍ୟମାନଙ୍କ କାନକୁହା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ବନ୍ଧୁ ଅସୁବିଧାରେ ପକାଇବେ ନାହିଁ ବରଂ ସାହାଯ୍ୟ କରିବେ। ବାଦବିବାଦ କ୍ରମେ ଜଟିଳ ହେଲେ ମଧ୍ୟ ଆପଣ ସଫଳତା ହାସଲ କରିବେ।

**ମୀନ**
ପ୍ରତିକୂଳ ସମୟ ଦେଇ ଗତି କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡିକୁ ଅସ୍ୱାଭାବିକ ମନେ କରିବେ। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ କାମ ପୂର୍ଣ୍ଣାଙ୍ଗର ସୁଯୋଗ ପାଇବେ।

ଆଜି ପୌଷ କୃଷ୍ଣ ଅଷ୍ଟମୀ ବୁଧବାର, ଜାନୁୟାରୀ ୬ ତାରିଖ, ସିଦ୍ଧାନ୍ତଦର୍ପଣ ପ୍ରଣେତା ମହାମହୋପାଧ୍ୟାୟ ପଠାଣି ସାମନ୍ତ ଓ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-ହସ୍ତା/କନ୍ୟା ବୃଷ ରାଶିର ଘାତଚନ୍ଦ୍ର। କର୍କଟ ରାଶିର ଘାତବାର। ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୬ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୦୭.୫୩ମି. ଗତେ ଘ.୦୮.୩୭ମି. ମଧ୍ୟେ, ଘ.୧୦.୪୭ମି. ଗତେ ଘ.୧୨.୫୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୭.୧୦ମି. ଗତେ ଘ.୦୭.୫୩ମି. ମଧ୍ୟେ, ଘ.୦୧.୪୧ମି. ଗତେ ଘ.୦୩.୫୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୧୪ମି. ମଧ୍ୟେ ରାହୁକାଳ।


### ବିଷ୍ଣୁପଦଙ୍କ ବିରୋଧରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୫।୧(ବ୍ୟୁରୋ):** ରାଜସ୍ୱ ବିଭାଗ ସଚିବ ବିଷ୍ଣୁପଦ ସେଠୀ ବେଆଇନ ଭାବେ ସମବାୟ ବ୍ୟାଙ୍କରୁ ଟଙ୍କା ଉଠାଇ ନିଜସ୍ୱ ଖର୍ଚ୍ଚ କରିଥିବା ଅଭିଯୋଗ ହୋଇଛି। ଏହି ମାମଲାର ତଦନ୍ତ ପାଇଁ ମଙ୍ଗଳବାର ଲୋକାୟୁକ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୬୦ ଦିନରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ। ମିଳିଥିବା ସୂଚନା ଅନୁଯାୟୀ ଆବେଦନକାରୀ ଶ୍ରୀକାନ୍ତ ପକାଳଙ୍କ ଅଭିଯୋଗର ଶୁଣାଣି କରି ଲୋକାୟୁକ୍ତ ଜଷ୍ଟିସ ଅଜିତ ସିଂ ଓ ସଦସ୍ୟ ଦେବବ୍ରତ ସ୍ୱାଇଁ ଏହି ନିର୍ଦ୍ଦେଶ ଦେଇଛନ୍ତି। ସେଠୀ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡ ମୁଖ୍ୟ ଥିବାବେଳେ ବେଆଇନ ଭାବେ ଅର୍ଥ ଉଠାଣ କରିଥିବା ଅଭିଯୋଗ ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୮ରେ ହେବ।

### ଜାତୀୟ ରାଜପଥରୁ ୩ ଟ୍ରକ ଜବତ

**ଚଣ୍ଡିଖୋଲ,୫।୧(ଡି.ଏନ.ଏ):** ବଡଚଣା ପୋଲିସ ମଙ୍ଗଳବାର ଜାତୀୟ ରାଜପଥରୁ ୩ ଟ୍ରକ ଜବତ କରିଛି। ଜବତ ଟ୍ରକ୍ ନଂ.ଓ.ଆର୦୯ ଏଫ ୭୧୨୭, ଓ.ଆର ୦୪ ଇ ୪୩୯୫, ଓ.ଆର୦୯ଜି୬୧୭୨। ସେଥିମଧ୍ୟରୁ ଗୋଟିଏ ବାଲି, ଦ୍ୱିତୀୟଟି ମାଙ୍କଡା ଓ ତୃତୀୟ ଟ୍ରକରେ କୋଇଲା ଚାଲାଣ ହେଉଥିବା ବଡଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି। ବଡ଼ଚଣା ଥାନା ଅଧୀନ କଡାଇ ଗ୍ରାମରୁ ଏହି କୋଇଲା ବୋଝେଇ ଟ୍ରକ ଜବତ ହୋଇଥିବା ବେଳେ ଗୋଡିମାଗୁରା ନିକଟରୁ ମାଙ୍କଡା ପଥର ବୋଝେଇ ଟ୍ରକକୁ ଯାଞ୍ଚ କରାଯାଇଥିଲା। ଆବଶ୍ୟକ କାଗଜପତ୍ର ନ ଥିବାରୁ ସେହି ଟ୍ରକକୁ ଜବତ କରାଯାଇଥିଲା। ସେହିପରି ବଡଚଣା ଛକରୁ ବେଆଇନ୍ ବାଲି ବୋଝେଇ ଟ୍ରକକୁ ଜବତ କରାଯାଇଛି। ସମସ୍ତ ଟ୍ରକ ମାଲିକଙ୍କ ବିରୋଧରେ ମାମଲା ଦାୟର କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

## classifieds Everyday
0674-2580101, 2549302




**BRIDE WANTED**

WANTED Beautiful Khandayat Bride for Khandayat Boy, 30years, 5'8", Mesha(2/1), working as JRF in reputed technical University. Continuing Ph.D. in Computer Science. Contact: 9437036671. D-19472

Match for my M.Tech (IIT, Bombay)internship (Steinbeis University) Germany qualified Commander Son in Indian Navy. Contact: +919438183860. D-19463

**GROOM WANTED**

Khandayat girl B.Tech, MBA (XIMB), 1992, 5'3" Software engineer (Bangalore) Sangaam. 9338224867, 8249768787. D-70403

ବୟସ34, Government job କରୁଥିବା divorcee Karan ଝିଅଙ୍କ ପାଇଁ ଯେକୌଣସି ଜାତିର ଗରବର ଦରକାର। +917077495623. D-19455

Beautiful girl 25+ Railway 27+ Bank Manager "Suhag" 9938199964, 9090486408. D-69468




**SALE**

Gharabadi Plot with Boundarywall sale at Bankual near Tankapani Road. Rate 1300/- per sqft. Plot size 1200/2000. Call for Details: 9438109040/ 8144658008. D-19473

Tankapani road Sai ମନ୍ଦିର ନିକଟରେ demarcated, developed gharabari plot କିଣନ୍ତୁ। 7008492511. D-69359

ଭୁବନେଶ୍ୱର ସୁନ୍ଦରପଦା Xavier University back sideରେ ଘରବାରି ପ୍ଲଟ୍ ମିଳୁଅଛି। 7848882166. D-70142

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

ଭୁବନେଶ୍ୱର ପାହାଳ NH side ଘରବାରି yellowzone fully developed demarcated ବାସୋପଯୋଗୀ plot road, electricity ଥାଇ ତୁରନ୍ତ ଘର କରନ୍ତୁ। PUJA- 6371970725. D-70145

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

2000sqft. corner plot &1500sqft. middle plot near Mount Litera Zee School, Kateni, Bhubaneswar @ Rs 750/- per sqft. for sale. Immediate contact: 9937162220. D-19465

କଟକ ନନ୍ଦନକାନନ ମଧ୍ୟରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟ ୪୯୯/-ରେ ମିଳୁଛି। 9776862716, 7008068622. D-69358

Only 2Nos. of premium duplex 7BHK left near KIIT Jagannath Mandir 1.15 crore negotiable. 9937095445. D-69600

Bhubaneswar. Khordha NH side Pitapalli Chhaka ନିକଟରେ plot ମିଳୁଛି। 9090963952. D-70141

ପିପିଲି ବଜାରରେ ସଙ୍ଗେସଙ୍ଗେ ଘର କରିବା ପାଇଁ ପ୍ଲଟ୍ କିଣନ୍ତୁ। 8249776268, 8327774136. D-69360

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




1BHK Pent House fully furnished near Regional passport office, Nayapalli, Bhubaneswar. Contact: 9861060973. D-19471

2Room, 3Room with Balcony, 2nd floor at Goutam Nagar near Kalpana Square. Please call: 9437033691. D-70210




Revitalize your self with our ayurvedic massage and refreshment, Call: 7381239385. D-70082

Experience full body massage with expert therapists. Call: 7377048581. D-70083

Refreshing your mind & body with best therapy at Lotus SPA. 8018234866. D-70405

Newly open SPA offer @788/-, positively health benefits, Jaydevbihar. 8114970372. D-19466

ଡା. ଅଞ୍ଜନ ଷଡ଼ଙ୍ଗୀ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଓମ୍ ସେବା ପଲିକ୍ଲିନିକ୍, ସାତ ମହଲା ହସ୍ପିଟାଲ ରୋଡ୍, ବାରିପଦା। Mob: 9861133366, 8917663804. D-19432

Swarna SPA newly open positively health benefits with expert therapist. 9556978408. D-70080

Rejuvenate and Ayurvedic full body massage by smart therapist. 9348123330. D-70081

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ସଞ୍ଜୟ ସିଂ ଏନ୍‌ସିବି ଡିଡିଜି

ଭୁବନେଶ୍ୱର,୫।୧(ବ୍ୟୁରୋ):୧୯୯୬ ବ୍ୟାଚ ଆଇପିଏସ୍ ଅଫିସର ତଥା ପୋଲିସ ଆଧୁନିକୀକରଣର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ରାଜ୍ୟ ସରକାର ମଙ୍ଗଳବାର ତାଙ୍କୁ ଦାୟିତ୍ୱ ମୁକ୍ତ କରିଛନ୍ତି। ସେ କେନ୍ଦ୍ର ସରକାରଙ୍କ ଅଧୀନ ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ଡେପୁଟି ଡାଇରେକ୍ଟର ଜେନେରାଲ ଭାବେ କାର୍ଯ୍ୟରେ ଯୋଗଦେବେ।

# ତେଲ କମ୍ପାନୀ ପରିସରରେ ମାଟି ଅତଡ଼ା ଖସିଲା

## ଜଣେ ଶ୍ରମିକ ମୃତ, କ୍ଷତିପୂରଣ ପାଇଁ ଧାରଣା

**ମହାକାଳପଡ଼ା, ୫।୧ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଗଗୁଆ ଗାଁ ଦେଇ ଭାରତୀୟ ତୈଳ ନିଗମର ପାରାଦୀପ-ହଳଦିଆ ପାଇପ୍ ଲାଇନ ଯାଇଛି। ଗାଁ ନିକଟ ନିୟନ୍ତ୍ରଣ କକ୍ଷ ପରିସର ମଧ୍ୟରେ ଥିବା ଯାନ୍ତ୍ରିକ ସ୍ଥଳରେ ମଙ୍ଗଳବାର ପୂର୍ବାହ୍ନରେ ମାଟି ଖୋଳା ଯାଉଥିଲା। ଏହି ସମୟରେ ହଠାତ୍ ମାଟି ଅତଡା ଖସିଥିଲା। କାର୍ଯ୍ୟରତ ଶ୍ରମିକଙ୍କ ମଧ୍ୟରୁ ଜଣେ ଅତଡା ତଳେ ପୋତି ହୋଇ ଯାଇଥିଲେ। ଅନ୍ୟ ୫ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଥିଲେ। ପୋତି ହୋଇଥିବା ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ପ୍ରଥମେ ବାବର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶ୍ରମିକଙ୍କ ଘର ସ୍ଥାନୀୟ ଗୁଲୁଦିଆ ଗାଁରେ। ସେ ହେଲେ ଖଗେନ ମଣ୍ଡଳ (୫୫)। ଏହା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଲୋକେ କମ୍ପାନୀ ନିୟନ୍ତ୍ରଣ କକ୍ଷ ପରିସରରେ ପହଞ୍ଚି ନାରାବାଜି କରିଥିଲେ। ମୃତକଙ୍କ ସ୍ତ୍ରୀ ସୀତାରାଣୀଙ୍କ ସମେତ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଧାରଣାରେ ବସି ରହିଥିଲେ। ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକ ଅଡି ବସିଛନ୍ତି। ଏ ନେଇ ଖଗେନଙ୍କ ପୁଅ କିଷ୍ଟପଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ମାମଲା (ନଂ. ୩/୨୧) ରୁଜୁ ହୋଇଛି। ଆଇଆଇସି ଜ୍ୟୋତିରଞ୍ଜନ ସ୍ୱାଇଁ ଏକ ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅପରପକ୍ଷେ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କ୍ଷତିପୂରଣ ଦେବାକୁ ଆଶ୍ୱାସନା ଦେଇଛନ୍ତି। ଖବର ଲେଖା ହେଲା ବେଳକୁ ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା ଧାରଣାରେ ବସି ରହିଛନ୍ତି। ବର୍ତ୍ତି ଯାଇଥିବା ଶ୍ରମିକମାନଙ୍କ ମଧ୍ୟରେ ଗୁଲୁଦିଆ ଗାଁର ଗୋପାଳ ମଣ୍ଡଳ ଓ ସୁନିଲ ମଣ୍ଡଳ ପ୍ରମୁଖ ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ଅପରପକ୍ଷେ କାର୍ଯ୍ୟରେ ଲଗାଇଥିବା ଶ୍ରମିକମାନଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ନିରାପତ୍ତା ସକାଶେ ସୁରକ୍ଷା ସରଞ୍ଜାମ, ହେଲ୍‌ମେଟ, ସେଫ୍ଟି ଜୋତା, ଲାଇଫ୍ ଜ୍ୟାକେଟ ଆଦି ଯୋଗା ଯାଇ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି।



ମାଟି ଅତଡ଼ା ଖସିଥିବା ସ୍ଥାନ।






# 'ଫାୟାର ପାର୍କ' ଉଦ୍‌ଘାଟିତ

## ଅନ୍‌ଲାଇନ ପୋର୍ଟାଲ 'ଅଗ୍ନିଶମ ସେବା'ର ଶୁଭାରମ୍ଭ





ଫାୟାର ପାର୍କରେ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭା କୌଶଳ ଦେଖାଉଛନ୍ତି। ପାର୍କକୁ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉପସ୍ଥିତ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

**ଭୁବନେଶ୍ୱର, ୫।୧ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭର୍ଚୁଆଲ୍ ମାଧ୍ୟମରେ ଭୁବନେଶ୍ୱରଠାରେ 'ଫାୟାର ପାର୍କ' ଉଦ୍‌ଘାଟନ କରିବା ସହ ଓଡ଼ିଶା ଅଗ୍ନିଶମ ସେବାର ପ୍ରଭାବୀ ଅନ୍‌ଲାଇନ ପୋର୍ଟାଲ 'ଅଗ୍ନିଶମ ସେବା'ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅନଲାଇନ ସେବା ଜନସାଧାରଣ, ବିଶେଷକରି ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ମୌଳିକ ଅଗ୍ନି ନିରାପତ୍ତା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସଚେତନ କରାଇବ । ନାଗରିକମାନଙ୍କୁ ସୁରକ୍ଷା ସମ୍ପର୍କିତ କାର୍ଯ୍ୟ କରିବାରେ ଯଥାର୍ଥ ଦିଗ୍‌ଦର୍ଶନ ଦେବା ପାଇଁ ଏହା ନିଃସନ୍ଦେହରେ ଏକ ଉପଯୁକ୍ତ ଉଦ୍ୟମ। ଅଗ୍ନିଶମ ସେବା ପୋର୍ଟାଲ୍ ମାଧ୍ୟମରେ ୧୬ଟି ସେବା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ମୋ ସରକାର' ଅଧୀନରେ ଜନସାଧାରଣଙ୍କୁ ଅବାଧ ଓ ସମୟୋପଯୋଗୀ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ ମତାମତ ସଂଗ୍ରହକୁ ଗୁରୁତ୍ୱ ଦେବା ସକାଶେ ଅଗ୍ନିଶମ ବିଭାଗକୁ ସେ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ମହାମାରୀରେ ଓଡ଼ିଶା ଅଗ୍ନିଶମ ବିଭାଗର ଭୂମିକାକୁ ଉଚ୍ଚ ପ୍ରଶଂସା କରିବା ସହିତ ଜଟିଳ କୋଭିଡ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ବ୍ୟାପକ ଭାବରେ ପ୍ଲାଜ୍‌ମା ଦାନ କରିଥିବାରୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । ସେହିପରି ଗତବର୍ଷ ଅଗଷ୍ଟରେ ସଂଘଟିତ ଅମ୍ଫନ ବାତ୍ୟା ଏବଂ ଭୟଙ୍କର ବନ୍ୟା ସମୟରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟରେ ମଧ୍ୟ ଓଡ଼ିଶା ଅଗ୍ନିଶମ ବିଭାଗ ଯଥେଷ୍ଟ କାର୍ଯ୍ୟ କରିଛି । ଅଗ୍ନିଶମ ବିଭାଗ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ସାଧାରଣ ସେବା ବ୍ୟବସ୍ଥାରେ ଆଖିଦୃଶିଆ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା, ଅଗ୍ନିଶମ ବିଭାଗ ଡିଜି ସତ୍ୟଜିତ ମହାନ୍ତିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପାକିସ୍ତାନ ଫେରନ୍ତା ନିଖୋଜ ବିର୍ଜୁ ତାଳଚେରରୁ ଉଦ୍ଧାର

**ସୁନ୍ଦରଗଡ଼/କୁତ୍ରା/ତାଳଚେର, ୫।୧ (ଡି.ଏନ.ଏ)**

ପାକିସ୍ତାନର ଲାହୋର ଜେଲ୍‌ରେ ସଜା କାଟି ସ୍ୱଦେଶ ଫେରିବା ପରେ ନିଖୋଜ ଥିବା ବିର୍ଜୁ କୁଲୁଙ୍କ ପତ୍ତା ମିଳିଛି। ତାଙ୍କୁ ଅନୁଗୋଳ ଜିଲା ତାଳଚେରର ଏକ ବିଶ୍ରମାଗାରରୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ମଙ୍ଗଳବାର କୁତ୍ରା ଥାନା ଆଇଆଇସି ସୁଶାନ୍ତ କୁମାର ପରିଡାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ତାଳଚେର ଯାଇଛନ୍ତି। ସେମାନେ ବିର୍ଜୁଙ୍କୁ ଧରି ବୁଧବାର ସକାଳେ କୁତ୍ରାରେ ପହଞ୍ଚିବେ ବୋଲି ବୋଲି ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ, ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଧୀନ କଟଙ୍ଗ ପଞ୍ଚାୟତ ଡଙ୍ଗରପଡାରେ ବିର୍ଜୁ କୁଲୁଙ୍କ ଘର। ସେ ଆଜିକୁ ୨୫ ବର୍ଷ ତଳେ କାମ ପାଇଁ ରାଞ୍ଚି ଯାଇଥିଲେ। ସେଠାରେ ଏକ ହୋଟେଲରେ କାମ କରୁଥିବା ବେଳେ ମାନସିକ ଅବସ୍ଥା ବିଗିଡ଼ି ଯିବାରୁ ସେ ପାକିସ୍ତାନ ଚାଲିଯାଇଥିଲେ। ବିର୍ଜୁ ଲାହୋର ଜେଲରେ ୨୦ ବର୍ଷ ବନ୍ଦୀ ଜୀବନ କାଟିବା ପରେ ତାଙ୍କୁ ଗତ ନଭେମ୍ବର ମାସରେ ପାକିସ୍ତାନ ସରକାର ଭାରତକୁ ପ୍ରତ୍ୟର୍ପଣ କରିଥିଲେ। ଏହାପରେ ନଭେମ୍ବର ୧୩ରେ ଜିଲା ପ୍ରଶାସନ ସହଯୋଗରେ ତାଙ୍କୁ ନିଜ ଗାଁ ବିରଙ୍ଗାଟୋଲିକୁ ଅଣାଯାଇଥିଲା। ସେଠାରେ ତାଙ୍କ ଭଉଣୀ ବେର୍ଣ୍ଣାଡେଥ କୁଲୁଙ୍କ ଘରେ ରହୁଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ ରାସନ କାର୍ଡ ଦିଆଯିବା ସହ ୨ ମାସର ଆଗୁଆ ରାସନ ଦିଆଯାଇଥିଲା ଏବଂ ଘର ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଗତ ୨ତାରିଖ ବିଳମ୍ବିତ ରାତିରେ ବିର୍ଜୁ ପୁଣି କୁଆଡେ ନିଖୋଜ ହୋଇଯାଇଥିଲେ। ଖୋଜାଖୋଜି କରିବା ପରେ କୌଣସି ପତ୍ତା ନ ମିଳିବାରୁ ତାଙ୍କ ଭଉଣୀ ରବିବାର ରାତିରେ କୁତ୍ରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ବିର୍ଜୁଙ୍କ ଫଟୋ ବିଭିନ୍ନ ଥାନାକୁ ପଠାଇ ତନାଘନା ଚଳାଇଥିଲା।



ବିର୍ଜୁ କୁଲୁ

# ହାସ୍ୟ ଅଭିନେତା ଶିବୁ ଦାଦାଙ୍କ ପରଲୋକ

**ଯାଜପୁର ଟାଉନ,୫।୧ (ଡି.ଏନ୍.ଏ.)**

ଯାଜପୁର ଜିଲାର ଜଣେ ଜଣାଶୁଣା ହାସ୍ୟ ଅଭିନେତା ଦେବାଶିଷ ବୋଷ ଓରଫ ଶିବୁଦାଦାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି । ତାଙ୍କୁ ୪୨ ବର୍ଷ ବୟସ ହୋଇଥିଲା। କେବଳ ଅଭିନୟ ନୁହେଁ ମଞ୍ଚ ସଜ୍ଜାଠାରୁ ଆରମ୍ଭ କରି ଚିତ୍ରନାଟ୍ୟ ଓ ନାଟକ ପରିଚାଳନା ଦିଗରେ ଶିବୁଦାଦା ବେଶ୍ ପାରଙ୍ଗମ ଥିଲେ। ଆହ୍ୱାନ ନାଟ୍ୟ ଅନୁଷ୍ଠାନର ଏହି ବରିଷ୍ଠ କର୍ମକର୍ତ୍ତାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ବିଷ୍ଣୁଦତ୍ତ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ବିଶ୍ୱଜିତ ସାହୁ, ଉପଦେଷ୍ଟା ପାଣ୍ଡବ ସାହୁ, ସଭ୍ୟ ଓମପ୍ରକାଶ ପଣ୍ଡା, ସତ୍ୟାନନ୍ଦ ନାୟକ, ଜୟଦେବ ରାଉତ ପ୍ରମୁଖ ଏଥିରେ ଯୋଗଦେଇ ଶିବୁଦାଦାଙ୍କ ବହୁମୁଖୀ ପ୍ରତିଭା ଓ ତାଙ୍କର ଅମାୟିକ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ ।

### ଆଜିର ମନ୍ତବ୍ୟ

ସରକାର ଅହଂକାର ତ୍ୟାଗ କରି କୃଷି ଆଇନକୁ ପ୍ରତ୍ୟାହାର କରନ୍ତୁ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## । ପର୍ଯ୍ୟଟନସ୍ଥଳୀ ।

# 'ଟୁଙ୍କି' ଜଳପ୍ରପାତ



'ଟୁଙ୍କି' ଜଳପ୍ରପାତ

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନର ସବୁଜ ସୁନ୍ଦର ଓ ପ୍ରାକୃତିକ ଶୋଭା ଅନେକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସୁଉଚ୍ଚ ପାହାଡ଼ରୁ ଝରୁଥିବା ଜଳ ସାଙ୍ଗକୁ ପଶୁପକ୍ଷୀଙ୍କ କଳରବ ପରିବେଶକୁ କରେ ଆନନ୍ଦମୁଖର। ଏଇଥି ପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମେ ଶିମିଳିପାଳ ସଂଲଗ୍ନ ବିଭିନ୍ନ ପିକିନିକ୍ ସ୍ପଟ୍‌ରେ। ଖୁଣ୍ଟା ବ୍ଲକ ଭୋଳାଗଡ଼ିଆ ପଞ୍ଚାୟତର ଡବକ ନୂଆଗାଁ ନିକଟସ୍ଥ ଶିମିଳିପାଳ କୋର୍ ଅଞ୍ଚଳରେ ରହିଛି 'ଟୁଙ୍କି ଜଳପ୍ରପାତ'। ଏହାକୁ ବନବାସୀମାନେ 'ଟୁଙ୍କି ବୁରୁ' ବୋଲି ନାମକରଣ କରିଛନ୍ତି। ଆଦିବାସୀ ସମ୍ପ୍ରଦାୟର ଲୋକେ ବଣ, ପାହାଡ଼, ଗଛଲତାକୁ ଭଗବାନ ସଦୃଶ ପୂଜା କରିଥାନ୍ତି। ପାହାଡ଼ର ଶୀର୍ଷଟି ପ୍ରଭୁ ମହାଦେବଙ୍କ ପ୍ରତିକୃତି ସଦୃଶ ହୋଇଥିବାରୁ ଅଞ୍ଚଳବାସୀ ଏଭଳି ନାମକରଣ କରିଛନ୍ତି। ଏଠାରେ ବର୍ଷସାରା ପାଣି ଝରୁଥିବା ବେଳେ ପାହାଡ଼ ଚଢ଼ିବାର ମଜା ନିଆରା। ଲୁକ୍କାୟିତ ହୋଇ ରହିଥିବା ଏହି ମନୋରମ ଜଳପ୍ରପାତ ପାଖକୁ ଯିବାକୁ ରହିଛି ଚଲାପଥ। ପାହାଡ଼ ଚଢ଼ିଲେ ଗୋଟିଏ ସ୍ଥାନରେ ଥିବା ଦୁଇଟି ଜଳପ୍ରପାତ ଦେଖିବାକୁ ମିଳିବ। ଏହି ସ୍ଥାନଟି ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ପର୍ଯ୍ୟଟକଙ୍କୁ ସହଯୋଗ କରିବା ପାଇଁ ଟୁଙ୍କି କମିଟି ନାମକ ଯୁବକ ସଂଘ କାର୍ଯ୍ୟ କରୁଛି। କୌଣସି ପର୍ଯ୍ୟଟକ ଅସୁବିଧାରେ ପଡ଼ିଲେ କମିଟି ପକ୍ଷରୁ ତୁରନ୍ତ ସେବା ଯୋଗାଇ ଦିଆଯାଉଛି।

### କେମିତି ଯିବେ

ଉଦଳା-ବାରିପଦା ରାସ୍ତାର ଖୁଣ୍ଟା କଲେଜ ଛକରୁ ୧୩ କି.ମି. ଦୂରରେ ଏହା ଅବସ୍ଥିତ। ପ୍ରଧାନମନ୍ତ୍ରୀ ସଡ଼କ ଦେଇ ୧୦ କି.ମି. ଯିବା ପରେ ଅବଶିଷ୍ଟ ମାଟି ମୋରମ ରାସ୍ତାରେ ଯିବାକୁ ପଡ଼ିବ। ଚାରିଚକିଆ ଯାନ, ମୋଟରସାଇକେଲ ଓ ବସ୍‌ଗୁଡ଼ିକ ରଖିବା ପାଇଁ ବିସ୍ତୀର୍ଣ୍ଣ ପଡ଼ିଆ ରହିଛି।

– ରିପୋର୍ଟ: ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା ଅଫିସ

# ବାପଘରକୁ ନେବା ବାଟରେ ସ୍ତ୍ରୀଙ୍କୁ ମାରିଦେଲେ

- ପାରିବାରିକ କଳହର କୁପରିଣତି
- ଥାନାରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ଉମରକୋଟ, ୫।୧(ସ୍ୱ.ପ୍ର.)**

ପାରିବାରିକ କଳହକୁ କେନ୍ଦ୍ର କରି ମଙ୍ଗଳବାର ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ୟୁଭି-୫୨ ଗ୍ରାମର ବିପ୍ଳବ ବିଶ୍ୱାସ ତାଙ୍କ ସ୍ତ୍ରୀ ସିପ୍ରାଙ୍କୁ ହତ୍ୟା କରିଛନ୍ତି। ଏହାପରେ ବିପ୍ଳବ ଉମରକୋଟ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ପ୍ରକାଶ ଯେ, ବିପ୍ଳବ ଦେଢ଼ବର୍ଷ ତଳେ ମୂର୍ତ୍ତିମା ଗ୍ରାମର ସିପ୍ରାଙ୍କୁ ବିବାହ କରିଥିଲେ। ସେମାନଙ୍କର ଦେଢ଼ମାସର ଏକ କନ୍ୟା ସନ୍ତାନ ଅଛି। ବିଭିନ୍ନ କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗୁଥିଲା। ବିପ୍ଳବ ଅନେକ ସମୟରେ ସିପ୍ରାଙ୍କୁ ମାର୍‌ପିଟ୍ ମଧ୍ୟ କରୁଥିଲେ। ସିପ୍ରାଙ୍କ ବାପଘର ଲୋକେ ଜାଣିବା ପରେ ଏହାକୁ ନେଇ ଏକ ମିଟିଂ କରାଯାଇଥିଲା। କିଛିଦିନ ସିପ୍ରା ବାପଘରେ ରହିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମଙ୍ଗଳବାର ବିପ୍ଳବ ଶିଶୁକନ୍ୟା ଓ ସିପ୍ରାଙ୍କୁ ଶ୍ୱଶୁରଘରକୁ ଛାଡିବାକୁ ଯାଇଥିଲେ। ଏହି ସମୟରେ ଚିକଲପଦର-ଅଧିକାରୀଗୁଡା ରାସ୍ତାରେ ଗାଡ଼ି ଅଟକାଇ ସିପ୍ରାଙ୍କ ଶାଢ଼ି ଚିରି ତାଙ୍କ ବେକରେ ଗୁଡ଼ାଇ ଶ୍ୱାସରୁଦ୍ଧ କରିବା ପରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଏହାପରେ ଶିଶୁକନ୍ୟାକୁ ଅଧିକାରୀଗୁଡା ଗ୍ରାମର ଜଣଙ୍କ ଘରେ ଛାଡି ଉମରକୋଟ ଥାନାରେ ଆତ୍ମସମର୍ପଣ କରିଥିଲେ। ଥାନାରେ ମାମଲା (ନଂ.୭/୨୧) ରୁଜୁ କରାଯାଇ ଥାନାଧିକାରୀ ନରେଶ କୁମାର ପ୍ରଧାନ ଓ ଏସ୍‌ଡିପିଓ ହେମନ୍ତ କୁମାର ପାଢ଼ୀ ଏକ ଟିମ୍ ସହଯାଇ ମୃତଦେହକୁ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତଙ୍କୁ କଠୋରରୁ ଅତି କଠୋର ଦଣ୍ଡ ଦେବାକୁ ସିପ୍ରାଙ୍କ ବାପା ଦାବି କରିଛନ୍ତି।



ଅଭିଯୁକ୍ତ ବିପ୍ଳବ ବିଶ୍ୱାସ

# ରାଜ୍ୟସ୍ତରୀୟ ଚାରୁକଳା ପୁରସ୍କାର ଘୋଷଣା

## ବିଭିନ୍ନ ବିଭାଗରେ ପୁରସ୍କୃତ ହେବେ ୮ ଶିଳ୍ପୀ

**ଭୁବନେଶ୍ୱର,୫।୧(ବ୍ୟୁରୋ)**

ଓଡ଼ିଶା ଲଳିତକଳା ଏକାଡେମୀର ୨୦୨୦-୨୧ ମସିହା ପାଇଁ ରାଜ୍ୟ ପୁରସ୍କାର ଘୋଷଣା କରାଯାଇଛି। ଚଳିତବର୍ଷ ୩୯ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ନିମନ୍ତେ ରାଜ୍ୟର ୫୧୫ ଶିଳ୍ପୀଙ୍କଠାରୁ ୮୨୯ କଳାକୃତିର ଫଟୋଚିତ୍ର ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରଥମ ପର୍ଯ୍ୟାୟ ବିଚାରକ ମଣ୍ଡଳୀଙ୍କ ସୁପାରିସ ଅନୁସାରେ ୨୩୭ଜଣ ଶିଳ୍ପୀ ସେମାନଙ୍କ କଳାକୃତି ଏକାଡେମୀ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ୨ୟ ପର୍ଯ୍ୟାୟ ବିଚାରକ ମଣ୍ଡଳୀ ସେଥିରୁ ୮ଜଣ ଶିଳ୍ପୀଙ୍କୁ ସେମାନଙ୍କ ଶ୍ରେଷ୍ଠ କୃତି ପାଇଁ ପୁରସ୍କାର ପ୍ରଦାନ ନିମନ୍ତେ ସୁପାରିସ କରିଛନ୍ତି। ଭାସ୍କର୍ଯ୍ୟରେ ବିଶ୍ୱରଞ୍ଜନ କର ଏବଂ ସୁଧୀରଞ୍ଜନ ମହାରଥା, ମୁଦ୍ରଣକଳାରେ ସୁଜିତ୍ କୁମାର ସ୍ୱାଇଁ, ଚିତ୍ରରେ ବିକାଶଚନ୍ଦ୍ର ସେନାପତି, ଜଳରଙ୍ଗରେ ସୂର୍ଯ୍ୟକାନ୍ତ ସ୍ୱାଇଁ, ଚିତ୍ରରେ ଅନୁପ କୁମାର ଚାନ୍ଦ, ଜ୍ୟୋତିପ୍ରକାଶ ସେଠୀ, ପାରମ୍ପରିକ ଚିତ୍ରରେ ପ୍ରମୋଦ କୁମାର ମହାରଣା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଏକ ସ୍ୱତନ୍ତ୍ର ଉତ୍ସବରେ ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯିବ। ପୁରସ୍କୃତ ରାଶିସ୍ୱରୂପ ୨ଲକ୍ଷ ଟଙ୍କାର ଅର୍ଥରାଶି ସହ ତାମ୍ରଫଳକ, ପ୍ରମାଣ ପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ। ଏହି ଅବସରରେ ଏକାଡେମୀ ପକ୍ଷରୁ ଚିତ୍ର ପ୍ରଦର୍ଶନୀରେ ସ୍ଥାନ ପାଇଥିବା କଳାକୃତିଗୁଡ଼ିକର ଏକ ରଙ୍ଗିନ ଚିତ୍ରପୁସ୍ତିକା ଉନ୍ମୋଚିତ କରାଯିବ। ଏକାଡେମୀର କାର୍ଯ୍ୟକ୍ରମ ସମିତି ସଦସ୍ୟ ପଞ୍ଚାନନ ସାମଲ, ଅକ୍ଷୟ କୁମାର ସାମଲ, ଶ୍ୟାମସୁନ୍ଦର ମେହେରଙ୍କ ଦ୍ୱାରା ଅନୁମୋଦିତ ହୋଇ ପୁରସ୍କାର ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଓଏସ୍‌ଡି ମନସ୍ୱିନୀ ସାହୁ ଏବଂ ଏକାଡେମୀର ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।













ଧରିତ୍ରୀ
DHARITRI
ବୁଧବାର, ୬ ଜାନୁୟାରୀ, ୨୦୨୧

ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। -ଶ୍ରୀଅରବିନ୍ଦ



# ମୂଳୁ ମାଇଲେ

ଦିଲ୍ଲୀର ଇଣ୍ଡିଆ ଗେଟ୍ ନିକଟରେ ନୂଆ ପାର୍ଲାମେଣ୍ଟ କମ୍ପ୍ଲେକ୍ସ ନିର୍ମାଣକୁ ସୁପ୍ରିମକୋର୍ଟ ୫ ଜାନୁୟାରୀ ୨୦୨୧ରେ ଅନୁମତି ଦେଇଛନ୍ତି। ଜଷ୍ଟିସ୍ ଏ. ଏମ୍. ଖାନ୍ୱିଲକର ଓ ଜଷ୍ଟିସ୍ ଦିନେଶ ମାହେଶ୍ୱରୀ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ସପକ୍ଷରେ ରାୟ ଦେଇଥିବା ବେଳେ ଜଷ୍ଟିସ୍ ସଞ୍ଜୀବ ଖାନା ଭିନ୍ନ ମତ ରଖିଛନ୍ତି। ମାଷ୍ଟରପ୍ଲାନ୍‌ରେ ଦର୍ଶାଯାଇଥିବା ଜମି ବ୍ୟବହାର ନିୟମରେ ପରିବର୍ତ୍ତନ ଅଣାଯାଇଥିବାରୁ ଜଷ୍ଟିସ୍ ଖାନା ଅନ୍ୟ ଦୁଇ ପିଚାରପତିଙ୍କ ରାୟ ସହ ଏକମତ ହୋଇନାହାନ୍ତି। ସେହିଭଳି ଏହି ପ୍ରକଳ୍ପ ଲାଗି ଜନଶୁଣାଣି ଉପରେ ସେ ଗୁରୁତ୍ୱ ଦେବା ସହ ହେରିଟେଜ୍ କଞ୍ଜରଭେଶନ୍ କମିଟିର ଅନୁମୋଦନ ନିତାନ୍ତ ଦରକାର ବୋଲି କହିଛନ୍ତି। ଅନ୍ୟପକ୍ଷରେ ଯେହେତୁ ୨:୧ ଅନୁପାତରେ ରାୟ ପ୍ରକାଶ ପାଇଛି, ସରକାର ଏହି କାର୍ଯ୍ୟକୁ ଆଗେଇ ନେବା ଲାଗି ସବୁଜ ସଙ୍କେତ ପାଇଗଲେ ବୋଲି ଧରିନେବେ। ୧୦ ଡିସେମ୍ବର ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଭୂମିପୂଜା କରିଥିଲେ। ନିର୍ମାଣ ପାଇଁ କୋର୍ଟଙ୍କ ରାୟକୁ କେବଳ ଅପେକ୍ଷା ଥିଲା।

ପାର୍ଲାମେଣ୍ଟ ଭବନ ସୁଦୃଢ଼ ଥିବା ବେଳେ ଏପରି ଏକ ବୃହତ୍ ପ୍ରକଳ୍ପର ଆବଶ୍ୟକତା କ'ଣ ଅଛି ବୋଲି ବିରୋଧୀ ଦଳ ସମେତ ସାମାଜିକ କର୍ମକର୍ତ୍ତାମାନେ ଅଭିଯୋଗ କରିଆସୁଛନ୍ତି। ସରକାର ସଫେଇ ଦେଉଛନ୍ତି ଯେ, ବ୍ରିଟିଶ ଅମଳରେ ନିର୍ମାଣ ହୋଇଥିବା ପାର୍ଲାମେଣ୍ଟରେ କମ୍ ଜାଗା ଅଛି। ସେହିପରି ସେଥିରେ କୌଣସି ଅଗ୍ନି ନିର୍ବାପକ ଓ ଭୂକମ୍ପ ସହନକାରୀ ବ୍ୟବସ୍ଥା ନାହିଁ। ଏଥିରେ ସମସ୍ତ କେନ୍ଦ୍ରୀୟ ମନ୍ତ୍ରଣାଳୟ ରହିବା ଲାଗି ଯୋଜନା କରାଯାଇଥିବାରୁ ତାହା ସରକାରଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ସରକାରଙ୍କ ପକ୍ଷରୁ କୋର୍ଟରେ ଏହା ମଧ୍ୟ ଯୁକ୍ତି ରଖାଯାଇଥିଲା ଯେ, ସେଣ୍ଟ୍ରାଲ ଭିଷ୍ଟା ସରକାରଙ୍କ ଏକ ନୀତିଗତ ନିଷ୍ପତ୍ତି। ମୌଳିକ ଅଧିକାର କ୍ଷୁଣ୍ଣ ହେଉ ନ ଥିଲେ କୋର୍ଟ ଏହାକୁ ବାତିଲ କରିପାରିବେ ନାହିଁ ବୋଲି ସରକାର କହିଥିଲେ।

ନୂଆ ଭାରତ ନିର୍ମାଣ ଲାଗି କେନ୍ଦ୍ର ସରକାର ବିଭିନ୍ନ ଯୁକ୍ତିର ସାହାରା ନେଇ ସେଣ୍ଟ୍ରାଲ ଭିଷ୍ଟାକୁ ସମର୍ଥନ କରିପାରନ୍ତି। କିନ୍ତୁ ନୂଆ ନିର୍ମାଣର ଅର୍ଥ ନୁହେଁ ଇଟା, ସିମେଣ୍ଟ ପାଇଁ ଏବେ ୨୦ ହଜାର କୋଟି ଟଙ୍କାର ଏକ ନୂଆଦିଲ୍ଲୀ ଗଠନ କରିବା। ନୂଆ ଭାରତ ତିଆରି କରିବାକୁ ହେଲେ ସର୍ବନିମ୍ନ ସ୍ତରରେ ବଞ୍ଚୁଥିବା ଭାରତୀୟ ନାଗରିକ ପାଖରେ ମୌଳିକ ସୁବିଧା ପହଞ୍ଚାଇବା। ଯେତେବେଳେ ନ୍ୟାୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ଏବଂ ବାରମ୍ବାର କୁହାଯାଉଛି ସୁପ୍ରିମ୍‌କୋର୍ଟଙ୍କଠାରୁ ଆରମ୍ଭକରି ନିମ୍ନ ଅଦାଲତ ପର୍ଯ୍ୟନ୍ତ ଅନେକ ଲକ୍ଷ ମକଦ୍ଦମା ପଡ଼ିରହିଛି, ସେତେବେଳେ ସେହି ପରିସ୍ଥିତିର ସୁଧାର ଆଣିବା ହେବାକଥା ନୂଆ ଭାରତ ଲକ୍ଷ୍ୟ। ଯେତେବେଳ ପର୍ଯ୍ୟନ୍ତ ଦେଶବ୍ୟାପୀ ଗ୍ରାମାଞ୍ଚଳରେ ୨୪ ଘଣ୍ଟିଆ ବିଜୁଳି, ପାନୀୟଜଳ ପ୍ରତ୍ୟେକ ବାସଗୃହରେ ପହଞ୍ଚି ନାହିଁ, ସେତେବେଳ ପର୍ଯ୍ୟନ୍ତ ନୂଆ ଭାରତ କେବଳ ଏକ ସ୍ଲୋଗାନ। ଯେ ପର୍ଯ୍ୟନ୍ତ ସାଧାରଣ ଭାରତୀୟ ନାଗରିକଙ୍କ ନିକଟରେ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପହଞ୍ଚି ପାରିନାହିଁ, ସେ ପର୍ଯ୍ୟନ୍ତ ନୂଆ ଭାରତ ନାମ ଉଚ୍ଚାରଣ କରିବା ମହାପାପ। ଏହା ସହିତ ଆହୁରି ଅନେକ ଚାହିଦା ରହିଛି, ଯାହାକି ପ୍ରତ୍ୟେକ ନାଗରିକର ବଞ୍ଚିବା ପାଇଁ ଦରକାର। ସେଗୁଡ଼ିକୁ ଯୋଗାଇବା ହେଉଛି ନୂଆ ଭାରତ ଗଠନ କରିବାକୁ ଇଚ୍ଛୁକ ସରକାରର ପ୍ରଥମ ଦାୟିତ୍ୱ। କିନ୍ତୁ ଦୁଃଖର ବିଷୟ ଯେ, ମୌଳିକ ଆବଶ୍ୟକତାଗୁଡ଼ିକୁ ଅଣଦେଖା କରି ଇତିହାସ ସୃଷ୍ଟି କରିବାର ଉଦ୍ଦେଶ୍ୟ ଅନେକଙ୍କ ମୁଣ୍ଡରେ ପାଗଳାମି ଭାବେ ଜୁଟିଛି।

ମନେରଖିବାକୁ ହେବ ଯେ, କୌଣସି ଜାତିର ଇତିହାସକୁ ଲିଭେଇ ଇତିହାସ ସୃଷ୍ଟି କରାଯାଏ ନାହିଁ। ଯେଉଁ ଦେଶରେ ଏଭଳି ପ୍ରଚେଷ୍ଟା କରାଯାଇଛି, ଖୁବ୍ ଅଳ୍ପ ସମୟରେ ସେହିସବୁ ଦେଶ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଇଛି। ଏଠାରେ ସବୁଠାରୁ ଉପଯୁକ୍ତ ଉଦାହରଣ ଭାବେ ସୋଭିଏଟ୍ ରୁଷିଆର କଥା ଦୋହରା ଯାଇପାରେ। ୪୦୦ ବର୍ଷର ଜାର୍ ସାମ୍ରାଜ୍ୟକୁ ଧ୍ୱଂସ କରି ଗଢ଼ିଉଠିଥିବା ସୋଭିଏଟ୍ ସଂଘ ମାତ୍ର ୬୯ ବର୍ଷରେ ଭାଙ୍ଗି ଚୂରମାର ହୋଇଗଲା। ଆଜିର ଭାରତରେ ଏଭଳି ଅନେକେ ଅଛନ୍ତି, ଯେଉଁମାନେ ଏହାର କାରଣ ଭାବେ କମ୍ୟୁନିଷ୍ଟ ଶାସନକୁ ଦର୍ଶାଇବେ। ବୋଲ୍‌ସେଭିକ୍ ବିଦ୍ରୋହ ପରେ ଦୀର୍ଘ ସମୟର ଜାର୍ ଇତିହାସକୁ ଧ୍ୱଂସ କରିଦିଆଗଲା। ଅନ୍ୟପଟେ ସେହିଭଳି କମ୍ୟୁନିଷ୍ଟ ଚିନ୍ତାଧାରାର ମାଓ ସେ-ତୁଙ୍ଗ୍ ଚାଇନାରେ ବିପ୍ଳବ ଆଣିଲେ, କିନ୍ତୁ ଇତିହାସକୁ ଧ୍ୱଂସ କଲେ ନାହିଁ। ସେହି କମ୍ୟୁନିଷ୍ଟ ଦଳ ଦ୍ୱାରା ଚାଇନା ଆଜି ପୃଥିବୀର ସର୍ବବୃହତ୍ ଶକ୍ତିଶାଳୀ ଦେଶ ଭାବେ ଗଢ଼ିଉଠିଛି। କୁହାଯାଉଛି ଯେ, ୨୦୨୮ ମସିହା ବେଳକୁ ଚାଇନାର ଜିଡିପି ଆମେରିକା ଜିଡିପିଠାରୁ ଅଧିକ ହୋଇଯିବ। ଏହା ବ୍ୟତୀତ ଯେଉଁମାନେ ପୃଥିବୀ ଭ୍ରମଣ କରିଥିବେ ସମସ୍ତେ ସ୍ୱୀକାର କରିବେ ଯେ, ଅନ୍ୟ ଦେଶଗୁଡ଼ିକରେ ସବୁ ଇତିହାସକୁ ସାଇତିକରି ଜଗି ରଖିଛନ୍ତି। ନିଜର ଇତିହାସ ମଣିଷ ଜାତିକୁ ପ୍ରେରଣା ଦେବା ସହ ପୂର୍ବର ଦୋଷତ୍ରୁଟି ସମ୍ପର୍କରେ ମନେପକାଇଥାଏ। ଭିଏତ୍‌ନାମ ଭଳି ଏକ କ୍ଷୁଦ୍ର ଦେଶ ମଧ୍ୟ ତାହାର ଆମେରିକା ସହ ଦୀର୍ଘଦିନର ଯୁଦ୍ଧ ଇତିହାସକୁ ବହୁତ ସ୍ନେହର ସହ ବଞ୍ଚାଇ ରଖିଛି। ତା'ଫଳରେ ସେହି ଦେଶର ଯୁବପିଢ଼ି ପୂର୍ବପୁରୁଷଙ୍କ ବଳିଦାନକୁ ମନେରଖିଛି। ଆଜି ଦିଲ୍ଲୀର ଇତିହାସ ବଦଳାଇଲା ବେଳକୁ କୁହାଯାଉଛି ଯେ, କଳଙ୍କିତ ମୁସଲମାନ ମୋଗଲ ଏବଂ ଖ୍ରୀଷ୍ଟିଆନ ଗୋରାଙ୍କ ଛାପ ଲିଭାଇ ଦିଆଯିବ। ଏଭଳି କହୁଥିବା ବ୍ୟକ୍ତି ନିଜ ପୂର୍ବପୁରୁଷଙ୍କ ଅନ୍ତର୍ଘାତୀ କାର୍ଯ୍ୟକୁ ଭୁଲିବାକୁ ଚାହୁଁଛନ୍ତି। ଏହି ମାଟି ଉପରେ ନିଜର କ୍ଷମତା ଜାହିର କରିବା ପାଇଁ ଇଚ୍ଛୁକ ମୁସଲମାନ ଶାସକମାନଙ୍କୁ ଭାରତରେ ପ୍ରବେଶ ଦ୍ୱାର କିଏ ଖୋଲିଥିଲା ତାହା ଇତିହାସ ପଢ଼ିଥିବା ପ୍ରତ୍ୟେକ ଭାରତୀୟ ଜାଣିଛନ୍ତି। ସେହିଭଳି ବ୍ୟବସାୟ କରିବାକୁ ଆସିଥିବା ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଶାସନ ଗାଦିରେ ବସାଇବା ପାଇଁ ସୁଯୋଗ କିଏ ଦେଇଥିଲା ମଧ୍ୟ ଇତିହାସ ଆମକୁ ଜଣାଇଛି। ମନେରଖିବାକୁ ହେବ ଯେ, ଭାରତ ମାଟିରେ ଖ୍ରୀଷ୍ଟିଆନ କିମ୍ବା ମୁସଲମାନ ଧର୍ମ ଜନ୍ମ ନେଇ ନ ଥିଲେ। ସବୁ କେଳେଙ୍କାରୀ ପଛରେ ଏହି ଦେଶର ଲୋକଙ୍କ ହାତ ଥିଲା। ଏହି ଭାରତୀୟମାନେ ବିଦେଶୀ ଆକ୍ରମଣକାରୀଙ୍କ ସହ ହାତ ମିଶାଇ ନିଜର ଭାଇ ବିରାଦରିଙ୍କ ବିରୋଧରେ ମସୁଧା କରିଥିବାର ପ୍ରମାଣ ବାରମ୍ବାର ଏହି ଦେଶର ଇତିହାସରୁ ପଢ଼ିବାକୁ ମିଳିଛି। କେବଳ ଯେ ଆକବରଙ୍କ ଜଣେ ରାଜପୁତ ରାଣୀ ଥିଲେ ତାହା ନୁହେଁ, ସବୁ ମୁସଲମାନ ଏବଂ ପରବର୍ତ୍ତୀ ସମୟରେ ଗୋରା ଶାସକମାନଙ୍କୁ ଏଇ ଭାରତୀୟ ରକ୍ତ ଡାକିଆଣି ଦେଶର କ୍ଷତି କରାଇଛି। ଏହିଭଳି ଇତିହାସକୁ ଘୋଡ଼ାଇବାକୁ ହେଲେ ଦେଶର ଅର୍ଥନୈତିକ ଉନ୍ନତି ପ୍ରତି ଧ୍ୟାନ ଦେବା ଅଧିକ ଗୁରୁତ୍ୱ ରଖୁଛି। ଗରିବ ଲୋକ ନିଜର ପେଟ ପାଇଁ ଅଧିକ ଚିନ୍ତା କରିଥାଏ। ଭୋକିଲା ପେଟକୁ ଦେଶପ୍ରେମ ଶୁଣାଇବା ଏକ ଅଯଥା ପ୍ରୟାସ। କିନ୍ତୁ ପେଟ ପୂରିଥିଲେ ଏବଂ ସମାଜରେ ସୁଖଶାନ୍ତି ଥିଲେ, ସମସ୍ତେ ଦେଶକୁ ପ୍ରେମ କରିବେ। କେବଳ ପାର୍ଲାମେଣ୍ଟ, ରାଷ୍ଟ୍ରପତି ଭବନ ଏବଂ ଆଖପାଖର ଐତିହାସିକ କୀର୍ତ୍ତିକୁ ଭାଙ୍ଗିଦେଲେ ଇତିହାସ କିମ୍ବା ମଣିଷ ଚରିତ୍ର ବଦଳିବ ନାହିଁ।

ଏହା ବ୍ୟତୀତ ଇତିହାସ ଧ୍ୱଂସ କରିବା ପାଇଁ ଆକ୍ରମଣକାରୀ ସବୁବେଳେ ଚେଷ୍ଟା କରେ। ଗୁଜରାଟର ସୋମନାଥ ମନ୍ଦିର କିମ୍ବା ଓଡ଼ିଶାର କଳାପାହାଡ଼ ଦ୍ୱାରା ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ ଦର୍ଶାଉଛି ଯେ, ଜାତି ଧ୍ୱଂସ କରିବାକୁ ହେଲେ ଇତିହାସ ଲିଭେଇଦିଅ।

ଯଦି ଗୋରାଙ୍କ ଇତିହାସ ଧ୍ୱଂସ କରିବାକୁ ଯାଇ ଆଜିର ପାର୍ଲାମେଣ୍ଟକୁ ଭଙ୍ଗାଯିବ, ତେବେ ସେମାନଙ୍କ ଦ୍ୱାରା ନିର୍ମିତ ଭାରତୀୟ ରେଳ ବ୍ୟବସ୍ଥାକୁ ମଧ୍ୟ ଭାଙ୍ଗିବା କଥା ଚିନ୍ତା କରାଯିବା ଦରକାର। ତାହା ପରିବର୍ତ୍ତେ ଏକ ନୂଆ ଗମନାଗମନର ବ୍ୟବସ୍ଥା ହେବା ଦରକାର। ସେହି ରେଳ ଲାଇନ୍ ସହିତ ନୂଆ ରେଳପଥ ସଂଯୋଗ କରିବା ଏକ ବିରାଟ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ। ଓଡ଼ିଆରେ ଢଗ ଅଛି-'ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି'।

# ରକ୍ତ, ବୀର୍ଯ୍ୟର ଦାଗ ଓ ଫରେନ୍ସିକ୍ ସାଇନ୍ସ



ସହଦେବ ସାହୁ

ଦେୱାନୀ ମକଦ୍ଦମାର ଆରମ୍ଭ ହୁଏ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଜମିବାଡି ବା ସମ୍ପତ୍ତି ଉପରେ କଳିରୁ, ତେଣୁ ସରକାର ମକଦ୍ଦମା-ପରିଚାଳନା ଦାୟିତ୍ୱ ନିଅନ୍ତି ନାହିଁ। ସମାଜରେ ଯେଉଁମାନେ ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରନ୍ତି ସେମାନଙ୍କୁ ଜବତ କରିବା ସରକାରଙ୍କ କର୍ତ୍ତବ୍ୟ ବୋଲି ଆଗକାଳର ସରକାର ଫୌଜ ଲଗାଇ, ଏବକାର ସରକାର ପୋଲିସ୍ ଲଗାଇ ବନ୍ଦୀ (ଆଇନ ଭାଷାରେ ଗିରଫ) କରି ରଖନ୍ତି, ତା' ବିରୁଦ୍ଧରେ ଯେଉଁ ମକଦ୍ଦମା ରୁଜୁ କରନ୍ତି ତାହାକୁ ଏହି କାରଣରୁ ଫୌଜଦାରି ମକଦ୍ଦମା କୁହାଯାଏ। ଯେଯାଏ ବିଚାର ସରିନାହିଁ ଅଭିଯୁକ୍ତଟି ବିଚାରାଧୀନ (ଅଣ୍ଡରଟ୍ରାୟାଲ୍ ପ୍ରିଜନର୍) ଏବଂ ପୋଲିସର ଜିମା ବା କଷ୍ଟୋଡିରେ ଥାଏ। ପ୍ରମାଣ ଆଦାୟ କରିବାକୁ ଯାଇ ତା' ଉପରେ ବଳ ପ୍ରୟୋଗ କାରଣରୁ କେବେ କେବେ ବିଚାରାଧୀନ କଏଦୀର ମୃତ୍ୟୁ ହୁଏ ତ ତାକୁ କଷ୍ଟୋଡିଆଲ୍ ଡେଥ୍ କହନ୍ତି। କଷ୍ଟୋଡି ମାନେ ତ ଯତ୍ନ ନେବା! ତେଣୁ କଷ୍ଟୋଡିଆଲ୍ ଡେଥ୍ ଏକ ଦୋଷ। ଏପରି ନ କରି ସହଜରେ ପ୍ରମାଣ ପାଇବା ପାଇଁ ପୋଲିସ୍ ନ୍ୟାୟିକ ବିଜ୍ଞାନ ବା ଫରେନ୍ସିକ୍ ସାଇନ୍ସର ସାହାଯ୍ୟ ନିଏ। ଗତ ୩୦-୪୦ ବର୍ଷ ହେଲା ଯୁକ୍ତରାଷ୍ଟ୍ର ଆମେରିକାରେ ଡିଏନ୍ଏ (ବଂଶଗୁଣ) ପରୀକ୍ଷା ଫରେନ୍ସିକ୍ ସାଇନ୍ସର ଅନ୍ତର୍ଭୁକ୍ତ ହୋଇଛି । ଆମ ଦେଶରେ ନ୍ୟାୟାଳୟମାନେ ଏବେ ଡିଏନ୍ଏ ପରୀକ୍ଷା ଫଳକୁ ପ୍ରମାଣ ରୂପେ ଗ୍ରହଣ କଲେଣି। ଅଭିଯୁକ୍ତର ଲୁଗାପଟା ଓ ତାହାର ଅସ୍ତ୍ରଶସ୍ତ୍ରରେ ଲାଗିଥିବା ଅଙ୍ଗୁଳିର ଛାପରୁ ନିଅନ୍ତି ଅବା ଛେପ, କେଶ, ରକ୍ତ, ବୀର୍ଯ୍ୟ ଭଳି ଦାଗରୁ ଡିଏନ୍ଏ ବାହାର କରି ତାକୁ ଅଭିଯୁକ୍ତଠାରୁ ନିଆଯାଇଥିବା ରକ୍ତର ଡିଏନ୍ଏ ସହ ତୁଳନା କରାନ୍ତି। ବିଜ୍ଞାନ ଲାବରେଟୋରୀରୁ ମିଳିଥିବା ଫଳ ଉପରେ କୋର୍ଟ ବିଚାର କରେ।

ମନେରଖିବା କଥା ଯେ ଯେତେ ସଫା କଲେ ବି ଲୁଗାରୁ ରକ୍ତର ବା ବୀର୍ଯ୍ୟର ଦାଗ ସହଜେ ଲିଭେନାହିଁ, ଡିଏନ୍ଏ କ୍ୱାଲିଟି କିଛି କିଛି ଖରାପ ହୋଇପାରେ । ଯଦି ଗବେଷଣାଗାରରେ ଦାଗ-ନମୁନାରୁ କିଛି ଫଳ ନ ମିଳିଲା ତେବେ ଫରେନ୍ସିକ୍ ପ୍ରମାଣ ନାହିଁ ବୋଲି କୁହାଯାଏ। ନୟାଗଡ଼ର 'ପରୀ' ମାମଲାରେ ସ୍ପେଶିଆଲ୍ ଇନ୍‌ଭେଷ୍ଟିଗେଟିଭ୍ ଟିମ୍ (ଏସ୍‌ଆଇଟି) ଫେଲ୍ ମାରିବାର କାରଣ ଏମିତି କିଛି ହୋଇଥିବ। ମନେରଖିବା କଥା ଯେ, ରକ୍ତ ବା ବୀର୍ଯ୍ୟ ଶୁଖିଗଲେ ଯେଉଁ ଦାଗ ପଡିଯାଏ, ତାହା ଗରମ ପାଣିରେ ପଡିଲେ ତହିଁରେ ଥିବା ପ୍ରୋଟିନ୍ ସକ୍ରିୟ ହୋଇଯାଏ, ସବୁଦିନିଆ ଦାଗ ରହିଯାଏ। ଦାଗକୁ ଲିଭାଇବା ପାଇଁ ଚାଲାକ୍ ଆସାମୀ ଅପରାଧ କରିବା ସାଙ୍ଗେ ସାଙ୍ଗେ ଲୁଗାକୁ ଓ ଅସ୍ତ୍ରଶସ୍ତ୍ରକୁ ଭଲ କରି ଡିଟର୍ଜେଣ୍ଟରେ ଧୋଇପକାଇଥାଏ।

ଆଉ ଗୋଟିଏ କଥା, ଦୋଷ ସ୍ୱୀକାର କରିବା ଲାଗି ସରକାରୀ ପ୍ରସିକ୍ୟୁଟର୍ (ମାମଲା ଆରମ୍ଭ କରିଥିବା ପୋଲିସ୍ ଓ ତାଙ୍କ ଓକିଲ) ଅଭିଯୁକ୍ତକୁ ପ୍ରଲୋଭନ ଦେଖାଇବାର ଏକ ଅନୁମୋଦିତ ପନ୍ଥା ବ୍ୟବସ୍ଥା ବି ଅଛି। 'ମାନି ଯା ତୋତେ କୋହଳ ଦଣ୍ଡ ମିଳିବ' ଓ ଆମେ ତାହାର ବନ୍ଦୋବସ୍ତ କରିବୁ ବୋଲି ପୋଲିସ୍ କହିଥାଏ। ଯଦି ପୋଲିସ୍ ଗିରଫ ହୋଇଥିବା ପରୀ ହତ୍ୟାକାଣ୍ଡର ଅଭିଯୁକ୍ତ ମାନିଯାଏ ସରକାରୀ ପକ୍ଷ ତାକୁ ନାବାଳକ ଦେଖାଇ ନାବାଳିକାକୁ ବଳାତ୍କାର ଓ ହତ୍ୟା ପାଇଁ ଥିବା ମୃତ୍ୟୁଦଣ୍ଡକୁ କୋହଳ କରି 'କେବଳ ଜେଲ୍' ଦଣ୍ଡ କରାଇଦେବେ। ଏ ପ୍ରକାର ସ୍ୱୀକାରୋକ୍ତିକୁ ପ୍ଲି ବାର୍ଗେନିଂ ଅଥବା ପ୍ଲିଡିଙ୍ଗ ଗିଲ୍ଟି କହନ୍ତି। ଆମେରିକାରେ ବିଚାର ପ୍ରକ୍ରିୟା ସଂକ୍ଷେପରେ ସାରିବା ପାଇଁ ଏଭଳି ବ୍ୟବସ୍ଥା ଗ୍ରହଣ କରିନିଆଯାଏ। ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରସିକ୍ୟୁସନ (ସରକାରୀ ପକ୍ଷ) ଆସାମୀ ସାଙ୍ଗରେ ଦଣ୍ଡ-ପରିମାଣ ସମ୍ବନ୍ଧୀୟ ଯେଉଁ ବିଚାର-ପୂର୍ବ ମୂଲଚାଲ କରେ ତା' ଫଳରେ ପ୍ରସିକ୍ୟୁସନ ଫାଶୀ ବା ମୃତ୍ୟୁଦଣ୍ଡ ଉପରେ ଜୋର୍ ଦିଏ ନାହିଁ, 'ରେଆରେଷ୍ଟ ଅଫ୍ ରେଆର୍' କେସ୍ ବୋଲି ଦାବିକରେ ନାହିଁ ଏବଂ ସେଭଳି ରାଜି ହୋଇ ଆସାମୀ ଲିଖିତ ଭାବରେ ବା ତାହାର ଓକିଲ ଜରିଆରେ ଅପରାଧ କରିଛି ବୋଲି ଜଣାଇଦିଏ।

ଯଦି ଅଭିଯୁକ୍ତ ସହିତ ଆଉ କେତେ ଜଣ ହତ୍ୟାକାଣ୍ଡରେ ଲିପ୍ତ ଥାଆନ୍ତି ସେ କ୍ଷେତ୍ରରେ ଆଉ ଗୋଟିଏ ବ୍ୟବସ୍ଥା ଅଛି: ସହାୟତା କରିଥିବା ଅଭିଯୁକ୍ତମାନଙ୍କ ଭିତରୁ ଜଣକୁ ଲୋଭ ଦେଖାଯାଏ, ଯଦି ସେ ସରକାରୀ ସାକ୍ଷୀ ବା ଆପ୍ରୁଭର୍ (ମୁଖ୍ୟ ଅପରାଧୀକୁ ଧରାଇଦେବାର ପ୍ରତ୍ୟକ୍ଷ ସାକ୍ଷ୍ୟ ଦେବାର ଲୋକ) ହୋଇଯାଏ କୋର୍ଟର ସମ୍ମତି ନେଇ ତାକୁ ରାଜସାକ୍ଷୀରୂପେ ଧରାଯାଏ, ତେଣୁ ନିରୀହ ବ୍ୟକ୍ତି ରୂପେ ଗଣାଯାଏ । ପ୍ଲି ବାର୍ଗେନିଂ ହେଉ ବା ଆପ୍ରୁଭର ବ୍ୟବସ୍ଥା ହେଉ ତା' ଯୋଗୁ ପ୍ରକୃତ ମୁଦାଲା ଧରାପଡେ ନାହିଁ; ମାମଲାଟା ସରକାରୀଭାବେ ବନ୍ଦ ହୋଇଯାଏ।

ଏଭଳି ଦଣ୍ଡ ପାଇଯାଇଥିବା ଲୋକଟି ପରେ ସେହି ଡିଏନ୍ଏ ତାହାର ନୁହେଁ ବୋଲି ଅପିଲ୍ କୋର୍ଟକୁ ଯାଇପାରେ। ଡିଏନ୍ଏ ପ୍ରୋଫାଇଲ୍ ତାହାର ବୋଲି ପ୍ରମାଣିତ ନ ହେଲେ ସେ ନିରୀହ ବୋଲି କୋର୍ଟ ଦ୍ୱାରା ଘୋଷିତ ହୋଇପାରେ ଏବଂ ସମାଜରେ ମର୍ଡରର ବୋଲି ଅଭିହିତ ହୋଇ ତା'ର ହଜିଯାଇଥିବା ମର୍ଯ୍ୟାଦା ଫେରିପାଇପାରେ। ଆମେରିକାର ବଲ୍ଟିମୋରରେ ଗୋଟିଏ ମାମଲାରେ ଦଣ୍ଡ ପାଇଥିବା ଦୁଇଜଣ ୨୦ ବର୍ଷ ପରେ ଡିଏନ୍ଏ ଟେଷ୍ଟରେ ନିର୍ଦ୍ଦୋଷ ବୋଲି ଖଲାସ ହୋଇଥିଲେ। ଜଣେ ଜେମ୍ସ ଓୟେନ୍ସ (ଏବେ ୫୨) ୧୯୮୮ରେ ଆଜୀବନ ଜେଲ ଯାଇଥିଲେ, ଜଣେ ୨୪ ବର୍ଷୀୟା ଛାତ୍ରୀକୁ ତା' ଘରେ ବଳାତ୍କାର କରି ଛୁରା ଭୁସି ହତ୍ୟା କରିଥିବା ଅଭିଯୋଗରେ। କିନ୍ତୁ ସେ କହିଆସୁଥିଲେ ଯେ ଅତ୍ୟାଚାରିତା ଶରୀରରେ ମିଳିଥିବା ଶୁକ୍ରାଣୁ ତାହାର ନୁହେଁ, ତେଣୁ ପୁନର୍ବିଚାର ହେଉ। ୨୦୦୬ରେ ମେରୀଲାଣ୍ଡର ଏକ କୋର୍ଟ ହଁ କଲେ, ରାଜ୍ୟ ପ୍ରସିକ୍ୟୁଟର ରାଜି ନ ହେଉଥିଲେ ବି। ବରଂ ରାଜ୍ୟ ପ୍ରସିକ୍ୟୁଟରମାନେ ପ୍ରଲୋଭନ ଦେଖାଇଲେ ଯେ ଯଦି ସେ ଦୋଷ ସ୍ୱୀକାର କରନ୍ତି ତାଙ୍କୁ ଜେଲରୁ ମୁକୁଳାଇ ଦିଆଯିବ। ଏ ପ୍ରକାରର ବେପାରକୁ (ଯାହାକୁ ଆଲ୍‌ଫର୍ଡ ପ୍ଲି କୁହାଯାଏ) ସେତେବେଳର ୪୩ ବର୍ଷୀୟ ଜେମସ୍ ଓୟେନ୍ସ ମନା କରିଦେଲେ, କାରଣ ଜେଲରୁ ମୁକୁଳିଥିଲେ ବି ଲୋକଙ୍କ ଏବଂ ଆଇନର ଆଖିରେ ତଥା କାଗଜପତ୍ରରେ ସେ ରହିଯିବେ ମର୍ଡରର୍। ସେ ପୁନର୍ବିଚାର ଚାହାନ୍ତି ମାମଲାଟା ଯେତେ ଦିନ ଯାଉ ପଛେ। ସେ ଦୋଷ ସ୍ୱୀକାର କରି ଜେଲରୁ ମୁକୁଳିଲା ମାନେ ତ ସେ ମୁଣ୍ଡ ଟେକି ଗାଁଦାଣ୍ଡରେ ଚାଲିପାରିବ ନାହିଁ, ତାଙ୍କୁ ଲୋକେ ହତ୍ୟାକାରୀ ବୋଲି କହୁଥିବେ। ଏମିତିକା ତେଢ଼ା ନିଷ୍ପତ୍ତି ଫଳରେ ଓୟେନ୍ସ ଆଉ ୧୬ ମାସ ଜେଲରେ ରହିଲେ। ୨୦୦୮ରେ ବିଚାରର ପୁନର୍ବାର ଶୁଣାଣି ଆରମ୍ଭ ହେଲା ବେଳକୁ ପ୍ରସିକ୍ୟୁଟର ଛିଡ଼ା ହୋଇ ବିଚାରପତିଙ୍କୁ କହିଲେ, ସେ ଅଭିଯୋଗକୁ ଆଗେଇନେବାକୁ ଚାହୁଁ ନାହାନ୍ତି। କୋର୍ଟ ଓୟେନ୍ସଙ୍କୁ ନିର୍ଦ୍ଦୋଷ ଘୋଷଣା କଲେ ଏବଂ ରାୟ ଦେଲେ ଯେ, ସେ ଷ୍ଟେଟ୍ ନାଁରେ ନାଲିସ୍ କରିପାରିବେ - ୨୧ ବର୍ଷ କାଳ ସେ ଅନ୍ୟାୟରେ ଜେଲଦଣ୍ଡ ଭୋଗିଛନ୍ତି ତାହାର କ୍ଷତିପୂରଣ ପାଇଁ। ଡିଏନ୍ଏ ଯୋଗୁ ବଲ୍ଟିମୋରର ଆଉ ଜଣେ ଲୋକ ଜେମସ୍ ଥମ୍ପସନ୍ ମଧ୍ୟ ପୁନର୍ବିଚାର ଚାହିଁଲେ, କିନ୍ତୁ ଆଲଫ୍ରେଡ୍ ପ୍ଲି ନେଇ ଜେଲରୁ ମୁକୁଳିଗଲେ ସତ, କିନ୍ତୁ ଦଣ୍ଡିତ ମର୍ଡରର୍ ଭାବେ ଲୋକମୁଖରେ ରହିଲେ।

ଫୌଜଦାରି ମାମଲାରେ ଡିଏନ୍ଏ ଟେଷ୍ଟ ନୂଆ ଯୁଗ ଆଣିଦେଇଛି। ଏ ନିଷ୍ଠୁର ସତ୍ୟ ପୋଲିସର ଖାମଖିଆଲପଣିଆ ଉପରେ ଯେତେ ଆଲୋକପାତ କରୁଛି; ଫ୍ରିଡମ୍ ପ୍ଲି ବା ପ୍ଲିଡିଙ୍ଗ ଗିଲ୍ଟି ଭଳି ବ୍ୟବସ୍ଥାରେ କମ୍ ଦଣ୍ଡ ଭଳି କଦଳୀ ଝୁଲାଇ ମୁଦେଇ-ପକ୍ଷ-ଓକିଲ କେତେ ଯେ ନିରୀହ ଲୋକଙ୍କୁ ଜେଲ୍ ପଠାଉଛନ୍ତି ତାହାର ହିସାବ କରିହେବ ନାହିଁ । ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି, ମୃତ୍ୟୁ ଦଣ୍ଡ ପାଇଥିବା ଲୋକ ପ୍ରାୟ ଗରିବ। ଅଧିକାଂଶ ସମୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର କମ୍ ଶିକ୍ଷିତ, ନିର୍ବୁଦ୍ଧିଆ; ଖୁବ୍ କମ୍ ଏଭିଡେନ୍ସରେ ବା ତ୍ରୁଟିପୂର୍ଣ୍ଣ ଫରେନ୍ସିକ୍ ପ୍ରମାଣ ଉପରେ ନିର୍ଭର କରି ଦଣ୍ଡିତ ହୋଇଥାନ୍ତି। ଆମେରିକାର ଜଣେ ଲ' ପ୍ରଫେସର୍ ବାର୍‌ବରା ଓ'ବ୍ରାଏନ୍ ପୋଲିସ୍‌ର ସାଇକୋଲଜି ବିଷୟରେ କହନ୍ତି, ''କୌଣସି ନା କୌଣସିଠାରେ କ'ଣ ଘଟିଛି ଭାବିବାଠାରୁ ସିଧା ଚାଲିଯାଆନ୍ତି ପ୍ରମାଣ କରିବାକୁ - ନିଜେ ଭାବିଥିବା ଅନୁସାରେ କିପରି ଏହା ଘଟିଲା।'' ନିରୀହ ଗରିବ ଲୋକେ ମକଦ୍ଦମା ଲଢିବା ପାଇଁ ବା ଅପିଲରେ ଯିବା ପଇସା କେଉଁଠୁ ପାଇବେ? ଅନ୍ୟାୟରେ ଦଣ୍ଡିତ କରିବା ତ ଖରାପ କଥା, କିନ୍ତୁ ଯେତେବେଳେ ଜଣାପଡିଯାଏ ଯେ ବ୍ୟକ୍ତିଟି ନିରୀହ ଅଥଚ ସରକାର ତାହା ସ୍ୱୀକାର କରେନାହିଁ, କଥାଟା ମାରାତ୍ମକ ହୋଇଯାଏ। ସେମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବାକୁ କେହି ବାହାରନ୍ତି ନାହିଁ। ଲୋକଙ୍କ ଧାରଣା ବଢିଯାଏ ଯେ ପୋଲିସ୍ ଧରିଛି ମାନେ କେସ୍‌ଟା କଡ଼ା ଅଛି। କିନ୍ତୁ ପୋଲିସ୍ ବା ପ୍ରସିକ୍ୟୁଟର ସବୁବେଳେ ଠିକ୍ ନୁହେଁ।

sahadevas@yahoo.mail

# ଚାଟୁକାରଙ୍କ ଜିଭ



ରୁଦ୍ର ପ୍ରସନ୍ନ ରଥ

ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ହେଉଛି ଯେ କୌଣସି ମଣିଷର ମୌଳିକ ଆବଶ୍ୟକତା। ଏ ପୃଥିବୀରେ ବଞ୍ଚିବାପାଇଁ ଏତିକି ନିହାତି ଆବଶ୍ୟକ। ତେବେ ମଣିଷ ଖାଲି ବଞ୍ଚି ରହିଲେ ଚଳିବ ନାହିଁ, ମଣିଷକୁ ପ୍ରଗତି ପଥରେ ଆଗକୁ ମଧ୍ୟ ବଢ଼ିବାକୁ ପଡ଼ିବ। ଆଉ ଏ ବଢ଼ିବା ପାଇଁ ଯାହା ଆବଶ୍ୟକ ତାହାହେଲା ବୁଦ୍ଧି, ଜ୍ଞାନ ଆଉ ବିବେକ। ଯଦି ଏ ତିନୋଟି ଆପଣଙ୍କ ପାଖରେ ଅଛି ତାହାହେଲେ ଆପଣ କେବଳ ବଞ୍ଚିବେନି ବରଂ ମର୍ଯ୍ୟାଦାପୂର୍ଣ୍ଣଭାବେ ପ୍ରଗତିପଥରେ ଆଗକୁ ବେଶ୍ ବଢ଼ିପାରିବେ।

କିନ୍ତୁ ଆପଣ ସବୁବେଳେ ଭାଗ୍ୟବାନ ହୋଇ ନ ପାରନ୍ତି । ଆପଣଙ୍କ ପାଖରେ ସବୁ ଥାଇ ବି ଅନେକ ସମୟରେ ପ୍ରଗତିର ସେ ଲମ୍ବା ଦୌଡ଼ରେ ଆପଣ ନିଜର ସହକର୍ମୀଙ୍କଠାରୁ ବେଶ୍ ପଛରେ ପଡି ଯାଆନ୍ତି। ଆପଣଙ୍କଠାରୁ ଶିକ୍ଷା ଦୀକ୍ଷା ଆଉ ଦକ୍ଷତାରେ କମ୍ ଥାଇ ବି ଅନେକ ସମୟରେ ଅନେକ ଲୋକ ଆପଣଙ୍କୁ ବିଭିନ୍ନ କ୍ଷେତ୍ରରେ ପଛରେ ପକାଇ ଦେଉଥିବାର ଅନୁଭବ ଆପଣ କେତେବେଳେ ନା କେତେବେଳେ ନିଶ୍ଚେ କରିଥିବେ। ଯଦି ଆପଣ କେବେ ନିଜକୁ ଏପରି ପରିସ୍ଥିତିରେ ପାଇଥିବେ ସେଥିପାଇଁ ଆପଣ କେବେହେଲେ ନିଜ ଭାଗ୍ୟକୁ ଦୋଷ ଦିଅନ୍ତୁ ନାହିଁ ବରଂ ଏଥିପାଇଁ ଆପଣ ନିଜର ଜିଭକୁ ଦୋଷଦେଇ ପାରନ୍ତି। ହଁ ଆପଣଙ୍କଠାରୁ ସବୁଥିରେ କମ୍ ଥାଇ ବି ଜୀବନ ହାଟରେ ବେଶ୍ ସୁରୁଖୁରୁରେ ସୌଦା କରୁଥିବା ସୌଦାଗରମାନଙ୍କ ପାଖରେ ଚାଟୁକାରିତା ଗୁଣ ଭରପୂର ହୋଇ ଅଛି ଏବଂ ତାଙ୍କ ଜିଭ ଏହି ଚାଟୁକାର ଯୁଦ୍ଧରେ ସେମାନଙ୍କର ପ୍ରମୁଖ ସାରଥି ସାଜିଛି ଏକଥା ଯଦି ଆପଣ ବୁଝି ନାହାନ୍ତି ତାହା ହେଲେ ଆପଣ ଦୁନିଆ ବିଷୟରେ ଅଧିକ ଜାଣି ନାହାନ୍ତି ବା ଦୁନିଆକୁ ବେଶ୍ ଭଲଭାବେ ବୁଝି ନାହାନ୍ତି ବୋଲି ଧରି ନିଅନ୍ତୁ।

ନିଜର କଥା କହିବାର ଅଦ୍ଭୁତ କଳା କୌଶଳ ଯୋଗୁ ଜୀବନ ହେଉ ବା କ୍ୟାରିୟର ଏ ସବୁର ଶିଡ଼ିକୁ ରକେଟ୍ ମାର୍କା ଗତିରେ ଚଢୁଥିବା ଏହି ଚାଟୁକାରମାନଙ୍କୁ ଆପଣ ସବୁଆଡ଼େ ପାଇବେ। ସରକାରୀ ହେଉ କି ବେସରକାରୀ ଅଫିସ୍, ଛୋଟ ଦୋକାନ ହେଉ କି ବଡ଼ କର୍ପୋରେଟ୍ ଅନୁଷ୍ଠାନ; ସବୁଠି ସବୁବେଳେ ଏହି ଚାଟୁକାର ଏବଂ ସେମାନଙ୍କର ଜିଭର କମାଲ ଆପଣ ଦେଖିବାକୁ ପାଇବେ। ନିଜର ଆତ୍ମ ପ୍ରଶଂସା କରି ଅନ୍ୟ ସହକର୍ମୀଙ୍କୁ ଛୋଟ କରି ବସ୍ ବା ଉପରିସ୍ଥ ଅଫିସରଙ୍କ ପ୍ରଶଂସା ତାଙ୍କ ମୁହଁ ଉପରେ କରି ଚାଟୁକାରମାନେ ନିଜର ନିତିଦିନର ଆବଶ୍ୟକତା ଯୋଗାଡ଼ କରିଦିଅନ୍ତି। ଆଉ ଏ ଦିଗରେ, ଏ ଚାଟୁକାରଙ୍କ ଜିଭ ସବୁବେଳେ କର୍ମବ୍ୟସ୍ତ ଥାଏ। ଏହି ଚାଟୁକାରମାନଙ୍କୁ ଅନ୍ୟମାନେ ତେଲିଆ, ବରାଦିଆ, ଯୋଗାଡ଼ିଆ ଆଦି ବିଶେଷଣ ସହ ସମ୍ବୋଧନ କରୁଥିଲେ ବି ଏମାନଙ୍କର ଏଥିପାଇଁ ଖାତିର ନ ଥାଏ। ବରଂ ଏହି ଈଶ୍ୱରଦତ୍ତ ଜିଭ ଏବଂ ଚାଟୁକାରିତା ଗୁଣକୁ ବ୍ୟବହାର କରି ସେମାନେ ନିଜ ପାଇଁ ଗୋଟାଇ ଚାଲନ୍ତି ଐଶ୍ୱର୍ଯ୍ୟର ହାତୀ ଘୋଡ଼ା ସବୁ। ନିଜ ମନ ମୁତାବକ ପୋଷ୍ଟିଂ ହେଉ ବା ନିଜ ବଦଳି ରୋକିବା, ପୁଣି କେତେବେଳେ ନିଜ ସହକର୍ମୀଙ୍କୁ ଖାଲରେ ପକାଇବା ଏସବୁ ବେଶ୍ ସହଜରେ କରିପାରନ୍ତି ଏହି ଚାଟୁକାରମାନେ ନିଜ ଜିଭର ପ୍ରୟୋଗ କରି। ଅଫିସରଙ୍କ ଅନୁପସ୍ଥିତିରେ ନିଜକୁ ହିଁ ଏକମାତ୍ର ଈଶ୍ୱର ବୋଲି କଳେବଳେ କୌଶଳେ ପ୍ରମାଣ କରିବାକୁ ଲାଗିପଡନ୍ତି ଏହି ଚାଟୁକାରମାନେ। ନିଜ ଦଳର ସବୁ ଟିକିନିଖି ଖବର ନିଜ ସଂସ୍ଥାର ମାଲିକଙ୍କୁ କହିବା ସହ ମାଲିକଙ୍କ ନଜରରେ ଜଣେ ସୁନାପିଲା ହୋଇ ରହୁଥିବା କାରଣରୁ ଗୋଟା ଅଫିସ୍ ଏପରି ଚରିତ୍ରଙ୍କୁ ଭୟ ଏବଂ ଘୃଣା କରୁଥିଲେ ବି ଏମାନଙ୍କର ଜିଭର ଦାଉରୁ ବର୍ତ୍ତିବାର କୌଣସି ବାଟ ନ ଥାଏ। ଆଉ ଅଫିସ୍ ଏବଂ ମାଲିକ ବି ଚାହାନ୍ତି ଯେ ଅଧିକରୁ ଅଧିକ ଚାଟୁକାର ସେମାନଙ୍କର ଚାରିପଟେ ଘୂରି ବୁଲନ୍ତୁ। ସମୟ ଅସମୟରେ ନିଜର ପ୍ରଶଂସା ଆଉ କାନକୁ ଆରାମ ଦେଉଥିବା ପରି ବାକ୍ୟ ଯଥା 'ସାରଙ୍କ ପରି ଧର୍ମାତ୍ମା ମୁଁ କେଉଁଠି ଦେଖି ନାହିଁ, ଆପଣଙ୍କଠାରୁ ଯାହା ଶିଖିଛି ଅନ୍ୟମାନଙ୍କଠାରୁ ତାହା ଶିଖିପାରି ନ ଥାନ୍ତି' 'ଆପଣ ଅଛନ୍ତି ବୋଲି ଆମେ ଅଛୁ ନ ହେଲେ କେବେଠାରୁ ଭାସି ଯାଆନ୍ତୁଣି' ପରି ବାକ୍ୟ କାହାକୁ ଶୁଣିବାକୁ ଭଲ ନ ଲାଗେ ଯେ?

ସବୁ ଚାଟୁକାର ଯେ ନିଜ ଅଫିସର, ନିଜ କମ୍ପାନୀ କିମ୍ବା ଅଫିସ୍ ପ୍ରତି ସମ୍ବେଦନଶୀଳ ବା ସେମାନଙ୍କର ଲକ୍ଷ୍ୟ ପ୍ରତି ସମର୍ପିତ ତାହା ନୁହେଁ। ସୁଯୋଗ ଦେଖି କେହି ନ ଥିଲାବେଳେ ଅନେକ ସମୟରେ ନିଜ ଅଫିସ ଆଉ ଅଫିସରଙ୍କର ଚଉଦ ପୁରୁଷ ଉଦ୍ଧାର କରନ୍ତି। ନିଜ ଅଫିସ୍ ଆଉ ଅଫିସରଙ୍କଠାରୁ ନିଜର ସ୍ୱାର୍ଥ ସବୁ ହାସଲ କରି ସାରିଲା ପରେ ସେମାନଙ୍କୁ ମଦ ଘଡ଼ା ପରି ଗଡାଇ ଦିଅନ୍ତି। ସବୁ ମହୁ ଶୋଷି ସାରିଲାପରେ ଅନ୍ୟ ଗୋଟିଏ ଅଫିସ୍ ଛାଡି ଅନ୍ୟ ଅଫିସ୍ ପଳାଇ ଯାଆନ୍ତି। ଅଫିସର ଅବସର ନେଲା ପରେ ଏହି ଚାଟୁକାରମାନେ ତା' ନାମ ହିଁ ଭୁଲି ଯାଆନ୍ତି।

ଏ ଚାଟୁକାରମାନଙ୍କର ସଂଖ୍ୟା ଏବଂ ସେମାନଙ୍କର ଅଧିକାରୀମାନଙ୍କୁ ତୋଷ କରିବାର କୌଶଳ ବେଶ୍ ଚିନ୍ତାଜନକଭାବେ ବଢ଼ି ଚାଲିଛି। ଅଫିସରଙ୍କ ଘର ପାଇଁ ପନିପରିବା କିଣି ଦେବା, ପୁଣି ସମୟ ଅସମୟରେ ଅଧିକାରୀଙ୍କ ମୋବାଇଲ ରିଚାର୍ଜ କରିବା ହେଉ କିମ୍ବା କେବଳ ଧର୍ମଘଟ ଦିନ ଆଗୁଆ ଅଫିସ୍ ପହଞ୍ଚିବା ହେଉ ଏମାନଙ୍କର ଫନ୍ଦିଫିକର ଏତେ ବ୍ୟାପକ ଯେ ଆପଣ ସେ ଚାଟୁକାରଙ୍କୁ ଟକ୍କରଦେବାକୁ ଚାହିଁଲେ ବି ପାରିବେନି। ଆପଣ ସେମାନଙ୍କ ସହ ଲାଗିଲେ ଆପଣଙ୍କର ହିଁ ରକ୍ତ ଚାପ ବଢ଼ିବ, ଅପଦସ୍ଥ ହେବେ । ନିଜ ଜିଭର ଉପଯୋଗ କରି ବିଫଳତାକୁ ସଫଳତାରେ ଆଉ ସମସ୍ତଙ୍କର ଭାଗକୁ ନିଜ ଭାଗରେ ପରିବର୍ତ୍ତିତ କରିବାରେ ଏମାନେ ସତରେ ମାହିର।

ଏଭଳି ଚାଟୁକାରଙ୍କଠୁ ତଥାପି ପାର ପାଇଯିବାର କିଛି ସରଳ ଉପାୟ ରହିଛି। ଯେମିତି ଅଫିସ୍‌ରେ ଏମାନଙ୍କ ପାଖରେ ନିଜର ବ୍ୟକ୍ତିଗତ ସମସ୍ୟା ନ ଗପିବା, ନିଜ ଅଧିକାରୀଙ୍କ ବିରୋଧରେ କାହା ପାଖରେ ନ କହିବା, ଏମିତି କି ଅଫିସ୍‌ର କୌଣସି ନିଷ୍ପତ୍ତି ବିରୋଧରେ କେବେ ନ ଯିବା ଆଦି କାମ କଲେ ଏହି ଚାଟୁକାରରୂପୀ ପଙ୍ଗପାଳମାନେ କେବେ ବି ଆପଣଙ୍କ ରାସ୍ତାର ପ୍ରତିବନ୍ଧକ ହୋଇପାରିବେ ନାହିଁ। ଆପଣ ପ୍ରଗତିର ରାସ୍ତାରେ ବେଶ୍ ଦ୍ରୁତଗତିରେ ଦୌଡ଼ି ପାରିବେ।

ଧବଳଗିରି, ଯାଜପୁର ରୋଡ୍
ମୋ: ୭୯୭୮୬୭୧୭୭୬

## ଏଇ ଭାରତରେ

ଦେଶରେ ଅନେକ ବ୍ୟକ୍ତି କିମ୍ବା ସଂସ୍ଥା କ୍ୟାନ୍‌ସର ରୋଗୀମାନଙ୍କ ପାଇଁ କେଶ ବା ଚୁଟି ସଂଗ୍ରହ ଅଭିଯାନ ଚଳାଇଥିବାବେଳେ ଦିଲ୍ଲୀର ଦୁଇ ଭାଇ ରୋଗୀମାନଙ୍କୁ କେମୋ କ୍ୟାପ୍ ତିଆରି କରି ବାଣ୍ଟୁଛନ୍ତି। ଦିଲ୍ଲୀର ଏହି ଦୁଇ ଭାଇ ହେଉଛନ୍ତି ସମର୍ଥ ନାଥ ଓ ସାର୍ଥକ ନାଥ। ଏମାନଙ୍କ ବୟସ ଯଥାକ୍ରମେ ୧୮ ଓ ୧୭। କିଶୋର ବୟସରେ ଏମାନେ ଯେଉଁ ଅଭିଯାନ ଆରମ୍ଭ କରିଛନ୍ତି ତାହା କିଛି କମ୍ ନୁହେଁ। ଏମାନଙ୍କ ଆଈ ମା' କ୍ୟାନ୍‌ସରରେ ପୀଡିତ ହୋଇ ୨୦୧୭ରେ ମୃତ୍ୟୁମୁଖରେ ପଡ଼ିବା ପରେ ଏମାନେ ଏହି ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କ ଆଈମା' କେମୋ ନେଇ ଚୁଟି ଝଡିଯିବା ପରେ ସେ ସେତେବେଳେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ତାହା ଆଉ କେଉଁ ପୀଡିତଙ୍କ କ୍ଷେତ୍ରରେ ନ ହେଉ, ସେଥିପାଇଁ ଦୁଇ ଭାଇ ଏଭଳି ଅଭିଯାନ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ଏମାନେ ୫,୦୦୦ କ୍ୟାପ୍ ମାଗଣାରେ ବାଣ୍ଟି ସାରିଛନ୍ତି। ଏମାନଙ୍କ ପରିବାରର ଟେକ୍ସଟାଇଲ ବିଜନେସ ଥିବାରୁ କପଡ଼ା ପାଇବା ଲାଗି କୌଣସି ଅସୁବିଧା ହେଉନାହିଁ। ସେମାନେ ଦିଲ୍ଲୀ ଏମ୍ସ ଏବଂ ନାଗପୁରର କେତୋଟି ହସ୍ପିଟାଲରେ ଏହି ସବୁ କ୍ୟାପ ବାଣ୍ଟୁଛନ୍ତି। ଏବେ ଏହି କ୍ୟାପ୍‌କୁ ଅନ୍‌ଲାଇନରେ ବିକ୍ରି କରିବା ଆରମ୍ଭ କରି ୪୦୦ କ୍ୟାପ୍ ବିକ୍ରି କରିଛନ୍ତି। ଯେଉଁ ଟଙ୍କା ସେମାନଙ୍କୁ ମିଳୁଛି ସେଥିରେ ସେମାନେ ଆଉ ଅଧିକ କ୍ୟାପ ତିଆରି କରି ଦେଶର ବିଭିନ୍ନ ହସ୍ପିଟାଲରେ କ୍ୟାନ୍‌ସର ରୋଗୀମାନଙ୍କୁ କେମୋ କ୍ୟାପ୍ ବାଣ୍ଟିବାର ଲକ୍ଷ୍ୟ ରଖିଛନ୍ତି ବୋଲି କହନ୍ତି ସାର୍ଥକ।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜାନୁୟାରୀ ୧୯୯୬

- ଜାପାନରେ ଦୀର୍ଘଦିନ ଧରି ଶାସନ କରିଥିବା ସୋସାଲିଷ୍ଟ ପ୍ରଧାନମନ୍ତ୍ରୀ ତୋମିଚି ମୁରାୟାମା ତାଙ୍କ ମନ୍ତ୍ରିମଣ୍ଡଳ ସହ ଇସ୍ତଫା ଦେଇଛନ୍ତି।
- ରେଳବାଇରେ କାର୍ଯ୍ୟରତ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଇଣ୍ଡିଆନ ରେଲ୍‌ୱେ ପକ୍ଷରୁ ନୂତନ ରେଳବାଇ କ୍ରୀଡ଼ାନୀତି ଘୋଷଣା।

## ଚିରନ୍ତନୀ

ଆସ ଗୋ ମୋର ଶ୍ରବଣପୁର
ଆସ ଗୋ ମୋର ନିକଟ ଦୂର,
ଆସ ଗୋ ଆସ ରସ ମଧୁର ଯୌବନ
କିଶୋରୀ ଆଗୋ, ବୃଦ୍ଧା ଆଗୋ ଶୋଭନ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku / ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | | | 6 | | | 1 | | | 3 | A | | | |
| A | | | | | 7 | | E | | | | | | 8 | |
| | | | 3 | D | | | | | 6 | 5 | | C | 0 | |
| 4 | | | | | 9 | | | | 2 | | 8 | 7 | | 6 |
| | | | | 5 | E | | C | | 0 | D | 1 | | | 9 |
| | | | | | B | | | 9 | | | | | 6 | 3 |
| C | A | | | | | | | 8 | | 4 | | D | | |
| | 4 | | | | | | 6 | | B | E | 7 | | | |
| 9 | | | | | | 2 | 5 | | | | 6 | | | B |
| 7 | | 3 | | | 5 | | B | 4 | | | D | | | |
| B | | | 4 | 9 | | | 0 | C | | | 3 | 1 | 7 | |
| | | | | 1 | | 5 | | B | | 9 | | | C | A |
| | | | | 2 | | 1 | | | 5 | | | 3 | | D |
| 1 | E | | | | | | | | | | | 0 | | |
| | | | | B | | | | E | C | | | 4 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 1 | D | B | 0 | 4 | 2 | 3 | 5 | C | 6 | 9 | E | 8 |
| 8 | E | C | 1 | 9 | 4 | 7 | 5 | B | 0 | 2 | D | 6 | A | 3 |
| B | 2 | 4 | 8 | E | 5 | A | C | 6 | 9 | 3 | 1 | 0 | D | 7 |
| D | 0 | 6 | 3 | C | A | E | 9 | 1 | 4 | 8 | 7 | B | 2 | 5 |
| 3 | 9 | 5 | 6 | 2 | 7 | D | 0 | 8 | E | A | B | 4 | C | 1 |
| E | C | B | 9 | A | 2 | 1 | 6 | D | 3 | 7 | 5 | 8 | 0 | 4 |
| 6 | D | A | E | 1 | 8 | 5 | 4 | 7 | C | B | 0 | 3 | 9 | 2 |
| 0 | 3 | 2 | 4 | 5 | D | 9 | A | C | 1 | 6 | 8 | 7 | B | E |
| 1 | 8 | 7 | C | 0 | 3 | B | E | 2 | D | 9 | 4 | 5 | 6 | A |
| 4 | 5 | 9 | 7 | 6 | B | 8 | 3 | 0 | 2 | E | A | C | 1 | D |
| 2 | 6 | E | B | 8 | 9 | C | 1 | 5 | A | 4 | 3 | D | 7 | 0 |
| C | 1 | 0 | 2 | 7 | E | 3 | B | 4 | 8 | D | 9 | A | 5 | 6 |
| 9 | B | 3 | 0 | D | 1 | 6 | 8 | A | 7 | 5 | E | 2 | 4 | C |
| 5 | 7 | 8 | A | 4 | C | 0 | D | 9 | 6 | 1 | 2 | E | 3 | B |
| A | 4 | D | 5 | 3 | 6 | 2 | 7 | E | B | 0 | C | 1 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପିକ୍‌ନିକ୍ ଯାତ୍ରାର କୁପ୍ରଭାବ

ମହାଶୟ,

ନୂଆବର୍ଷ ଆସିଗଲେ ଛାତ୍ରୀଛାତ୍ର,ଯୁବତୀଯୁବକ ଆନନ୍ଦ ଉପଭୋଗ ଆଶାରେ ବସ୍ କିମ୍ବା ମିନିବସ୍‌ରେ ରୋଷେଇ ଜିନିଷପତ୍ର ହଣ୍ଡାହାଣ୍ଡି ବୋଝେଇ କରି ବାହାରନ୍ତି । ଗାଡ଼ିରେ ଯିବାକୁ ଯେତିକି ଲୋକ ତାଲିକା କରିଥାନ୍ତି, ଗାଡି ଛାଡିଲା ବେଳକୁ ଦୁଇଗୁଣ ହୋଇଯାଆନ୍ତି । ସେଥିରେ କୋମଳମତି ଶିଶୁମାନେ ମଧ୍ୟ ସାମିଲ ହୁଅନ୍ତି । ଭଲମନ୍ଦ ବିଚାର ନ କରି ଯେଉଁଠି ଯେଉଁ ପାଣି ପାଇଲେ ସେଥିରେ ରୋଷେଇ କରନ୍ତି । ୪/୫ଜଣ କାମରେ ଲାଗି ଅନ୍ୟମାନେ ବୁଲି ବାହାରନ୍ତି । ସେମାନେ ସମୁଦ୍ର କୂଳ, ପାହାଡ଼, ମନ୍ଦିର, ଦର୍ଶନୀୟ ସ୍ଥାନ ବୁଲି ଦେଖନ୍ତି । ବହୁ ସମୟରେ ଦୁଃଖଦାୟକ ଘଟଣା ଘଟିବା ଲକ୍ଷ୍ୟ କରାଯାଏ। କିଏ ନଦୀ କିମ୍ବା ସମୁଦ୍ରରେ ବୁଡ଼ିଯାଏ ତ ଆଉ କିଏ ଅସୁସ୍ଥ ହୋଇପଡନ୍ତି। କେତେକ ନିଶାସକ୍ତ ଅବସ୍ଥାରେ ଗଣ୍ଡଗୋଳ କରନ୍ତି। ଖିଆପିଆ ସରିଲା ପରେ ଗାଡ଼ି ଉପରେ ବଡ଼ ଗ୍ୟାସ୍ ହାଣ୍ଡି ଓ ଦରପୋଡା କାଠ ବୋଝେଇ କରି ଆସିଲାବେଳେ କାଠ ଜଳି ଦୁର୍ଘଟଣା ହେବା ଖବର ବି ଖବରକାଗଜରେ ବାହାରେ। ତେଣୁ ନବବର୍ଷର ଆନନ୍ଦ ଘରେ ଉପଭୋଗ କରି ପିକ୍‌ନିକ୍ ଯାତ୍ରା ବନ୍ଦ କରିବା ଦରକାର।

-କାଳିଚରଣ ରଥ, ବ୍ରହ୍ମପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜିଓ ଟାୱାର ଭଙ୍ଗାରୁଜା ଘଟଣାରେ ପଞ୍ଜାବ ଓ କେନ୍ଦ୍ରକୁ ନୋଟିସ**

ପଞ୍ଜାବର ବିଭିନ୍ନ ସ୍ଥାନରେ ଥିବା ରିଲାଏନ୍ସ ଜିଓର ୧୫୦୦ ଟାୱାର ଭଙ୍ଗାରୁଜା କରିବା ସହ ଏହାର ଷ୍ଟୋରକୁ ଜୋରଜବରଦସ୍ତି ବନ୍ଦ କରିବା ବିରୋଧରେ ଆଗତ ଆବେଦନର ଶୁଣାଣି ମଙ୍ଗଳବାର ପଞ୍ଜାବ ଓ ହରିୟାଣା ହାଇକୋର୍ଟ କରିଛନ୍ତି। ଜିଓ ପକ୍ଷରୁ ଆଗତ ହୋଇଥିବା ଆବେଦନର ଶୁଣାଣି କରି କୋର୍ଟ ପଞ୍ଜାବ ଓ କେନ୍ଦ୍ର ସରକାରଙ୍କୁ ଏକ ନୋଟିସ ଜାରି କରିଛନ୍ତି।

## ସଂକ୍ଷେପରେ

### ବଢୁଛି ଫାସ୍‌ଟାଗ ଟୋଲ୍ କଲେକ୍ସନ

ନୂଆଦିଲ୍ଲୀ,୫।୧: ସାରା ଦେଶରେ ଫାସ୍‌ଟାଗ୍ ଜରିଆରେ ଟୋଲ୍ ଆଦାୟ ଲଗାତର ବଢୁଛି। ୨୦୨୦ ଡିସେମ୍ବରରେ ନୂଆ ବ୍ୟବସ୍ଥା ଦ୍ୱାରା ଟୋଲ୍ ସଂଗ୍ରହ ୨୩୦୩.୭୯ କୋଟି ହୋଇଛି। ଏହି ରାଶି ପୂର୍ବ ମାସର ଟୋଲ୍ ଆଦାୟ ଅପେକ୍ଷା ପ୍ରାୟ ୨୦୧ କୋଟି ଟଙ୍କା ଅଧିକ ରହିଥିବା ଜଣାପଡିଛି। ସରକାର ଫାସ୍‌ଟାଗ୍‌କୁ ବାଧ୍ୟତାମୂଳକ କରିବା ଫଳରେ ଚାଳକ ଓ ଗାଡ଼ି ମାଲିକଙ୍କ ମଧ୍ୟରେ ଫାସ୍‌ଟାଗ୍‌ର ବ୍ୟବହାର ବୃଦ୍ଧି ପାଉଥିବା ଦେଖାଯାଉଛି। ଡିସେମ୍ବରରେ ଫାସ୍‌ଟାଗ୍ ଟ୍ରାଞ୍ଜାକଶନ ଅଭିବୃଦ୍ଧି ହୋଇ ୧.୩୫ କୋଟିରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁସାରେ ସଡକ ଓ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଜାନୁୟାରୀ ୧ରୁ ଫାସ୍‌ଟାଗ୍ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ସରକାରଙ୍କ ଏହି ନିୟମ ଅନୁସାରେ ଗାଡି ଚାଳକ ମଧ୍ୟ ଫାସ୍‌ଟାଗ୍ ବ୍ୟବହାର ପ୍ରତି ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଏଭଳି ବ୍ୟବସ୍ଥା ଦ୍ୱାରା ଟୋଲ୍ ଆଦାୟ ମଧ ସହଜ ଓ ସମୟସାପେକ୍ଷ ଏବଂ ଇନ୍ଧନ ରକ୍ଷା ହୋଇପାରୁଛି। ଫଳସ୍ୱରୂପ ଫାସ୍‌ଟାଗ୍ ମାଧମରେ ଟୋଲ୍ ଆଦାୟ ରାଶି ମଧ ବୃଦ୍ଧି ପାଇଛି।


### ଶୋଭନ କର ନେଲେ ସ୍ୱେଚ୍ଛାକୃତ ଅବସର

ନୂଆଦିଲ୍ଲୀ,୫।୧: ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ବର୍ତ୍ତମାନର ଆୟକର କମିଶନର ଶୋଭନ କର ଗତ ଗୁରୁବାର ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ତାଙ୍କର ଏହି ଆବେଦନକୁ ଭାରତ ସରକାର ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିସାରିଛି। ସେ ଜଣେ ଦକ୍ଷ ଓ ସଚ୍ଚୋଟ ଭାରତୀୟ ପ୍ରଶାସନିକ ଅଧିକାରୀ ଭାବରେ ବେଶ୍ ପରିଚିତ ଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେ ଅନେକ ସୁନାମ ଅର୍ଜନ କରିଛନ୍ତି। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଆମେରିକା, ଇଂଲଣ୍ଡ, କାନାଡା, ସୁଇଜରଲାଣ୍ଡ, ସ୍ୱିଡେନ, ଡେନ୍‌ମାର୍କ ଓ ଫ୍ରାନ୍ସ ଭଳି ଦେଶରେ ସୁଚାରୁ ରୂପେ କାର୍ଯ୍ୟ କରିବା ସହ ବିଭିନ୍ନ ଆନ୍ତର୍ଜାତିକ ସମ୍ମିଳନୀରେ ମଧ ଭାରତ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି।

# ୨ ଗୁଣ ହେବ ପାଇପ୍‌ଲାଇନ ନେଟ୍‌ୱର୍କ

### କୋଚି-ମାଙ୍ଗାଲୋର ପାଇପଲାଇନ ଶୁଭାରମ୍ଭ

- ଯୋଡ଼ି ହେବ ଆଉ ୧୬ ହଜାର କି.ମି.ର ପାଇପଲାଇନ
- ୧୦ ହଜାର ସିଏନ୍‌ଜି ଷ୍ଟେଶନ ସ୍ଥାପନ ଲକ୍ଷ୍ୟ
- ଶକ୍ତି କ୍ଷେତ୍ରରେ ପ୍ରାକୃତିକ ବାଷ୍ପ ଅଂଶ ୧୫%କୁ ବଢ଼ାଇବା ଯୋଜନା



ପ୍ରଧାନମନ୍ତ୍ରୀ ନୂଆ ପ୍ରକଳ୍ପର ଲୋକାର୍ପଣ କରୁଛନ୍ତି।

ନୂଆଦିଲ୍ଲୀ,୫।୧

ଆଗାମୀ ୬ ବର୍ଷରେ ସାରା ଦେଶରେ ରହିଥିବା ପାଇପଲାଇନ ନେଟ୍‌ୱର୍କ ଦ୍ୱିଗୁଣିତ ହେବ। ୪୫୦ କି.ମି. ବିଶିଷ୍ଟ କୋଚି-ମାଙ୍ଗାଲୋର ପାଇପଲାଇନ ପ୍ରକଳ୍ପକୁ ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ୧୯୮୭ରେ ଦେଶର ପ୍ରଥମ ଆନ୍ତଃରାଜ୍ୟ ଗ୍ୟାସ୍ ପାଇପଲାଇନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। ୨୦୧୪ ବେଳକୁ ୧୫ ହଜାର କି.ମି.ର ପ୍ରାକୃତିକ ବାଷ୍ପ ପାଇପଲାଇନ ବିଛାଇବାରେ ଭାରତ ସକ୍ଷମ ହୋଇଛି। ବର୍ତ୍ତମାନ ଆଉ ୧୬ ହଜାର କି.ମି.ର ପାଇପଲାଇନ ପ୍ରକଳ୍ପ କାମ ଜାରି ରହିଛି। ଆଗାମୀ ୫ରୁ ୬ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାମ ସରିଯିବ ବୋଲି ମୋଦି ଆଶା ପ୍ରକଟ କରିଛନ୍ତି।

କୋଚି-ମାଙ୍ଗାଲୋର ପାଇପ ଲାଇନର ଅଧିକାଂଶ ଭାଗ କେରଳରେ ରହିଛି। ଏହାଦ୍ୱାରା ଦୈନିକ ୧୨ ନିୟୁତ ଷ୍ଟାଣ୍ଡାର୍ଡ କ୍ୟୁବିକ ମିଟରର ପ୍ରାକୃତିକ ବାଷ୍ପ ପରିବହନ ହୋଇପାରିବ। ଆକଳନ ମୁତାବକ ଏହି ପ୍ରକଳ୍ପରେ ପ୍ରାୟ ୩ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହୋଇଛି। ପ୍ରକଳ୍ପ କାମ ୨୦୦୯ରେ ଆରମ୍ଭ ହୋଇଥିଲା। ୨୦୧୪ରେ ଶେଷ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ଅବଧିରେ ସରି ନ ଥିଲା। ମୋଦି ପୁଣି କହିଛନ୍ତି, ସାରା ଦେଶରେ ୯୦୦ କମ୍ପ୍ରେସ୍ଡ ନାଚୁରାଲ ଗ୍ୟାସ୍(ସିଏନ୍‌ଜି) ଷ୍ଟେଶନ ରହିଥିଲା। ଏବେ ଏହି ବର୍ଗରେ ପ୍ରାୟ ୧୫୦୦ ନୂଆ ଷ୍ଟେଶନ ଯୋଡ଼ିହୋଇଛି। ସାରା ଦେଶରେ ୧୦ ହଜାର ସିଏନ୍‌ଜି ଷ୍ଟେଶନ ଯୋଡିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ପାଇପଲାଇନ ଦ୍ୱାରା କେରଳ ଏବଂ କର୍ନାଟକରେ ୭୦୦ ନୂଆ ସିଏନ୍‌ଜି ଷ୍ଟେଶନ ଯୋଡ଼ିହେବ। ୨୦୧୪ ବେଳକୁ ୨.୫ ନିୟୁତ ପାଇପ ନାଚୁରାଲ ଗ୍ୟାସ୍(ପିଏନ୍‌ଜି) ସଂଯୋଗ ରହିଥିବା ବେଳେ ବର୍ତ୍ତମାନ ଏହା ୭.୨ ନିୟୁତକୁ ବଢ଼ିଛି। କୋଚି-ମାଙ୍ଗାଲୋର ପାଇପଲାଇନ ଦ୍ୱାରା ଆଉ ୨.୧ ନିୟୁତ ସଂଯୋଗ ଯୋଡ଼ିହେବ ବୋଲି ମୋଦି କହିଛନ୍ତି। ଦେଶର ଶକ୍ତି କ୍ଷେତ୍ରରେ ପ୍ରାକୃତିକ ବାଷ୍ପର ଅଂଶ ୬ରୁ ୧୫%କୁ ବଢ଼ାଇବା ଲାଗି ଏହି ପାଇପଲାଇନ ଯୋଗଦାନ ରଖିବ ବୋଲି କୁହାଯାଉଛି।

# ଜ୍ୟାକ୍ ମାଙ୍କ ଯୁଗ ରହିବନି: ଚାଇନା ଡେଲି

ନୂଆଦିଲ୍ଲୀ,୫।୧



ଚାଇନା ବିଲିୟନେୟାର ଜ୍ୟାକ୍ ମା ନିଖୋଜ ଥିବା ସନ୍ଦେହ କରାଯାଉଛି। ତାଙ୍କ ବାଣିଜ୍ୟିକ ସଂସ୍ଥା ଆଣ୍ଟ ଗ୍ରୁପ୍ ଉପରେ ଚାଇନା ସରକାରଙ୍କ କାର୍ଯ୍ୟାନୁଷ୍ଠାନ ପରେ ଏଭଳି ହୋଇଥିବା କୁହାଯାଉଛି। ଏଭଳି ସମୟରେ ଚାଇନାର ଜାତୀୟ ଗଣମାଧ୍ୟମରେ ତାଙ୍କ ସମ୍ପର୍କିତ ଏକ ଖବର ମଙ୍ଗଳବାର ପ୍ରକାଶ ପାଇଛି। ଜ୍ୟାକ୍ ମାଙ୍କ ଯୁଗ ଚାଇନାରେ ରହିବନି ବୋଲି ସେଠାକାର ଚାଇନା ପିପୁଲ୍ସ ଡେଲି ଖବରକାଗଜ ପ୍ରକାଶ କରିଛି।

ସୂଚନାଯୋଗ୍ୟ, ଗତ ୨ମାସ ହେବ ଜ୍ୟାକ୍ ମା ଲୋକଙ୍କ ସାମ୍ନାକୁ ଆସିନାହାନ୍ତି। ଏପରିକି ତାଙ୍କ ନିଜ ଶୋ ଆଫ୍ରିକାସ୍ ବିଜ୍‌ନେସ ହିରୋଜର ଫାଇନାଲ ଏପିସୋଡ୍‌ରେ ସେ ଜଜ୍ ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲେ ମଧ ମଧ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଜ୍ୟାକ୍ ମା ଆଲିବାବା ଏବଂ ଆଣ୍ଟ ଗ୍ରୁପ୍‌ର ପ୍ରତିଷ୍ଠାତା ରହି ଆସିଛନ୍ତି। ଆଣ୍ଟ ଗ୍ରୁପ୍ ନଭେମ୍ବରରେ ଦୁନିଆର ସବୁଠୁ ବଡ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଆଣିବାର ଥିଲା। ଚାଇନା ସରକାରଙ୍କ ହସ୍ତକ୍ଷେପ ଫଳରେ ଏହା ଆସି ପାରିଲା ନାହିଁ। ତା'ପରଠାରୁ ଜ୍ୟାକ୍‌ଙ୍କୁ ଆଉ ଦେଖିବାକୁ ମିଳୁନାହିଁ। ସେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ହୋଇଥିବା ବେଳେ ତାଙ୍କୁ ଦେଶ ନ ଛାଡିବାକୁ ଚାଇନା ସରକାର ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ଗିରଫ କିମ୍ବା ଗୃହବନ୍ଦୀ କରାଯାଇଥିବା ସନ୍ଦେହ କରାଯାଉଛି।

କିଛି ମାସ ଆଗରୁ ଏକ କାର୍ଯ୍ୟକ୍ରମରେ ସେ ଚାଇନା ନିୟାମକ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିଥିଲେ। ଏହା ପରଠାରୁ ତାଙ୍କ ସମସ୍ୟା ବଢ଼ିଥିଲା। ଚାଇନାର ଫାଇନାନ୍ସିଆଲ ସିଷ୍ଟମ ନୂଆ ଉଦ୍ଭାବନକୁ ପ୍ରୋତ୍ସାହିତ କରେ ନାହିଁ ବୋଲି ସେ ପୂର୍ବରୁ କହିଥିଲେ।


# ରେନୋ କାଇଗରର ଗ୍ଲୋବାଲ ଲଞ୍ଚ ୨୮ରେ

RENAULT
Passion for life

ନୂଆଦିଲ୍ଲୀ,୫।୧: ପ୍ରମୁଖ କାର ନିର୍ମାଣକାରୀ କମ୍ପାନୀ ରେନୋ ଗ୍ରୁପ୍ ପକ୍ଷରୁ ଏହାର ନୂଆ ମଡେଲ କାଇଗର ଭାରତରୁ ଗ୍ଲୋବାଲ ଲଞ୍ଚ ହେବ। ଚଳିତ ମାସ ୨୮ତାରିଖରେ ଏହି କାର୍ଯ୍ୟକ୍ରମ ହେବା ଯୋଜନା ରଖାଯାଇଛି। ବି-ଏସ୍‌ୟୁଭି ସେଗ୍‌ମେଣ୍ଟରେ ଏହା ଏକ ଯୁଗାନ୍ତକାରୀ ମଡେଲ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଏଥିରେ ଷ୍ଟନିଂ,ସ୍ମାର୍ଟ ଏବଂ ସ୍ପୋର୍ଟି ଫିଚର ସଂଯୋଗ କରାଯାଇଛି। ଷ୍ଟାଇଲ ଏବଂ ଆଧୁନିକତାରେ ଏହା ଏକ ସମ୍ମିଶ୍ରଣ ବୋଲି କମ୍ପାନୀ କହିଛି। ସିଏମ୍‌ଏଫ୍‌ଏ ପ୍ଲସ୍ ପ୍ଲାଟ୍‌ଫର୍ମ, ବେଷ୍ଟ କ୍ଲାସ୍ ଅଫରିଂ, ଅଲ୍ ନ୍ୟୁ ଟର୍ବୋ ଇଞ୍ଜିନ ଭଳି ଅନ୍ୟ ବୈଶିଷ୍ଟ୍ୟ କମ୍ପାନୀ ଏହି ମଡେଲରେ ସାମିଲ କରିଛି। ରେନୋର ଅନ୍ୟ ପ୍ରମୁଖ ମଡେଲ ଯଥା- ଡଷ୍ଟର, କ୍ୱିଡ୍ ଏବଂ ଟ୍ରାଇବର ଭଳି ନୂଆ କାଇଗର ଗ୍ରାହକଙ୍କ ମନ ଜିଣିବାରେ ସକ୍ଷମ ହେବ ବୋଲି କୁହାଯାଉଛି। ସେହିଭଳି ଏହା ଗେମ୍‌ଚେଞ୍ଜର ସାବ୍ୟସ୍ତ ହେବା ସହ ରେନୋ ଗ୍ରୁପ୍‌ର ଏହା ତୃତୀୟ ଗ୍ଲୋବାଲ କାର୍ ହେବ ବୋଲି କମ୍ପାନୀ ଆଶା ରଖିଛି।

# ସେନ୍‌ସେକ୍ସରେ ରେକର୍ଡ ଧାରା ଜାରି

ମୁମ୍ବାଇ,୫।୧



ଭାରତୀୟ ଶେୟାର ବଜାରରେ ଲଗାତର ୧୦ ସେସନ ଧରି ଉନ୍ନତ କାରବାର ହୋଇଛି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ୨୬୧ ପଏଣ୍ଟ ଉଚ୍ଚରେ ରହିଛି। ଫଳରେ ସୂଚକାଙ୍କ ନୂଆ ରେକର୍ଡ ଉଚ୍ଚ ସ୍ତରରେ ରହିଛି। ଏଚ୍‌ଡିଏଫ୍‌ସି, ଆକ୍ସିସ ବ୍ୟାଙ୍କ ଏବଂ ଟିସିଏସ୍ ଭଳି କମ୍ପାନୀଗୁଡ଼ିକର ଶେୟାର କାରବାର ବେଶ୍ ଉନ୍ନତ ରହିଛି। ସେନ୍‌ସେକ୍ସର ଆରମ୍ଭ କାରବାର ପ୍ରଭାବିତ ହୋଇ ରହିଥିଲା। ମାତ୍ର କାରବାର ଶେଷ ବେଳକୁ ଏହା ୨୬୦.୯୮ ପଏଣ୍ଟ(୦.୫୪%) ଉଚ୍ଚରେ ରହି ୪୮,୪୩୭.୭୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ସର୍ବକାଳୀନ ରେକର୍ଡ ୪୮,୪୮୬.୨୪ ପଏଣ୍ଟ ସ୍ତର ଛୁଇଁଥିଲା।

ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୬୬.୬୦ ପଏଣ୍ଟ(୦.୪୭%)ଉଚ୍ଚରେରହିବାଯୋଗୁ ନୂଆ ରେକର୍ଡ ଉଚ୍ଚ ସ୍ତର ୧୪,୧୯୯.୫୦ ପଏଣ୍ଟରେ ବନ୍ଦ ହୋଇଛି। ଏହା ଦିନ ମଧ୍ୟରେ ୧୪,୨୧୫.୬୦ ପଏଣ୍ଟ ସ୍ତର ଛୁଇଁଥିଲା। ସେନ୍‌ସେକ୍ସରେ ଆକ୍ସିସ ବ୍ୟାଙ୍କ ଶେୟାର କାରବାର ସବୁଠାରୁ ଭଲ ରହିଛି। ସେହିଭଳି ଏଚ୍‌ଡିଏଫ୍‌ସି, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, ଟିସିଏସ୍, ଏସିଆନ୍ ପେଣ୍ଟସ, ଟାଇଟାନ, ଏଚ୍‌ସିଏଲ୍ ଟେକ୍, ଆଇସିଆଇସିଆଇ ବ୍ୟାଙ୍କର ଶେୟାର ମଧ ବେଶ୍ ଭଲ ପ୍ରଦର୍ଶନ କରିଛି। ଅପରପକ୍ଷରେ ଓଏନ୍‌ଜିସି ବଜାଜ ଫାଇନାନ୍ସ, ଏନ୍‌ଟିପିସି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ କାରବାର ପ୍ରଭାବିତ ହୋଇ ରହିଛି। ଟୋକିଓକୁ ଛାଡ଼ିଲେ ଏସିଆର ଅନ୍ୟ ପ୍ରମୁଖ ଶେୟାର ବଜାର କାରବାର ପ୍ରଭାବିତ ହୋଇ ରହିଛି। ସେହିଭଳି ୟୁରୋପର ଶେୟାର ବଜାରରେ ମିଶ୍ରିତ କାରବାର ଦେଖିବାକୁ ମିଳିଛି।

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ୫ାO ପଢିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9354094396, 9318478223

URGENTLY REQUIRED 23NOS CANDIDATES
ଓଡିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନୁଗୁଳ, କଟକ, ରାୟଗଡା,ଟିଟିଲାଗଡ, ପାରାଦ୍ୱୀପ ଝାରସୁଗୁଡା ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 74,800/-
Email your CV to : starrichplants12@gmail.com
WhatsApp : 8984171871

Required
VCI- Urgent openings:
Fresher & Experienced, Male & Female can apply.
Salary package:
40,000 upto Rs 70,000/- per Months
Qualifications:
12th on words upto graduations.
Sarika: 8298908593
Zoya : 9534426993

## ଅନ୍ୟ ଖବର

# ଟିକାକରଣରେ ଏସ୍‌ଏମ୍‌ଏସ୍, ଆଧାର, ଡିଜିଲକର



ନୂଆଦିଲ୍ଲୀ, ୫।୧

କରୋନା ମହାମାରୀ ବିରୋଧରେ ଭାରତ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ଲାଗି ପ୍ରସ୍ତୁତ ହେଉଥବାବେଳେ ଏହା କିପରି ସହଜରେ କାର୍ଯ୍ୟକାରୀ ହେବ ତାହା ଉପରେ ପ୍ରାଧାନ୍ୟ ଦିଆଯାଉଛି। ଏଥିପାଇଁ କେନ୍ଦ୍ର ସରକାର ଡିଜିଟାଲ ପ୍ଲାଟଫର୍ମ କୋ-ୱିନ୍ (କୋଭିଡ୍ ଭାକ୍ସିନ୍ ଇଣ୍ଟେଲିଜେନ୍ସ ନେଟ୍‌ୱର୍କ) ବିକଶିତ କରିଛନ୍ତି। ଟିକାକରଣ ଲାଗି ସାରା ଦେଶରୁ ହିତାଧିକାରୀଙ୍କୁ ଚିହ୍ନଟ କରିବା ଓ ଅନୁଧ୍ୟାନ କରିବା ଲାଗି ଏହାର ଶୁଭାରମ୍ଭ କରାଯାଇଛି। ଟିକା ନେବାକୁ ଚାହୁଁଥିବା ବ୍ୟକ୍ତି ଏହି ଆପ୍‌ରେ ନାମ ପଞ୍ଜୀକରଣ କରିବା ପରେ ସେ ଦେଇଥିବା ବିବରଣୀ ଯାଞ୍ଚ କରାଯିବ। କୌଣସି ପ୍ରକାର ଜାଲିଆତି ରୋକିବା ଲାଗି ପଞ୍ଜୀକରଣରେ ଆଧାରକୁ ଜରୁରୀ କରାଯାଇଛି। ଯାଞ୍ଚ ପରେ ହିତାଧିକାରୀ କେଉଁଦିନ ଓ କେଉଁଠି ଟିକା ନେବେ ତାହା ସ୍ପଷ୍ଟ ହେବା ଲାଗି ଏକ ଏସ୍‌ଏମ୍‌ଏସ୍ ଆସିବ। ଟିକା ନେବା ପରେ ବ୍ୟକ୍ତିଙ୍କ ଉପରେ ଏହାର କିଭଳି ପ୍ରତିକ୍ରିୟା ଦେଖାଯାଉଛି, ତାହା ଉପରେ ତୀକ୍ଷ୍ଣ ନଜର ରଖାଯିବ। ହିତାଧିକାରୀ ଓ ଟିକା ଦେଉଥିବା କର୍ମଚାରୀଙ୍କ ପାଖକୁ ୧୨ଟି ଭାଷାରେ ଏସ୍‌ଏମ୍‌ଏସ୍ ଆସିବ। ଟିକାର ଦୁଇଟି ଯାକ ଡୋଜ୍ ଦିଆଯିବା ପରେ ହିତାଧିକାରୀଙ୍କୁ ଏକ କ୍ୟୁଆର୍ କୋଡ୍ ଭିତ୍ତିକ ସାର୍ଟିଫିକେଟ ଇସ୍ୟୁ କରାଯିବ। ଏହାକୁ ସେମାନେ ମୋବାଇଲ୍ ଫୋନ୍‌ରେ ଷ୍ଟୋର୍ କରି ରଖିପାରିବେ। ଏଥିପାଇଁ ସରକାରଙ୍କ ଡକ୍ୟୁମେଣ୍ଟ ଷ୍ଟୋରେଜ୍ ଆପ୍ ଡିଜିଲକରକୁ ସଂଯୋଗ କରାଯିବ। ଏଥିସହିତ ଏକ ୨୪ ଘଣ୍ଟିଆ ହେଲ୍ପଲାଇନ ରହିବ।

### ସୁଚାରୁ ଟିକାକରଣ ଲାଗି ସିରମ୍, ଭାରତ ବାୟୋଟେକ୍‌ର ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୫।୧

କୋଭାକ୍ସିନ୍ ଟିକାକୁ ପାଣି ଭଳି ନିରାପଦ କହିଥିବା ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇଆଇ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦର ପୁନାୱାଲାଙ୍କୁ ଭାରତ ବାୟୋଟେକ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଣ ଏଲା ସୋମବାର କଡ଼ା ସମାଲୋଚନା କରିଥିଲେ। ଏହାର ଦିନକ ପରେ ଦୁଇ କମ୍ପାନୀର ମୁଖ୍ୟ ଏକ ମିଳିତ ବିବୃତି ଜାରି କରି ଭାରତ ତଥା ବିଶ୍ୱରେ କୋଭିଡ୍ ଟିକା କିପରି ସହଜରେ ଓ ସୁଚାରୁ ରୂପେ କାର୍ଯ୍ୟକାରୀ ହେବ ସେ ଦିଗରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଜୀବନ ଓ ଜୀବିକାର ସୁରକ୍ଷା ଏବେ ସେମାନଙ୍କ ଆଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ଦୁଇ ଅଧିକାରୀ କହିଛନ୍ତି।

# ଅଣଚାଷୀଙ୍କୁ ମିଳୁଛି ଟୋକନ

ଖଣ୍ଡପଡା,୫।୧(ସ୍ୱ.ପ୍ର.)

### ପ୍ରଞ୍ଜୀକୃତ ଚାଷୀଙ୍କ ନାମ ପଞ୍ଜିକରଣ ହୋଇନାହିଁ

ଅଣଚାଷୀଙ୍କୁ ଟୋକନ ପ୍ରଦାନ କରାଯାଉଛି। ନୟାଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଖଣ୍ଡପଡା ଶାଖା ଅଧୀନ ତେନ୍ତୁଳିଆପଲ୍ଲୀ ସେବା ସମବାୟ ସମିତି ଧାନମଣ୍ଡିରେ ଏହି ଅବ୍ୟବସ୍ଥା ଚାଲିଛି। ଚାଷୀଙ୍କ ବଦଳରେ ଦଲାଲ, ଅଣଚାଷୀ ଦିନକୁ ବହୁ କୁଇଣ୍ଟାଲ ଧାନ ବିକ୍ରି କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ବାଦ ଦେଇ ଅଣଚାଷୀଙ୍କ ନାମରେ ଉକ୍ତ ସେବା ସମବାୟ ସମିତିରେ କିଭଳି ଟୋକନ ପ୍ରଦାନ କରାଗଲା ତାହା ତଦନ୍ତ କରାଯାଉ ବୋଲି ଦାବି କରାଯାଇଛି।

ଅଭିଯୋଗ ଅନୁଯାୟୀ, ବେଣାଗାଡିଆ, ତେନ୍ତୁଳିଆପଲ୍ଲୀ, ବରକୋଳି, ମୁରାରୀପୁର, ପଥରଦ୍ୱାରଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଅଣଚାଷୀଙ୍କ ନାମ ସମବାୟ ସମିତି କାର୍ଯ୍ୟାଳୟରେ ପଞ୍ଜିକରଣ କରାଯାଇଛି। ସେମାନଙ୍କୁ ଏହି ସୁଯୋଗରେ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରାଯାଇଛି। ଶତାଧିକ ଗ୍ରାମବାସୀ ଏ ସଂକ୍ରାନ୍ତରେ ନୟାଗଡ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ତେନ୍ତୁଳିଆପଲ୍ଲୀ ସେବା ସମବାୟ ସମିତିରେ ସମ୍ପାଦକ ପଦବୀ ଦୀର୍ଘବର୍ଷ ଧରି ଖାଲି ପଡିଥିବା ବେଳେ ସେଠାରେ କାର୍ଯ୍ୟରତ ଜଣେ କର୍ମଚାରୀ ଅଣଚାଷୀମାନଙ୍କ ନାମ ପଞ୍ଜିକରଣ କରିବା ସହ ଧାନ ବିକିବା ନିମନ୍ତେ ଟୋକନ ପ୍ରଦାନ କରିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀଙ୍କ ନାମ ଅଦ୍ୟାବଧି ପଞ୍ଜିକରଣ ହୋଇନାହିଁ। ଫଳରେ ସେମାନେ ମଣ୍ଡିରେ ଧାନବିକ୍ରୀରୁ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ପୂର୍ବରୁ ଉକ୍ତ ସମବାୟ ସମିତି ଦାୟିତ୍ୱରେ ଥିବା ତଥା ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ଖଣ୍ଡପଡା ଶାଖାର ସୁପରଭାଇଜର ଲକ୍ଷ୍ମଣ କୁମାର ପ୍ରଧାନଙ୍କୁ ପଚାରିବାରୁ ସେପରି କୌଣସି ଅଭିଯୋଗ ସେ ପାଇ ନାହାନ୍ତି। ତଥାପି ଏହି ଅଭିଯୋଗର ତଦନ୍ତ କରାଯିବ। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ପୂର୍ବ ତଟ ରେଳପଥ
ନିର୍ମାଣ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMIVSKP2020069, ତା: 29.12.2020
କାର୍ଯ୍ୟର ନାମ : କୋଟାଭାଲସା-କୋରାପୁଟ ଦୋହରୀକରଣ ପ୍ରକଳ୍ପ : ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର KK ଲାଇନ୍ ଦୋହରୀକରଣ ସମ୍ବନ୍ଧୀୟ ଗୋରାପୁର (Ex)-ଅରକୁ (In) ଷ୍ଟେସନଗୁଡ଼ିକ ମଧ୍ୟରେ ରେଳବାଇ ବିନିର୍ଦ୍ଦେଶ ଅନୁଯାୟୀ ଠିକାଦାରଙ୍କ 35,000 ଘନମିଟରର କଠିନ ପଥରକୁ ମେସିନ୍ ଦ୍ୱାରା ଟ୍ରାକ୍ ବାଲାଷ୍ଟ ରୂପେ ଭାଙ୍ଗି ଯୋଗାଣ, ପରିବହନ ଏବଂ ଗଦାମାରିବା ତଥା ଡାରଲିପୁଟ, ଗୋରାପୁର ଏବଂ ଅରକୁ ଷ୍ଟେସନ ୟାର୍ଡ଼ଗୁଡ଼ିକ ସହିତ ପାଡୁଆ (Ex) ଠାରୁ ଅରକୁ (In) ଷ୍ଟେସନ ମଧ୍ୟରେ P.Way ସାମଗ୍ରୀଗୁଡ଼ିକର ପରିବହନ, P.Way ଲିଙ୍କିଙ୍ଗ୍ ସମ୍ପାଦନ ଏବଂ ସମ୍ପର୍କିତ କାର୍ଯ୍ୟ, ଅରକୁ-ଗୋରାପୁର ସେକ୍ସନ ମଧ୍ୟରେ ବାକ୍ସ ପୁସିଙ୍ଗ୍ ପ୍ରଣାଳୀ ଦ୍ୱାରା ନୂଆ RCC ବାକ୍ସ ସହିତ ରୋଡ଼ ଓଭର ବ୍ରିଜ୍ ନଂ.383 ର ନିର୍ମାଣ, କୋରାପୁଟ-ସୁକୁ ଷ୍ଟେସନ ମଧ୍ୟରେ ପୋଲ ନଂ.543 ଠାରେ ଖଲାସ ସହିତ ବ୍ରିଜ୍ ୱାର୍କସପ୍ ପ୍ଲାଣ୍ଟ ଡିପୋ, ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଠାରୁ ରେଲୱେ ବ୍ରିଜ୍ ଗର୍ଡ଼ରଗୁଡ଼ିକର ପରିବହନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 2597.23 ଲକ୍ଷ, EMD (ଟଙ୍କାରେ) : ₹ 14,48,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ଶୂନ୍ୟ, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.01.2021ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ। ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଭାଗ 2 ର ଅନୁଲଗ୍ନକ-I , ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-78/CD/20-21

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜର ଜମିକୁ ରୋଜଗାରର ମାଧମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

SHREE LAXMI UDYAG
Private Company ଦ୍ୱାରା ୭ଦିନ ମଧ୍ୟରେ ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 5% ପର୍ସନାଲ ଲୋନ, ବ୍ୟବସାୟ, କୃଷି, ଗୃହ, ଶିକ୍ଷା ଓ ସମ୍ପତ୍ତି ଇତ୍ୟାଦି ୧ଲକ୍ଷ ଟଙ୍କାରୁ ୧କୋଟି ପର୍ଯ୍ୟନ୍ତ।
M - 9836232487
W - 8902779180

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଞ୍ଚଟି କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396732814

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଲା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଟ୍ରକ୍ ଡ୍ରାଇଭରଙ୍କୁ ଭୁଜାଲି ଦେଖାଇ ଲୁଟ୍**

ଖଲ୍ଲିକୋଟ,(ଡି.ଏନ୍.ଏ.): ଖଲ୍ଲିକୋଟ ଅଞ୍ଚଳରେ କିଛିଦିନ ହେଲା ଲୁଟ୍ ଘଟଣା ବଢ଼ିଚାଲିଛି। ସୋମବାର ବିଳମ୍ବିତ ରାତିରେ ଗୁରାପଲ୍ଲୀ ଟୋଲ୍‌ଗେଟ ନିକଟ ହିରୋ ସୋ'ରୁମ ଆଗରେ ଠିଆ ହୋଇଥିବା ଏକ ନଡ଼ିଆ ବୋଝେଇ ଟ୍ରକର ଡ୍ରାଇଭରଙ୍କୁ କେତେଜଣ ଦୁର୍ବୃତ୍ତ ଭୁଜାଲି ଦେଖାଇ ୧୫୦୦ ଟଙ୍କା ଛଡ଼ାଇ ନେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ସ୍ୱପ୍ତି ରିସର୍ଟ ମ୍ୟାନେଜରଙ୍କୁ ମାଉଜର ଦେଖାଇ ଦୁର୍ବୃତ୍ତ ୬ ଲକ୍ଷ ଲୁଟି ନେଇଥିଲେ। ଏହାପୂର୍ବରୁ ୨୬ ତାରିଖରେ ବଡ଼ଘାଟିରେ ଜଣେ ଯୁବକଙ୍କଠାରୁ ଦୁଇ ଲକ୍ଷ ଲୁଟ ହୋଇଥିଲା। ଏସବୁ ଘଟଣାରେ ଖଲ୍ଲିକୋଟ ପୋଲିସ କାହାରିକୁ ଗିରଫ କରିନାହିଁ।



## ସଂକ୍ଷେପରେ

### ଆକ୍ରମଣ ମାମଲା

## କୋର୍ଟରେ ୨ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ବ୍ରହ୍ମପୁର ଅଫିସ,୫।୧:** ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଏକ ହତ୍ୟା ଉଦ୍ୟମ ଘଟଣାର ଫେରାର ଥିବା ୨ ଅଭିଯୁକ୍ତ ଏସ୍‌ଡ଼ିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଦୁମିଦୁମିର ଶେଖ ବୁଖାରି (୩୨) ଓ ଶେଖ ରମଜାନ (୨୭)। ଏସଡ଼ିଜେଏମ ଜିତେନ୍ଦ୍ରୀୟ ପାଣିଗ୍ରାହୀ ଉଭୟ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ବୋଲି ମୁଦାଲାଙ୍କ ଓକିଲ ସାୟାଦ ଇକବାଲ କହିଛନ୍ତି। ଘଟଣାରୁ ପ୍ରକାଶ, ଗତ ନଭେମ୍ବର ୧ରେ ଗାଁରେ ଚାଲିଥିବା ଏକ ଜୁଆ ଖେଳ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ଦୁମଦୁମୀ ଗାଁରେ ପହଞ୍ଚି ଉଭୟ ଗୋଷ୍ଠୀର ୩ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ମାମଲା ନମ୍ବର ୩୧୫/୨୦ ରେ ଶେଖ ବୁଖାରି ଓ ଶେଖ ରମଜାନ ଫେରାର ଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

**ବେଗୁନିଆପଡା,୫।୧(ଡି.ଏନ୍.ଏ.):** ବେଗୁନିଆପଡା ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈଠକ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କୋଦଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଯୋଜନାରେ ଥିବା ୭୫ ହଜାର ଓ ରୋଗୀ କଲ୍ୟାଣ ସମିତିରେ ଥିବା ୨ଲକ୍ଷ ୫୦ ହଜାର ଟଙ୍କା, ବେଗୁନିଆପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧ ଲକ୍ଷ ୭୩ ହଜାର, ସୁମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୩ ଲକ୍ଷ ୫୦ ହଜାର ଓ ରାହାଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୨ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏଥିରେ ବେଡ୍, ଚେୟାର, ଟେବୁଲ, ମରାମତି ଆଦି କରିବା ପାଇଁ ସ୍ଥିର କରାଯାଇଥିଲା। ବିଲ୍‌ଡିଂ ମରାମତି, ପ୍ରାଚୀର ନିର୍ମାଣ ଓ କ୍ୱାର୍ଟର୍ସ ନିର୍ମାଣ ଆଦି ଅନ୍ୟାନ୍ୟ ପାଣ୍ଠିରୁ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବାକୁ ବିଡିଓ ବେଦବର ପ୍ରଧାନ ଓ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିଲେ। ବୈଠକରେ ବ୍ଲକ ଅଧକ୍ଷା ରାଜଲକ୍ଷ୍ମୀ ଦୋରା, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ି, ଗୀତାଞ୍ଜଳି ଭୂୟାଁ, ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ଡାକ୍ତର ସୁଜିତ କୁମାର ବେହେରା, ରାଜେନ୍ଦ୍ର କୁମାର ପ୍ରଧାନ, ସଂଜୟ କୁମାର ସାହୁ, ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ସଭ୍ୟ ଯୋଗ ଦେଇଥିଲେ।

## ଏନ୍‌ଏସି ପକ୍ଷରୁ ଧରପଗଡ଼

**ଆସିକା,୫।୧(ଡି.ଏନ୍.ଏ.):** ଆସିକା ଏନ୍‌ଏସି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା କେତେକ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ସମ୍ପୃକ୍ତ ଦୋକାନରେ ପଲିଥିନ ବ୍ୟବହାର ଓ ସାମାଜିକ ଦୂରତ୍ୱ ରକ୍ଷିବା ଉପରେ ଗୁରୁତ୍ୱାରୋପ କରାଯାଇ ନ ଥିବା ଅଭିଯୋଗରେ ୨୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ କହଁରଙ୍କ ନେତୃତ୍ୱରେ ଏନ୍‌ଏସି କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।

# ବ୍ୟାଙ୍କ ଆଗରେ ମହିଳା ସଂଘର ବିକ୍ଷୋଭ

**ଛତ୍ରପୁର,୫।୧(ଡି.ଏନ୍.ଏ.)**



ବ୍ୟାଙ୍କ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ଆର୍ଥିକ ବ୍ୟବସ୍ଥା ସୁଦୃଢ କରିବାକୁ ରାଜ୍ୟ ସରକାର ବିଭିନ୍ନ ଋଣ ପ୍ରଦାନ କରିଥାନ୍ତି। ମହିଳାମାନେ ସଂଘ କରି ବ୍ୟାଙ୍କ ଜରିଆରେ ଋଣ ଆଣି ବିଭିନ୍ନ ପ୍ରକାର ବ୍ୟବସାୟ କରି ନିଜେ ସ୍ୱାବଲମ୍ବୀ ହେବା ସହ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାରେ ସହାୟକ ହୋଇଥାନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସବୁ ବ୍ୟାଙ୍କ ଯେଭଳି ମହିଳା ସଂଘଗୁଡିକୁ ଋଣ ପ୍ରଦାନ କରିବେ ତାହା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ମାତ୍ର ଛତ୍ରପୁର ବ୍ଲକ ବିପୁଳିଙ୍ଗ ଗାଁରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଦେବାରେ ହଇରାଣ କରୁଥିବା ମହିଳା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସବୁଆଡ୍ରୁ ନିରାଶ ହେବା ପରେ ବିଭିନ୍ନ ମହିଳା ସଂଘ ପକ୍ଷରୁ ମଙ୍ଗଳବାର ଉକ୍ତ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିପୁଳିଙ୍ଗି ପଞ୍ଚାୟତ

### ଋଣ ଦେବାରେ ଟାଳଟୁଳ ନୀତିର ପ୍ରତିବାଦ

କଡୁରୁ ଗ୍ରାମର ଶିବଶଙ୍କର ମହିଳା ସ୍ୱୟଂ ସହାୟକ ସଂଘ, ରାଜନାପଲ୍ଲୀ ଗ୍ରାମର ମା ସରସ୍ୱତୀ ,ମା ମହାମାୟୀ , ମା ବିରିସିଙ୍ଗ ମହିଳାସଂଘକୁ ଋଣ ଦେବାରେ ଅବହେଳା କରାଯାଉଥିବା ସଂଘ ସଭ୍ୟାମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜର ଖବରଦାତାମାନଙ୍କୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ମହିଳା ସଂଘଗୁଡ଼ିକ ପକ୍ଷରୁ ବ୍ୟାଙ୍କ ମ୍ୟାନେଜରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ଏହାର ନକଲ ବିଡିଓ, ବ୍ୟାଙ୍କର ଜୋନାଲ ମ୍ୟାନେଜରଙ୍କୁ ମଧ୍ୟ ପ୍ରେରଣ କରାଯାଇଛି। ସ୍ଥାନୀୟ ସରପଞ୍ଚ ଟି.ନରସିଂହ ରେଡ୍ଡୀ, ସମିତିସଭ୍ୟ ଜୟଦେବ ଲେଙ୍କା, ଜି. ଦମୟନ୍ତୀ ରେଡ୍ଡୀ, ସୁଲୋଚନା ମହାରଣା, ଇନ୍ଦିରା ମହାରଣା, ବି.ଲକ୍ଷ୍ମୀ ରେଡ୍ଡୀ, ପି.ଜାନକୀ ରେଡ୍ଡୀ, କୁମାରୀ ପରିଡା ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଛଟେଇ କୋଭିଡ୍ ଷ୍ଟାଫ୍‌ନର୍ସଙ୍କ ଆନ୍ଦୋଳନ ଜାରି

**ବ୍ରହ୍ମପୁର ଅଫିସ,୫।୧**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି କୋଭିଡ୍ ହସ୍ପିଟାଲରୁ ଛଟେଇ ହୋଇଥିବା ଷ୍ଟାଫନର୍ସଙ୍କ ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଯଦି ସେମାନଙ୍କୁ ପୁନଃନିଯୁକ୍ତି ନ ମିଳେ ତେବେ ସେମାନେ ଭୁବନେଶ୍ୱର ଯାଇ ଧାରଣା ଦେବେବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, କରୋନା ହେବା ପରେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ୨୩୮ ଷ୍ଟାଫନର୍ସଙ୍କୁ ଅସ୍ଥାୟୀଭାବେ ନିଯୁକ୍ତି ଦିଆଯାଇଥିଲା। କରୋନା କମିବା ପରେ ଗତ ମାସ ୩୧ ତାରିଖରେ ୨୩୮ ଜଣଙ୍କ ମଧ୍ୟରୁ ୭୫ ପ୍ରତିଶତ ଅର୍ଥାତ ୧୭୧ ଜଣଙ୍କୁ ଛଟେଇ କରାଯାଇଥିଲା। ତେବେ ବିନା ନୋଟିସରେ ୧୭୧ ଜଣଙ୍କୁ ଛଟେଇ କରାଯାଇଥିବାରୁ ସେମାନେ ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ସୋମବାର ଛଟେଇ ହୋଇଥିବା ଷ୍ଟାଫନର୍ସମାନେ ଏମ୍‌କେସିଜି ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଛତ୍ରପୁର ଯାଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ପୁନଃନିଯୁକ୍ତି ନେଇ ଏମ୍‌କେସିଜି କର୍ତ୍ତୃପକ୍ଷ କିମ୍ବା ଜିଲାପାଳଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି ନ ମିଳିବାରୁ ମଙ୍ଗଳବାର ପୁଣି ଥରେ ଏମ୍‌କେସିଜି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ପୁନଃନିଯୁକ୍ତି ଦାବି କରିଥିଲେ। ଏହା ମଧ୍ୟରେ ଏମ୍‌କେସିଜି କର୍ତ୍ତୃପକ୍ଷ ଛଟେଇ ହୋଇଥିବା ୧୭୧ ଜଣ ଷ୍ଟାଫନର୍ସଙ୍କ ମଧ୍ୟରୁ ଆଉ ୫୩ ଜଣଙ୍କୁ ପୁନଃନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି। ହେଲେ ଛଟେଇ ହୋଇଥିବା ସମସ୍ତ ଷ୍ଟାଫନର୍ସଙ୍କୁ ପୁନଃନିଯୁକ୍ତି ଦେବାକୁ ଦାବି କରାଯାଉଛି।

## ୩ୟ ଥର ଲାଗି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ରେଷ୍ଠ ଘୋଷିତ

**ବ୍ରହ୍ମପୁର ଅଫିସ୍,୫।୧**

### ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାଜ୍ୟରେ କୃତିତ୍ୱ ହାସଲ କରିଥିବାରୁ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ରେଷ୍ଠ ଘୋଷିତ ହୋଇଛି। ୧ ଲକ୍ଷ ଟଙ୍କାର ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଥିବାରୁ ପରିଚାଳନା ସମିତି ସଦସ୍ୟମାନେ ପ୍ରଧାନାଚାର୍ଯ୍ୟ ଏସ୍.ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ତଥା ଗୁରୁଜୀ ଗୁରୁମାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୨୯ ବର୍ଷ କାଳ ଏହି ଅନୁଷ୍ଠାନ ଶତପ୍ରତିଶତ ସଫଳତା ହାସଲ କରି ଓଡ଼ିଶା ତଥା ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳରେ ୫୪ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ, ୧୧୪ ଏ-୨ ଗ୍ରେଡ୍‌ରେ, ୯୬ ବି-୧ ଗ୍ରେଡ୍‌ରେ, ୪୩ ବି-୨ ଗ୍ରେଡ୍‌ରେ, ୨୪ଜଣ ସି-ଗ୍ରେଡ୍‌ରେ, ୧୩ ଜଣ ଡି-ଗ୍ରେଡ୍‌ରେ ଏବଂ ଜଣେ ଇ-ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇ ସଫଳତା ହାସଲ କରିଥିଲେ। ଏହିଭଳି ପୁରସ୍କାର ହାସଲ କରିଥିବାରୁ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, କୋଷାଧକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ହରିକୃଷ୍ଣ ପାଢ଼ୀ, ସୁଦର୍ଶନ ପାଢ଼ୀ ଓ ବି. ଗଜପତି ରାଓ ସମସ୍ତ ଛାତ୍ରୀଛାତ୍ର, ଆଚାର୍ଯ୍ୟା ଆଚାର୍ଯ୍ୟ ତଥା ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସମସ୍ତ ଅଭିଭାବକ, ଆଚାର୍ଯ୍ୟା ଆଚାର୍ଯ୍ୟ, ପରିଚାଳନା ସମିତିର ସମସ୍ତ ସଦସ୍ୟା, ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଭାରତୀୟ ବିକାଶ ପରିଷଦର ବିକ୍ଷୋଭ




ଭାରତୀୟ ବିକାଶ ପରିଷଦର ବିକ୍ଷୋଭ।

**ବ୍ରହ୍ମପୁର ଅଫିସ୍,୫।୧**

ମାନା ଟ୍ରଷ୍ଟ ହଟାଅ, ଏସ୍‌ଏଚ୍‌ଜି ଓ ରାମମନ୍ଦିର ବଞ୍ଚାଅ ଦାବିରେ ମଙ୍ଗଳବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆର୍‌ଡିସିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ରେଳ ଷ୍ଟେଶନଠାରେ ଥିବା ଚାଉଲଟ୍ରିରୁ ୧୫ ଦିନ ମଧ୍ୟରେ ମାନା ଟ୍ରଷ୍ଟକୁ ବହିଷ୍କାର ସହ ଭଡ଼ା ବାବଦକୁ ମାସିକ ୨ ଲକ୍ଷ ଟଙ୍କା ହିସାବରେ ୨୦୧୧ ନଭେମ୍ବରଠାରୁ ଅଦ୍ୟାବଧି ରାଜ୍ୟ ରାଜକୋଷ/ରେଡକ୍ରସ୍ ପାଣ୍ଠିକୁ କ୍ଷତି ହୋଇଥିବା ପ୍ରାୟ ୨ କୋଟି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରି ତତ୍କାଳୀନ

### ମାନା ଟ୍ରଷ୍ଟ ହଟାଅ, ଏସ୍‌ଏଚ୍‌ଜି, ରାମ ମନ୍ଦିର ବଞ୍ଚାଅ

ଜିଲାପାଳଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ବ୍ରହ୍ମପୁର ରେଳଷ୍ଟେଶନ୍‌ରେ ଥିବା ଏକ ଚାଉଲଟ୍ରିକୁ ଜନୈକ ବଦାନ୍ୟ ବ୍ୟକ୍ତି ତତ୍କାଳୀନ ଜିଲାପାଳଙ୍କୁ ଧର୍ମଶାଳା ରୂପେ ବ୍ୟବହାର ପାଇଁ ଦେଇଥିଲେ। ଫଳରେ ରେଳଷ୍ଟେଶନକୁ ଆସୁଥିବା ଯାତ୍ରୀଙ୍କ ରହଣିରେ ସହାୟକ ହୋଇପାରୁଥିଲା। ଏଥିପାଇଁ ଯାତ୍ରୀଙ୍କଠାରୁ ଭଡ଼ା ମଧ୍ୟ ଆଦାୟ କରାଯାଉଥିଲା। କିନ୍ତୁ ଜିଲାପାଳ ୨୦୧୧ରେ ବିନା ଟେଣ୍ଡରରେ ନନ୍ଦୀ ଫାଉଣ୍ଡେଶନ୍‌ଓ ହାଇଦ୍ରାବାଦ ନିବାସୀ ଲୀନା ଯୋସେଫ୍ ନାମକ ଜଣେ ସ୍ୱେଚ୍ଛାସେବୀଙ୍କୁ ସ୍କୁଲ ମଧ୍ୟାହ୍ନ ଭୋଜନ ରୋଷେଇ ଓ ବଣ୍ଟନ ପାଇଁ ଚୁକ୍ତିନାମା କରି ଉକ୍ତ ଜାଗା ଓ ଗୃହକୁ ବିନା ଭଡ଼ାରେ ପ୍ରଦାନ କରିଥିଲେ। ଯାହାକି ରାଜ୍ୟର କ୍ଷତି ପହଁଚାଇଥିବା ସଂଘ ଅଭିଯୋଗ କରିଛି। ପରେ ସେଠାରେ ୨୦୧୪ରେ ମାନା ନାମକ ଏକ ଟ୍ରଷ୍ଟ ଗଠନ କରାଯାଇଥିଲା। ମାନା ଟ୍ରଷ୍ଟକୁ ବିନା ଟେଣ୍ଡରରେ ଗଞ୍ଜାମ ଓ କେନ୍ଦୁଝର ଜିଲାର ସମସ୍ତ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ଯୋଗାଣ ପାଇଁ ବେନିୟମ ଭାବେ ଅନୁମତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଉପସଭାପତି କିଶୋର ପାତ୍ରଙ୍କ ସମେତ ବୃନ୍ଦାବନ ବେହେରା ଓ ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଧାନମଣ୍ଡି ଉଦ୍‌ଘାଟିତ

**ଆସିକା,୫।୧(ଡି.ଏନ୍.ଏ.)**

ଆସିକା ଏନ୍‌ଏସିର ହରିହର ନଗରସ୍ଥିତ ମା' ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟାଳୟଠାରେ ସ୍ଥାନୀୟ ଏମ୍‌ପି ପ୍ରମିଳା ବିଷୋୟୀ ମଙ୍ଗଳବାର ଅପରାହ୍ନରେ ଧାନମଣ୍ଡି ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ୨ ଜଣ ଚାଷୀ ରାଘବ ଶିୟ ଓ ପାର୍ବତୀ ମୁନି ୫୦ କୁଇଣ୍ଟାଲ ଧାନ ଦେଇଛନ୍ତି। ଗୋଷ୍ଠୀର ସଭାନେତ୍ରୀ ପୁଷ୍ପାଞ୍ଜଳି ପାତ୍ର ଓ ସମ୍ପାଦିକା ମାମି ଜେନାଙ୍କ ସହ ଏନ୍‌ଏସି ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ କହଁର, ସିଡିପିଓ ଭାରତୀ ମହାପାତ୍ର, ସାମାଜିକ କର୍ମୀ ସତ୍ୟ ନାରାୟଣ ସ୍ୱାଇଁ, ଯୋଗାଣ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର, ଜିତେନ୍ଦ୍ର ବିଷୋୟୀ ପ୍ରମୁଖ ସାମିଲ ଥିଲେ। ଆସିକା ବ୍ଲକର ୧୮ଟି ସେବା ସମବାୟ ସମିତି ଓ ୧୧ ସ୍ୱୟଂ ସହାୟିକା ଗୋଷ୍ଠୀରେ ଧାନମଣ୍ଡି ଖୋଲା ଯାଇଥିବା ଯୋଗାଣ ନିରୀକ୍ଷକ ସୂଚନା ଦେଇଛନ୍ତି।

# ପ୍ରଦୀପଙ୍କ ନାଁରେ ୨ ମାମଲା ରୁଜୁ

**ଗୋପାଳପୁର,୫।୧:** ଟାଟା କମ୍ପାନୀରେ ଚାକିରି କରାଇ ଦେବା ନାଁରେ ନିଜର ଭାବୀ ଜ୍ୱାଇଁଙ୍କ ଜରିଆରେ ଲୋକଙ୍କଠାରୁ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ ଗିରଫ ହୋଇ ଜେଲରେ ଅଛନ୍ତି। ଏଭଳି ସ୍ଥିତିରେ ଗତ ଡିସେମ୍ବର ଶେଷ ସପ୍ତାହରେ ଗୋଳନ୍ଥରା ଥାନାରେ ତାଙ୍କ ବିରୋଧରେ ଆଉ ୨ଟି ମାମଲା ରୁଜୁ କରାଯାଇଛି। ଗୋଳନ୍ଥରା ଅଞ୍ଚଳର ଦୁଇ ଜଣ ବ୍ୟକ୍ତିଙ୍କଠାରୁ ପ୍ରଦୀପ ଟାଟାରେ ଚାକିରି କରାଇ ଦେବା ପାଇଁ ୯ ଲକ୍ଷ ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଚାକିରି ଦେବା ପାଇଁ ଗୋଳନ୍ଥରା ଥାନା ଅନ୍ତର୍ଗତ ଗୁଣ୍ଡୁପୁର ଗ୍ରାମର ଲକ୍ଷ୍ମୀନାରାୟଣ ନାୟକଙ୍କଠାରୁ ପ୍ରଦୀପ ଗତ ଜୁଲାଇ ମାସରେ ୬ ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ଚାକିରି କି ଟଙ୍କା ନ ମିଳିବାରୁ ଗତ ୨୪ ତାରିଖରେ ଲକ୍ଷ୍ମୀ ଏ ନେଇ ଥାନାରେ ଅଭିଯୋଗ କରିବାରୁ ନଂ.୩୭୪/୨୦ ମାମଲା ରୁଜୁ କରାଯାଇଛି। ସେହିପରି ଚାକିରି ଦେବାକୁ କହି ବିଧାୟକ ପ୍ରଦୀପ ଚିକରଡା ଗ୍ରାମର ପ୍ରଶାନ୍ତ କରଙ୍କଠାରୁ ଗତ ଅକ୍ଟୋବରରେ ୩ ଲକ୍ଷ ଟଙ୍କା ନେଇ ଥିଲେ। ଟଙ୍କା ଫେରସ୍ତ ନ ମିଳିବାରୁ ପ୍ରଶାନ୍ତ ଗତ ୩୧ ତାରିଖରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୩୮୪/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ମିଳିଛି।

## ବଡ଼ବଜାର ଥାନା ଘେରିଲା ଭାଜପା ଯୁବମୋର୍ଚ୍ଚା

**ବ୍ରହ୍ମପୁର ଅଫିସ,୫।୧**



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ।

ଗଞ୍ଜାମ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁର ବଡ଼ବଜାର ଥାନା ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଟକ ଜିଲା ମାହାଙ୍ଗା ବ୍ଲକ ପୂର୍ବତନ ଅଧକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ କରାଯାଇଥିବା ବିଭତ୍ସ ହତ୍ୟାର ପ୍ରତିବାଦ ସହ ଏହି ଘଟଣାରେ ଶାସକ ଦଳ ନେତାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ତେଣୁ ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମନ୍ତ୍ରୀ ପଦରୁ ମୁଖ୍ୟମନ୍ତ୍ରୀ ବହିଷ୍କାର ଓ ଗିରଫ କରି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର ଦାବି କରିଥିଲା ଯୁବମୋର୍ଚ୍ଚା। ସଭାପତି ସିଦ୍ଧାନ୍ତ ଗଙ୍ଗଦେବ, ସାଧାରଣ ସମ୍ପାଦକ କିରଣ କୁମାର

### ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ସାହୁ ଓ ବିକାଶ ପାଣିଗ୍ରାହୀ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ଭାଜପା ନେତା କାହ୍ନୁ ଚରଣ ପତି, ସୁନୀଲ କୁମାର ସାହୁ, ପ୍ରଭାତ କିରଣ ଷଡ଼ଙ୍ଗୀ, ରାମ କୁମାର ପାତ୍ର, ଏନ. ରାଜେନ୍ଦ୍ର କୁମାର, ଚିତ୍ତରଞ୍ଜନ ପଣ୍ଡା, ମହିଳା ନେତ୍ରୀ ଡ଼. ନମିତାରାଣୀ ପଣ୍ଡାଙ୍କ ସମେତ ଶତାଧିକ ଯୁବମୋର୍ଚ୍ଚା କର୍ମୀ ସାମିଲ ହୋଇଥିଲେ। ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ି ଚାଲିଛି ଓ ଏହାକୁ ରୋକିବାରେ ସରକାର ବିଫଳ ହୋଇଥିବା ଅଭିଯୋଗ କରାଯାଇଥିଲା। ବିକ୍ଷୋଭ ସ୍ଥଳରେ ମନ୍ତ୍ରୀ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଦୀର୍ଘ ସମୟ ଥାନା ଘେରାଉ ହୋଇଥିଲା।

# କ୍ରିକେଟ ଟୁର୍ନାମେଣ୍ଟ: ମଲିଙ୍ଗା ଟିମ୍ ବିଜୟୀ

**ବୁଗୁଡା,୫।୧(ଡି.ଏନ.ଏ.)**



ଉପସ୍ଥିତ ଅତିଥିବୃନ୍ଦ।

ବୁଗୁଡା ବ୍ଲକ ଅନ୍ତର୍ଗତ ବାଲିପଦରରେ ଶ୍ରୀନୀଳକଣ୍ଠେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଘୁମୁସର ଜିଲା ଭାଜପା ଉପସଭାପତି ପ୍ରଭାକର ପଣ୍ଡା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ରତ୍ନାକର ମହାରଣା ସଂଯୋଜନା କରିଥିଲେ। ଉଦଘାଟନୀ ମ୍ୟାଚ ନିମିନା ଟିମ୍ ଓ ଆସିକାର ମଲିଙ୍ଗା ଟିମ୍ ମଧ୍ୟରେ ହୋଇଥିବା ବେଳେ ମଲିଙ୍ଗା ଟିମ୍ ବିଜୟୀ ହୋଇଛି। ବିଦ୍ୟା ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ମନୋଜ ପଣ୍ଡା ଓ ସୀମାଞ୍ଚଳ ଜେନା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ପିଙ୍କୁ ଭଞ୍ଜ ଧାରା ବିବରଣୀ ଦେଇଥିଲେ। ବାଲିପଦର କ୍ରିକେଟ୍ ଟିମର ସଭାପତି ଜଗନ୍ନାଥ ମହାରଣା ସମେତ ଅନ୍ୟ ସଦସ୍ୟବୃନ୍ଦ ସହଯୋଗ କରିଥିଲେ। ପ୍ରତାପ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଉଥ୍‌କୋ ଅଫିସର୍ସ ମଞ୍ଚର ଧାରଣା ଅବ୍ୟାହତ

**ବ୍ରହ୍ମପୁର ଅଫିସ୍,୫।୧**



ସାଉଥ୍‌କୋ ୟୁଟିଲିଟି କାର୍ଯ୍ୟାଳୟରେ ଆଲୋଚନା ଚାଲିଛି।

ସାଉଥ୍‌କୋ ଏମ୍ପ୍ଲଇଜ୍, ଇଞ୍ଜିନିଅର, ଅଫିସର, ଶ୍ରମିକ ଏକତା ମଞ୍ଚ ପକ୍ଷରୁ ଆନ୍ଦୋଳନ ଅବ୍ୟାହତ ରହିଛି। ମଙ୍ଗଳବାର ଏକତା ମଞ୍ଚ ଓ ସାଉଥ୍‌କୋରୁ ଦାୟିତ୍ୱଭାର ଗ୍ରହଣ କରିଥିବା ଟାଟା ସହ ଏକ ଆଲୋଚନା ବ୍ରହ୍ମପୁର ସାଉଥ୍‌କୋ ୟୁଟିଲିଟି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିପିଏସ୍‌ଓଡ଼ିଏଲ୍(ଟାଟା ପାୱାର୍ ସାଉର୍ଥେନ୍ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁଶନ୍ ଲିମିଟେଡ଼୍)ର ସିଇଓ ଅରବିନ୍ଦ ସିଂ ଉପସ୍ଥିତ ଥିଲେ। ଚାକିରୀରେ ଥିବା ସର୍ତ୍ତାବଳୀ ବଜାୟ, ପେନ୍‌ସନ୍ ଠିକ୍‌ଭାବେ ପ୍ରଦାନ, ଆଉଟ୍ ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ନୂତନ ନିଯୁକ୍ତି ସୃଷ୍ଟି, ଓଇଆର୍‌ସି କର୍ମଚାରୀଙ୍କ ୧୦ ପ୍ରତିଶତକୁ ଅଧୀନରେ ରଖିବା, ଗ୍ରାଚ୍ୟୁଇଟି ଯାହା ଓଏସ୍‌ଇବି/ଗ୍ରୀଡ଼୍‌କୋ/ସାଉଥ୍‌କୋ ୟୁଟିଲିଟିରେ ଚାଲି ଆସିଛି ତାର ଏକ

### ଟାଟା ସହ ଆଲୋଚନା, ଲିଖିତ ପ୍ରତିଶ୍ରୁତି ଦାବି

ସାର୍କୁଲାର୍ ଟାଟା ପ୍ରଦାନ କରିବା ପାଇଁ ମଞ୍ଚ ଦାବି କରିଥିଲା। ସମସ୍ତ ଦାବି ଯାଞ୍ଚ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଟାଟା ସିଇଓ କହିଥିଲେ। ତେବେ ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ଧାରଣା ଅବ୍ୟାହତ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ଏହି ଆଲୋଚନାରେ ଟାଟାର ଚିଫ୍ ଅଫ୍ ଏଚ୍‌ଆର୍ ଦୈତାରୀ ସ୍ୱାଇଁଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ମଞ୍ଚ ପକ୍ଷରୁ କନ୍‌ଭେନର୍ ବିନୋଦ ବିହାରୀ ନାୟକଙ୍କ ସମେତ ପ୍ରଭାତ କୁମାର କର, ଲମ୍ବୋଦର ପାତ୍ର, ପ୍ରଫୁଲ୍ଲ ପଟ୍ଟନାୟକ ଦୁର୍ଗା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ବୁଧବାର, ଜାନୁୟାରୀ ୬, ୨୦୨୧

## ଜଳିଗଲା ୭ ଭରଣ ଧାନ

ହିଞ୍ଜିଳିକାଟୁ,(ଡି.ଏନ୍.ଏ.)- ହିଞ୍ଜିଳି ଥାନା ବାଦିଆମ୍ବଗାଁରେ ଏକ ଖଳାରେ ଗଦା ହୋଇଥିବା ପ୍ରାୟ ୭ ଭରଣ ଧାନ ସୋମବାର ରାତିରେ କୌଣସି ପ୍ରକାରେ ଜଳିଯାଇଛି। ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। କେହି ବ୍ୟକ୍ତି ଶତ୍ରୁତା ରଖି ଧାନଗଦାରେ ନିଆଁ ଲଗାଇ ଦେଇଥିବା ନେଇ ଚାଷୀ ସଦାନନ୍ଦ ରାଉତ ସନ୍ଦେହ କରିଛନ୍ତି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।



## ସଂକ୍ଷେପରେ

### ଅଙ୍ଗନୱାଡି କର୍ମୀ ଚୟନରେ ଦୁର୍ନୀତି ଅଭିଯୋଗ

ବାଲିଗୁଡା,୫ା୧(ଡି.ଏନ୍.ଏ.): ବାଲିଗୁଡା ବ୍ଲକ ସୁଡ୍ରା ପଞ୍ଚାୟତ ଉସୁରୁକୁପାରେ ଅଙ୍ଗନବାଡି କର୍ମୀ ଚୟନରେ ଦୁର୍ନୀତି ଅଭିଯୋଗ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଏକ ଦାବିପତ୍ର ଉପ ଜିଲାପାଳ ଡ.ଶୁଭଙ୍କର ମହାପାତ୍ରଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ହରିଶ୍ ଚନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଉସୁରୁକୁପା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀଙ୍କ କାର୍ଯ୍ୟକାଳ ଶେଷପରେ ପଦବି ଖାଲି ପଡିଥିଲା। ଏନେଇ ଆଇସିଡିଏସ୍ ପକ୍ଷରୁ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଅଞ୍ଚଳର ସୁଜାତା ମଲିକ, ସୁମିତ୍ରା ମଲିକ, ଲଳିତା ମଲିକ ଆବେଦନ କରିଥିଲେ। କିନ୍ତୁ ଯାଞ୍ଚ ଦିନ ଲଳିତା ମଲିକ ଆବଶ୍ୟକୀୟ ପ୍ରମାଣ ପତ୍ର ଦାଖଲ କରି ନଥିବାରୁ ଲଟ୍‌କା ଜାରି ହୋଇଥିଲା। କିନ୍ତୁ ପରେ ଲଳିତା ଚୟନ କମିଟିକୁ ପ୍ରମାଣ ପତ୍ର ଦାଖଲ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଯେ, ସମୟ ସୀମା ମଧ୍ୟରେ ସରକାରୀ ଗାଇଡ୍‌ଲାଇନକୁ ଅଣଦେଖା କରି କିଭଳି ଭାବେ ଚୟନ କମିଟି ନିଯୁକ୍ତିରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେଲା। ସରକାରୀ ନିୟମ ଅନୁସାରେ ଗାଁର ବୋହୂଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ସହ ୱାର୍ଡମେମ୍ବର ଅର୍ମି ମଲିକ, ସୁଜାତା ମଲିକ, ବିମନ୍ତି ମଲିକ, ବୀରସେନ ଦିଗାଲ ପ୍ରମୁଖ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

### ନୂତନ ବିଡିଓଙ୍କ ଯୋଗଦାନ



କାଶୀନଗର,୫ା୧(ଡି.ଏନ୍.ଏ.): କାଶୀନଗର ବ୍ଲକରେ ନୂତନ ବିଡିଓ ଭାବେ ସୀମାଞ୍ଚଳ ମହାନ୍ତି ଯୋଗ ଦେଇଛନ୍ତି। ସେ ଛତ୍ରପୁର ଡେପୁଟି କଲେକ୍ଟର ଥିବାବେଳେ ସେଠାରୁ ବଦଳି ହୋଇ କାଶୀନଗର ଆସିଛନ୍ତି। ୨୦୧୮-୧୯ରେ ସେ ଗଜପତି ଜିଲାରେ ଡେପୁଟି କଲେକ୍ଟର ଓ ତହସିଲଦାର ଭାବେ ଦାୟିତ୍ୱ ତୁଲାଇଛନ୍ତି। ୫-ଟିକୁ ଆଧାର କରି ଲୋକାଭିମୁଖୀ କାମ କରିବା ପାଇଁ ବିଡିଓ ମହାନ୍ତି ଗଣମାଧ୍ୟମ ପ୍ରତିନିଧି ଓ ଜଣସାଧାରଣଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି।

### ଶମ୍ବର ଛାଲ ଜବତ



ଚିକିଟି,୫ା୧(ଡି.ଏନ୍.ଏ.): କେ.ନୂଆଗାଁ ଥାନା ନୂଆବନ୍ଧ ନିକଟରେ ଥିବା ଏକ ଶାଗୁଆନ୍ ଗଛରେ ଝୁଲିଥିବା ଶମ୍ବର ଛାଲକୁ ମଙ୍ଗଳବାର ଦିଗପହଣ୍ଡି ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ଜବତ ଛାଲକୁ ବ୍ରହ୍ମପୁର ଫରେନସିକ୍ ଲ୍ୟାବକୁ ପଠାଯାଇଥିବା ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ କହିଛନ୍ତି।

# ବେଆଇନ ବାଲି ଚାଲାଣ ବିରୋଧରେ ବିକ୍ଷୋଭ

- ବଂଶଧାରା ଆରପଟେ ରାସ୍ତା କରି ଆନ୍ଧ୍ରକୁ ଚାଲାଣ
- ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ଅନଶନ

କାଶୀନଗର,୫ା୧(ଡି.ଏନ୍.ଏ.)

ବଂଶଧାରା ନଦୀରୁ ବେଆଇନ ବାଲି ଚୋରା ଚାଲାଣକୁ ବିରୋଧ କରି ଦଳମତ ନିର୍ବିଶେଷରେ କାଶୀନଗରର ବହୁ ନେତା ଓ ଜନସାଧାରଣ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ସ୍ମାରକପତ୍ର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କୁ ପ୍ରଦାନ କରିଥିଲେ। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ମେଶିନ କିମ୍ବା ଜେସିବି ଦ୍ୱାରା ବାଲି ଉଠାଣ କରାଯାଇପାରିବନାହିଁ। କିନ୍ତୁ ଲିଜ୍‌ଧାରୀମାନେ ଏହାକୁ ଉଲ୍ଲଂଘନ କରି ଜେସିବି ଦ୍ୱାରା ବାଲି ଉଠାଉଛନ୍ତି। ତହସିଲ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଜାଗା ବାଲି ଉଠାଣ ପାଇଁ ଚିହ୍ନଟ କରାଯିବା କଥା, କିନ୍ତୁ ତାହା ଚିହ୍ନଟ ନ ହୋଇ ଅନ୍ୟ ଜାଗାରୁ ବାଲି ଉଠାଣ କରି ଆନ୍ଧ୍ର ପଟେ ରାସ୍ତା କରି ଶହଶହ ବାଲି ଟ୍ରକ ଚାଲାଣ ହେଉଛି। ୫ବର୍ଷ ଲିଜ୍‌ରୁ ୪ବର୍ଷ ସରି ଯାଇଥିବାବେଳେ ଏହି ଦାବିକୁ ନେଇ ଆର୍‌ଟିଆଇରେ ତଥ୍ୟ ମାଗିଲେ ଦିଆଯାଉ ନଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ପାଇଁ ବାଲି ଆଣିବାବେଳେ ଟ୍ରାକ୍ଟରକୁ ଜବତ କରି ଚୋରାବାଲି ଚାଲାଣ ଅଭିଯୋଗରେ ମୋଟା ଅଙ୍କର ଫାଇନ୍ ଆଦାୟ ସହ ଚାଳକଙ୍କ ନାମରେ ମାମଲା କରି ଅଯଥା ହଇରାଣ କରାଯାଉଛି।



ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଉଛି।

ଯେଉଁ ଜାଗାରୁ ବାଲି ଉଠାଣ ହେଉଛି ସେଠାରେ ବ୍ୟାରିକେଡ୍ ସହ ସିସି କ୍ୟାମେରା ଲଗାଇବାକୁ ବିକ୍ଷୋଭକାରୀ ଦାବି କରିଥିଲେ। ୭ଦିନ ମଧ୍ୟରେ ଦାବି ପୂରଣ ନହେଲେ ରିଲେ ଅନଶନ ପରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ପୂର୍ବତନ ଜିଲା ପରିଷଦ ସଭ୍ୟ ଜି.ତିରୁପତି ରାଓ, କାର୍ତ୍ତିକି ରାମାରାଓ, ବିଜେଡି ଜିଲା ଉପ ସଭାପତି କାରିମି ଆପ୍ପାରାଓ, ଭାଜପା ନେତା କେ. ମୁକୁନ୍ଦା ରାଓ, ଭାଜପା ନଗର ସଭାପତି ଆର. ଚଳପତି ରାଓ, ସିପିଏମ୍ ନେତା କୁଣ୍ଡିଙ୍ଗୀ ମୀନାରାଓ, ଡି. ରାଧା, ୱାଇ. ରାଜୁ ପ୍ରମୁଖ।

# ଜୋର୍‌ଦାର ହେବ ପଲିଥିନ ଧରପଗଡ଼



ତହସିଲଦାର ଅନ୍ୟମାନଙ୍କ ସହ ମିଶି ସଫେଇ କରୁଛନ୍ତି।

### ପ୍ରଶାସନ, କୁଇକୁଳ ସମିତି ପକ୍ଷରୁ ସହର ସଫେଇ

ଦାରିଙ୍ଗବାଡ଼ି,୫ା୧(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ସହର ସମେତ ପର୍ଯ୍ୟଟନକ୍ଷେତ୍ରରେ କୁଢକୁଢ ପଲିଥିନ ପରିବେଶକୁ ଦୂଷିତ କରୁଛି। ଏନେଇ ସ୍ଥାନୀୟ ପ୍ରଶାସନ ଉଦ୍‌ବେଗ ପ୍ରକାଶ କରିବା ସହ ମଙ୍ଗଳବାର କୁଇକୁଳ ସମିତିର ଦାରିଙ୍ଗବାଡ଼ି ଶାଖା କର୍ମକର୍ତ୍ତାଙ୍କ ସହାୟତାରେ ଦାରିଙ୍ଗବାଡ଼ି ସହରକୁ ସଫେଇ କରାଯାଇଥିଲା। ତହସିଲଦାର କଳାକୃଷ୍ଣ ପ୍ରଧାନ, ଅତିରିକ୍ତ ତହସିଲଦାର ନରେନ୍ଦ୍ର ମଲ୍ଲିକ, ଆଇଆଇସି କୌଶିକ ମାଝି ଯୋଗଦେଇ ସଫେଇ କରିବା ସହ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଆର୍‌ଆଇମାନେ ମଧ୍ୟ ସଫେଇ କରିଥିଲେ। ସେହିପରି କୁଇକୁଳ ପକ୍ଷରୁ ଜନଜାତି ପାରମ୍ପରିକ ଚାଙ୍ଗୁବାଦ୍ୟ ବଜାଇ ଜନସଚେତନ କରାଯାଇଥିଲା। ସମିତିର ବ୍ଲକ ସଭାପତି ଅଜୟ ଚନ୍ଦ୍ର ପତ୍ରୋ, ସମ୍ପାଦକ ଇନ୍ଦ୍ରମଣୀ ପ୍ରଧାନ, କୁଇଭାଷା ସୁରକ୍ଷା ସମିତି ସଭାପତି ଲେଙ୍କା ପ୍ରଧାନ, ଦାରିଙ୍ଗବାଡ଼ି ସରପଞ୍ଚ ରାଧାକାନ୍ତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପତ୍ରୋଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଅଭିଭାବକଙ୍କ ଅନୁମତିପତ୍ର ନେଇ ଆସିବେ ଛାତ୍ରୀଛାତ୍ର

### ଯୁକ୍ତ୨ ଦ୍ୱିତୀୟ, ଯୁକ୍ତ୩ ତୃତୀୟ ବର୍ଷ କ୍ଲାସ୍ ହେବ

ଭଞ୍ଜନଗର,୫ା୧(ଡି.ଏନ.ଏ)

କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବା ପରେ ରାଜ୍ୟରେ ଶିକ୍ଷାନୁଷ୍ଠାନ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଙ୍ଗଳବାର ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଡ଼. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଯୁକ୍ତ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ୮ ତାରିଖରୁ ଓ ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ୧୧ ତାରିଖରୁ କ୍ଲାସ ହେବ। ଛାତ୍ରୀଛାତ୍ରମାନେ ଏଣିକି କଲେଜରେ ଆସି କ୍ଲାସ କରିବେ। ରବିବାର ମଧ୍ୟ ଯୁକ୍ତ୨ କ୍ଲାସ ପାଇଁ ନିଷ୍ପତ୍ତି ନିଆଯାଇଛି, ମାତ୍ର ଯୁକ୍ତ୩ କ୍ଲାସ ରବିବାର ହେବନାହିଁ। ଛାତ୍ରୀଛାତ୍ରମାନେ କ୍ଲାସ କରିବାକୁ ଚାହିଁଲେ ଅଭିଭାବକଙ୍କଠାରୁ ଅନୁମତିପତ୍ର ନେଇ ଆସିବେ। ଉକ୍ତ ଅନୁମତି ପତ୍ର କଲେଜରେ ଦାଖଲ କରିବେ। ଶ୍ରେଣୀଗୃହ ପରିସରରେ ଛାତ୍ରୀଛାତ୍ର ସାମାଜିକ ଦୂରତା ଓ ମାସ୍କ, ସାନିଟାଇଜ ବ୍ୟବହାର କରିବେ ବୋଲି ଅଧ୍ୟକ୍ଷ ଡ଼.ମୁନି ବୈଠକରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ଼. ସୁବାସ ଚନ୍ଦ୍ର ପ୍ରଧାନ, ଡ଼. ଆର୍.ଏନ୍. ପାଳ, ପ୍ରାଧାପକ ଏସ୍. କେ. ମିଶ୍ର, ସାତ୍ତ୍ୱିକି ସାହୁ, ଅଧାପକ ପ୍ରତ୍ୟୁଷ କାର୍ଜି, ଅଧାପିକା ପୂଜା ଦାସ, ଆର୍. କେ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରାଧାପକ ଡ଼. ପୀତବାସ ପାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଅଧ୍ୟକ୍ଷ ଡ଼. ନୀଳାଞ୍ଚଳ ମୁନି ଉଦ୍‌ବୋଧନ ଦେଉଛନ୍ତି।

## ଚଢାଉ ବେଳେ ଏସ୍‌ଟିଏଫ୍‌କୁ ଆକ୍ରମଣ

ଖଜୁରିପଡା,୫ା୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଦୁର୍ଗମ ଅଞ୍ଚଳରେ ଥିବା କାଟେନ୍ଦ୍ରି ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବିଳମ୍ବିତ ରାତିରେ କୌଣସି ଏକ ମାମଲାରେ ଚଢାଉ କରିବାକୁ ଯାଇଥିବା ସ୍ପେଶାଲ୍ ଟାସ୍କ ଫୋର୍ସ ଉପରକୁ ଗ୍ରାମବାସୀ ମିଳିତ ଭାବେ ଆକ୍ରମଣ କରି ଅଟକ ରଖିଥିଲେ। ସକାଳେ ସଦରଥାନା ଓ ସୁଡ୍ରୁକୁମ୍ପା ଫାଣ୍ଡି ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି। ମାତ୍ର ଏନେଇ କୌଣସି ପୋଲିସ ଅଧିକାରୀ ମୁହଁ ଖୋଲୁନାହାନ୍ତି। ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ୨ଟି ଗାଡିରେ ୮ରୁ ୧୦ଜଣ ସାଦା ପୋଷାକଧାରୀ ପୋଲିସ ଯାଇ ଜଣଙ୍କ କବାଟ ବାଡେଇଥିଲେ। ତାଙ୍କ ପରିବାର ସଦସ୍ୟ ଉଠି ସେମାନଙ୍କ ସହ ପାଟିତୁଣ୍ଡ କରିଥିଲେ। ମାଓବାଦୀ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ପାଟିଶୁଣି ଗ୍ରାମବାସୀ ଏକାଠି ହୋଇ ସେମାନଙ୍କୁ ନିସ୍ତୁକ ମାଡ ମାରିବା ସହ ଅଟକ ରଖିଥିଲେ। ଜଣେ ଗାଡି ଚାଳକ କୌଶଳକ୍ରମେ ଖସିଆସି ସୁଡ୍ରୁକୁମ୍ପା ଫାଣ୍ଡିରେ ସକାଳେ ଖବର ଦେଇଥିଲେ। ସକାଳୁ ସଦରଥାନା ଓ ସୁଡ୍ରୁକୁମ୍ପା ପୋଲିସ ଟାକେନ୍ଦ୍ରି ଗ୍ରାମକୁ ଯାଇ ସେମାନଙ୍କୁ ଉଦ୍ଧାର କରି ଫୁଲବାଣୀ ମେଡିକାଲ ଆଣିଥିଲେ। ମାତ୍ର ମେଡିକାଲ ରେଜିଷ୍ଟରରେ କାହାରି ନାମ ଉଲ୍ଲେଖ ନଥିବାବେଳେ କେବଳ ପୋଲିସ କର୍ମଚାରୀ ବୋଲି ଲେଖାରହିଛି। ଆହତଙ୍କୁ ଚିକିତ୍ସା ପରେ ପୁଣି ଧରି ସମ୍ପୃକ୍ତ ଗ୍ରାମକୁ ଯାଇଥିଲେ। ପରେ ଏସ୍‌ଡିପିଓ ଗାଁରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମବାସୀ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ସର୍ଭିସ୍ ରିଭଲଭର ଛଡାଇ ନେଇଥିବାବେଳେ ପୋଲିସ ଉଦ୍ଧାର କରିଥିବା ଆଲୋଚନା ହେଉଛି। କ'ଣ ପାଇଁ ପୋଲିସ ଚଢାଉ କରିଥିଲା ଓ କାହିଁକି ଏପରି ଘଟିଲା ସେ ସମ୍ପର୍କରେ କୌଣସି ଅଧିକାରୀ କହୁ ନଥିବାରୁ ବିସ୍ତୃତ ସୂଚନା ମିଳିପାରିନାହିଁ।

# କଂଗ୍ରେସର କର୍ମୀ ସମ୍ମିଳନୀ

ପାରଳାଖେମୁଣ୍ଡି,୫ା୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୁଭେନ୍ଦୁ ମହାନ୍ତି ପର୍ଯ୍ୟବେକ୍ଷକ ଓ ବିସ୍ମୟ ମହାପାତ୍ର ସଂଯୋଜକ ଭାବେ ଉପସ୍ଥିତ ଥିଲେ। ଗୁମ୍ମା ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳୀ ଭୂୟାଁ, ନଗର କଂଗ୍ରେସ ପକ୍ଷରୁ ବସନ୍ତ କୁମାର ପଣ୍ଡା, ଯୁବ କଂଗ୍ରେସ ସଭାପତି ସୂର୍ଯ୍ୟ ନାରାୟଣ ପାତ୍ର, ଜିଲା ପରିଷଦ ସଦସ୍ୟ ଜାକବ ମାଝୀ ମଞ୍ଚାସିନ ଥିଲେ। ବିଜେଡି ଯୁବନେତା ସଂଗ୍ରାମ ସାହୁ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଥିଲେ। କାଶୀନଗର, ଗୁମ୍ମା ଓ ଗୋଷାଣୀ ବ୍ଲକ ଏବଂ ପାରଳାଖେମୁଣ୍ଡି ପୌରାଞ୍ଚଳର ସମସ୍ତ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ କଂଗ୍ରେସ ଦଳର ରୂପରେଖ ଓ ଦଳୀୟ ସଙ୍ଗଠନ ଉପରେ ଆଲୋଚନା କରାଯାଇଥିଲା। ପାରଳାଖେମୁଣ୍ଡି ପୌର ପରିଷଦର ଉପାଧ୍ୟକ୍ଷ ସଞ୍ଜୟ ଅଧିକାରୀ, କୁନା ମାଝୀ, ବିଷ୍ଣୁ ପାଣି, ବାବୁଲି ସାହୁ, ଗୌତମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡାଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କ ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ



ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କ ପୁରୁଷୋତ୍ତମପୁର ଗସ୍ତ।

ପୁରୁଷୋତ୍ତମପୁର,୫ା୧(ଡି.ଏନ୍.ଏ.)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ରଘୁରାମ ଆୟାର ମଙ୍ଗଳବାର ପୁରୁଷୋତ୍ତମପୁର ବ୍ଲକ ଗସ୍ତରେ ଆସି ସ୍କୁଲ ଓ କଲେଜର ବିଭିନ୍ନ କାର୍ଯ୍ୟ ତଦାରଖ କରିଛନ୍ତି। ଆସନ୍ତା ୮ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବାର ବ୍ୟବସ୍ଥା ରହିଥିବା ହେତୁ ଏହାକୁ ନେଇ ସେ ପ୍ରତାପପୁର ଆରଟି ବିଦ୍ୟାପୀଠ, ପୁରୁଷୋତ୍ତମପୁର ନରସିଂହ ଦାଶ ହାଇସ୍କୁଲ, ତାରାତାରିଣୀ କଲେଜ, ଭାଟକୁମରଡା ହାଇସ୍କୁଲ ଓ ବାସୁଦେବ ସେଠୀ ବିଜ୍ଞାନ କଲେଜକୁ ଯାଇ ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଧାପିକା, ଅଧାପକଙ୍କ ସହ ଆଲୋଚନା କରି ମାସ୍କ ବ୍ୟବହାର, ସାମାଜିକ ଦୂରତା ରଖିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ସଚିବଙ୍କ ଗସ୍ତ ବେଳେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ହରେକୃଷ୍ଣ ପଣ୍ଡା, ବିଡିଓ ବିଜୟ କୁମାର ବେହେରା, ତାରାତାରିଣୀ କଲେଜ ଅଧ୍ୟକ୍ଷ ସୀମାଞ୍ଚଳ ପଟ୍ଟନାୟକ, ନରସିଂହ ଦାଶ ହାଇସ୍କୁଲ ପ୍ରଧାନଶିକ୍ଷକ ଅନୁଜ କୁମାର ନାୟକ, ବୃନ୍ଦାବନ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନା ଅଧିକାରୀ, ବ୍ଲକ ଅଧ୍ୟକ୍ଷଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଭାଜପାର ଦାବି

### ପ୍ରମୋଦିନୀ ହତ୍ୟା ମାମଲା

ଦିଗପହଣ୍ଡି,୫ା୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଦେଓଖାଲି ଗାଁର ପ୍ରମୋଦିନି ନାୟକ ହତ୍ୟାକାଣ୍ଡର ତଦନ୍ତ ପ୍ରକ୍ରିୟାରେ କେ.ନୂଆଗାଁ ଥାନା ଅଧିକାରୀ ଏବଂ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷଙ୍କ ଭୂମିକା ରହସ୍ୟଜନକ ରହିଛି। ଏଥିପାଇଁ ଉଭୟଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମୃତ ପ୍ରମୋଦିନିଙ୍କ ମା' ରମା ନାୟକଙ୍କ ଉପସ୍ଥିତିରେ ମଙ୍ଗଳବାର ସ୍ଥାନୀୟ ବ୍ଲକ ଓ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ କରିବା ସହ ଗଣଧାରଣା ଦେଇଥିଲେ। ପରେ ଦକ୍ଷିଣାଞ୍ଚଳ ଡିଆଇଜଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହନ୍ତ ଚିନ୍ମୟା ନନ୍ଦ ଦାସ, ଗଞ୍ଜାମ ଜିଲା ଉପସଭାପତି ପରେଶ ଚନ୍ଦ୍ର ରଥ, ଭାଜପା ଯୁବମୋର୍ଚ୍ଚା ସଭାପତି ସିଦ୍ଧାନ୍ତ ଗଙ୍ଗଦେବ ପ୍ରମୁଖ ଦଳୀୟ କର୍ମୀ ବିକ୍ଷୋଭରେ ସାମିଲ ଥିଲେ।



# ଅବକାରୀ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

### ବିଦେଶୀ ମଦ ଦୋକାନ ଖୋଲିବାକୁ ବିରୋଧ

ପାତ୍ରପୁର,୫ା୧(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବି.ନୂଆଗାଁରେ ଏକ ବିଦେଶୀ ମଦ ଦୋକାନ ଖୋଲିବ। ମଙ୍ଗଳବାର ଚିକିଟି ଅବକାରୀ ବିଭାଗର କେତେଜଣ କର୍ମଚାରୀ ଦୋକାନ ଖୋଲିବା ସ୍ଥାନକୁ ଆସି ପରିଦର୍ଶନବେଳେ ଗ୍ରାମବାସୀ ତାଙ୍କୁ ଘେରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଆନ୍ଧ୍ର ସୀମାକୁ ଲାଗିଥିବା ଏହି ଗ୍ରାମରେ ବିଦେଶୀ ମଦ ଦୋକାନ ଖୋଲିଲେ ଆନ୍ଧ୍ର ଲୋକେ ମଦ ପିଇବାକୁ ଆସି ବିଶୃଙ୍ଖଳା କରିବେ। ଅନ୍ୟପଟେ ଯେଉଁସ୍ଥାନରେ ଦୋକାନ କରିବାକୁ ଜାଗା ଚିହ୍ନଟ ହୋଇଛି ତାର ନିକଟରେ ପାନୀୟ ଜଳ ପ୍ରକଳ୍ପ ସହ ପ୍ରାଥମିକ ବିଦ୍ୟାଳୟ ଅଛି। ଏଭଳି ଜାଗାରେ ପ୍ରଶାସନ କିଭଳି ମଦ ଦୋକାନ ଖୋଲିବାକୁ ଅନୁମତି ଦେଲା ସେନେଇ ଗ୍ରାମରେ ପାଟିତୁଣ୍ଡ ହେବା ସହ ମଦ ଦୋକାନ ନଖୋଲିବାକୁ ଅବକାରୀ ବିଭାଗର ମହିଳା ଅଧିକାରୀ ତାପସୀ ପାଣି ଓ ବାଳକୃଷ୍ଣ ପରିଡ଼ାଙ୍କ ଆଗରେ ଫେରାଦ ହୋଇଥିଲେ। ପ୍ରସ୍ତାବିତ ମଦ ଦୋକାନକୁ ତୁରନ୍ତ ପ୍ରତ୍ୟାହର ନକଲେ ପରିସ୍ଥିତି ଭୟାବହ ହେବ ବୋଲି ଅବକାରୀ ବିଭାଗ ଆଗରେ ଗ୍ରାମବାସୀ କହିଥିଲେ। ପୂର୍ବରୁ ଗ୍ରାମରେ ବିଦେଶୀ ମଦ ଦୋକାନ ନଖୋଲିବାକୁ ଶତାଧିକ ବ୍ୟକ୍ତିଙ୍କ ସ୍ୱାକ୍ଷର ସହ ଏକ ଦାବିପତ୍ର ଜିଲା ଅବକାରୀ ବିଭାଗ, ତହସିଲଦାର, ଉପ ଜିଲାପାଳ ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।



ଅବକାରୀ ଅଧିକାରୀଙ୍କୁ ଘେରାଉ କରିଛନ୍ତି ଗ୍ରାମାବାସୀ।

# ବିଭିନ୍ନ ଥାନା ଆଗରେ ଭାଜପାର ବିକ୍ଷୋଭ

### ଆଇନ ମନ୍ତ୍ରୀଙ୍କ ବହିଷ୍କାର ଦାବି

ଛତ୍ରପୁର,୫ା୧(ଡି.ଏନ.ଏ)

କଟକ ଜିଲା ମାହାଙ୍ଗା ବ୍ଲକର ନୃତାଙ୍ଗରେ ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ସମ୍ପୃକ୍ତ ଥିବା ଭାଜପା ଅଭିଯୋଗ କରିଛି। ତେଣୁ ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଭାଜପା ପକ୍ଷରୁ ରାଜ୍ୟର ବିଭିନ୍ନ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛତ୍ରପୁରରେ ପ୍ରଶାନ୍ତ କୁମାର କରଙ୍କ ନେତୃତ୍ୱରେ ଏକ ରାଲି କରାଯିବା ସହ ଛତ୍ରପୁର ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରେ ଆଇନ ମନ୍ତ୍ରୀଙ୍କ ଫଟୋଚିତ୍ର ଦାହ କରାଯାଇଥିଲା। ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଛତ୍ରପୁର ମଣ୍ଡଳ ସଭାପତି ସଂଜିତ କୁମାର ରାଉଳ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

**ପାରଳାଖେମୁଣ୍ଡି:** ଗଜପତି ଜିଲା ଭାଜପା ସଭାପତି ତଥା ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓଙ୍କ ନେତୃତ୍ୱରେ ବିକ୍ଷୋଭ ସହ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ମନ୍ତ୍ରୀ ଜେନାଙ୍କୁ ବହିଷ୍କାର ସହ ଗିରଫ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ବିଧାୟକ ରାଓ କହିଛନ୍ତି।

**ପାତ୍ରପୁର:** ଜରଡା ଥାନା ଆଗରେ ଆଇନ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ଯୁବନେତା ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

**ଆସିକା:** ଆଇନ ମନ୍ତ୍ରୀଙ୍କୁ ଗିରଫ ଦାବି ନେଇ ଘୁମୁସର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଆସିକା ଥାନା ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ସେଠାରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

**ଗୋପାଳପୁର:** ଗୋପାଳପୁର ଥାନା ସମ୍ମୁଖରେ ମଧ୍ୟ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ ସହ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁବାଶିଷ ସାହୁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

**ଦିଗପହଣ୍ଡି:** ଦିଗପହଣ୍ଡିରେ ପୁଞ୍ଜିକିଆଁ ଚାରିଛକ ଠାରେ ଦଳୀୟ କର୍ମୀମାନେ ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ କରିଥିଲେ। ଗଞ୍ଜାମ ଜିଲା ଯୁବ ମୋର୍ଚ୍ଚା ସଭାପତି ସିଦ୍ଧାନ୍ତ ଗଙ୍ଗଦେବ, ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହନ୍ତ ଚିନ୍ମୟା ନନ୍ଦ ଦାସ, ଜିଲା ଉପସଭାପତି ପରେଶ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟରେ ଭାଜପା ବିଧାୟିକା ପ୍ରାର୍ଥୀନୀ ଭାରତୀ ବେହେରା, ଗଞ୍ଜାମ ଜିଲା ଭାଜପା ଉପସଭାପତି ଅନୀଲ କୁମାର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ବିକ୍ଷୋଭ କରିଥିଲେ।



ପାରଳାଖେମୁଣ୍ଡିରେ ଭାଜପାର ରାଲି।

## ଓଲଟିଲା କାର୍, ୬ ଆହତ

ପିପିଲି,୫।୧(ସ୍ୱ.ପ୍ର.): ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥର ସିଉଲା ଛକ ନିକଟରେ ମଙ୍ଗଳବାର ଏକ କାର୍ ଭାରସାମ୍ୟ ହରାଇ ଡିଭାଇଡର ପିଟି ହୋଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ କାର୍ ଭିତରେ ଥିବା ୬ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ସେମାନଙ୍କୁ ସ୍ଥାନୀୟ ଲୋକେ ଓ ପୋଲିସ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ପଠାଇଛନ୍ତି। ଖବରପାଇ ଉତ୍ତରା ଫାଣ୍ଡି ଅଧିକାରୀ ମନୋଜ କୁମାର ଦାଶ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିକୁ ଜବତ କରି ତଦନ୍ତ ଚଳାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ୬ଜଣ ଯୁବକ ମଙ୍ଗଳବାର କ୍ରିକେଟ ମ୍ୟାଚ ଖେଳିବା ପାଇଁ କାର୍ ଯୋଗେ ପୁରୀ ଯାଉଥିଲେ। ତେବେ ସିଉଲା ଛକ ନିକଟରେ ହଠାତ୍ କାର୍ ଚାଳକ ଭାରସାମ୍ୟ ହରାଇ ଏକ ଡିଭାଇଡରକୁ ପିଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇବା ସହ ଉଦ୍ଧାର କରିଥିଲେ। ତେବେ ଆହତଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ପଲିଥିନ୍ କାରଖାନାରେ ଚଢ଼ାଉ

ଭୁବନେଶ୍ୱର, ୫।୧(ବ୍ୟୁରୋ)

- ୨୫କେଜି ବିଶିଷ୍ଟ ୬୯ ପଲିଥିନ୍ କ୍ୟାରିବ୍ୟାଗ୍ ବସ୍ତା ଜବତ
- ମାଲିକଙ୍କୁ ୧୦ହଜାର ଟଙ୍କା ଜରିମାନା

ଭଗବାନପୁର ଅଞ୍ଚଳର ଏକ ପଲିଥିନ୍ କାରଖାନାରେ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରିଛି। ଏହି କାରଖାନାରୁ ୨୫ କେଜି ବିଶିଷ୍ଟ ୬୯ଟି ପଲିଥିନ୍ କ୍ୟାରିବ୍ୟାଗ୍ ବସ୍ତା ଜବତ କରାଯିବା ସହ ମାଲିକଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଡି.ଏନ୍. ରେଗାଲିଆ ମଲ୍ ପଛପଟେ ଥିବା ଏହି କାରଖାନାକୁ ବିଏମ୍ସି ଦକ୍ଷିଣ-ପଶ୍ଚିମ ଜୋନ୍ର ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ଅଚାନକ ପରିଦର୍ଶନ କରିବାକୁ ଯିବାବେଳେ ବହୁ ପରିମାଣର ବେଆଇନ୍ ପଲିଥିନ୍ କ୍ୟାରିବ୍ୟାଗ୍ ଦେଖିବାକୁ ପାଇଥିଲେ। ବିଏମ୍ସି ଟିମ୍ ସହ ପୋଲିସ୍ ଫୋର୍ସଙ୍କୁ ଦେଖି କାରଖାନାର କର୍ମଚାରୀମାନେ ବେଆଇନ୍ ସାମଗ୍ରୀଗୁଡ଼ିକୁ ବାହାରେ ଫିଙ୍ଗିଦେବାକୁ ଚେଷ୍ଟା କରିଥିଲେ। ତେବେ ଏହି ସମୟରେ ସେଗୁଡ଼ିକୁ ଏନ୍ଫୋର୍ସମେଣ୍ଟ ଟିମ୍ ଜବତ କରିଥିଲା।



ଜବତ ପଲିଥିନ୍।

ସୂଚନା ଅନୁଯାୟୀ, ପୂର୍ବବର୍ଷ ବେଆଇନ୍ କାର୍ଯ୍ୟ ପାଇଁ ଧରାପଡ଼ିଥିବା ଉକ୍ତ କାରଖାନା କିପରି କଟକଣା ମାନୁଛି ତାହା ପରଖିବାକୁ ମଙ୍ଗଳବାର ଦକ୍ଷିଣ-ପଶ୍ଚିମ ଜୋନ୍ର ଏନ୍ଫୋର୍ସମେଣ୍ଟ ଟିମ୍, ପୋଲିସ୍ ଏବଂ ସେଣ୍ଟ୍ରାଲ୍ ଏନ୍ଫୋର୍ସମେଣ୍ଟ ଟିମ୍ ଯାଇଥିଲେ। କାରଖାନାରେ ବିଭିନ୍ନ ଉତ୍ପାଦିତ ଦ୍ରବ୍ୟକୁ ଦେଖିବା ପରେ ୬୯ଟି ୨୫କେଜି ବିଶିଷ୍ଟ ପଲିଥିନ୍ କ୍ୟାରିବ୍ୟାଗ୍ ବସ୍ତା ଠାବ କରିଥିଲେ। ପରେ ଦକ୍ଷିଣ-ପଶ୍ଚିମ ଜୋନ୍ର ଜୋନାଲ୍ ଡେପୁଟି କମିଶନର ରବିନାରାୟଣ ଜେଠୀ ଉକ୍ତ କାରଖାନାକୁ ଯାଇ ବେଆଇନ୍ ସାମଗ୍ରୀଗୁଡ଼ିକ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜଣାଇଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିବେଶ ବିଜ୍ଞାନୀ ରେବତୀ ମିଶ୍ରଙ୍କ ସହିତ ଲ୍ୟାବ୍ ଆନାଲିଷ୍ଟମାନେ ଆସି ବେଆଇନ୍ ପଲିଥିନ୍ ସାମଗ୍ରୀଗୁଡ଼ିକୁ ଚିହ୍ନଟ କରିଥିଲେ। ଏହାପରେ ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ବିଏମ୍ସି ଏସ୍ବିଏ ସେଲ୍ର ଏନ୍ଭାୟରନ୍ମେଣ୍ଟ ଏକ୍ସପର୍ଟ କୀର୍ତ୍ତିମାନ୍ ଷଡ଼ଙ୍ଗୀ ଏବଂ ସୁନିଲ୍ କୁମାର ସାମଲ ଉକ୍ତ କାରଖାନାକୁ ଯାଇ ବେଆଇନ୍ ସାମଗ୍ରୀଗୁଡ଼ିକର ସମୀକ୍ଷା କରିବା ସହିତ ଏସବୁର ବିବରଣୀ ବିଏମ୍ସିକୁ ହସ୍ତାନ୍ତର କରିଛନ୍ତି। ଭବିଷ୍ୟତରେ ଏପରି ସାମଗ୍ରୀ ଉତ୍ପାଦନ ନ କରିବାକୁ କାରଖାନା କର୍ତ୍ତୃପକ୍ଷଙ୍କୁ କଡ଼ା ଚେତବନୀ ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମାଞ୍ଚଳକୁ ପଲିଥିନ୍ ଏବଂ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ୍ଠାରୁ ଦୂରେଇ ରଖି ପରିବେଶବନ୍ଧୁ ସହର କରି ଗଢ଼ି ତୋଳିବାର ପ୍ରୟାସ ଜାରି ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି।

## ୩ ମାସ ପାଇଁ ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୫।୧(ବ୍ୟୁରୋ)

ଚାକିରିଜନିତ ଏକାଧିକ ସମସ୍ୟାକୁ ନେଇ ଓଡ଼ିଶା ନର୍ସିଂ ଏମ୍ପ୍ଲୋଇଜ ଆସୋସିଏଶନ ପକ୍ଷରୁ ଗତ ୨୭ତାରିଖରୁ ଚାଲିଥିବା ଆନ୍ଦୋଳନକୁ ଆସନ୍ତା ୩ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସହିତ ଆସୋସିଏଶନର ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଭିତ୍ତିରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂଘ ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି ଜଣାଇଛନ୍ତି। ସେ କହିଛନ୍ତି, ମୂଳ ଦରମାର ସଂଶୋଧନଠାରୁ ଆରମ୍ଭକରି ଠିକା ନିଯୁକ୍ତିକୁ ମିଶାଇ ୧୦ବର୍ଷର 'ଏମ୍ଏସ୍ପି' ପ୍ରଦାନ, ନର୍ସିଂ ସ୍କିମ୍ରେ ଚାକିରି କରୁଥିବା 'ଆର୍ବିଏସ୍କେ' ଷ୍ଟାଫ ନର୍ସମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ ଏବଂ ଓପିଏସ୍ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଠିକାଦାର ଭାବେ ନିଯୁକ୍ତି ପାଉଥିବା ନର୍ସମାନଙ୍କୁ ଏଣିକି ସ୍ଥାୟୀ ନିଯୁକ୍ତି ଦେବା ଆଦି ଦାବି ନେଇ ଏହି ଆନ୍ଦୋଳନ ଚାଲିଥିଲା। ତେବେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଆହ୍ୱାନକ୍ରମେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ବୈଠକରେ ନର୍ସିଂ ଅଧିକାରୀଙ୍କ ବିଭିନ୍ନ ଦାବି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଖୁବ୍ଶୀଘ୍ର ଏହି ଦାବିଗୁଡ଼ିକୁ ପୂରଣ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ସେ ଆସୋସିଏଶନର କର୍ମକର୍ତ୍ତାମାନଙ୍କୁ କହିଥିଲେ। ଏହି ଆଲୋଚନା ସମୟରେ ଆସୋସିଏଶନ ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି, ସଭାପତି ପ୍ରତିମା ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ଜେନା, ମାଳତି ତ୍ରିପାଠୀ ଓ ଅଶ୍ୱିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ଆସନ୍ତା ୩ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଆସୋସିଏଶନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ଜିଲା ଗସ୍ତ କରିବେ ସଚିବ

ଭୁବନେଶ୍ୱର, ୫।୧(ବ୍ୟୁରୋ)

- ଆସନ୍ତା ଦୁଇ ସପ୍ତାହରେ ବଜେଟ ମତାମତ ଦେବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ
- ଶିକ୍ଷାନୁଷ୍ଠାନରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

କ୍ଷେତ୍ର ସ୍ତରରେ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ ସମସ୍ୟା ସମାଧାନ କରିବା ପାଇଁ ବିଭିନ୍ନ ବିଭାଗର ସଚିବମାନେ ଜିଲା ଗସ୍ତ କରି ସରକାରୀ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ କରିବେ। ପ୍ରକଳ୍ପଗୁଡ଼ିକ ଯେପରି ନିର୍ଦ୍ଧାରିତ ସମୟରେ ଶେଷ ହେବ ସେ ନେଇ ଗୁରୁତ୍ୱ ଦେବେ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭିଡିଓ କନଫରେନ୍ସ ଜରିଆରେ ବିଭିନ୍ନ ବିଭାଗ ସଚିବଙ୍କ ସହ ଆଲୋଚନା ବେଳେ ଏହି ପରାମର୍ଶ ଦେଇଛନ୍ତି।

ପାନୀୟ ଜଳ, ଗ୍ରାମାଞ୍ଚଳ ପକ୍କାଘର ନିର୍ମାଣ, ପୋଲ, କଲଭର୍ଟ, ଗ୍ରାମ୍ୟ ରାସ୍ତା, ପୁରୀ ଓ ଲିଙ୍ଗରାଜ ମନ୍ଦିର ଐତିହ୍ୟ ପ୍ରକଳ୍ପ, ଏସ୍ସିବି ମେଡିକାଲ କଲେଜ ସମ୍ପ୍ରସାରଣ, କଟକ ସହର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ବର୍ତ୍ତମାନ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ ବାବଦରେ ୨.୫ ଲକ୍ଷ ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇଛି। ୩୦ଟି ଜିଲାରେ ୭ଲକ୍ଷ ପକ୍କାଘର ନିର୍ମାଣ ହେଉଥିବା ବେଳେ ୭୦୦ ପୋଲ ନିର୍ମାଣ ହେଉଛି। ଏସବୁ ପ୍ରକଳ୍ପରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୩କୋଟିମାନବ ଦିବସ ସୃଷ୍ଟି କରାଯାଇ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ୫-ଟି ଅଧୀନରେ ଲୋକମାନଙ୍କୁ ତୁରନ୍ତ ସେବା ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସମସ୍ତ ଗ୍ରାମ ଓ ହାମଲେଟଗୁଡ଼ିକୁ ସବୁଦିନିଆ ରାସ୍ତା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି।

୮ ତାରିଖରୁ ରାଜ୍ୟରେ ସ୍କୁଲ, କଲେଜ ଓ ଛାତ୍ରାବାସ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଜୀବନ ଜୀବିକା ସହ ଟିକାକରଣ ପାଇଁ ପ୍ରସ୍ତୁତ ରହିବାକୁ ହେବ। ଏଥିସହିତ ପ୍ରତ୍ୟେକ ବିଭାଗ ଗାଇଡଲାଇନ ଓ ଏସଓପିକୁ କଡାକଡି ଭାବେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷାନୁଷ୍ଠାନ ଓ ଛାତ୍ରାବାସଗୁଡ଼ିକରେ ଯେପରି କୋଭିଡ ସଂକ୍ରମଣ ନ ହେବ ସେଥିପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ନିୟମିତ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତରଙ୍କ ସହ ଯୋଗାଯୋଗରେ ରହିବେ। ସ୍ୱାସ୍ଥ୍ୟ ସମ୍ପର୍କିତ କୌଣସି ସନ୍ଦେହଜନକ ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ଯୋଗାଯୋଗ କରିବାକୁ କୁହାଯାଇଛି। ସେହିପରି ଆସନ୍ତା ୩ମାସରେ ବଜେଟ ଅର୍ଥ ଖର୍ଚ୍ଚକୁ ତ୍ୱରାନ୍ୱିତ କରିବାକୁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ୨୦୨୦-୨୧ ବଜେଟ ମତାମତ ଦେବାକୁ ଅର୍ଥ ବିଭାଗ ସଚିବ ଅଶୋକ ମୀନା ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି। ଇଣ୍ଟିଗ୍ରେଟେଡ ଫାର୍ମି ଉପରେ କୃଷି ଉତ୍ପାଦନ କମିଶନର ଗୁରତ୍ୱ ଦେଇଥିଲେ। ୨୦୨୦ ଡସେମ୍ବର ୨୮ରୁ ରାଜ୍ୟର ସମସ୍ତ ଆଇଟିଆଇ ଖୋଲିଛି। କୌଣସି ଠାରେ କୋଭିଡ ସମ୍ପର୍କିତ ସମସ୍ୟା ଦେଖା ଦେଇ ନାହିଁ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ ସିଂ କହିଛନ୍ତି। ବୈଷୟିକ ଶିକ୍ଷାନୁଷ୍ଠାନ ଓ ପଲିଟେକ୍ନିକ ଗୁଡିକ ଖୁବଶୀଘ୍ର ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି। ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏବଂ ସମସ୍ତ ବିଭାଗର ପ୍ରମୁଖ ସଚିବ, ସଚିବ ଏବଂ ସ୍ୱତନ୍ତ୍ର ସଚିବ ଯୋଗ ଦେଇଥିଲେ।

# ମଉଳିଯାଉଛି ଦାରୁଦିଅଁ ଦର୍ଶନ ଆଶା

ପୁରୀ ଅଫିସ,୫।୧

**ବାଧକ ସାଜିଛି କୋଭିଡ୍ ରିପୋର୍ଟ**

- ଶ୍ରୀମନ୍ଦିରରେ କମୁଛି ଶ୍ରଦ୍ଧାଳୁଙ୍କ ସଂଖ୍ୟା
- ପ୍ରଶାସନ ପକ୍ଷରୁ କୋଭିଡ୍ ଟେଷ୍ଟ କରାଯାଉ
- ବିନା ରିପୋର୍ଟରେ ସହରବାସୀଙ୍କୁ ସୁଯୋଗ ମିଳୁ

ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ଦର୍ଶନ ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିଛି। ପ୍ରଶାସନ ୧୫ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଦର୍ଶନ କରାଇବା ପାଇଁ ପ୍ରସ୍ତୁତି କରିଥିବାବେଳେ ଭକ୍ତଙ୍କ ସଂଖ୍ୟା ୨ହଜାର ଡେଇଁବା କାଠିକର ହୋଇଛି। ଏହି କ୍ରମରେ ମଙ୍ଗଳବାର ସନ୍ଧ୍ୟା ୫ଟା ୩୦ ସୁଦ୍ଧା ୨ ହଜାର ୭୦ଜଣ ଭକ୍ତ ଦର୍ଶନ କରିଥିବା ସୂଚନା ମିଳିଛି। ଅର୍ଥାତ୍ ଶ୍ରୀମନ୍ଦିର ଖୋଲିବା ପରଠାରୁ କ୍ରମାଗତ ଭାବେ ଦର୍ଶନାର୍ଥୀଙ୍କ ସଂଖ୍ୟା କମିବାରେ ଲାଗିଛି। ଅନ୍ୟପକ୍ଷରେ ଜିଲା ବାହାରୁ ଆସୁଥିବା ଲୋକଙ୍କୁ ଏଠାରେ କୋଭିଡ୍ ଟେଷ୍ଟ ପାଇଁ ଅନୁମତି ମିଳୁ ନାହିଁ। ତେଣୁ ମହାପ୍ରଭୁଙ୍କ ଦର୍ଶନ ଲାଗି ପୁରୀ ଆସିବାକୁ କେହି ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ପୁରୀ ସହରର କେତେକ ଘରୋଇ ହସ୍ପିଟାଲ କୋଭିଡ୍ ଟେଷ୍ଟ କରି ରିପୋର୍ଟ ଦେଉଥିଲେ। ମାତ୍ର ଏହି ରିପୋର୍ଟ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିନକୁ ସର୍ବାଧିକ ୨ଶହ ଟେଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଯଦି ଘରୋଇ ଡାକ୍ତରଖାନା ବହୁଳ ମାତ୍ରାରେ ଟେଷ୍ଟ କରିପାରିବେ ନାହିଁ ତେବେ ପ୍ରଶାସନ ପକ୍ଷରୁ ଦର୍ଶନାର୍ଥୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କାହିଁକି କରାଯାଉନାହିଁ। ପ୍ରଶାସନ ପ୍ରଥମେ କୋଭିଡ୍ ଟେଷ୍ଟର ବ୍ୟବସ୍ଥା କରି ପରେ ଦର୍ଶନ ଅନୁମତି ଦେବା ଉଚିତ୍ ଥିଲା ବୋଲି ଅନେକ ଭକ୍ତ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୁରୀ ସହରବାସୀଙ୍କର ମଧ୍ୟ ସମାନ କାହାଣୀ। ଶ୍ରୀମନ୍ଦିରରେ ଗହଳି ନାହିଁ, ହେଲେ ସହରବାସୀ ଚାହିଁ ମଧ୍ୟ କୋଭିଡ୍ ନେଗେଟିଭ୍ ରିପୋର୍ଟ କଟକଣା ଯୋଗୁ ମନ୍ଦିର ପ୍ରବେଶ କରିପାରୁନାହାନ୍ତି। ଦର୍ଶନାର୍ଥୀଙ୍କ ପାଇଁ ଆବଶ୍ୟକ ସଂଖ୍ୟକ କୋଭିଡ୍ ଟେଷ୍ଟ ସେଣ୍ଟର ଖୋଲାଯିବା ସହ ସ୍ଥାନୀୟ ଲୋକଙ୍କୁ ବିନା ରିପୋର୍ଟରେ ଦର୍ଶନ ସୁଯୋଗ ଦିଆଯାଉ ବୋଲି ସେବାୟତଙ୍କ ସମେତ ସହରବାସୀ ଦାବି କରିଛନ୍ତି।

## ଆଖିବୁଜିଲା ବାଘୁଣୀ ଆନିନୀ



ବାରଙ୍ଗ,୫।୧(ଡି.ଏନ୍.ଏ.)

ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ନନ୍ଦନକାନନର ବାଘୁଣୀ ଆନିନୀ ମଙ୍ଗଳବାର ଆଖିବୁଜିଛି। ପ୍ରାଣୀଉଦ୍ୟାନର ବାଘ ସଫାରିରେ ରହି ଆନିନୀ ପର୍ଯ୍ୟଟକଙ୍କ ଆର୍କଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ହେଲେ ନନ୍ଦନକାନନ ଡାକ୍ତରୀ ଟିମ୍ ଶତ ପ୍ରଚେଷ୍ଟା ସତ୍ତ୍ୱେ ବାଘୁଣୀ ଆନିନୀକୁ ବଞ୍ଚାଇପାରି ନ ଥିଲେ। ସୂଚନାଯୋଗ୍ୟ, ଗତ ୨୮ ଜୁଲାଇ ୨୦୧୪ରେ ବାଘ ମନିଷି ଓ ବାଘୁଣୀ ସ୍ନେହା ଗର୍ଭରୁ ଜନ୍ମ ନେଇଥିଲା ବାଘୁଣୀ ଆନିନୀ। ୬ବର୍ଷ ବୟସରେ ପଦାପର୍ଣ କରିଥିବା ଆନିନୀ କୌଣସି କାରଣରୁ ଗତ ମାସରୁ ଅସୁସ୍ଥତା ଅନୁଭବ କରିଥିଲା। ଧୀରେ ଧୀରେ ଦୁର୍ବଳ ହେବା ସହ ଗୋଟିଏ ଜାଗାରେ ଛପି ରହିଥିଲା। ପରେ ଆହାର ମଧ୍ୟ ଛାଡ଼ିଦେଇଥିଲା। ବିଶେଷଜ୍ଞମାନଙ୍କ ପରାମର୍ଶ କ୍ରମେ ରକ୍ତହୀନତା ଯୋଗୁ ଆନିନୀ ଦୁର୍ବଳ ହୋଇଥିବାର ଅନୁମାନ କରି ସଫାରିର ସେଲ୍ ନଂ ୧ରେ ଚିକିତ୍ସା କରାଯାଇଥିଲା। କିନ୍ତୁ ଆନିନୀର ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ନ ଥିଲା। ଶେଷରେ ଭାଇ କ୍ରିଷ୍ଣାର ରକ୍ତ ସଂଗ୍ରହ କରାଯାଇ ପର୍ଯ୍ୟାୟକ୍ରମେ ଆନିନୀକୁ ଦିଆଯାଇଥିଲେ ମଧ୍ୟ ଆନିନୀ ମଙ୍ଗଳବାର ଅପରାହ୍ନ ୩ଟା ସମୟରେ ମୃତ୍ୟୁ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଉପନିର୍ଦ୍ଦେଶକ ବିନଳ ପ୍ରଶନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହି ବାଘ ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ୨୬କୁ ହ୍ରାସ ପାଇଛି।

## ଧଳା ବାଲି ହରିଣ ବଂଶ ଲୋପ

ବାରଙ୍ଗ,୫।୧(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆର୍କଷଣ ସାଜି ଏକମାତ୍ର ଥିବା ଅଣ୍ଡିରା ଧଳା ବାଲି ହରିଣ ମଙ୍ଗଳବାର ସକାଳେ ମୃତ୍ୟୁବରଣ କରିଛି। ସମ୍ପୂର୍ଣ୍ଣ ସୁସ୍ଥ ଭାବେ କାଞ୍ଜିଆ ହ୍ରଦ କୂଳ ୬୬ ନଂ(ଏ) ଏନ୍କ୍ଲୋଜରରେ ରହି ବିଚରଣ କରି ପର୍ଯ୍ୟଟକଙ୍କ ଖୋରାକ ସାଜିଥିବା ଏହି ଧଳା ହରିଣର ହଠାତ୍ ମୃତ୍ୟୁ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏହାର ମୃତ୍ୟୁ ପରେ ନନ୍ଦନକାନନରେ ଏମାନଙ୍କ ବଂଶ ଲୋପ ପାଇଯାଇଛି। ସୂଚନାଯୋଗ୍ୟ, ୨୦୧୨ ମାର୍ଚ୍ଚ ୧୦ରେ ପଞ୍ଜାବ ଛତିବିର୍ ଚିଡିଆଖାନାରୁ ହଳେ ଧଳା ବାଲି ହରିଣ ଆସିଥିଲା। ୨୦୧୪ ମସିହାରେ ମାଈ ହରିଣଟି ମୃତ୍ୟୁ ପରେ ନିଃସଙ୍ଗ ଜୀବନ ବିତାଇବା ଆରମ୍ଭ କରିଥିଲା ଏହି ଅଣ୍ଡିରା ହରିଣ। ଶେଷରେ ମଙ୍ଗଳବାର ଅଣ୍ଡିରା ହରିଣ ରହୁଥିବା ଏନ୍କ୍ଲୋଜର ସଫା ପାଇଁ କର୍ମଚାରୀମାନେ ଯାଇଥିବାବେଳେ ହରିଣଟି ମୃତ୍ୟୁ ପଡ଼ିଥିବା ଦେଖି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।


**ତହସିଲ କାର୍ଯ୍ୟାଳୟ, ଧର୍ମଶାଳା**

ବିଜ୍ଞପ୍ତି ସଂ. ୦୪ ତା.୦୪।୦୧।୨୦୨୧

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଧର୍ମଶାଳା ତହସିଲ ଅନ୍ତର୍ଗତ ନିମ୍ନସୂଚୀ ପ୍ରଦତ୍ତ (ଲଘୁ ଖଣିଜ ଦ୍ରବ୍ୟ) ସୈରାତ ଉତ୍ସଗୁଡ଼ିକୁ ଅନ୍ୟୁନ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।
ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବସାଇଟ୍ **www.jajpur.nic.in / www.tdr.dharmasala.in**ର Tender ଲିଙ୍କ୍ ମାଧ୍ୟମରେ ମଧ ଏହି ବାବଦରେ ସମସ୍ତ ସୂଚନା ପାଇପାରିବେ।

**ସୈରାତ ଉତ୍ସଗୁଡ଼ିକର ବିବରଣୀ**

| କ୍ର.ନଂ. | ସୈରାତ କେସ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ରକବା (ଏକରରେ) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘ.ମି.) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟରରେ ପ୍ରତି) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟର ପ୍ରତି) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୦୧ | ୩/୨୦୨୦-୨୧ | ବ୍ରାହ୍ମଣୀନଦୀ ବାଲିଘାଟ | ଚାନ୍ଦମୋହିନୀ | ୧୪୯ (ଆ.ଅ.ଅ.) | ୧୫୯ | ଏ ୯.୮୫ ସ୍ଥ ଏ ୧୧.୫୦ | ନଦୀ | ୧୩୮୬୦ ଘନମିଟର | ଟ.୩୫/- | ଟ.୪୫/- |
| ୦୨ | ୭/୨୦୨୦-୨୧ | ବ୍ରାହ୍ମଣୀନଦୀ ବାଲିଘାଟ | ମିର୍ଜାପୁର ସାମିଲ ବାସୁଦେଇପୁର | ୩୫୫ (ଆ.ଅ.ଅ.) | ୪୯୫ | ଏ ୧୧.୦୦ ସ୍ଥ ଏ ୨୦.୫୪ | ନଦୀ | ୧୮୦୭୦ ଘନମିଟର | ଟ.୩୫/- | ଟ.୪୫/- |

ସ୍ୱା./- ତହସିଲଦାର, ଧର୍ମଶାଳା

No. E-498

**State Health Assurance Society, Odisha**
Deptt. of Health & Family Welfare, Govt. of Odisha
Bhubaneswar-751007, District-Khordha (Odisha)
Phone No.-0674-2620500, Email ID, snaodisha@gmail.com

**Tender for hiring an agency to deal with IEC activities like mass media communication, social media communication, advertisement, event management and digital marketing for promoting Biju Swasthya Kalyan Yojana in the State of odisha**

Advt No. 01/2021 Date:06.01.2021

Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 11.01.2021, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 27.01.2021, 3.00 PM. The technical bid shall be opened on 27.01.2021 at 3.30 PM. Presentation by pre-qualified bidders will be held at 29.01.2021 at 03.30 PM.

The undersigned reserves the right to reject any or all the tenders or cancel the tender without assigning any reason thereof.

Sd/-
Chief Executive Officer,
State Health Assurance Society, Odisha

OIPR-10001/11/0006/2021

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel.-MD 0674-2340573, Tel. Fax-2340096,
E-mail: mdossclt456@gmail.com
**Tender Call Notice for Purchase of HDPE made Packing Materials for Packing of Seeds**
No.-OSSC/Proc. & QC/01/2021

No.CAD- 1018:- Tender through e-Procurement Mode through Govt. of Odisha website www.tendersodisha.gov.in from reputed manufacturers for supply of 50 K. capacity of HDPE made Packaing materials for the year 2020-21 for packing of seeds. The last date of receipt of tenders is 17.00 hrs. of dt.18.01.2021.
Details of tenders can be seen in OSSC's website www.osscltd.in.

Sd./- Managing Director, OSSC Ltd., BBSR
OIPR-01045/11/0022/2021

**BHUBANESWAR MUNICIPAL CORPORATION**
*Progress through Partnership for better Bhubaneswar*
EOI No.:226 Date: 04.01.2021
**NOTICE INVITING EXPRESSION OF INTEREST (EOI)**

No.C-278:- Sealed proposal are invited against EOI FOR "Engagement of NGO's to facilitate Animal Welfare Activities in Bhubaneswar Municipal Corporation" in conformity with the terms & conditions of the EOI document in from intending applicants. Please refer to Website www.bmc.gov.in for complete details and downloading the document. The last date & time of submission of proposal is 29.01.2021 till 5.00 P.M.
For any queries please contact bmcpmu@bmc.gov.in.

By order
Sd./- Dy. Commissioner (ABC)
Bhubaneswar Municipal Corporation
OIPR-13002/11/0066/2021

**BHUBANESWAR MUNICIPAL CORPORATION**
*Progress through Partnership for better Bhubaneswar*
EOI No.:426 Date: 04.01.2021
**Notice Inviting "Expression of Interest for Empanelment of Contractors under BMC zones for Construction of Self-Employment Kiosks at various areas within Bhubaneswar Municipal Corporation"**

No.C-279:- Sealed applications are invited for "Expression of Interest (EOI) for Empanelment of Contractors under BMC zones for Construction of Self-Employment Kiosks at various areas within Bhubaneswar Municipal Corporation" in conformity with the terms & conditions laid down in the EOI document. The detailed EOI document can be downloaded from BMC website i.e. bmc.go.in. The last date of submission of proposal is 15.01.2021 till 5.00 P.M.

By order
Sd./- City Engineer
Bhubaneswar Municipal Corporation
OIPR-13002/11/0067/2021

# ଟିକା ପାଇଁ ବ୍ୟକ୍ତିଙ୍କ ତଥ୍ୟ ଯାଞ୍ଚ ହେବ

ଭୁବନେଶ୍ୱର, ୫।୧(ବ୍ୟୁରୋ) ରାଜ୍ୟରେ କରୋନା ଟିକାକରଣ ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି। ଟିକା ଦେବାକୁ ୨୯ ହଜାର କେନ୍ଦ୍ର ରହିଛି। କିନ୍ତୁ ପ୍ରଥମ ପର୍ଯ୍ୟାୟରେ ଏତେ କେନ୍ଦ୍ର ଦରକାର ହେବ ନାହିଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି ଯେ, ଟିକାକରଣ କେନ୍ଦ୍ରରେ ସବୁ ବ୍ୟବସ୍ଥା ଠିକ୍ ଅଛି କି ନାହିଁ, ପ୍ରତୀକ୍ଷାଳୟ, ଟିକାକରଣ ଓ ନିରୀକ୍ଷଣ ରୁମ୍ ଅଛି କି ନାହିଁ ତାହାର ତଦାରଖ କରାଯିବ। ପ୍ରଥମେ ୱେଟିଂରୁମରେ ଟିକା ନେବାକୁ ଥିବା ଲୋକଙ୍କ ତଥ୍ୟ ଯାଞ୍ଚ କରାଯିବ। ତାଙ୍କ ନାଁ ଡାଟାବେସ୍‌ରେ ଅଛି କି ନାହିଁ ଯାଞ୍ଚ ହେବ। ଏହାପରେ ରୁମରେ ଅନ୍ୟ ତଥ୍ୟ ଯାଞ୍ଚ କରାଯିବା ପରେ ତାଙ୍କୁ ଟିକା ଦିଆଯିବ। ହାତରେ କାନ୍ଧ ତଳେ ଟିକା ଦିଆଯିବ। ଟିକା ନେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅବଜରଭେଶନ୍ ରୁମରେ ୩୦ ମିନିଟ୍ ରଖାଯିବ। ପାର୍ଶ୍ୱ ପ୍ରତିକ୍ରିୟା ଦେଖା ନ ଗଲେ ତାଙ୍କୁ ଛଡ଼ାଯିବ। ରାଜ୍ୟରେ ଏବେ ୩ ଲକ୍ଷ ୨୮ ହଜାର ୫୦୦ ଜଣଙ୍କ ଡାଟା ବେସ୍ ପ୍ରସ୍ତୁତ ହୋଇଛି। ଟିକାକରଣ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଥିବାବେଳେ କେବଳ ଟିକାକୁ ଅପେକ୍ଷା କରାଯାଉଛି ବୋଲି ନିର୍ଦ୍ଦେଶକ ଡା. ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ସୁଦ୍ଧା ଓଡ଼ିଶାକୁ ଟିକା ଆସିପାରେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସୋମବାର ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଟିକାଦାନ କେନ୍ଦ୍ରର ସ୍ଥିତି ପରଖିବାକୁ ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ୮ତାରିଖ ସୁଦ୍ଧା ଏ ନେଇ ଚୂଡ଼ାନ୍ତ ରିପୋର୍ଟ ଦେବା ପାଇଁ କୁହାଯାଇଛି।

## କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କାମର ତଦାରଖ କରିବ ସିସି କ୍ୟାମେରା

ଭୁବନେଶ୍ୱର,୫।୧(ବ୍ୟୁରୋ): କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଭାଗୀୟ କାର୍ଯ୍ୟ ଏବଂ ୫-'ଟି' କାର୍ଯ୍ୟସୂଚୀ ଅନୁପାଳନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାମଚଣ୍ଡୀସ୍ଥିତ ଇକୋ ରିଟ୍ରିଟ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ପୁରୀରେ ଚାଲିଥିବା ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ଅଗ୍ରଗତି ନେଇ ମନ୍ତ୍ରୀ ବେହେରା ବିଭାଗୀୟ ଅଧିକାରୀ ଏବଂ ପିଏମ୍‌ୟୁ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ମନ୍ତ୍ରୀ ବେହେରା ପେଣ୍ଠକଟା ଏବଂ ତାଳବଣିଆ ଠାରେ ଥିବା ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ କମ୍ପ୍ଲେକ୍ସର ବହୁମୁଖୀ ଇନ୍‌ଡୋର ହଲ୍ ଏବଂ ସ୍ପୋର୍ଟର୍ସ ହଷ୍ଟେଲ୍ ପରିଦର୍ଶନରେ ଯାଇ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହାସହିତ କାର୍ଯ୍ୟଭାର ନେଇଥିବା ସଂସ୍ଥାର ଅଧିକାରୀ ଏବଂ କ୍ରୀଡ଼ା ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟର ଠିକ୍ ତଦାରଖ ଲାଗି ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଇବା ଏବଂ କାମର ମାନ ବଜାୟ ରଖି ସମୟ ଅବଧି ମଧ୍ୟରେ ସାରିବା ପାଇଁ ମନ୍ତ୍ରୀ ବେହେରା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଜିଲାର ସର୍ବାଙ୍ଗୀନ ବିକାଶ ଲାଗି ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ ସହିତ କ୍ରୀଡ଼ା ଭିତ୍ତିଭୂମି ଯେପରି ଶୀଘ୍ର କ୍ରୀଡ଼ାବିତ୍‌ଙ୍କ କାର୍ଯ୍ୟରେ ଲାଗିବ ସେ ନେଇ ମନ୍ତ୍ରୀ ବେହେରା ଅଧିକାରୀ ଏବଂ ଦାୟିତ୍ୱରେ ଥିବା ସଂସ୍ଥାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ହଷ୍ଟେଲ ପିଲାଙ୍କ ପାଇଁ ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ

### ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୫।୧(ବ୍ୟୁରୋ)

ଆସନ୍ତା ୧୧ତାରିଖରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ହଷ୍ଟେଲ ଅନ୍ତେବାସୀଙ୍କ ପାଇଁ କୋଭିଡ୍ ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି।



ମଙ୍ଗଳବାର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ହଲ୍‌ରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ସବିତା ଆଚାର୍ଯ୍ୟ କହିଛନ୍ତି ଯେ, ହଷ୍ଟେଲ ପିଲାଙ୍କ ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ୩ଦିନ ତଳର କୋଭିଡ ନେଗେଟିଭ୍ ରିପୋର୍ଟ ଦେଖାଇଲେ ହଷ୍ଟେଲରେ ରହିବାକୁ ଅନୁମତି ମିଳିବ। ଯେଉଁମାନଙ୍କ ପାଖରେ ଟେଷ୍ଟ ରିପୋର୍ଟ ନ ଥିବ ସେମାନଙ୍କ ପାଇଁ କ୍ୟାମ୍ପସରେ ଏକ କୋଭିଡ୍ ଟେଷ୍ଟ କ୍ୟାମ୍ପ ଖୋଲାଯିବ। ସେଠାରେ ମାଗଣାରେ ଟେଷ୍ଟ କରାଯାଇ ଛଡ଼ାଯିବ। ପୁରା କ୍ୟାମ୍ପସକୁ ବିଶୋଧନ କରାଯିବ। କୋଭିଡ ନିୟମ ପାଳନ ସହ ଶିକ୍ଷାଦାନ କରାଯିବ। ଏ ନେଇ ସମସ୍ତ ବିଭାଗୀୟ ମୁଖ୍ୟ ଓ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରାଯାଇଥିବା କୁଳପତି କହିଛନ୍ତି। ସେହିପରି ରମାଦେବୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଖୋଲିବା ନେଇ କୁଳପତି ଅପରାଜିତା ଚୌଧୁରୀ କହିଛନ୍ତି ଯେ, ଯୁକ୍ତ୨ କଲେଜ, ୟୁଜି ଓ ପିଜି ଗୋଟିଏ କ୍ୟାମ୍ପସରେ ରହିଛି। ସେଥିପାଇଁ କ୍ଲାସରୁମ୍, ହଷ୍ଟେଲକୁ ବିଶୋଧନ କରାଯାଉଛି। ମନ୍ଦିରକୁ ଯିବା ପାଇଁ ଯେପରି କୋଭିଡ୍ ନେଗେଟିଭ ରିପୋର୍ଟ ଆବଶ୍ୟକ ସେହିପରି ଆମ ବିଦ୍ୟାମନ୍ଦିରକୁ ଛାତ୍ରୀ ଆସିବା ବେଳେ କୋଭିଡ୍ ନେଗେଟିଭ ରିପୋର୍ଟ ଆଣିବା ନେଇ ଚିନ୍ତା କରାଯାଉଛି। ବୁଧବାର ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ଏସ୍‌ଓପି ପ୍ରକାଶ ପାଇବ।

## ଶିଳ୍ପ ଲାଗି ବ୍ୟବସାୟିକ କ୍ଷେତ୍ରର ସମୀକ୍ଷା

ଭୁବନେଶ୍ୱର,୫।୧(ବ୍ୟୁରୋ): ରାଜ୍ୟରେ କିଛିବର୍ଷ ମଧ୍ୟରେ ଶିଳ୍ପଗୁଡିକ ପାଇଁ ବ୍ୟବସାୟିକ ପରିବେଶର ସୁବିଧାରେ ଉନ୍ନତି ଆଣିବା ଲାଗି ଅନେକ ପଦକ୍ଷେପ ଶିଳ୍ପ ବିଭାଗ ତରଫରୁ ନିଆଯାଇଛି। ସର୍ବଭାରତୀୟ ଇଓଡିବି ର୍‍ୟାଙ୍କିଂରେ ଓଡିଶା ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଇଡ୍‌କୋ ତରଫରୁ ୪ଟି ସେକ୍ଟର ନିର୍ଦ୍ଦିଷ୍ଟ ପାର୍କ ଯଥା ଡେରାସଠାରେ ସୀ ଫୁଡ ପାର୍କ, ଇନଫୋଭ୍ୟାଲି ଠାରେ ଇଲେକ୍ଟ୍ରୋନିକ୍ସ ମାନୁଫ୍ୟାକ୍ଚରିଙ୍ଗ ପାର୍କ, ଅନୁଗୋଳଠାରେ ଆଲୁମିନିୟମ ପାର୍କ ଓ ପାରାଦ୍ୱିପ ଠାରେ ଏକ ପ୍ଲାଷ୍ଟିକ ପାର୍କ ସ୍ଥାପନ କରାଯାଇଛି। ଏହାଛଡା ବିଜୁ ଏକ୍ସପ୍ରେସ ୱେ ସଂଲଗ୍ନ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ତ୍ୱରିତ ଉଦ୍ୟମ କରାଯିବା ପାଇଁ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଶିଳ୍ପ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଳାହାଣ୍ଡି ଜିଲାରେ ଶିଳ୍ପଦ୍ୟୋଗୀଙ୍କୁ ଆକୃଷ୍ଟ କରିବା ଲାଗି ଉଦ୍ୟମ ଜାରି ରଖିବା ସହିତ ଆବଶ୍ୟକତା ଅନୁଯାୟୀ ଜିଲାରେ ସିଏସ୍‌ଆର ପାଣ୍ଠିର ସଦୁପଯୋଗ କରିବାକୁ ସେ ଆଦେଶ ଦେଇଛନ୍ତି। ଏହା ବ୍ୟତୀତ ଗୋଲାମୁଣ୍ଡା ଠାରେ ଏକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ଲାଗି ମଧ୍ୟ ପ୍ରସ୍ତାବ ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଇପ ଆଗରେ ପାଇକ ପଣ
ଦାଣ୍ଡକୁ ଯିବାକୁ ନ ଥାଏ ଟାଣ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖେଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣକରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍‌ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମୌନ ମୁହାଁ, ମୌନ ମୁହିଁ;
ଏ ଦୁହିଁଙ୍କୁ ପରତେ ନାହିଁ।**

ଯେଉଁମାନେ ସବୁବେଳେ ମୌନ ବା ଚୁପଚାପ ରହିଥାନ୍ତି, ସେମାନଙ୍କ ଭିତିରି ମନର କଥା ସହଜରେ ଜାଣି ହୋଇପାରିନଥାଏ। ଖୋଲି କରି କାହା ଆଗରେ କଥା ହେଉନଥିବାରୁ ତାଙ୍କ ଅନ୍ତରରେ କ'ଣ ଅଛି ତାହା ଠଉରେଇବା କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**


### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୩୧ — ତା: ୨୩।୧୨।୨୦୨୦

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍‌ଆଇଜି-୧୪ (MIG-14), ବଡ଼ପାତ୍ରପଲ୍ଲୀ, ଫେଜ୍-୧, ସୁନ୍ଦରଗଡ଼ ଗୃହ ନିର୍ମାଣ ପ୍ରକଳ୍ପରେ (୧) ସାବିତ୍ରୀ ପଟେଲ, ସ୍ୱାମୀ: ୰ଜୟନାରାୟଣ ପଟେଲ, (୨) ଅମିତ ପଟେଲ, (୩) ସେମା ପଟେଲ, ଉଭୟଙ୍କର ପିତା: ୰ଜୟନାରାୟଣ ପଟେଲ, ସା/ପୋ.- ରାମତିଳେଇମାଳ, ଥାନା: କୁଚିଣ୍ଡା, ଜିଲ୍ଲା: ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ସାବିତ୍ରୀ ପଟେଲ, ଅମିତ ପଟେଲ, ସେମା ପଟେଲ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସ୍ନେହଲତା ରଥ, ସ୍ୱାମୀ: ଶ୍ରୀ ହରିହର ପତି, ସା: ବଡ଼ପାତ୍ରପଲ୍ଲୀ, ପୋ: ସୁନ୍ଦରଗଡ଼, ଥାନା: ସୁନ୍ଦରଗଡ଼ ଟାଉନ, ଜିଲ୍ଲା: ସୁନ୍ଦରଗଡ଼ଙ୍କ ନାମରେ ଆବଣ୍ଟନ ସ୍ୱତ୍ୱ ପରିବର୍ତ୍ତନ (ଉପହାର) କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ସ୍ୱତ୍ୱ ପରିବର୍ତ୍ତନ (ଉପହାର) ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ଆବଣ୍ଟନ ସ୍ୱତ୍ୱ ପରିବର୍ତ୍ତନ (ଉପହାର) ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା


## ୩୨ ସଦସ୍ୟ ସାମିଲ, ଅନେକ ନୂଆ ମୁହଁ

### ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ପୁନର୍ଗଠିତ

ଭୁବନେଶ୍ୱର,୫।୧(ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ପୁନର୍ଗଠନ କରାଯାଇଛି। ନବଗଠିତ ପରିଷଦର ସଭ୍ୟମାନେ ଆସନ୍ତା ୩ ବର୍ଷ ପାଇଁ କାର୍ଯ୍ୟ କରିବେ। ଜାନୁୟାରୀ ୪ରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବାର ୩ବର୍ଷ ଅର୍ଥାତ୍ ୨୦୨୪ ଜାନୁୟାରୀ ୫ତାରିଖ ପର୍ଯ୍ୟନ୍ତ ନବନିଯୁକ୍ତ ସଭ୍ୟମାନଙ୍କ କାର୍ଯ୍ୟକାଳ ବୈଧ ରହିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କ ଦସ୍ତଖତରେ ପ୍ରକାଶ ପାଇଥିବା ଏହି ବିଜ୍ଞପ୍ତି ଅନୁଯାୟୀ ସାଧାରଣ ପରିଷଦରେ ମୋଟ ୩୨ଜଣ ସଦସ୍ୟଙ୍କୁ ରଖାଯାଇଛି। ପରିଷଦରେ ୯ଜଣ ପଦାଧିକାରୀ ଏବଂ ବିଭିନ୍ନ ଜିଲା ସହ ରାଜ୍ୟର ବିଭିନ୍ନ ସଙ୍ଗଠନର ସଭାପତି ଓ ସମ୍ପାଦକ ସଦସ୍ୟ ରହିଛନ୍ତି।

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି, ଉପସଭାପତି, ବିତ୍ତ ଅଧିକାରୀ ତଥା ଅର୍ଥ ପରାମର୍ଶଦାତା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ଏକାଡେମୀର ସମ୍ପାଦକ ସାଧାରଣ ପରିଷଦର ସଦସ୍ୟ ଅଛନ୍ତି। ସେହିଭଳି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ ନିର୍ବାହୀ ଏଥିରେ ସଦସ୍ୟଭାବେ ରହିଛନ୍ତି। ଏମାନଙ୍କ ବ୍ୟତୀତ ଭୁବନେଶ୍ୱରରୁ କୀର୍ତ୍ତନ ନାରାୟଣ ପାଢୀ ଓ ସଙ୍ଗୀତା ପଣ୍ଡା, ବାଲେଶ୍ୱରରୁ ହେମେନ୍ଦ୍ର ମହାପାତ୍ର, ରାୟଗଡ଼ାରୁ ନରେନ୍ଦ୍ର ମିଶ୍ର, କଟକରୁ ମୀରା ଦାସ ଓ ଚିତ୍ତ ସାହାଣୀ, ସୁବର୍ଣ୍ଣପୁରରୁ ଶାଶ୍ୱତ କୁମାର ତ୍ରିପାଠୀ, ଦିଗପହଣ୍ଡିର ଆଲୋକ ବିଷୋୟୀ ଏବଂ ବରଗଡ଼ର ରବିରତନ ସାହୁ ସଦସ୍ୟ ଅଛନ୍ତି। ସେହିଭଳି ସଙ୍ଗଠନ ମୁଖ୍ୟମାନଙ୍କ ମଧ୍ୟରେ ସମ୍ବଲପୁରର 'କଲ୍‌ଚରାଲ ଆସୋସିଏଶନ', ଖୋର୍ଦ୍ଧାର 'ପରମ୍ପରା' ଅନୁଷ୍ଠାନ, ଗଞ୍ଜାମର 'ଓଡ଼ିଶା ନାଟ୍ୟ ସମାରୋହ ସମିତି', କଳାହାଣ୍ଡିର 'ପ୍ରତିଭା', ଫୁଲବାଣୀର 'ମୋହନ ଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ', କଟକର 'ବିଶ୍ୱନାଥ ସଙ୍ଗୀତାଳୟ', ସୁନ୍ଦରଗଡ଼ର 'ସ୍ପନ୍ଦନ', ଢେଙ୍କାନାଳର 'ମୀରାବାଇ କଳାବିକାଶ କେନ୍ଦ୍ର', କୋରାପୁଟର 'କୋରାପୁଟ କଲ୍‌ଚରାଲ ସୋସାଇଟି', କେଉଁଝରର 'ଦେବଶିଳ୍ପୀ ବିଶ୍ୱକର୍ମା କଣ୍ଢେଇ ନାଚ', ମୟୂରଭଞ୍ଜର 'ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନ', ବାଲେଶ୍ୱରର 'କଳାକାର', ପୁରୀର 'ଅନ୍ନପୂର୍ଣ୍ଣା ଥିଏଟର' ଏବଂ ବଲାଙ୍ଗୀର ଜିଲାର 'ସ୍ୱର ଝଙ୍କାର' ଅନୁଷ୍ଠାନର ସଭାପତି କିମ୍ବା ସମ୍ପାଦକ ପରିଷଦରେ ସଦସ୍ୟ ରହିବେ। ଚଳିତବର୍ଷ ପରିଷଦ ପୁନର୍ଗଠନରେ ସ୍ୱଚ୍ଛତା ଓ ନିରପେକ୍ଷତାକୁ ପ୍ରାଥମିକତା ଦିଆଯାଇଥିବା ବେଳେ ଅନେକ ନୂଆ ଲୋକଙ୍କୁ ସାମିଲ କରାଯାଇଛି। ପୂର୍ବଥର ଭଳି ଏଥର ପୁରୁଣା ସଦସ୍ୟଙ୍କୁ ପୁନର୍ବାର ସ୍ଥାନିତ କରାଯାଇନାହିଁ।

## ବିହାର ପ୍ରଭାରୀ ହେଲେ ଭକ୍ତ ଦାସ

ଭୁବନେଶ୍ୱର,୫।୧(ବ୍ୟୁରୋ): ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ସୋନିଆ ଗାନ୍ଧୀ ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶାର ବରିଷ୍ଠ ନେତା ଭକ୍ତଚରଣ ଦାସଙ୍କୁ ବିହାର ଏଆଇସିସି ଇନଚାର୍ଜ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବରୁ ଭକ୍ତ ଦାସଙ୍କୁ ମିଜୋରାମ ଏବଂ ମଣିପୁର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଶକ୍ତିସିଂହ ଗୋହିଲ ବିହାର ପ୍ରଭାରୀ ଦାୟିତ୍ୱ ଛାଡିବା ପରେ ତାଙ୍କ ସ୍ଥାନରେ ଭକ୍ତଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି ବେଣୁଗୋପାଲ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।


### ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**
e-Mail: eeolicdivn.bbsr@ymail.com, Tel.-0674-2391847

**e-Procurement Notice**

**Bid Identification No. 01 / 2020-21 Dt.01.01.2021**

No. CAD-1023: The **Exectuive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **percentage Rate Bids in Online mode** for installation & Energisation of Lift Irrigation Project in Puri district under BKVY in TURNKEY BASIS as mentioned below from the reputed Contractors/ Firms having valid HT licence issued by E.L.B.O., Odisha and Civil licence as mentioned below.

1. Nature of Work : Execution of work for installation & energisation of 12 Nos. L.I. Projects in different Blocks of Puri district.
2. No. of Packages : 12 Nos.
3. Estimated Cost : Varies from Rs.3483704/- to Rs.3927854/-
4. Period of Completion : 90 days
5. Date & time of availability of bid documents in the portal : 11.01.2021 at 10.00 A.M.
6. Last date & time for receipt of bids in the portal : 21.01.2021 upto 5.00 P.M.
7. Date & time of seeking clarification : 11.01.2021 at 10.00 A.M. to 18.01.2021 upto 5.00 P.M.
8. Opening date & time : 22.01.2021 at 11.00 A.M.
9. Name & address of the Officer Inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender website i.e. **www.tendersorissa.gov.in** and other related documents are available in the DTCN for bidding. Any Addendum/Corrigendum/Cancellation of tender will be available in the said website.

**Sd./- Executive Engineer, L.I. Division, Bhubaneswar**
**OIPR-32155/11/0026/2021**



### Office of the Executive Engineer, UI Right Canal Division No-II, Junagarh, Dist: Kalahandi
eeuircd2@gmail.com

**e-Procurement Notice No. EE-UIRCD-II-01/2020-21**

**No. A-434:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal https://tendersodisha.gov.in

1. Type of the work : Improvement to Service Road work
2. No. of works : 1 (One)
3. Class of contractor : 'D' & 'C' class
4. Bid identification No. : **EE-UIRCD-II-01/2020-21(01)**
5. Estimated cost : 9.344 Lakhs
6. Period of completion : 1 (One) calendar month.
7. Date & time of availability of bid documents in the portal. : From **07.01.2021, 10.00 A.M. to 16.01.2021, 5.00 P.M.**
8. Last date / time for receipt of bids in the portal. : **16.01.2021** up to **5.00 P.M.**
9. Date of opening of Bid. : **18.01.2021 at 11.00 AM** in the O/o the Executive Engineer, UI Right Canal Division, No-II, Junagarh, Dist.-Kalahandi.
10. Name of the officer inviting Tender. : Executive Engineer, UI Right Canal Division No-II, Junagarh, Dist.-Kalahandi.

**(A) Any addendum / corrigendum / cancellation of tender can also be seen in the said Website.**
**(B) Further details can be seen from Government Website – https://tendersodisha.gov.in**
**(C) The Bidder shall transfer the required amount of EMD (Bid Security) and cost of Bid by online through electronics payment as per Govt. of Odisha WDOM NO.17254/W Dt. 05.12.2017 as mentioned in DTCN.**

**Executive Engineer**
OIPR-32193/11/0008/2021 **UI Right Canal Division No-II, Junagarh**


See Career Appointment on every Wednesday & Saturday


### ODISHA LIFT IRRIGATION CORPORATION LIMITED
**OFFICE OF THE EXECUTIVE ENGINEER LIFT IRRIGATION DIVISION, SUBARNAPUR**
e-mail id: eeolicsnp@gmail.com

**e - Procurement Notice**

**Bid Identification No. OLIC-SNP-15/2020-21 Dt.04.01.2021**

No. CAD-1015: The Executive Engineer, Lift Irrigation Division, Subarnapur on behalf of OLIC invites Percentage Rate bids in single cover system to be received in Online Mode only for the work Installation and Energisation of New LIPs under different block in Subarnapur District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-Line in the Govt. website www.tendersodisha.gov.in. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.
1. Name of the Works: Installation & Energisation of River Lift Irrigation Projects with supply of all materials on Turnkey basis. 2. Total Nos of Package: 02, 3. Approximate Estimated Cost: Rs. 20.93 Lakhs to Rs. 22.36 Lakhs, 4. Class of Contractor: As mentioned against each package, 5. Period of Completion: 90 Days for all projects from the date of issue of work order. 6. Other details as follows:

| Procurement Officer | Bid Identification No./Date | Availability of Tender on Online for Bidding | | Last date & time of seeking tender clarification | Date & time of Opening of tender in the Office of the Executive Engineer, L.I. Division, Subarnapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Subarnapur | OLIC-SNP-15/ 2020-21 | 11.01.2021 at 11.00 hrs. | 20.01.2021 at 17.00 hrs. | 18.01.2021 at 17.00 hrs. | 21.01.2021 at 11.00 hrs. |

- Details can be seen from the Website **www.tenderodisha.gov.in.**
- Any corrigendum/Addendum will be displayed in the above website only.

**Executive Engineer, L. I. Division, Subarnapur**
**OIPR-32316/11/0006/2021**



### କଣ୍ଟାପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟ
**କଣ୍ଟାପଡ଼ା, କଟକ**

ପତ୍ର ସଂଖ୍ୟା ୨୩ — ତା୦୪।୦୧।୨୦୨୧

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଟକ ଜିଲ୍ଲା ଅନ୍ତର୍ଗତ କଣ୍ଟାପଡା ତହସିଲ ଅଧୀନରେ ଥିବା ଶ୍ରୀସୁନ୍ଦରପୁର ଦେବୀ ନଦୀ ବାଲି, ତିଥପଡା ଦେବୀ ନଦୀ ବାଲି-୧, ତିଥପଡା ଦେବୀ ନଦୀ ବାଲି-୨, ସିମଳଦା ଦେବୀ ନଦୀ ବାଲି, ବଳଦା (ନଇଁଲୋ) ଦେବୀ ନଦୀ ବାଲି ଉତ୍ସଗୁଡିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦-୨୦୨୧ଠାରୁ ୨୦୨୪-୨୦୨୫ ପର୍ଯ୍ୟନ୍ତ ଜଉମୁଦ ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଉତ୍ସଗୁଡିକର ବିବରଣୀ, ଦରଖାସ୍ତ ଗ୍ରହଣ କରିବାର ଆରମ୍ଭ ଓ ଶେଷ ତାରିଖ ଏବଂ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଜିଲ୍ଲାପାଳ, କଟକଙ୍କ website www.cuttack.nic.inରେ ତା୦୫।୦୧।୨୦୨୧ରୁ ୧୦।୦୩।୨୦୨୧ରିଖ ପର୍ଯ୍ୟନ୍ତ ଉପଲବ୍ଧ ହେଉଅଛି। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କଣ୍ଟାପଡା ତହସିଲଦାରଙ୍କ କାର୍ଯ୍ୟାଳୟ ସହ କାର୍ଯ୍ୟ ଦିବସ ମଧ୍ୟରେ ଯୋଗାଯୋଗ କରିପାରିବେ।

ସ୍ୱା./- ତହସିଲଦାର, କଣ୍ଟାପଡ଼ା



### BHUBANESWAR DEVELOPMENT AUTHORITY
Akash Shova Building, Sachivalaya Marg, Bhubaneswar-751001
visit us at: http://www.bda.gov.in/

No.881/BDA, Bhubaneswar — Date. 31.12.2020

**QUOTATION**

Executive Engineer Division No.I, BDA on behalf of Chief Engineer cum Engineer Member, BDA invites Sealed Quotation/ offer in plain paper/ letter pad from the intending Advertisement agencies having valid PAN and GST registration certificate for publication of Advertisement in various Newspapers approved by I&PR Deptt. Govt. of Odisha. The agencies should quote their percentage of discount offer on the approved rate of I&PR Deptt. Govt. of Odisha excluding GST for timely publication as per requirement, both in figure & words. The quotation along with copies of registration certificate/ GST certificate & copies of PAN should be submitted in the office of undersigned on or before **18.01.2021 by 05:00 P.M. through Regd. Post/ Speed Post/ Courier,** falling which the quotation shall not be taken into consideration. All the quotations received within the scheduled date & time will be opened on **19.01.2021 at 11:00 A.M.** in the presence of quotationers or their authorised representative, if they wish to attend. The validity of their quotation should be for a minimum period of one year. The quotationer should furnish earnest money deposit (refundable) amounting to Rs.5,000/- in shape of NSC/ Post office saving Bank Account/ Post Office Time deposit Account/ KVP duly pledged in favour of Executive Engineer, Division No.I, BDA payble at Bhubaneswar, Odisha along with their quotation. Also BG from any nationalised Bank in India Counter guarented by its local branch at Bhubaneswar. The EMD of the selected agency will be forfeited in case of subsquent refusal/ failure to publish the Advertisement in newspaper after approval of the quotation by the competent authority. All statutory deduction will be made in the bill as per norms. **All Corrigendum and Addendum will be published in the Website only.** The authority reserves right to cancel the entire quotation without assigning any reason thereof.

Sd/-
Executive Engineer, Division No. I, BDA



### OFFICE OF THE EXECUTIVE ENGINEER RWS&S DIVISION, BHANJANAGAR - 761126
No. O-842
Phone No. 06821-241026(O)/241079(R), Fax No. 06821-241026/240056
e-mail: eerwss_bnj@nic.in<eerwssbnj2009@gmail.com>

**Govt. of Orissa "e" Procurement Notice**

**Bid Identification No. E.E._RWS&S_54/2020-21**

1. The Executive Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate bid in Double Cover System according to the norm of "e" Procurement system in Online mode for providing 100% functional TAP connection for different PWS Schemes in Ganjam district from the eligible contractors as per DTCN.
2. Nature of Work : Supplying all labour T&P and materials for construction, testing, Commissioning of RCC ESR construction of valve chamber, 100% house connection laying of distribution of pipeline etc. for different PWS schemes in the Ganjam District.
3. No. of Tender : 07 Nos.
4. Tender Paper Cost : Rs.10,000/-
5. Tender Cost : 51.77 lakhs to 72.84 lakhs
6. Class of Contractor : B & A
7. Date and time of availability of bid document in the portal : Dt.13.01.2021 at 11.00 A.M. to 27.01.2021 upto 5.00 P.M.
8. Date of Opening of Bid : Dt.28.01.2021 at 11.00 A.M.
9. Period of Completion : 180 (One hundred eighty) days.
10. The bidders have to participate in Online bidding only. Further details can be seen from the website **https://tendersorissa.gov.in**.

**Sd./- Executive Engineer**
**RWS&S Division, Bhanjanagar**
**OIPR-25021/11/0030/2021**



### DISTRICT RURAL DEVELOPMENT AGENCY, KANDHAMAL
**Tender Call Notice No. 55, Dated 05.01.2021**

**TENDER CALL NOTICE**

1. For and behalf of Govt. of Odisha the undersigned invites sealed tenders in duplicate superscribing the tender notice No. & Date from reputed firms having valid H.T. electrical license issued by ELBO, Bhubaneswar under "BGJY Scheme in different Block areas under Kandhamal District for construction, Replacement and Up-gradation Electrification works as mentioned in the Tender schedule on turnkey contract basis.
2. The detail Tender Call Notice and Tender Document can be seen and downloaded at **www.kandhamal.nic.in**
3. The authority reserves the right to reject any or all the bids without assigning any reason thereof.

**By Orders of Collector, Kandhamal**
**Sd./- Project Director, DRDA, Kandhamal**



### ODISHA CONSTRUCTION CORPORATION LTD.
(A Government of Odisha Undertaking)
UNIT - VIII, Bhubaneswar-751012, Odisha, PIN: 751012, Tel No.(0674) 2562020,
e-Mail: theoccltd@odishaconstruction.com, GSTIN- 21AAACO2571K2ZM

**'e'-Procurement Notice.**

1. Type of work :- **Flood Protection Works**
2. Total No. of works :- **04 (Four)**
3. Amount Put to Tender :- **From Rs.882.29 Lakhs to Rs.1607.28 Lakhs.**
4. Period of completion :- **11 Calendar months to 15 Calendar months.**

**Other details as follows:**

| Procurement officer | e-procurement Notice No. | Availability & Submission of bids on-line | | Date & time of opening of Technical Bid |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Managing Director, OCC Ltd. | 26/OCCL/2020-21 (on-line) | 07.01.2021 at 10:00 A.M. | 21.01.2021 up to 05:30 P.M. | 22.01.2021 at 12:00 Noon |

**N.B.:** The details of tender call notice can be seen from the Govt. website: **www.tendersodisha.gov.in**

Sd/-
Managing Director



### अखिल भारतीय आयुर्विज्ञान संस्थान (एम्स), भुवनेश्वर
### ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. :AIIMS/BBSR/Engg./ 585/ NIT-024 / 2020-21 Dated : 05th Jan 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Miscellaneous Maintenance works at Type V Quarter, Hostels and maintenance office area of Housing Complex, AIIMS, Bhubaneswar** *(NIT No. : AIIMS/BBSR/Engg./ 024 /2020-21)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer(Civil) I/C**
**AIIMS, Bhubaneswar**



### Government of Odisha
No. B-597
**OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK**
E-mail.ID-sectcrb_2006@yahoo.co.in; Tel/Fax – 0671-2301751/2302751

**( 'e' – PROCUREMENT NOTICE )**

**Bid Identification No.S.E.Ctc.(R&B) 19/2020-21.**

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Bridge works as mentioned below.
2. No. of work :- 2 Nos.
3. Nature of work :- Bridge works
4. Class of contractor :- 'A' & Special & Super Class.
5. Tender paper cost :- Rs.10000/- **(online)**
6. Available of bid documents in the website. :- **From 11.01.2021 to 16.00 hours of 27.01.2021**
7. Date of opening of bid :- **Dt. 28.01.2021 at 11.00 hours.**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.


**Sd./-T.P.Mishra, Superintending Engineer**
OIPR-34012/11/0020/2021 **Cuttack(R&B)Circle**

## ଗିଫ୍ଟ ପାଇଁ ବାହାଘର ବାତିଲ

**ନୂଆଦିଲ୍ଲୀ:** ପସନ୍ଦ ମୁତାବକ ଉପହାର ମିଳି ନ ଥିବାରୁ ନିଜ ବାହାଘରକୁ ବନ୍ଦ କରି ଦେଇଛନ୍ତି କାନାଡାର ଜଣେ ମହିଳା ସୁଶନ୍। ସୋସିଆଲ ମିଡିଆରେ ତାଙ୍କ ବିବାହକୁ ନେଇ ଏହି ଖବର ଏବେ ଭାଇରାଲ ହେବାରେ ଲାଗିଛି। ସୁଶନ୍ ତାଙ୍କ ବିବାହରେ କେବଳ ଅର୍ଥ ଉପହାର ଚାହୁଁଥିଲେ। କିନ୍ତୁ ବନ୍ଧୁବାନ୍ଧବମାନେ ଗିଫ୍ଟ ବାବଦରେ ଅର୍ଥ ନ ଦେବାରୁ ସେ ପ୍ରତିକ୍ରିୟାଶୀଳ ହୋଇ ତାଙ୍କ ବାହାଘର ବନ୍ଦ କରି ଦେଇଛନ୍ତି। ବାହାଘର ବନ୍ଦ ହେବା ପରେ ସୁଶନଙ୍କ ପ୍ରେମିକ ବହୁତ ଦୁଃଖୀ ହୋଇ ଯାଇଛନ୍ତି ଏବଂ ଏଥିପାଇଁ ସେ ତାଙ୍କ ବନ୍ଧୁମାନଙ୍କୁ ଦାୟୀ କରିଛନ୍ତି।

# ଡରାଇଲାଣି 'ଡିଜିଜ୍ ଏକ୍ସ'

ଡିଜିଜ୍ 'ଏକ୍ସ'। ଏମିତି ଏକ ରୋଗ, ଯାହା ସମ୍ପର୍କରେ ବିଶେଷଜ୍ଞ ବି ଅଜ୍ଞ। ଏପରି ଏକ ରହସ୍ୟମୟ ବେମାରର ପ୍ରଥମ ରୋଗୀ ଚିହ୍ନଟ ହୋଇଛନ୍ତି କଙ୍ଗୋରୁ। ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ଘଟିବା ସହ ଅନ୍ତଃସ୍ରାବୀ ରକ୍ତସ୍ରାବ ହେଉଛି।



**ନୂଆଦିଲ୍ଲୀ:** କରୋନା ସଂକ୍ରମଣଜନିତ ଭୟ ଆତଙ୍କରେ କଟିଗଲା ୨୦୨୦। ନୂତନ ବର୍ଷର ପ୍ରଥମ ସପ୍ତାହରେ ଟିକା ଆସିବା ସହିତ ମିଳିଛି ସାମାନ୍ୟ ଆଶ୍ୱାସନା। କରୋନା ମୂଳୋତ୍ପାଟନ ନ ହେଉଣୁ ଏବେ ଡରାଇଲାଣି 'ଡିଜିଜ୍-ଏକ୍ସ'। କୁହାଯାଉଛି ଏହି ରୋଗ 'ଇବୋଲା'ଠାରୁ ଅଧିକ ମାରାତ୍ମକ। ସୂଚନାଯୋଗ୍ୟ, ଇବୋଲା ସଂକ୍ରମିତ ୮୦% ରୋଗୀ ନିଶ୍ଚିତ ମୃତ୍ୟୁମୁଖରେ ପଡୁଥିବାବେଳେ ଏହାର ମାରକ କ୍ଷମତା ତା'ଠାରୁ ବେଶି ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ସାରିଲେଣି।

'ଇବୋଲା' ଭାଇରସ୍ ସମ୍ପର୍କିତ ଅଧ୍ୟୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରଫେସର ଜିନ୍ ଜେକ୍ସ ମୁୟେମ୍ବେ ତାମଫୁମ୍ ଡିଜିଜ୍ ଏକ୍ସକୁ ନେଇ ବିଶ୍ୱକୁ ସତର୍କ କରାଇ ସାରିଲେଣି। ଆମେ ସମସ୍ତେ ଏଭଳି ଏକ ଦୁନିଆରେ ରହୁଛେ; ଯେଉଁଠି ଭାଇରସ୍, ବ୍ୟାକ୍ଟେରିଆ ଦୈନିକ ଆମକୁ ଆକ୍ରମଣ କରିବେ। ଏହା ମାନବ ସମାଜ ଲାଗି ବଡ଼ ସଙ୍କଟ ବୋଲି ସେ ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେଇ କହିଛନ୍ତି।

'ଡିଜିଜ୍-ଏକ୍ସ' ଆଗାମୀ ସମୟର ମହାମାରୀ ହୋଇପାରେ। ଏହାର ଏପରି ନାମକରଣ ପଛରେ ପ୍ରମୁଖ କାରଣ ହେଲା, ରୋଗର କାରଣ, ଉତ୍ପତ୍ତି ଏବଂ ସଂକ୍ରମଣ ସମ୍ପର୍କରେ କାହାରି ନିକଟରେ କୌଣସି ତଥ୍ୟ ନାହିଁ। କେଉଁ ଭାଇରସ୍ ଦ୍ୱାରା ଏହା ବ୍ୟାପୁଛି ତାହା ମଧ୍ୟ ଏଯାଏ ଜଣାପଡ଼ିନାହିଁ। ବିଶେଷଜ୍ଞମାନେ ବି କହିଛନ୍ତି, ଏହା ବିଶ୍ୱବାସୀଙ୍କୁ ଡରାଇବା ଲାଗି ଅପପ୍ରୟାସ ନୁହେଁ। ରୋଗ ଜଣାପଡ଼ିସାରିଲାଣି। ଡିଜିଜ୍ ଏକ୍ସରେ ସଂକ୍ରମିତ କଙ୍ଗୋର ପ୍ରଥମ ରୋଗୀଙ୍କୁ 'ପେସେଣ୍ଟ ଜିରୋ' ନାମରେ ନାମକରଣ କରାଯାଇଛି।

ସମ୍ପୃକ୍ତ ରୋଗୀଜଣକ କଙ୍ଗୋର ଇଗେଣ୍ଡେ ଅଞ୍ଚଳର। ଭୀଷଣ ଜ୍ୱର ଏବଂ ଆଭ୍ୟନ୍ତରୀଣ ଅଙ୍ଗରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ମେଡିକାଲ ଅଣାଯାଇଥିଲା। ପ୍ରାଥମିକ ଲକ୍ଷଣରୁ ଏହାକୁ ଇବୋଲା ବୋଲି ଅନୁମାନ କରାଯାଉଥିଲା। ତେବେ ପରୀକ୍ଷାରୁ ଇବୋଲା ନେଗେଟିଭ୍ ରିପୋର୍ଟ ଆସିବା ପରେ ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ଚିନ୍ତା ବଢ଼ିଛି। ଏହି ରୋଗର ମାରକ କ୍ଷମତା ୫୦ରୁ ୯୦% ଯାଏ ହୋଇପାରେ ବୋଲି ଅନୁମାନ କରାଯାଉଛି। କରୋନା ସଙ୍କଟ ଟଳି ନ ଥିବା ବେଳେ ଏହି ନୂଆ ରୋଗକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଆଲୋଚନା ଜାରି ରଖିଛି। ଡବ୍ଲ୍ୟୁଏଚ୍ଓ କହିଛି, ଏହି ସଂକ୍ରମଣ ଆଫ୍ରିକା ମହାଦେଶରେ ସୀମିତ ନ ରହି ବିଶ୍ୱ ମହାମାରୀର ରୂପ ନେଇପାରେ। ଅଜ୍ଞାତ ଭାଇରସ୍ ଦ୍ୱାରା ହୋଇଥିବା ସଂକ୍ରମଣଜନିତ ରୋଗ ସୂଚୀରେ 'ଡିଜିଜ୍-ଏକ୍ସ'କୁ ଅନ୍ତର୍ଭୁକ୍ତ କରାଯାଇଛି। ବାଦୁଡ଼ି ଭଳି ପ୍ରାଣୀଙ୍କ ଠାରୁ ଇବୋଲା ମଣିଷକୁ ସଂକ୍ରମିତ ହୋଇ ଅନ୍ୟମାନଙ୍କୁ ବ୍ୟାପିଥାଏ। ଏହାର ବିଧିବଦ୍ଧ ଟିକା ଏଯାଏ ବାହାରିନାହିଁ। 'ଡିଜିଜ୍-ଏକ୍ସ' ପଛରେ ମଧ୍ୟ ଏଭଳି ଏକ ଭୂତାଣୁ ରହିଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ବିଶେଷଜ୍ଞମାନେ ଏଯାଏ କୌଣସି ନିଷ୍କର୍ଷରେ ପହଞ୍ଚିନାହାନ୍ତି।

## ବୁଲେଟ୍ ଚଲାଉଛନ୍ତି କ୍ରୀତି


କ୍ରୀତି ସାନନ୍

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ୍‌ଙ୍କୁ କିଏ ଚିହ୍ନେ। ଦେଖିବାକୁ ଯେମିତି ସୁନ୍ଦର କାମ ମଧ୍ୟ ଖୁବ୍ ଦମ୍‌ଦାର୍। ସେଥିପାଇଁ ଫ୍ୟାନ୍ ଫଲୋଇଙ୍ଗ୍ ଅଧିକ। ଆଜିକାଲି କ୍ରିତୀ ସୋସିଆଲ ମିଡିଆରେ ଭାରି ଆକ୍ଟିଭ୍। ସେ ତାଙ୍କର ସବୁ ଫଟୋ ଏବଂ ଭିଡିଓ ପୋଷ୍ଟ କରି ଚର୍ଚ୍ଚାରେ ମଧ୍ୟ ରହୁଛନ୍ତି। ନିକଟରେ କ୍ରୀତି ତାଙ୍କର ଏକ ଭିଡିଓ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଏହି ଭିଡିଓରେ ସେ ବୁଲେଟ୍ ଚଲାଉଛନ୍ତି। କଣ ବିଶ୍ୱାସ ହେଉନି। ହଁ ଆଜ୍ଞା କଥାଟା ଏକଦମ୍ ସତ। କ୍ରୀତି ବାଇକ୍ ଚଲାଇବାକୁ ପାଗଳ। ଏକଦମ ବିନଦାସ୍ ଅନ୍ଦାଜ୍‌ରେ ବୁଲେଟ୍ ଦୌଡାଉଛନ୍ତି। ଏହି ଭିଡିଓରେ ଅଭିନେତ୍ରୀ ବ୍ରାଉନ୍ କଲର୍ ଏକ ଟପ୍ ସହ ଫୁଲ୍ ପ୍ୟାଣ୍ଟ ପିନ୍ଧିଛନ୍ତି। ସେ କ୍ୟାପସନ୍‌ରେ ଲେଖିଛନ୍ତି, 'ଲାଇଫ୍‌କୁ ଏକଦମ୍ ବିନଦାସ୍ ଏଞ୍ଜୟ କରିବା କଥା'। ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ, କ୍ରୀତି ଶେଷ ଥର ହାଉସ୍‌ଫୁଲ-୪ରେ ନଜର୍ ଆସିଥିଲେ। ଏହି ମୁଭିରେ ତାଙ୍କୁ ଅକ୍ଷୟ କୁମାରଙ୍କ ସହ ଲିଡ୍ ରୋଲ୍‌ରେ ଦେଖିବାକୁ ମିଳିଥିଲା। ଏହାଛଡ଼ା 'ପାନୀପତ୍'ଫିଲ୍ମରେ ଅର୍ଜୁନ କପୁରଙ୍କ ସହ ଲିଡ୍ ରୋଲ ପ୍ଲେ କରିଥିଲେ। ତେବେ ନିକଟରେ କ୍ରୀତିଙ୍କର ଏକ ଫଟୋ ଭାଇରାଲ ହୋଇଛି। ଯେଉଁଥିରେ ସେ ବେବି ବମ୍ପରେ ନଜର୍ ଆସିଛନ୍ତି। ଏହା ତାଙ୍କର ଅପକମିଙ୍ଗ୍ ମୁଭି 'ମିମି'ର ଶୁଟିଂ ବେଳର ଫଟୋ ବୋଲି ସେ ଜଣାଇଛନ୍ତି। ଏହି ମୁଭି ପାଇଁ ସେ ତାଙ୍କର ୧୫ କିଲୋ ଓଜନ ବଢ଼ାଇଛନ୍ତି।

## ଅର୍ଗାନିକ୍ ପ୍ୟାଡ୍



**ତେଲଙ୍ଗାନା:** ଦୃଢ଼ ମନୋବଳ ଥିଲେ ଯେକୌଣସି ସମସ୍ୟାର ସମାଧାନ ସମ୍ଭବ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ତେଲେଙ୍ଗାନାର କିଛି ଛାତ୍ରୀ। ବିଭିନ୍ନ ପ୍ରକାରର ପ୍ରାକୃତିକ ପଦାର୍ଥରେ ସେମାନେ ତିଆରି କରିଛନ୍ତି ସାନିଟାରୀ ନାପକିନ୍ 'ସ୍ତ୍ରୀ ରକ୍ଷା ପ୍ୟାଡ୍'।

ତେଲେଙ୍ଗାନାର ଯାଦାଦ୍ରୀ ଭୁବନଗିରି ଜିଲାରେ ମୁଲକାଲାପାଲ୍ଲୀଠାରେ ଥିବା ଜିଲା ପରିଷଦ ହାଇସ୍କୁଲର ଛାତ୍ରୀମାନେ ଏକ ପ୍ରକାରର ଅର୍ଗାନିକ୍ ପ୍ୟାଡ୍ ତିଆରି କରି ଏବେ ଚର୍ଚ୍ଚିତ ହୋଇଛନ୍ତି। ଛାତ୍ରୀମାନେ ଏହି ପ୍ୟାଡ୍‌ର ନାଁ ରଖିଛନ୍ତି 'ସ୍ତ୍ରୀ ରକ୍ଷା ପ୍ୟାଡ୍'। ବିଭିନ୍ନ ପ୍ରକାରର ଗଛର ଅଂଶ, ଫୁଲ, ହଳଦୀ, ନିମ୍ବ ଆଦିକୁ ନେଇ ସେମାନେ ତିଆରି କରିଛନ୍ତି ଏହି ଅର୍ଗାନିକ୍ ସାନିଟାରୀ ପ୍ୟାଡ୍। ଏହି ପ୍ୟାଡ୍‌କୁ ବ୍ୟବହାର କରିବା ବହୁତ ସହଜ ଏବଂ ଏହାର କୌଣସି ପ୍ରକାରର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନାହିଁ। ବରଂ ଅର୍ଗାନିକ୍ ଉପାୟରେ ତିଆରି ହୋଇଥିବାରୁ ଏହା ତ୍ୱଚା ପାଇଁ ବହୁତ ଭଲ ହୋଇପାରିବ ବୋଲି ଛାତ୍ରୀମାନେ ମତ ଦେଇଛନ୍ତି। ତା' ଛଡ଼ା ଏହି ପ୍ୟାଡ୍ ଖୁବ୍ ସହଜରେ ପ୍ରାକୃତିକ ଉପାୟରେ ନଷ୍ଟ ହୋଇ ମାଟିରେ ମିଶି ପାରିବ। ତେବେ ଆଜିକାଲି ମହିଳାମାନେ ବ୍ୟବହାର କରୁଥିବା ଅଧିକାଂଶ ପ୍ୟାଡ୍ ପ୍ରାୟତଃ ବିଭିନ୍ନ ପ୍ରକାରର ରାସାୟନିକ ପଦାର୍ଥରେ ତିଆରି ହେଉଛି। ତେଣୁ ସେହି ପ୍ୟାଡଗୁଡ଼ିକ ପରିବେଶ ପ୍ରଦୂଷଣର କାରଣ ହୋଇଥାଏ। କିନ୍ତୁ ଛାତ୍ରୀମାନେ ତିଆରି କରିଥିବା 'ସ୍ତ୍ରୀ ରକ୍ଷା ପ୍ୟାଡ୍' ପରିବେଶ ଉପରେ କୌଣସି ପ୍ରକାରର କୁପ୍ରଭାବ ପକାଇ ନ ଥାଏ। ପିଲାମାନଙ୍କର ଏଭଳି ଉଦ୍ୟମକୁ ଏବେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶଂସା କରିଛନ୍ତି।



## ସାତକୋଶିଆରେ ଛଡ଼ାଗଲା ୬ ଘଡ଼ିଆଳ



### ବଂଶବୃଦ୍ଧି ପାଇଁ ପ୍ରୟାସ

ଭୁବନେଶ୍ୱର, ୫।୧ (ବ୍ୟୁରୋ)

ସାତକୋଶିଆ ଗଣ୍ଡରେ ମଙ୍ଗଳବାର ୬ଟି ଘଡ଼ିଆଳ କୁମ୍ଭୀର ଛଡ଼ାଯାଇଛି। ସେଥିମଧ୍ୟରେ ୩ଟି ମାଈ ଓ ୩ଟି ଅଣ୍ଡିରା କୁମ୍ଭୀର ରହିଛନ୍ତି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଏହି କୁମ୍ଭୀର ନିଆଯାଇ ଛଡ଼ାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୯ ଜୁଲାଇ ୨୦ରେ ସାତକୋଶିଆରେ ଏକ ଘଡ଼ିଆଳ କୁମ୍ଭୀର ଛଡ଼ାଯାଇଥିଲା। ମହାନଦୀ ପରିପାର୍ଶ୍ୱରେ ଥିବା ୫ଟି ବନଖଣ୍ଡ ଏହି କୁମ୍ଭୀର ସୁରକ୍ଷାର ଦାୟିତ୍ୱ ନେବେ। ସାତକୋଶିଆ ଗଣ୍ଡରେ ଯେଉଁଠି କୁମ୍ଭୀର ରହୁଛନ୍ତି, ତା'ର ୧୦ କିମି ପର୍ଯ୍ୟନ୍ତ 'ନୋ ଫିସିଂ ଜୋନ୍' ଘୋଷଣା କରାଯାଇଛି। ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରାଯିବ। ଯଦି କୌଣସି ମାଛ ଜାଲରେ ଜୀବନ୍ତ କୁମ୍ଭୀର ପଡ଼ି ଜାଲ ନଷ୍ଟ ହେବ, ତେବେ କ୍ଷତିପୂରଣ ବାବଦରେ ୧ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସାତକୋଶିଆରେ କୁମ୍ଭୀର ଛଡ଼ା ହେବା ସମୟରେ ପିସିସିଏଫ୍(ବନ୍ୟପ୍ରାଣୀ) ହରିଶଙ୍କର ଉପାଧ୍ୟାୟ, ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲ୍, ଅନୁଗୋଳ ଆର୍‌ସିସିଏଫ୍ ଡ. ପି. ଆର୍. କରାଟ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତି ସପ୍ତାହରେ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କର

### ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୫।୧(ବ୍ୟୁରୋ)

କୋଭିଡ୍ ପରବର୍ତ୍ତୀ ସ୍ଥିତିରେ ଜୀବିକା ଅର୍ଜନ ଓ ନିଯୁକ୍ତି ସୃଷ୍ଟିଭିତ୍ତିକ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ୟାନ କୃଷି, ପ୍ରାଣୀପାଳନ, ସମନ୍ୱିତ କୃଷି, ଉଠା ଜଳସେଚନ, ପାନୀୟ ଜଳ ଯୋଗାଣ, ଗ୍ରାମୀଣ ଗୃହ ନିର୍ମାଣ, ରାସ୍ତାଘାଟ ନିର୍ମାଣ ଆଦି ପ୍ରକଳ୍ପ କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଲୋକସେବା ଭବନଠାରେ ଭିଡିଓ କନ୍‌ଫରେନ୍ସରେ ସଚିବ ଜିଲାପାଳମାନଙ୍କ ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକଳ୍ପଗୁଡ଼ିକର ବାସ୍ତବ ସ୍ଥିତି ସମ୍ପର୍କରେ ପ୍ରତି ସପ୍ତାହରେ ଅନୁଧ୍ୟାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତ୍ୟେକ ଜିଲାର ପ୍ରାକୃତିକ ପରିବେଶ, ଜଳବାୟୁ ଓ ମାନବ ସମ୍ବଳ ସ୍ୱତନ୍ତ୍ର ରହିଛି। ବିଭିନ୍ନ ପ୍ରକାର କୃଷିଭିତ୍ତିକ ଫାର୍ମ ଓ କୃଷି ଉଦ୍ୟୋଗର ମଧ୍ୟ ସମ୍ଭାବନା ରହିଛି। ଏହି ସବୁ ସମ୍ବଳ ଓ ସମ୍ଭାବନା ଅନୁଧ୍ୟାନ କରି ଅଭିନବ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏ ପ୍ରକାର ପ୍ରକଳ୍ପ ନିମନ୍ତେ ଅର୍ଥର ଅଭାବ ରହିବ ନାହିଁ। ଅର୍ଥ ସହ ଆବଶ୍ୟକ ବୈଷୟିକ କୌଶଳ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ମହାପାତ୍ର କହିଛନ୍ତି।

ଆସନ୍ତା ୧୦ ଦିନ ମଧ୍ୟରେ ନିଜ ନିଜ ଜିଲାରେ ବିଭିନ୍ନ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରି ଗୁରୁତ୍ୱପୂର୍ଣ୍ଣ ଶୂନ୍ୟସ୍ଥାନଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି, ପ୍ରାଣୀପାଳନ, ମତ୍ସ୍ୟଚାଷ, ଉଦ୍ୟାନ କୃଷି ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ରାଜ୍ୟ ଆର୍ଥିକ ବ୍ୟବସ୍ଥାର ଏକ ନିରନ୍ତର ଉତ୍ସ। ଏ ସବୁ ମାଧ୍ୟମରେ ଲୋକଙ୍କ ଖାଦ୍ୟ ନିରାପତ୍ତା, ନିଯୁକ୍ତି ଓ ଜୀବନ ଧାରଣମାନର ବିକାଶ ସହ ଆର୍ଥିକ ବ୍ୟବସ୍ଥାର ଦ୍ରୁତ ଅଭିବୃଦ୍ଧି ହେବ। ତେଣୁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନୂତନ ପ୍ରକଳ୍ପ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେବାକୁ କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି।

ଲୋକମାନଙ୍କ ଅଭିଯୋଗ ଶୁଣାଣି ଓ ସେଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଲୋକମାନଙ୍କୁ ଉପଲବ୍ଧ ହେବା ଦରକାର। ବିଭିନ୍ନ ସେବା ପ୍ରଦାନକାରୀ ଅଧିକାରୀ ଓ କର୍ମଚାରୀମାନେ ଧୈର୍ଯ୍ୟ ଏବଂ ସହୃଦୟତାର ସହ ଲୋକମାନଙ୍କ ସମସ୍ୟା ଶୁଣି ସେସବୁର ସମାଧାନ ନିମନ୍ତେ ଯତ୍ନବାନ ହେବା ଉଚିତ। ଏଥିରେ ଅବହେଳା ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ଶାସନ ସଚିବ ଜିଲାପାଳଙ୍କୁ ଚେତାଇ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ଅନେକ ସେବା ଅନ୍‌ଲାଇନରେ ଉପଲବ୍ଧ ହେଉଛି। ଜାତି, ଆୟ, ଆବାସିକ ଆଦି ପ୍ରମାଣପତ୍ର ଅନ୍‌ଲାଇନରେ ଉପଲବ୍ଧ ହେଉଛି। କେତେକ ସ୍ଥାନରେ ଜମି ସୀମା ଚିହ୍ନଟ, ନାମଜାରି କାର୍ଯ୍ୟ ପାଇଁ ଲୋକମାନଙ୍କୁ ତହସିଲ ଦୌଡ଼ିବାକୁ ପଡୁଛି। ଜମିଜମା ବିବାଦ ମଧ୍ୟ ବଢୁଛି। ଗ୍ରାମ ଓ ପଞ୍ଚାୟତ ୱାରି କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରି ବିବାଦର ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଗୃହ ଓ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ଶାସନ ସଚିବ ସଞ୍ଜୀବ ଚୋପ୍ରାଙ୍କ ସମେତ ସମସ୍ତ ରାଜସ୍ୱ ଡିଭିଜନର ଆର୍‌ଡିସି, ଉପଜିଲାପାଳ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ବଲାଙ୍ଗୀର ବାଳକଙ୍କ ବିରଳ କୃତିତ୍ୱ

### ଏମ୍‌ଟିଏ ପରୀକ୍ଷା ପ୍ରମାଣପତ୍ର ଅର୍ଜନ କଲେ

ବଲାଙ୍ଗୀର ଅଫିସ, ୫।୧

କମ୍ପ୍ୟୁଟର ପ୍ରୋଗ୍ରାମିଂରେ ବିଶ୍ୱସ୍ତରରେ ବିରଳ କୃତିତ୍ୱ ଅର୍ଜନ କରିଛନ୍ତି ବଲାଙ୍ଗୀରର ୭ବର୍ଷର ବାଳକ ଭେଙ୍କଟରମଣ ପଟ୍ଟନାୟକ। ସେ ଅନ୍ୟତମ କନିଷ୍ଠ ଛାତ୍ରଭାବେ ବିଶ୍ୱ ସ୍ୱୀକୃତ ମାଇକ୍ରୋସଫ୍ଟ ଟେକ୍ନୋଲୋଜି ଆସୋସିଏଟ୍ (ଏମ୍‌ଟିଏ) ପ୍ରୋଗ୍ରାମିଂ ପରୀକ୍ଷାରେ ପ୍ରମାଣପତ୍ର ହାସଲ କରିଛନ୍ତି। ବେଙ୍ଗାଲୁରୁସ୍ଥିତ ଆଉଟେକ୍ କମ୍ପାନୀ କୋଡ୍‌ନେଷ୍ଟରେ ଯୋଗଦେଇ ଭେଙ୍କଟରମଣ ଜାଭା, ପାଇଥନ୍, ଜାଭାସ୍କ୍ରିପ୍ଟ, ଏଚ୍‌ଟିଏମ୍‌ଏଲ୍, ସିଏସ୍‌ଏସ୍ ଏବଂ ଡାଟାବେସ୍‌ରେ ମାଇକ୍ରୋସଫ୍ଟରୁ ଏମ୍‌ଟିଏ ପରୀକ୍ଷା ପ୍ରମାଣପତ୍ର ହାସଲ କରିଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାଂଶ ଫୁଲ୍‌ଷ୍ଟାକ୍ ଡେଭଲପମେଣ୍ଟ ଛାତ୍ରମାନେ ଇଞ୍ଜିନିୟରିଂ ପାସ୍ କିମ୍ବା ଟେକ୍ ଗ୍ରେଡ୍ ଅଟନ୍ତି। ମାତ୍ର ୭ବର୍ଷର ଭେଙ୍କଟରମଣ ଏହି ଯୋଗ୍ୟତା ହାସଲ କରି ସମସ୍ତଙ୍କୁ ଚମକ୍ରୃତ କରିଦେଇଛନ୍ତି।


ଭେଙ୍କଟରମଣ ପଟ୍ଟନାୟକ

ଫୁଲ୍‌ଷ୍ଟାକ୍ ଟ୍ରେନିଂ ପ୍ରୋଗ୍ରାମରେ ନାମ ଲେଖାଇବାକୁ ତାଙ୍କ ବାପା ଜୁଲାଇ ୨୦୨୦ରେ କୋଡ୍‌ନେଷ୍ଟ ସିଇଓଙ୍କୁ ଯୋଗାଯୋଗ କରିଥିଲେ। ସେ କୋଡ୍‌ନେଷ୍ଟରୁ ଫୁଲ୍‌ଷ୍ଟାକ୍ ଡେଭଲପମେଣ୍ଟ ମଡ୍ୟୁଲ୍‌ର ଜାଭା, ପାଇଥନ୍, ଜାଭାସ୍କ୍ରିପ୍ଟ, ଏଚ୍‌ଟିଏମ୍‌ଏଲ୍, ସିଏସ୍‌ଏସ୍ ଏବଂ ଡାଟାବେସ୍‌ରେ ୬ ମାସ ପାଇଁ ଦିନକୁ ୮ ଘଣ୍ଟା ଲାଗି କଠୋର ତାଲିମ ପାଇଥିଲେ। ଅନ୍ୟ ଛାତ୍ର ଓ ଅଧ୍ୟାପକଙ୍କ ସହ ସେ ଯୋଗାଯୋଗ ସ୍ଥାପନ କରି ସଫଳତାର ସହ ଏହି ଯୋଗ୍ୟତା ହାସଲ କରିଥିଲେ। ଏଭଳି କମ୍ପ୍ୟୁଟର ପ୍ରୋଗ୍ରାମିଂରେ ଯୋଗ୍ୟତା ହାସଲ କରିବାରେ ଭେଙ୍କଟରମଣ ଦେଶର ଖୁବ୍ ଅଳ୍ପ ବାଳକଙ୍କ ମଧ୍ୟରେ ଅନ୍ୟତମ ବୋଲି କୁହାଯାଉଛି । ତାଙ୍କର ଏହି ସଫଳତା ପରେ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ବଲାଙ୍ଗୀର ପ୍ୟାଲେସଲାଇନ୍ ନିବାସୀ କୁଳଦୀପ ପଟ୍ଟନାୟକ ଓ ଡି. ପ୍ରମିଳା କୁମାରୀଙ୍କ ପୁଅ ଭେଙ୍କଟରମଣ ୨୦୧୯ରୁ ମୋବାଇଲ୍ ଆପ୍ ଓ କୋଡିଂ ଡେଭଲପମେଣ୍ଟ କ୍ଷେତ୍ରରେ କାମ କରି ବିରଳ କୃତିତ୍ୱର ଅଧିକାରୀ ହୋଇଛନ୍ତି। ଏତେ ଛୋଟ ବୟସରୁ କମ୍ପ୍ୟୁଟର ପ୍ରୋଗ୍ରାମିଂରେ ଯୋଗ୍ୟତା ହାସଲ କରି ବଲାଙ୍ଗୀର ଓ ଓଡ଼ିଶା ପାଇଁ ଗୌରବ ଆଣି ଦେଇଥିବା ଭେଙ୍କଟରମଣ ଆଗକୁ ମହାକାଶ ବିଜ୍ଞାନ ଓ ରୋବୋଟିକ୍ସ କ୍ଷେତ୍ରରେ କାମ କରିବାକୁ ଯୋଜନା ରଖିଛନ୍ତି। କୋଭିଡ୍-୧୯ ମହାମାରୀ କାରଣରୁ ସମଗ୍ର ଦେଶ ଲକ୍‌ଡାଉନ୍ ଥିବା ସମୟରେ ହ୍ୱାଇଟ୍ ହାଟ୍ ଜୁନିୟର ସିଲିକନ୍ ଭ୍ୟାଲି ବିଜେତା ଭେଙ୍କଟରମଣ ଆମେରିକାର କାଲିଫର୍ନିଆ ଯାଇପାରି ନ ଥିଲେ । ତଥାପି ସେ ଫୁଲ୍‌ଷ୍ଟାକ୍ ଡେଭଲପ୍‌ମେଣ୍ଟ ମଡ୍ୟୁଲରେ ନିଜର ଦକ୍ଷତା ପ୍ରମାଣ କରି ଏହି ବିରଳ କୃତିତ୍ୱ ହାସଲ କରିଛନ୍ତି ।

# ଲାଲଗଡ଼ରୁ ଭୁବନେଶ୍ୱରକୁ ଗଡ଼ିଲା ଘରୋଇ ବସ୍

ଚିତ୍ରକୋଣ୍ଡା,୫।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତ୍ରକୋଣ୍ଡା ବସ୍‌ଷ୍ଟାଣ୍ଡରୁ ଭୁବନେଶ୍ୱରକୁ ମଙ୍ଗଳବାରଠାରୁ ଘରୋଇ ବସ୍ ଚଳାଚଳ ଆରମ୍ଭ ହୋଇଛି। ଦିଲ୍‌ଖୁସ ନାମକ ବସ୍ ପ୍ରଥମକରି ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛି। କରୋନା ମହାମାରୀ ପରଠାରୁ ଏହି ଅଞ୍ଚଳକୁ ବସ୍ ଚଳାଚଳ ବନ୍ଦ ଥିଲା। ସମୟକ୍ରମେ ବସ୍ ସେବା ଆରମ୍ଭ ହୋଇ ସ୍ୱାଭାବିକ ହେବାରେ ଲାଗିଛି। ଚିତ୍ରକୋଣ୍ଡାରୁ ଜିଲା ସଦର ମହକୁମା ସମେତ ଜୟପୁର, ଇନ୍ଦ୍ରାବତୀ, ଭୁବନେଶ୍ୱର, କଟକ, ବ୍ରହ୍ମପୁର,ବିଶାଖାପାଟଣାକୁ ସରକାରୀ ବସ୍ ଚଳାଚଳ କରୁଥିଲା। ଏବେ ଏକ ଶୀତତାପ ନିୟନ୍ତ୍ରିତ ଘରୋଇ ବସ୍ ଭୁବନେଶ୍ୱର ଯାତାୟାତ ଲାଗି ଚଳାଚଳ ଆରମ୍ଭ କରିଛି। ଏହି ବସ୍ ଚିତ୍ରକୋଣ୍ଡାରୁ ଭାୟା ବାଲିମେଳା, ଗୋବିନ୍ଦପାଲି, ଜୟପୁର, କୋରାପୁଟ, ସୁନାବେଡ଼ା, ଦାମନଯୋଡ଼ି, ଆସିକା, ନୟାଗଡ଼ ଦେଇ ଭୁବନେଶ୍ୱରରେ ସକାଳ ୭ଟାରେ ପହଞ୍ଚିବ। ସେହିପରି ଭୁବନେଶ୍ୱରରୁ ଆଉ ଏକ ବସ୍ ସେହି ରାସ୍ତା ଦେଇ ଚିତ୍ରକୋଣ୍ଡା ଚଳାଚଳ କରିବ। ଏହି ବସ୍ ଭୁବନେଶ୍ୱରରୁ ଅପରାହ୍ନ ୪ଟା ବାହାରି ତା'ପରଦିନ ସକାଳ ୮ଟାରେ ଚିତ୍ରକୋଣ୍ଡାରେ ପହଞ୍ଚିବ ବୋଲି ଜଣାପଡିଛି।



## ସବୁଜ ବନାନୀ କାଟି ମୋରମ ଚାଲାଣ

ଚଣ୍ଡିଖୋଲ,୫।୧(ଡି.ଏନ୍.ଏ.)

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ଅସିଆ ପର୍ବତମାଳାର ଅଂଶବିଶେଷ ଧାଉଡିଆପଦା ପାହାଡ଼। ଏହି ପାହାଡ଼ର କୌଣସି ଅଂଶ ଲିଜ୍ ଦିଆଯାଇ ନ ଥିବା ବେଳେ ପ୍ରତିଦିନ ଶତାଧିକ ଟ୍ରିପ୍ ମୋରମ ବେଆଇନ ଭାବେ ଚାଲାଣ ହେଉଛି। ବିଳମ୍ବିତ ରାତିରେ ଏହି ପାହାଡ଼ରେ ଖନନ ଚାଲିଛି। ଭୋର ସମୟରେ ସେହି ମୋରମକୁ ବାହାରକୁ ଚାଲାଣ କରାଯାଉଛି। ଏପରିକି ବନ ବିଭାଗ ତରଫରୁ ବନୀକରଣ କରାଯାଇଥିବା ସ୍ଥାନରୁ ଗଛସବୁ କାଟି ମୋରମ ଉତ୍ତୋଳନ କରାଯାଉଛି। ଯେଉଁଠି ଦିନେ ସବୁଜ ବନାନୀ ସୃଷ୍ଟି ହୋଇଥିଲା, ସେଠାରେ ଏବେ ୫୦ ଫୁଟ ଗଭୀରର ପୋଖରୀ ସୃଷ୍ଟି ହୋଇଛି।

ଏପରି ମୋରମ ଚାଲାଣ ଯୋଗୁ ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ପ୍ରତି ବିପଦ ସୃଷ୍ଟି ହୋଇଛି। ଉଦୟଗିରି ବୌଦ୍ଧବିହାର ପାଚେରି ସୀମାରେ ଏଭଳି ଖନନ ଚାଲିଛି। ବୌଦ୍ଧ ଗବେଷକଙ୍କ ମତରେ ସେଠାରେ ବୌଦ୍ଧଭିକ୍ଷୁମାନେ ସୂର୍ଯ୍ୟ ଉପାସନା କରୁଥିଲେ। ସେଥିପାଇଁ ଧାଉଡିଆପଦା ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତିବ ମନୋରମ ଥିଲା। ଦେଶ ବିଦେଶର ପର୍ଯ୍ୟଟକମାନେ ଉଦୟଗିରି ଓ ରତ୍ନଗିରି ପରିଦର୍ଶନ କରି ଫେରିବା ବେଳେ ଧାଉଡିଆପଦା ପାହାଡର ମନୋମୁଗ୍ଧକର ଶୋଭା ସେମାନଙ୍କୁ ଆକୃଷ୍ଟ କରୁଥିଲା। ଏବେ ମାଫିଆଙ୍କ କବ୍‌ଜାରେ ଥିବା ଏହି ପାହାଡ଼ରୁ ଭଲ ମୋରମ ବାହାରୁ ଥିବାରୁ ଏହାକୁ ମୋଟା ଅଙ୍କରେ ବିକ୍ରୟ କରାଯାଉଛି। ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଏକଥା ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

ପ୍ରତିଦିନ ଟ୍ରକରେ ମୋରମ ଚୋରାଚାଲାଣ ଚାଲିଛି। ଗୋଟିଏ ଟ୍ରକ ମୋରମର ଦାମ ୩୦ରୁ ୫୦ ହଜାର ଟଙ୍କାରେ ବିକ୍ରି କରାଯାଉଛି। ଯାଜପୁର ଜିଲା ସମେତ କେନ୍ଦ୍ରାପଡା, ଜଗତ୍‌ସିଂହପୁର ଓ କଟକ ଜିଲାର ଗ୍ରାମାଞ୍ଚଳକୁ ଚୋରା ଚାଲାଣର ଚେର ଲମ୍ବିଛି। ଏହି ପାହାଡ଼ର ୫ ଏକର ପରିମିତ ସ୍ଥାନରେ ବଡ଼ ବଡ଼ ଖାଦାନ ସୃଷ୍ଟି କରାଯାଇ ମୋରମ ଚାଲାଣ ଚାଲିଛି। ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ସ୍କ୍ୱାଡ୍ ଗଠନ କରାଯାଇ ଚଢାଉ କରାଯାଉଥିବା ବେଳେ ଧାଉଡିଆପଦା ପାହାଡରୁ ମୋରମ ମାଫିଆମାନେ ବେଧଡକ ଭାବେ ଏପରି ଚୋରାଚାଲାଣ ଜାରି ରଖିଛନ୍ତି। ଫଳରେ ବହୁ କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ୨୦୦୬ରେ ଉଦୟଗିରିରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ କରାଯାଇଥିଲା। ସେଥିରେ ଯୋଗ ଦେଇଥିବା ପ୍ରତ୍ନତତ୍ତ୍ୱବିତ୍‌ମାନେ ପାହାଡ଼ ଖନନ ନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ଆଗାମୀ ଦିନରେ ହୀରକ ତ୍ରିଭୁଜ (ଲଳିତଗିରି-ଉଦୟଗିରି-ରତ୍ନଗିରି)କୁ ବିଶ୍ୱ ଐତିହ୍ୟରେ ସ୍ଥାନ ଦେବାକୁ ହେଲେ ଏହାର ପାରିପାର୍ଶ୍ୱିକ ସବୁଜ ବନାନୀ ସୃଷ୍ଟି କରାଯିବା ଆବଶ୍ୟକ। ହେଲେ ଜିଲା ପ୍ରଶାସନ ବେଆଇନ ପାହାଡ଼ ଖନନକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ବରେଣ୍ୟେନ୍ଦୁ ମହାନ୍ତିଙ୍କୁ ପଚାରିବାରେ ସେ କୁହନ୍ତି, ପୂର୍ବରୁ ଏପରି ମୋରମ ଚୋରାଚାଲାଣକୁ ବନ୍ଦ କରିବା ପାଇଁ ବାରମ୍ବାର ସେଠାରେ ଚଢ଼ାଉ ହୋଇଛି। ଧରାପଡିଥିବା ଟ୍ରକଗୁଡିକରୁ ଜରିମାନା ଆଦାୟ କରାଯାଇଛି। ତଥାପି ଯଦି ଖନନ ଚାଲିଛି, ସେଠାରେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।


ମୋରମ ଚାଲାଣ ଯୋଗୁ ସୌନ୍ଦର୍ଯ୍ୟ ହରାଇ ବସିଥିବା ଧାଉଡିଆପଦା ପାହାଡ଼।

- ସୌନ୍ଦର୍ଯ୍ୟ ହରାଇଛି ଧାଉଡିଆପଦା ପାହାଡ଼
- ବିଳମ୍ବିତ ରାତିରେ ମୋରମ ଖନନ
- ଲିଜ୍ ଦିଆଯାଇ ନାହିଁ, ତଥାପି ୫ଏକର ଅଞ୍ଚଳରେ ଖାଦାନ

## ସଂକ୍ଷେପରେ

### ବୃଦ୍ଧଙ୍କ ଗୁଳିରେ ବୃଦ୍ଧ ଗୁରୁତର

#### ରାଇଫଲ ଜବତ

ଜଗତ୍‌ସିଂହପୁର ଅଫିସ, ୫।୧: ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପଳାଶୋଳରେ ଅଭାବନୀୟ ଘଟଣା ଘଟିଛି। ଏହି ଗାଁର ଜଣେ ୭୧ ବର୍ଷୀୟ ବ୍ୟକ୍ତିଙ୍କ ଗୁଳିରେ ଅନ୍ୟ ଜଣେ ବୃଦ୍ଧ ମଙ୍ଗଳବାର ଗୁରୁତର ହୋଇଛନ୍ତି। ସେ ହେଲେ ଅଶୋକ କୁମାର ବିଶ୍ୱାଳ(୬୦)। ଏନେଇ ତାଙ୍କ ପୁତୁରାଙ୍କ ଅଭିଯୋଗକ୍ରମେ ମାମଲା (ନଂ.୪/୨୧)ରୁଜୁ କରାଯାଇ ଅଭିଯୁକ୍ତ ତଥା ପୂର୍ବତନ ହକି କୋଚ୍ ଓ ବକ୍ସର ସତ୍ୟ ମହାନ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ତାଙ୍କଠାରୁ ଏକ ୦.୨୨ ଏମ୍ଏମ୍ ରାଇଫଲ ଜବତ କରାଯାଇଛି ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ପୁତୁରାଙ୍କ ଅଭିଯୋଗ ଅନୁଯାୟୀ, ସକାଳେ ଦାଦା ଅଶୋକ ଗ୍ରାମରେ ଥିବା ଏକ ଦୋକାନକୁ ଚା' ପିଇବାକୁ ଯାଇ ଗ୍ରାମର ପ୍ରଦୀପ ବିଶ୍ୱାଳଙ୍କ ସହ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ସତ୍ୟ ତାଙ୍କୁ ବାଟରେ ଅଟକାଇ କୌଣସି କାରଣରୁ ଗାଳିଗୁଲଜ କରିଥିଲେ। ପ୍ରଦୀପ ଏହାକୁ ବିରୋଧ କରିବାରୁ ସତ୍ୟ ଉତ୍ତ୍ୟକ୍ତ ହୋଇ ନିକଟ ପିଣ୍ଡାରେ ଲୁଚାଇ ରଖିଥିବା ଏକ ରାଇଫଲ ଆଣି ଦାଦାଙ୍କ ଉପରକୁ ଗୁଳି କରି ଫେରାର ହୋଇଯାଇଥିଲେ। ପ୍ରଦୀପ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ସତ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ମିଶ୍ର କହିଛନ୍ତି, ପୂର୍ବରୁ ଗାଁର ଅନ୍ୟ ଲୋକଙ୍କ ନାମରେ ସତ୍ୟ ଥାନାରେ ଅଭିଯୋଗ କରିଥିଲେ। ମାତ୍ର କେଉଁ କାରଣରୁ ତାଙ୍କ ଉପରକୁ ଗୁଳି ଫୁଟାଯାଇଛି ଉକ୍ତ ଘଟଣାର ତଦନ୍ତ ଜାରି ରହିଛି।

### ୮ରୁ ଯାଜପୁର ଜିଲାର ସବୁ ମନ୍ଦିର, ଧାର୍ମିକ ସ୍ଥଳ ଖୋଲିବ

#### ରାତି ୧୦ଟା ପର୍ଯ୍ୟନ୍ତ ବିରଜାଙ୍କ ମନ୍ଦିର ଖୋଲା ରହିବ

ଯାଜପୁର ଅଫିସ/ଯାଜପୁର ଟାଉନ,(ଡି.ଏନ.ଏ.): ଆସନ୍ତା ୮ ତାରିଖରୁ ଯାଜପୁର ଜିଲାର ସମସ୍ତ ମନ୍ଦିର ଓ ଧାର୍ମିକସ୍ଥଳ ଖୋଲାଯିବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ମଙ୍ଗଳାବାର ସୂଚନା ଦେଇଛନ୍ତି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ନୂଆବର୍ଷଠାରୁ ୩ ତାରିଖ ପର୍ଯ୍ୟନ୍ତ ବିରଜାଙ୍କ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ୪ ତାରିଖରୁ ପୂର୍ବଭଳି ସକାଳ ୬ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିରଜାଙ୍କ ମନ୍ଦିର ଖୋଲାଯାଉଥିଲା। ପରୀକ୍ଷାମୂଳକ ଭାବେ ମନ୍ଦିର ଖୋଲାଯିବା ପରେ ଯାତ୍ରୀମାନେ ଶୃଙ୍ଖଳିତ ଭାବେ ଦେବୀଙ୍କ ଦର୍ଶନ କରିଥିଲେ। କେବଳ ବିରଜା ମନ୍ଦିର ନୁହେଁ ଅନ୍ୟ ଧାର୍ମିକସ୍ଥଳରେ ମଧ କୋଭିଡ ଗାଇଡ୍ ଲାଇନକୁ ଠିକ୍ ଭାବେ ପାଳନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବିରଜାମନ୍ଦିର ରାତି ୧୦ଟା ଯାଏ ଖୋଲାଯିବାର ଘୋଷଣା ପରେ ସାଧାରଣରେ ଉତ୍ସାହ ପରିଲକ୍ଷିତ ହୋଇଛି।

## 'ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ହେଉ'

ଭୁବନେଶ୍ୱର, ୫।୧(ବ୍ୟୁରୋ)

ବହୁଚର୍ଚ୍ଚିତ ପରୀ ହତ୍ୟାକାଣ୍ଡ ମାମଲାରେ ମନ୍ତ୍ରୀ ଅରୁଣ ସାହୁଙ୍କୁ ସୁରକ୍ଷା ଦେବା ଲାଗି ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରା ତଦନ୍ତକୁ ଦିଗହରା କରିଥିବା ଅଭିଯୋଗ ଆଣିଛନ୍ତି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗର ତଦନ୍ତ ସିବିଆଇକୁ ନ୍ୟସ୍ତ କରିବାକୁ ସେ ଦାବି କରିଛନ୍ତି। ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସେ କହିଛନ୍ତି, ପ୍ରଥମରୁ ଏସ୍‌ଆଇଟି ତଦନ୍ତର ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହେଉଥିଲା। ଏସ୍‌ଆଇଟି ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ପୋକ୍‌ସୋ କୋର୍ଟ ମଙ୍ଗଳବାର ନାବାଳକ ବୋଲି କହିଛନ୍ତି। କୋର୍ଟଙ୍କ ଶୁଣାଣି ପରେ ଏସ୍‌ଆଇଟି ମୁଖ୍ୟ ମିଛୁଆ ପ୍ରମାଣିତ ହୋଇଛନ୍ତି। ରାଜ୍ୟ ସରକାର ତୁରନ୍ତ ଅରୁଣ ବୋଥ୍ରାଙ୍କୁ ପଦବୀରୁ ବହିଷ୍କାର କରିବା ଏବଂ ରାଜ୍ୟର ଗତ ୨ ବର୍ଷରେ ନିଖୋଜ ହୋଇଥିବା ୫,୫୦୩ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ସିବିଆଇକୁ ତଦନ୍ତ ଭାର ଦେବାକୁ ସମୀର ଦାବି କରିଛନ୍ତି।


ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ ପରିସରରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଉଛି।

## ଆଇନଶୃଙ୍ଖଳା ପ୍ରସଙ୍ଗ ନେଇ ରାସ୍ତାକୁ ଓହ୍ଲାଇବ ଭାଜପା

ଭୁବନେଶ୍ୱର, ୫।୧(ବ୍ୟୁରୋ)

ରାଜ୍ୟରେ ଭୁଶୁଡ଼ି ପଡ଼ିଥିବା ଆଇନଶୃଙ୍ଖଳା ପରିସ୍ଥିତି, ଶିଶୁ ନିଖୋଜ ପ୍ରସଙ୍ଗ, ପରୀ ହତ୍ୟାକାଣ୍ଡର ତଦନ୍ତ କରୁଥିବା ଏସ୍‌ଆଇଟିର ଅପାରଗତା ଏବଂ ମାହାଙ୍ଗା ଭାଜପା ନେତାଙ୍କ ହତ୍ୟା ପ୍ରତିବାଦରେ ଭାଜପା ରାସ୍ତାକୁ ଓହ୍ଲାଇବ ବୋଲି ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ଜାନୁୟାରୀ ୫ରୁ ୧୨ ଯାଏ ଗାଁରୁ ସହର ଯାଏ ସମସ୍ତ ମନ୍ଦିରରେ ଦୀପଦାନ କରାଯିବ। ସାଧାରଣ ଲୋକଙ୍କ ଘରେ ପହଞ୍ଚି ସରକାରଙ୍କ ଅପାରଗତା ସମ୍ପର୍କରେ ଅବଗତ କରାଯିବ। ୧୨ରୁ ୧୫ ତାରିଖ ଯାଏ ସବୁ ଜିଲା ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବ। ଏଥିସହ ଶିଶୁ ନିଖୋଜ ଘଟଣାରେ ସରକାରଙ୍କ ଅବହେଳାକୁ ନେଇ ଏକ ଦସ୍ତଖତ ଅଭିଯାନ ହେବ ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ସୂଚନା ଦେଇଛନ୍ତି।

## ପଛୁଆ ବର୍ଗ ଛାତ୍ରବୃତ୍ତି ପ୍ରସଙ୍ଗରେ ବର୍ଷିଲେ ନିରଞ୍ଜନ

ଭୁବନେଶ୍ୱର, ୫।୧(ବ୍ୟୁରୋ)

କେନ୍ଦ୍ର କ୍ୟାବିନେଟରେ ୨୦୨୦-୨୧ ବର୍ଷରୁ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ବୃତ୍ତି ପ୍ରଦାନ ଲାଗି ନିଷ୍ପତ୍ତି ହୋଇଛି। ହେଲେ ଏହା ମୋଦି ସରକାରଙ୍କ ଗରିବ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପ୍ରତି ଉପହାସ ବୋଲି ସମାଲୋଚନା କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ। ନିରଞ୍ଜନ କହିଛନ୍ତି, ନିଷ୍ପତ୍ତି ସମ୍ପର୍କିତ ପ୍ରକାଶିତ ଖବର ଶୀର୍ଷକରୁ ଯେ କେହି ଠକିଯିବେ କିମ୍ବା ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବେ। ହେଲେ ଏହାର ସମୀକ୍ଷା କଲେ ଭାଜପା ସରକାରର ଦଳିତ ବିରୋଧୀ ଚେହେରା ଧରାପଡ଼ିବ।

କେନ୍ଦ୍ରୀୟ ନିଷ୍ପତ୍ତି ଅନୁଯାୟୀ ୫ ବର୍ଷରେ ୫୯ ହଜାର କୋଟି ଟଙ୍କା ୪ କୋଟି ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ବୃତ୍ତି ବାବଦରେ ଖର୍ଚ୍ଚ ହେବ। ଏଥିରେ କେନ୍ଦ୍ର ୬୦% ଏବଂ ରାଜ୍ୟ ୪୦% ଖର୍ଚ୍ଚ କରିବେ। ଅର୍ଥାତ କେନ୍ଦ୍ର ସରକାର ୫ ବର୍ଷରେ ୩୫,୫୩୪ କୋଟି ଟଙ୍କା ଅର୍ଥରାଶି ପ୍ରଦାନ କରିବେ। ଏହାକୁ ହିସାବ କଲେ ବାର୍ଷିକ ୭,୧୦୬ କୋଟି ଖର୍ଚ୍ଚ ହେବ। ଏହିକ୍ରମରେ ଜଣେ ଛାତ୍ର ବାର୍ଷିକ ୧,୭୭୭ ଟଙ୍କା, ମାସିକ ୧୪୮ ଟଙ୍କା ଏବଂ ଦୈନିକ ୪ଟଙ୍କା ୯୩ ପଇସା ପାଇବେ, ଯାହା ପଛୁଆ ବର୍ଗଙ୍କ ପ୍ରତି ଚରମ ଉପହାସ ବୋଲି ନିରଞ୍ଜନ କହିଛନ୍ତି। ଏଭଳି ଭାଗିଦାରି ପ୍ରହସନ ବନ୍ଦ କରି ତୁରନ୍ତ କେନ୍ଦ୍ର ସରକାର ପ୍ରତି ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କୁ ମାସିକ ୧୦୦୦ ହିସାବରେ ବାର୍ଷିକ ୧୨ହଜାର ଟଙ୍କା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

## ସୁବର୍ଣ୍ଣରେଖା, ଅସ୍ତରଙ୍ଗ ବନ୍ଦର କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର, ୫।୧(ବ୍ୟୁରୋ)

- ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉଛି
- ପ୍ରାଥମିକ ସମସ୍ୟା ଦୂରୀକରଣ ଲାଗି ପରାମର୍ଶ

ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମଙ୍ଗଳବାର ସୁବର୍ଣ୍ଣରେଖା ଏବଂ ଅସ୍ତରଙ୍ଗ ବନ୍ଦର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉଭୟ ବନ୍ଦର ନିର୍ମାଣରେ ରହିଥିବା ପ୍ରାଥମିକ ସମସ୍ୟାର ଦୂରୀକରଣ ଲାଗି ସେ ପରାମର୍ଶ ଦେଇଛନ୍ତି।

୨୦୦୮ ଜାନୁୟାରୀ ୧୧ରେ ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା ମୁହାଣରେ ବନ୍ଦର ପ୍ରତିଷ୍ଠା ପାଇଁ ସରକାର କ୍ରିଏଟିଭ୍ ପୋର୍ଟ ଡେଭଲପମେଣ୍ଟ ଲିମିଟେଡ୍ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ୫ ହଜାର କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠା ହେବାକୁ ଥିବା ଏହି ବନ୍ଦରର ପରିବହନ କ୍ଷମତା ବାର୍ଷିକ ୨୫ରୁ ୫୫ ନିୟୁତ ଟନ୍ ହେବ। ପ୍ରଥମ ପର୍ଯ୍ୟାୟରେ ୫ଟି ଏବଂ ୨ୟ ପର୍ଯ୍ୟାୟରେ ୭ଟି ବର୍ଥ ନିର୍ମିତ ହେବ। ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଏହାର ପରିବେଶଗତ ମଞ୍ଜୁରୀ ବଳବତ୍ତର ରହିଛି। ଅନ୍ୟପଟେ ବନ୍ଦର ପାଇଁ ଆବଶ୍ୟକ ୯୬୫.୧୮୦ ଏକର ଜମିରୁ ୬୯୨.୬୮୦ ଏକର ଜମି ବନ୍ଦର ବିକାଶ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ଅବଶିଷ୍ଟ ଜମି ଜବରଦଖଲକାରୀ ଏବଂ ଭୂଦାନ ଯଜ୍ଞ ସମିତି ଅଧୀନରେ ରହିଛି। ଜବରଦଖଲ ହୋଇଥିବା ଜମିକୁ ମୁକ୍ତ କରିବା ପାଇଁ ବାଲେଶ୍ୱର ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସେହିପରି ବସ୍ତା-ବାଲିଆପାଳ-ଚଉମୁଖ ସଡ଼କର ରକ୍ଷଣାବେକ୍ଷଣ ପାଇଁ ପୂର୍ତ୍ତ ବିଭାଗକୁ ଅନୁରୋଧ କରାଯାଇଛି। ସଡ଼କ ପ୍ରଶସ୍ତ ପାଇଁ ୪୪.୮୭ ଏକର ଜମି ଅଧିଗ୍ରହଣ ଆବଶ୍ୟକ। ରେଳପଥ ସଂଯୋଗୀକରଣ ପାଇଁ ଆବଶ୍ୟକ ୨୪୪.୯୦ ଏକର ଜମିରୁ ୪୩.୪୮ ଏକର ସରକାରୀ, ୧୯୭.୧୮ ଏକର ବେସରକାରୀ ଏବଂ ୪.୨୪ ଏକର ଭୂଦାନ ଯଜ୍ଞ ସମିତି ଅଧୀନରେ ରହିଛି। ଏଥିଲାଗି ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି।

ପୁରୀ ଜିଲା ଅସ୍ତରଙ୍ଗଠାରେ ବନ୍ଦର ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ୨୦୧୦ରେ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ୭୪୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ବନ୍ଦରରେ ୪ଟିରୁ ୧୪ଟି ବର୍ଥ ରହିବ। ଏହାର ପଣ୍ୟ ପରିବହନ କ୍ଷମତା ବାର୍ଷିକ ୧୭.୭ରୁ ୭୧.୩ ନିୟୁତ ମେଟ୍ରିକ୍ ଟନ୍ ହେବ। ସଂଯୋଗୀକରଣ ନିମନ୍ତେ ଫୁଲନଖରାରୁ ସଡ଼କପଥ ଓ ଭୁବନେଶ୍ୱରରୁ ରେଳପଥ ବିସ୍ତାର ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ରେଳ/ରାସ୍ତା ନିର୍ମାଣ ପାଇଁ ୧୬୯୬.୮୪୨ ଏକର ଜମି ଆବଶ୍ୟକ। ୧୪୯୦.୮୬୨ ଏକର ବେସରକାରୀ ଜମିର ଅଧିଗ୍ରହଣ ନିମନ୍ତେ ପଦକ୍ଷେପ ନିଆଯାଉଛି। ବନ୍ଦର ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ୩୮୯୯.୯୮୭ ଏକର ଜମିରୁ ୨୪୩୫.୮୬୭ ଏକର ଜମି ବେସରକାରୀ। ବେସରକାରୀ ଜମିଗୁଡ଼ିକ ୧୩ ଗ୍ରାମ ଅନ୍ତର୍ଭୁକ୍ତ ହୋଇଥିବାବେଳେ ସେସବୁ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି।

## ରାସ୍ତାକଡ଼ ଗାତରୁ ଉଦ୍ଧାରହେଲା ନବଜାତକ

ମାଲକାନଗିରି,୫।୧(ଡି.ଏନ୍.ଏ.)

**ଏବେ ବି ଅଲୋଡ଼ା ହେଉଛି ଶିଶୁକନ୍ୟା**

କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ। ପୁତ୍ର ସନ୍ତାନ ପରି ଏହାକୁ ସମାନ ଦୃଷ୍ଟିରେ ଦେଖିବା,ତାକୁ ହତାଦର ନ କରିବା ନେଇ ଅନେକ ସଚେତନତାମୂଳକ କାର୍ଯ୍ୟକ୍ରମ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ସମୟରେ କରାଯାଉଛି। ହେଲେ ଏହାର ପ୍ରଭାବ ଲୋକଙ୍କ ଉପରେ ପଡୁନାହିଁ। ଏବେ ମଧ ପରିବାରରେ ଶିଶୁକନ୍ୟାଟିଏ ଜନ୍ମ ହେଲେ ସେ ଅଲୋଡ଼ା ହୋଇ ରହୁଛି। ପରିବାରରେ ହତାଦରର ଶିକାର ହେଉଛି। କେତେକ କ୍ଷେତ୍ରରେ ମାଆବାପାମାନେ ଶିଶୁକନ୍ୟା ଜନ୍ମ ହେଲେ ତା' ପ୍ରତି ଅତି ନିଷ୍ଠୁର ହୋଇ ବିଭିନ୍ନ ସ୍ଥାନରେ ଛାଡ଼ି ଚାଲିଯାଉଛନ୍ତି। ଏପରି ଏକ ଘଟଣା ମାଲକାନଗିରି ଜିଲାରେ ଦେଖିବାକୁ ମିଳିଛି। ଜିଲା ସଦର ମହକୁମାଠାରୁ ମାତ୍ର ୮ କି.ମି. ଦୂର ଏମ୍‌ଭି-୧୫ ଗ୍ରାମ ମୁଖ୍ୟ ରାସ୍ତା କଡ଼ରୁ ମଙ୍ଗଳବାର ଏକ ଶିଶୁ କନ୍ୟା ଉଦ୍ଧାର କରାଯାଇଥିଲା। ତଣ୍ଡାପାଲି ଗ୍ରାମର ଭୀମା ମାଡକାମି ଏମ୍‌ଭି-୧୫ ଗ୍ରାମ ନିକଟରେ ଗାଈ ଚରାଉଥିବା ବେଳେ ଏକ ଶିଶୁର କାନ୍ଦଣା ଶୁଣିବାକୁ ପାଇ ଆଖପାଖ ଅଞ୍ଚଳରେ ଖୋଜିବାକୁ ଲାଗିଲେ। କିଛି ସମୟ ମଧ୍ୟରେ ସେ ରାସ୍ତାକଡ଼ରେ ଥିବା ଗୋଟିଏ ଗାତ ଭିତରେ ପଡ଼ିରହି ଶିଶୁକନ୍ୟାଟି କାନ୍ଦୁଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ସେ ସେଠାରେ ପହଞ୍ଚି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ସେ ଶିଶୁକନ୍ୟାଟିକୁ ଗାତ ଭିତରୁ ଉଦ୍ଧାରକରି ଆଣିଥିଲେ। ଏ ସମ୍ପର୍କରେ ସାମାଜିକ କର୍ମୀ ପୂର୍ଣ୍ଣିମା ପାଲ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶିଶୁକନ୍ୟାକୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ସେ ମାଲକାନଗିରି ଥାନାରେ ଜଣାଇଥିଲେ। ଏବେ ଶିଶୁକନ୍ୟାଟିର ଚିକିତ୍ସା ଜାରି ରହିଛି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ଗୁଣିଗାରେଡ଼ିରୁ ହୋଇଛି ହତ୍ୟା

ଏମ୍‌ଭି ୭୯/କାଲିମେଳା,୫।୧ (ଡି.ଏନ୍.ଏ.)

**ମୁକା ମାଡକାମି ହତ୍ୟା ମାମଲା**

ମାଲକାନଗିରି ଜିଲା ଏମ୍‌ଭି ୭୯ ଥାନା ଅନ୍ତର୍ଗତ ତେଲେରାଇ ପଞ୍ଚାୟତର ତମଗୁଡ଼ା ଗ୍ରାମରେ ରବିବାର ରାତିରେ ଘଟିଥିବା ମୁକା ମାଡକାମି ହତ୍ୟା ମାମଲାରେ ପୋଲିସ ମଙ୍ଗଳବାର ଜଣକୁ ଗିରଫ କରିଛି। ତାଙ୍କ ନାମ ଦେବା ବେଟି(୨୮)। କୋରୁକୋଣ୍ଡା ବ୍ଲକର ଚିତ୍ରପାଲି ଗ୍ରାମରେ ତାଙ୍କ ଘର। ଗୁଣିଗାରେଡ଼ିକୁ କେନ୍ଦ୍ରକରି ସେ ମୁକାଙ୍କୁ ହତ୍ୟା କରିଥିବା ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି।

ଖବରରୁ ଜଣାପଡ଼ିଛି ମୁକା ଶୋଇଥିବା ବେଳେ ତାଙ୍କ ଗଳା କାଟି ହତ୍ୟା କରାଯାଇଥିବା ନେଇ ତାଙ୍କ ପୁଅ ମୁକେଶ ମାଡକାମି ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଏମ୍‌ଭି ୭୯ ପୋଲିସ ୧/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ଦେବା ଜଙ୍ଗଲରେ ଲୁଚିଥିବା ସୂଚନା ପାଇ ମଙ୍ଗଳବାର ପୋଲିସର ଏକ ୭ ଜଣିଆ ଟିମ୍ ଜଙ୍ଗଲ ଭିତରେ ତାଙ୍କୁ ଖୋଜାଖୋଜି କରି ଗିରଫ କରିଥିଲା। ସୂଚନାଯୋଗ୍ୟ, ଅଭିଯୁକ୍ତ ଦେବାଙ୍କ ଶ୍ୱଶୁର ଜଗା ମାଡକାମିଙ୍କୁ ଗୁଣିଗାରେଡ଼ି କରି ମୁକା ମାରି ଦେଇଥିଲେ। ତୋ ଶ୍ୱଶୁରଙ୍କୁ ମାରିଛି, ତୋତେ ମଧ ଜୀବନରୁ ମାରିଦେବି ବୋଲି ମୁକା ଦେବାଙ୍କୁ ବାରମ୍ବାର କହି ଆସୁଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଦେବା ମୁକାଙ୍କୁ ମାରିଥିବା କହିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ବେଳେ ସେ ବ୍ୟବହାର କରିଥିବା ଧାରୁଆ ଅସ୍ତ୍ର ଜବତ ହୋଇଛି। ତାଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଜହନ ଖଜୁର କହିଛନ୍ତି।


ଦେବା ବେଟି

## ଖଣ୍ଡପଡ଼ା ବନାଞ୍ଚଳରେ ୪ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ

ଖଣ୍ଡପଡ଼ା,୫।୧(ସ୍ୱ.ପ୍ର.)

ଚଳିତବର୍ଷ ଖଣ୍ଡପଡ଼ା ବନାଞ୍ଚଳ ପକ୍ଷରୁ ପକ୍ଷୀଗଣନା ଶେଷ ହୋଇଛି। ନୟାଗଡ଼ ବନଖଣ୍ଡ ସହକାରୀ ସଂରକ୍ଷକ ଆର.ବି. ମହାନ୍ତିଙ୍କ ନେତୃତ୍ୱରେ ୪ଟି ସ୍ଥାନରେ ପକ୍ଷୀଗଣନା କରାଯାଇଥିଲା। ଏହି ଗଣନାରେ ବନାଞ୍ଚଳରେ ମୋଟ ୪ହଜାର ୪୯୫ ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବା ଜଣାପଡିଛି। ୨୦୨୦ ଜାନୁୟାରୀ ୩ରେ ହୋଇଥିବା ଗଣନା ଅନୁଯାୟୀ ଗତବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ପକ୍ଷୀ ଏହି ବନାଞ୍ଚଳକୁ ଆସିଥିଲେ। ଗତବର୍ଷ ତୁଳନାରେ ଚଳିତବର୍ଷ ୫୦ ପ୍ରତିଶତ କମ୍ ପକ୍ଷୀ ଆସିଛନ୍ତି।

ପକ୍ଷୀଗଣନାରେ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା, ବନପାଳ ସନ୍ଧ୍ୟାରାଣୀ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ଭାପୁର ବ୍ଲକ୍ ଅଧୀନ ବୋରଗାଁ ଓ ତେନ୍ତୁଳିଆପଲ୍ଲୀ ପାଟ, ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ଅକୁରାସର ଜଳାଶୟ, ଖଣ୍ଡପଡା ସହର ଉପକଣ୍ଠ ସୁନାମୁହିଁ ପରିବେଶ ପର୍ଯ୍ୟଟନ ସ୍ଥଳୀରେ ପକ୍ଷୀଗଣନା କରାଯାଇଥିଲା। ଚଳିତବର୍ଷ ବିଭିନ୍ନ ଜଳାଶୟରେ ଦେଶୀ ଓ ବିଦେଶୀ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ଖଣ୍ଡପଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଚଳିତବର୍ଷ ବୋରଗାଁ ପାଟକୁ ସର୍ବାଧିକ ୩,୫୦୦ ପକ୍ଷୀ ଆସିଥିବା ବେଳେ ତେନ୍ତୁଳିଆପଲ୍ଲୀ ପାଟକୁ ୪୨୫, ଅକୁରାସରକୁ ୨୫୦ରୁ ଊର୍ଦ୍ଧ୍ୱ ଓ ସୁନାମୁହିଁ ଜଳାଶୟକୁ ୩୨୦ରୁ ଊର୍ଦ୍ଧ୍ୱ ପକ୍ଷୀ ଆସିଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ପକ୍ଷୀମାନେ କିଭଳି ସୁରକ୍ଷିତ ବିଚରଣ କରିପାରିବେ, ସେଥିପାଇଁ ବନ ବିଭାଗ ପକ୍ଷରୁ କଡ଼ାସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ପଣ୍ଡା କହିଛନ୍ତି।



# ଶିକ୍ଷାକୁ କୃଷିରେ ଲଗାଇଲେ ଲକ୍ଷ୍ୟ ସହଜ ହୋଇଥାଏ



ସଫଳ ଚାଷୀ
କେଶବ ଚନ୍ଦ୍ର ସାମଲ

ପାଠପଢ଼ା ଶେଷ ହେବା ପରେ ଅନେକେ ଚାକିରିଟିଏ କରି ରୋଜଗାର କରିବାକୁ ପସନ୍ଦ କରିଥାଆନ୍ତି। ହେଲେ ଶିକ୍ଷାକୁ ଚାଷରେ ଉପଯୋଗ କରି ଜଣେ ନିଶ୍ଚୟ ସଫଳତା ପାଇବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି ସଫଳ ଚାଷୀ କେଶବ ଚନ୍ଦ୍ର ସାମଲ। ଏ କ୍ଷେତ୍ରରେ ସେ ନିଜେ ସ୍ଥାନୀୟ ଅଞ୍ଚଳରେ ଏକ ଉଦାହରଣ ପାଲଟିଛନ୍ତି। ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ପତିରାଜପୁର ଗ୍ରାମର କେଶବ ଚନ୍ଦ୍ର ସାମଲ(ମୋ:୯୯୩୭୯୨୫୧୪୬)ଙ୍କ ଜନ୍ମ। ମାଟ୍ରିକ ପଢୁଥିବା ବେଳେ ବାପା ରାମଚନ୍ଦ୍ରଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରି ଚାଷ ସମ୍ପର୍କରେ କିଛି ଜ୍ଞାନ ଅର୍ଜନ ହାସଲ କରିଥିଲେ। ମାଟ୍ରିକ ପାସ୍ କରିବା ପରେ ପରେ ସେ ଚାଷକୁ ଆପଣେଇ ନେବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥିଲେ। ତା'ପରେ ସେ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ପୂର୍ବରୁ ବାପା ୧୦ଗୁଣ୍ଠ ଜମିରେ ଚାଷ କରିଆସୁଥିବା ବେଳେ ସେ ନିଜର ଦୁଇ ଏକର ଏବଂ ଲିଜରେ ଆଉ ଦୁଇ ଏକର ଜମି ଆଣି ଚାଷ କାର୍ଯ୍ୟ କରିଥିଲେ। କେବଳ ଏହି ଚାଷକାର୍ଯ୍ୟରୁ ସେ ଦୁଇ ଝିଅଙ୍କ ବାହାଘର କରିବା ସହ ସାନ ପୁଅକୁ ରୋଜଗାରକ୍ଷମ କରାଇ ପାରିଛନ୍ତି। ବଡପୁଅ ମଧ୍ୟ ଚାଷ କାର୍ଯ୍ୟରେ ତାଙ୍କୁ ସହାୟତା କରୁଛି। 'ଗୋଟିଏ ଚାଷ ଋତୁରେ ସବୁ ଖର୍ଚ୍ଚକୁ ବାଦ୍ ଦେଲେ ପାଖାପାଖି ଦୁଇ ଲକ୍ଷ ମିଳିଥାଏ। ମୋ ଜମିରେ ଯେଉଁ ପନିପରିବା ଚାଷ କରେ ସେଗୁଡିକୁ ନିକଟସ୍ଥ ଅଲିପୁର, ପତିରାଜପୁର, ଡୁଙ୍ଗୁରା ଆଦି ହାଟରେ ବିକ୍ରି କରାଯାଇଥାଏ। ନିକଟରେ ଏମଜିଏନଆରଇଜିଏସରେ ପୋଖରୀଟିଏ ଖନନ କରିଛି। ଏହା ସମ୍ପୂର୍ଣ୍ଣ ହେବା ପରେ ଆଉ କିଛି ଅଧିକ ଜମିରେ ଚାଷ କାର୍ଯ୍ୟ ବଢାଇବାକୁ ଲକ୍ଷ୍ୟ ରଖିଛି ବୋଲି କନ୍ତି କେଶବ।' ଚାଷ କ୍ଷେତ୍ରରେ ସଫଳତା ପାଇଁ ତାଙ୍କୁ ରାଜ୍ୟ କୃଷି ବିଭାଗ ଏବଂ କେତେକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପରିବା ଚାଷୀଙ୍କୁ ବୀମାରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ମତ ଦିଅନ୍ତି ଏହି ସଫଳ ଚାଷୀ।

–ଉତ୍କଳବନ୍ଧୁ ପଣ୍ଡା

# ଡାଲୁଅ ଧାନ



ଡାଲୁଅ ଧାନ ଚାଷ କରୁଥିଲେ ଏଠାରେ ପ୍ରଦତ୍ତ କେତୋଟି ଉପାୟ ବିଷୟରେ ନଜର ଦେଇପାରିବେ।

–ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ଲାଗି ତଳି କିଆରିକୁ କାଦୁଅ କରନ୍ତୁ। ଶେଷଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପରଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଭଲ। ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ।

–ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ।

–ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ।

–ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

–କିଆରିରେ ପାଣି ଚାଲିବା ନିମନ୍ତେ ନାଳି ରଖନ୍ତୁ। ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

ଧାନର ବିହନ କିସମ: ସହଳ–ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ।

ମଧ୍ୟମ : ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ।

**ତୈଳବୀଜ ଫସଲ: ସୂର୍ଯ୍ୟମୁଖୀ–** ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

**ସୋରିଷ :** ଆବଶ୍ୟକତା ନେଇ ଜଳ ସେଚନ କରନ୍ତୁ। ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପନିପରିବା : କୋବି –** କୋବି ଜାତୀୟ ଫସଲରେ ବିନ୍ଧାପୋକ, ଠିକିରି ପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ କିମ୍ବା

## ଏ ମାସର କୃଷି ସୂଚନା

୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ ଫୁଲ କୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ। କୋବିର ଉନ୍ନତ କିସମ ମଧ୍ୟରେ ରହିଛି ସ୍ନୋବଲ୍ ଏବଂ ସ୍ନୋବଲ୍–୧୬।

**ଶାଗ :** ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ।

**ତରଭୁଜ :** ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ। ଉନ୍ନତ କିସମ – ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା। ସଙ୍କର କିସମ – ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍।

**ଆମ୍ବ :** ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ। ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ଜଳସେଚନ କରନ୍ତୁ।

–କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ।

**ଲିଚୁ ଓ ସପେଟା :** ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ। ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ।

**ଫୁଲ :** ଖରାଟିଆ ଫୁଲ ଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ। ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ।

**ଛେଳି ପାଳନ :** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା କରିବା ପାଇଁ ଯଥାସାଧ୍ୟ ପଦକ୍ଷେପ ଗ୍ରହଣ କରନ୍ତୁ।

–ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

**କୁକୁଡ଼ା ପାଳନ**

–ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ।

–ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

**ମତ୍ସ୍ୟଚାଷ**

ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା. ୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆକୁ ମିଶାଇ ଖାଇବାକୁ ଦିଅନ୍ତୁ।

*–କୃଷି ବୈଷୟିକ ସୂଚନା କେନ୍ଦ୍ର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଓୟୁଏଟି, ଭୁବନେଶ୍ୱର*



## ଚିନାବାଦାମ ବୁଣିବା ପରେ..



ଚିନାବାଦାମ ବୁଣିବାର ଦୁଇ/ତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ। ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍ ଶମ୍ବାଲୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।

## ଗୋପାଳନ ସମ୍ପର୍କରେ...



ଗା ଈ ଙ୍କ ଠା ରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

# ପାଳଛତୁ ଲାଗି କୁଣ୍ଡ ପ୍ରସ୍ତୁତି

ପାଳଛତୁ ଚାଷ ଲାଗି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାନ୍ତୁ। ପୁଣି ସେଥିରେ ୩୦ ବିଡା ନଡାକୁ ବତୁରାନ୍ତୁ। କେଇ ଘଣ୍ଟା ପରେ ନଡା ଛାଣି ଛାଇରେ ଛିଡା କରି ରଖନ୍ତୁ। ଛତୁ ମଞ୍ଜିକୁ ପ୍ୟାକେଟ କିମ୍ବା ବୋତଲରୁ ବାହାର କରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବେ ୯ ଇଞ୍ଚ ବହଳରେ ୯ ଭିଜା ବିଡା ନଡାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡ ଉପରେ ୧ ଭାଗ ବୁଟ ବା ହରଡ ଗୁଣ୍ଡ ବୁଣି ଦିଅନ୍ତୁ। ଏବେ୨ୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ପୂର୍ବ ଭଳି ଛତୁ ମଞ୍ଜି ଓ ବୁଟ ବା ହରଡ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟ ବା ହରଡଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।

# ପନିପରିବା ଅଧିକ ଉତ୍ପାଦନର କୌଶଳ



ଡ. ପରେଶ କୁମାର ପଣ୍ଡା

ଆମ ଦେଶ ଏକ କୃଷିଭିତ୍ତିକ ଦେଶ। ବିଶେଷଭାବରେ ଗ୍ରାମାଞ୍ଚଳରେ ଏହା ଉପରେ ନିର୍ଭର କରି ଅନେକ ନିଜର ପରିବାର ଚଳାଇଥାଆନ୍ତି। ଏବେ ପନିପରିବା ଚାଷ କରୁଥିଲେ ନିମ୍ନଲିଖିତ ବୈଷୟିକ ପରାମର୍ଶଗୁଡିକୁ ଆପଣେଇ ପାରିଲେ ଏଥିରୁ ଆବଶ୍ୟକତାଠାରୁ ଅଧିକ ରୋଜଗାର କରିପାରିବ ବୋଲି କୁହାଯାଇପାରେ।

– ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରିବା ଭଲ।

– ବିହନ ବୁଣିବା ପୂର୍ବରୁ ତାହାକୁ ବିଶୋଧନ କରିବା ଦରକାର।

– ମଞ୍ଜି ବା ବିହନ ବୁଣି ସାରି ତାହାକୁ ଗୁଣ୍ଡ ମାଟି ଅଥବା ଶୁଖିଲା ବା ଝୁରା ଖତଗୁଣ୍ଡ ଦେଇ ଘୋଡାଇ ଦେବା ଭଲ। ତା' ପରେ ତଳି ପଟାଳିକୁ ଅଖା, ପାଳ ବା ନଡା ଦ୍ୱାରା ଘୋଡାଇ ଝରାରେ କିମ୍ବା ମାଠିଆ ମୁହଁରେ ପାଳ ବିଣ୍ଡା ଦେଇ ପାଣି ସିଞ୍ଚନ କରାଯାଏ। ଗଜା ଆସିଗଲା ପରେ ନଡା, ଅଖା ବା ପାଳ ଉଠାଇ ଦିଆଯାଏ।

– ସନ୍ଧ୍ୟାବେଳେ ତଳିଘରାରେ ପାଣି ଦେବା ଭଲ।

– ଚାରା ବଢିବା ଅବସ୍ଥାରେ ତଳି ଘରାରେ ଅନାବନା ଘାସ ଦେଖିଲେ ବଛାଯାଏ।

– ଚାରା ଗଛ ମୋଟା ଓ ଟାଣ ହେବା ଅବସ୍ଥାରେ (୨–୩ ସପ୍ତାହ ବେଳକୁ) ଭଲ ଚାରା ବାଛି ସନ୍ଧ୍ୟା ସମୟରେ ଲଗାଯାଏ। ଚାରା ଉପାଡିବାର ୨–୩ ଘଣ୍ଟା ପୂର୍ବରୁ ତଳି ଘରାରେ ପାଣି ଦେଇ ଚାରା ଉପାଡିଲେ ସହଜରେ ଉପୁଡିଥାଏ।

– ତଳିଘରାରୁ ମୁଖ୍ୟ ଜମିକୁ ଚାରା ନେବା ସମୟରେ ଓଦା କନା ଘୋଡାଇ ତୁରନ୍ତ ନିଆଯାଏ। ନଚେତ୍ ଖରା ବାଜିଲେ ଗଛକୁ ବାଧା ଆସିପାରେ।

–ଚାରା ଲଗାଇବାର ୩–୪ ଦିନ ଯାଏ ଚାରାଗଛକୁ ଦିନବେଳା କାଗଜ ଠୁଙ୍ଗା ଘୋଡାଇ ନଚେତ୍ ୨–୩ ଥର ଟୋପା ଜଳ ସିଞ୍ଚନ କରାଯାଏ। ଅନ୍ୟଥା ଚାରା ଗଛ ମରିଯିବାର ସମ୍ଭାବନା ଥାଏ। ଗଛ ବଞ୍ଚିବା ନିମିତ୍ତ ହାଲୁକା ପାଣି ଦିଆଯାଏ।





– ଉର୍ବରିଆ, ନିଗିଡା, ଦୋରସା ମାଟିରେ ପନିପରିବା ଗଛ ଭଲ ବଢିଥାଏ। ମୁଖ୍ୟ ଜମିର ମାଟି ୪–୬ ଓଡ ଚାଷ ହୋଇ ଗୁଣ୍ଡ ଓ ସମତୁଲ ହୋଇଥିବା ଦରକାର।

– ଏକର ପ୍ରତି ୨୦–୨୫ ଗାଡି ଖତ ଦେଇ ଚାଷ କଲେ ଭଲ ଅମଳ ମିଳିଥାଏ। ନଚେତ୍ ସୁବିଧା ଥିଲେ ଏକର ପ୍ରତି ୩୦ କୁଇଣ୍ଟାଲ ଜିଆ ଖତ ଜମିର ଶେଷ ପ୍ରସ୍ତୁତି ସମୟରେ ପ୍ରୟୋଗ କରାଯାଏ। ଜିଆଖତ ପ୍ରୟୋଗର ଜମିରେ ଲୁଣ, କ୍ଷୀର ଓ ଅମ୍ଳଦୋଷ ଆସି ନ ଥାଏ ତଥା ମାଟିର ଜଳଧାରଣ ଓ ନିଷ୍କାସନ ସହଜ ଓ ବୃଦ୍ଧି ପାଇଥାଏ। ମୃତ୍ତିକାର ଉର୍ବରତା ବଢି ଫସଲ ଅମଳ ଅଧିକ ମିଳିଥାଏ। ଅମ୍ଳୀୟ ମାଟିରେ କାଗଜକଳ ମଇଳା ୧–୨ କୁଇଣ୍ଟାଲ ଏକର ପ୍ରତି ବା ଚୂନ ଦେଇ ଦୋଷ କଟାଯାଏ।

– ଜମିର ବତର ଥିବା ବେଳେ ଚାରା ବା ମଞ୍ଜିକୁ ଧାଡିରେ ଲଗାଯାଏ। ଧାଡିରେ ଲଗାଇଲେ ଘାସ ବଛା, ରୋଗପୋକ ପରିଚାଳନା ଓ ଜଳସେଚନ ସହଜରେ ହୋଇଥାଏ।

– ଗଛ ବଡ ହୋଇଗଲେ ନାଳିରେ ପାଣି ଦିଆଯାଏ ବା ସିଞ୍ଚନ ଜଳସେଚନ ଦିଆଯାଏ। ସକାଳ ଓ ସନ୍ଧ୍ୟା ସମୟ ପାଣି ମଡାଇବା ପାଇଁ ଠିକ୍ ସମୟ।

– ଆଜୋଟୋବ୍ୟାକ୍ଟର ଓ ଆଡୋସ୍ପିରିଲମ୍ ଜୀବାଣୁସାର ପନିପରିବା ଫସଲରେ ପ୍ରୟୋଗ କରି ୧ ଏକର ଫସଲରେ ହାରାହାରି ୧୦ କି.ଗ୍ରା. ଯବକ୍ଷାରଜାନ (୨୨କି.ଗ୍ରା. ୟୁରିଆ ଅନୁରୂପ) ବିବନ୍ଧିତ ହୋଇ ଫସଲକୁ ମିଳିଥାଏ ଓ ଅମଳ ବଢିଥାଏ। ବିହନ ଉପଚାର, ତଳି ଉପଚାର ବା ଜମିରେ ଖତ ସହ ମିଶାଇ ପ୍ରୟୋଗ କରାଯାଇପାରେ। ସେହିପରି ଫସ୍‌ଫରସ୍ ଦ୍ରବୀଭୂତକାରୀ ବୀଜାଣୁ କଲଚର(ପି.ଏସ୍.ଏମ୍.)ର ୨୦ ଗ୍ରାମ କି.ଗ୍ରା. ବିହନ ପ୍ରତି ଉପଚାର କରାଯାଏ। ସମସ୍ତ ବୀଜାଣୁସାରକୁ ମିଶାଇ ଏକାଥରେ ପ୍ରୟୋଗ କରାଯାଇପାରିବ।

– ଆଗ୍ରହୀ ଚାଷୀଭାଇମାନେ ଏପରି ଫସଲ ଯୋଜନା କରିବେ, ଯେପରି କି ବର୍ଷର ବିଭିନ୍ନ ଋତୁରେ ଭିନ୍ନ ଓ ଚାହିଦାନୁଯାୟୀ ପରିବା ଅମଳ ମିଳିବା ସହ ଉତ୍ତମ ଆୟ କରାଯାଇପାରିବ। ଏହାଦ୍ୱାରା ଜମିର ଉର୍ବରତା ରହିବା ସହ ସଂକ୍ରମଣ କମ୍ ହୋଇଥାଏ। (କ୍ରମଶଃ..)

*–ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୭୦୮୦*

# ଗହମରେ କାଳିଗୁଣ୍ଡି ପୋକ ଦମନ

ଗହମ ଫସଲରେ କାଳିଗୁଣ୍ଡି ପୋକ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।



# ଆଳୁରେ ଜଳସେଚନ

ମାଟିର ଆବଶ୍ୟକତାକୁ ଚାହିଁ ୮–୧୦ ଦିନ ଅନ୍ତରରେ ପାଣି ମଡାନ୍ତୁ। ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ। ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ। ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍–୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ। ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ୍ ଏବଂ ମାଙ୍କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ।



# ମୟଙ୍କଙ୍କ ସ୍ଥାନରେ ଖେଳିବେ ରୋହିତ

ସିଡ୍‌ନୀ,୫।୧(ପି.ଟି.)

ଗୁରୁବାରଠାରୁ ସଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ତୃତୀୟ ଟେଷ୍ଟ ଆରମ୍ଭ ହେବାକୁ ଯାଉଥିବା ବେଳେ ଭାରତୀୟ ଟିମ୍ କମ୍ବିନେଶନ ନେଇ ବିଭିନ୍ନ ଆକଳନ ପ୍ରକାଶ ପାଇଛି। ଟିମ୍ ମ୍ୟାନେଜମେଣ୍ଟ ତୃତୀୟ ଦ୍ରୁତ ବୋଲର ସ୍ଥାନ ପାଇଁ ଶାର୍ଦ୍ଦୁଳ ଠାକୁର କିମ୍ବା ନବଦୀପ ସଇନିଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରିବ। ସେହିପରି ଟପ୍ ଅର୍ଡରରେ ମୟଙ୍କ ଅଗ୍ରୱାଲଙ୍କ ସ୍ଥାନରେ ରୋହିତ ଶର୍ମାଙ୍କୁ ଦଳରେ ସାମିଲ କରାଯିବା ଏକ ପ୍ରକାର ନିଶ୍ଚିତ ମନେହେଉଛି। ମୟଙ୍କ ଗତ ୮ଟି ଟେଷ୍ଟ ଇନିଂସରେ ୭ଥର ଫେଲ୍ ମାରିଛନ୍ତି। ସାମୟିକ ଭାବେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୟଙ୍କ ବାଦ୍ ପଡିବା ସମ୍ଭାବନା ସୃଷ୍ଟି ହୋଇଛି।

ସେହିପରି ଦ୍ରୁତ ବୋଲର ଉମେଶ ଯାଦବ ଆହତ ହୋଇ ସିରିଜ୍‌ରୁ ବାଦ୍ ପଡିବା ପରେ ତୃତୀୟ ଦ୍ରୁତ ବୋଲର ସ୍ଥାନ ନେଇ ଅଙ୍କକଷା ଆରମ୍ଭ ହୋଇଛି। ଠାକୁର ନିମ୍ନକ୍ରମରେ ଭଲ ବ୍ୟାଟିଂ କରିବାର କ୍ଷମତା ରଖୁଥିବାରୁ ତାଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ସୃଷ୍ଟି ହୋଇଥିଲା। ତେବେ ଦଳର କେତେଜଣ ବରିଷ୍ଠ ଖେଳାଳି ସଇନିଙ୍କୁ ଅଗ୍ରାଧିକାର ଦେଇଛନ୍ତି। ସଇନି ଏବେ ଭାରତର ଦ୍ରୁତତମ ବୋଲର ହୋଇଥିବାରୁ ଅସ୍ଥିର ଅଷ୍ଟ୍ରେଲୀୟ ବ୍ୟାଟିଂ ଲାଇନ୍‌ଅପ୍‌କୁ ସମସ୍ୟାରେ ପକାଇ ପାରିବେ ବୋଲି ଆଶା କରାଯାଉଛି। ହାଲୁକା ବର୍ଷାରେ ଏସ୍‌ସିଜିରେ ଭାରତୀୟ ଦଳର ନେଟ୍ ସେସନରେ ରୋହିତ ମୁଖ୍ୟ ଆକର୍ଷଣ ଥିଲେ। ଉଭୟ ପେସ୍ ଓ ସ୍ପିନ ବୋଲରଙ୍କ ବିପକ୍ଷରେ ସେ ବେଶ୍ ସହଜ ମନେହେଉଥିଲେ। ବର୍ଷା କାରଣରୁ ତୃତୀୟ ବୋଲରଙ୍କ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇପାରି ନ ଥିଲା। ତେବେ ବୁଧବାର ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। କିନ୍ତୁ ଯଦି ମେଘୁଆ ପାଗ ଓ ହାଲୁକା



ଅଭ୍ୟାସ ଅବସରରେ ଭାରତୀୟ ଦଳ।

## ସିଡ୍‌ନୀ ଟେଷ୍ଟ

ବର୍ଷା ଜାରି ରହେ ତା'ହେଲ ଠାକୁରଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଆଶା କରାଯାଉଛି। ଯଦି ଟ୍ରାକ୍ ଫ୍ଲାଟ ରହେ ତା'ହେଲେ ପେସ୍ ଓ ପୁରୁଣା ବଲ୍‌ରେ ରିଭର୍ସ ସୁଇଂ କରିବାର ଦକ୍ଷତାକୁ ଦୃଷ୍ଟିରେ ରଖି ସଇନିଙ୍କୁ ଦଳରେ ସାମିଲ କରାଯିବ। ସଇନି ଖେଳିଲେ ଟେଷ୍ଟରେ ପଦାର୍ପଣ କରିବାର ସୁଯୋଗ ହାସଲ କରିବେ। ଯଦି ଠାକୁର ଖେଳନ୍ତି ତା'ହେଲ ତାଙ୍କ ପଦାର୍ପଣ ସଦୃଶ ହେବ। କାରଣ ଦୁଇବର୍ଷ ତଳେ ସେ ଟେଷ୍ଟରେ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ ମଧ୍ୟ ଇଞ୍ଜୁରି କାରଣରୁ ନିଜର ପ୍ରଥମ ଓଭର ଶେଷ କରିପାରି ନ ଥିଲେ।

ସେହିପରି ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନଙ୍କୁ ନେଇ ମଧ୍ୟ ଚର୍ଚ୍ଚା ସୃଷ୍ଟି ହୋଇଛି। ଗତ ୪ ମାସ ମଧ୍ୟରେ ଦମ୍‌ଦାର ପ୍ରଦର୍ଶନ କରି ସେ ବେଶ୍ ଉନ୍ନତି କରିଛନ୍ତି। ତାଙ୍କୁ ମଧ୍ୟ ଟେଷ୍ଟ ଡେବ୍ୟୁ କରିବାର ସୁଯୋଗ ଦିଆଯିବ ବୋଲି ଆଶା କରାଯାଉଛି। ନଟରାଜନ ଏପର୍ଯ୍ୟନ୍ତ ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ଶେଷଥର ପାଇଁ ସେ ଗତ ଜାନୁୟାରୀରେ ରେଲୱେ ବିପକ୍ଷରେ ଲମ୍ବା ଫର୍ମାଟ୍‌ରେ ମ୍ୟାଚ ଖେଳିଥିଲେ। ଏହି ମ୍ୟାଚରେ ନଟରାଜନ ୧୧ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ବୁଧବାର ସେ ଦଳରେ ସାମିଲ ହେବେ କି ନା ସ୍ପଷ୍ଟ ହୋଇଯିବ।

**ଆଶା କରାଯାଉଥିବା ଭାରତୀୟ ଦଳ(ବ୍ୟାଟିଂ କ୍ରମରେ):**

ଅଜିଙ୍କ୍ୟ ରାହାନେ (ଅଧିନାୟକ), ରୋହିତ ଶର୍ମା, ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସିରାଜ, ଯଶ୍‌ପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର/ ନବଦୀପ ସଇନି।

# ଟେଷ୍ଟ ସିରିଜରୁ ରାହୁଲ ଆଉଟ୍

**ସିଡ୍‌ନୀ, ୫।୧ (ପି.ଟି.):** ଭାରତୀୟ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ମଙ୍ଗଳବାର ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ଟେଷ୍ଟ ସିରିଜର ବାକି ଦୁଇଟି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ମେଲବୋର୍ନରେ ଟ୍ରେନିଂ କରୁଥିବା ଅବସରରେ ସେ ରିଷ୍ଟ ଇଞ୍ଜୁରିର ଶିକାର ହୋଇଥିଲେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୂଚନା ଦିଆଯାଇଛି। ରାହୁଲ ଏହି ସିରିଜରେ କୌଣସି ଟେଷ୍ଟ ଖେଳିନାହାନ୍ତି। ଗୁରୁବାରଠାରୁ ସିଡ୍‌ନୀରେ ତୃତୀୟ ଟେଷ୍ଟ ଆରମ୍ଭ ହେବାକୁ ଯାଉଛି।

ଶନିବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଭାରତର ଟ୍ରେନିଂ ସେସନ ଅବସରରେ ନେଟ୍ସରେ ବ୍ୟାଟିଂ କରୁଥିବା ବେଳେ ରାହୁଲଙ୍କ ବାମ କଚଟିରେ ବଲ୍ ବାଜିଥିଲା ବୋଲି ବୋର୍ଡ ତରଫରୁ କୁହାଯାଇଛି। ଫଳରେ ସେ ବାକି ଦୁଇଟି ଟେଷ୍ଟରେ ଖେଳିବା ପାଇଁ ଉପଲବ୍ଧ ହେବେ ନାହିଁ। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ୩ ସପ୍ତାହ ଆବଶ୍ୟକ । ରାହୁଲ ଏବେ ଭାରତ ପ୍ରତ୍ୟାବର୍ତ୍ତନ କରି ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ରିହାବିଲିଟେଶନ ପାଇଁ ଭର୍ତ୍ତି ହେବେ। ଫେବୃୟାରୀ ୫ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଗାମୀ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ମଧ୍ୟ ସେ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି।



ଲୋକେଶ ରାହୁଲ



ଭୁବନେଶ୍ୱରସ୍ଥିତ ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରଠାରେ ନବନିର୍ମିତ ବ୍ୟାଡ୍‌ମିଣ୍ଟନ କୋର୍ଟର ଉଦ୍‌ଘାଟନ କରୁଛନ୍ତି ଅଗ୍ନିଶମ ଡିଜି ସତ୍ୟଜିତ ମହାନ୍ତି।

# ଉଇଲିୟମସନଙ୍କ ଦ୍ୱିଶତକ: ନ୍ୟୁଜିଲାଣ୍ଡ ସ୍ଥିତି ଦୃଢ଼

ଖ୍ରୀଷ୍ଟଚର୍ଚ୍ଚ,୫।୧(ଏପି)

ଅଧିନାୟକ କେନ୍ ଉଇଲିୟମସନଙ୍କ ଦ୍ୱିଶତକ ବଳରେ ନ୍ୟୁଜିଲାଣ୍ଡ ଭ୍ରମଣକାରୀ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ତା'ର ସ୍ଥିତି ଦୃଢ଼ କରିଛି। ପାକିସ୍ତାନକୁ ୨୯୭ ରନରେ ଅଲ୍‌ଆଉଟ୍ କରିବା ପରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୫୮.୫ ଓଭରରେ ୬ ଉଇକେଟ ହରାଇ ୬୫୯ ରନ ସଂଗ୍ରହ କରି ଇନିଂସ ଘୋଷଣା କରିଛି। ଫଳରେ ନ୍ୟୁଜିଲାଣ୍ଡ ୩୬୨ ରନର ବୃହତ୍ ଅଗ୍ରଣୀ ହାସଲ କରି ପାକିସ୍ତାନକୁ ନିରାଶ କରିଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ମଙ୍ଗଳବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧ ଓଭରରେ ୧ ଉଇକେଟ ହରାଇ ୮ ରନ ସଂଗ୍ରହ କରିଛି। ଫଳରେ ୯ ଉଇକେଟ ହାତରେ ରଖି ପାକିସ୍ତାନ ଏବେ ୩୫୪ ରନ ପଛରେ ରହି ବିପଦରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଆବିଦ ଅଲି ୭ ଓ ମହମ୍ମଦ ଆବାସ ୧ରନ କରି ଅପରାଜିତ ରହିଛନ୍ତି। ଏକମାତ୍ର ଆଉଟ୍ ହୋଇଥିବା ବ୍ୟାଟ୍ସମ୍ୟାନ ଓପନର ଶାନ ମାସୁଦ ଖାତା ଖୋଲିବା ପୂର୍ବରୁ କାଇଲ ଜେମିସନଙ୍କ ବଲରେ ଦ୍ୱିତୀୟ ସ୍ଲିପ୍‌ରେ ଟିମ୍ ସୌଦିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୮୬/୩ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ମଙ୍ଗଳବାର ତୃତୀୟ ସେସନରେ ଇନିଂସ ଘୋଷଣା କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଉଇଲିୟମସନ ୧୧୨ରୁ ଖେଳ ଆରମ୍ଭ କରି ୨୩୮ ରନର ଦ୍ୱିଶତକୀୟ ପାଳି ଖେଳି ଫହିମ ଆଶ୍ରଫଙ୍କ ବଲ୍‌ରେ ଡିପ୍ ଥାର୍ଡ ମ୍ୟାନ୍‌ରେ ଶାନ ମାସୁଦଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ୮୯ରୁ ଖେଳ ଆରମ୍ଭ କରି ହେନରୀ ନିକୋଲ୍ସ ୧୫୭ ରନର ଶତକୀୟ ପାଳି ଖେଳି ଫାଇନ ଲେଗ୍‌ରେ ନସିମ ଶାହାଙ୍କୁ କ୍ୟାଚ୍ ଦେଇ ମହମ୍ମଦ ଆବାସଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହାପରେ ବିଜେ ୱାଟଲିଂ ୭ ରନ କରିଥିବା ବେଳେ ଶାହିନ ଆଫ୍ରିଦିଙ୍କ ବଲ୍‌ରେ ହାରିସ ସୋହେଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଶେଷରେ ଡାରିଲ ମିଚେଲ ୧୦୨ ରନର ଶତକୀୟ ପାଳି ଖେଳି ଓ ଜେମିସନ ୩୦ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ବୋଲିଂ ପାକିସ୍ତାନ ତରଫରୁ ଶାହିନ ଆଫ୍ରିଦି, ମହମ୍ମଦ ଆବାସ ଓ ଫହିମ୍ ଆଶ୍ରଫ୍ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ଉଇଲିୟମସନ ୯ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କ୍ରିଜ୍‌ରେ ରହି ୫୬୩ଟି ବଲର ସମ୍ମୁଖୀନ ହୋଇ ୨୮ଟି ଚୌକା ସହ ୨୩୮ ରନର ଦ୍ୱିଶତକୀୟ ପାଳି ଖେଳିଥିଲେ। ଚତୁର୍ଥ ଉଇକେଟରେ ନିକୋଲ୍ସ ଓ ଉଇଲିୟମସନ ୩୬୯ ରନର ଭାଗୀଦାରି ସ୍ଥାପନ କରିଥିଲେ। ଉଇଲିୟମସନ ଏଥିସହ କ୍ୟାରିୟରର ଚତୁର୍ଥ ଟେଷ୍ଟ ଦ୍ୱିଶତକ ହାସଲ କରି ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକ୍‌ଲମଙ୍କ ସହ ସମକକ୍ଷ ହୋଇଛନ୍ତି। ମ୍ୟାକ୍‌ଲମ ପୂର୍ବରୁ ନ୍ୟୁଜିଲାଣ୍ଡର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଟେଷ୍ଟରେ ୪ଟି ଦ୍ୱିଶତକ ଅର୍ଜନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୮୩.୫ ଓଭରରେ ୨୯୭। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୫୮.୫ ଓଭରରେ ୬୫୯/୬ରେ ଇନିଂସ ଘୋଷଣା (ଉଇଲିୟମସନ- ୨୩୮, ନିକୋଲ୍ସ- ୧୫୭, ମିଚେଲ- ୧୦୨*, ଶାହିନ ଆଫ୍ରିଦି- ୨/୧୦୧, ମହମ୍ମଦ ଆବାସ- ୨/୯୮, ଫହିମ ଆଶ୍ରଫ- ୨/ ୧୯୬)। ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୧ ଓଭରରେ ୮/୧ (ଆବିଦ ଅଲି- ୭*, ମହମ୍ମଦ ଆବାସ-୧*, ଜେମିଶନ-୧/୧)।

# କିଟ୍‌ରେ ଭାରତୀୟ ଭଲିବଲ ଦଳର ଚୟନ ଶିବିର

## ବିଶ୍ୱ-ବିଶ୍ୱବିଦ୍ୟାଳୟ କ୍ରୀଡ଼ା

ଭୁବନେଶ୍ୱର, ୫।୧ (ସ୍ପୋର୍ଟ୍ସ ବ୍ୟୁରୋ)

୩୧ତମ ବିଶ୍ୱ-ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୧ ନିମନ୍ତେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭାରତୀୟ ଭଲିବଲ୍ (ମହିଳା/ପୁରୁଷ) ଦଳ ଚୟନ ଅନୁଷ୍ଠିତ ହେବ। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଙ୍ଗଠନର ନିଷ୍ପତ୍ତି କ୍ରମେ ଏହା ଚଳିତମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଶ୍ୱ-ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଚାଇନାର ଚେଁଗ୍‌ଡୁଠାରେ ଆସନ୍ତା ଅଗଷ୍ଟ ୧୮ରୁ ୨୯ ପର୍ଯ୍ୟନ୍ତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଦଳକୁ ଫେବୃୟାରୀ ୧ ସୁଦ୍ଧା ପଞ୍ଜୀକରଣ କରିବାକୁ ହେବ। କିଟ୍‌ରେ ଭାରତୀୟ ଦଳ ପାଇଁ ହେବାକୁଥିବା ଚୟନ ଶିବିରରେ ଓଡ଼ିଶାରୁ ଉତ୍କଳ ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟରୁ ମନୋନୀତ ଭଲିବଲ ଖେଳାଳିମାନେ ଭାଗ ନେବେ। ଅନ୍ୟପକ୍ଷରେ ବେଙ୍ଗାଲୁରୁସ୍ଥିତ ଜୈନ ବିଶ୍ୱବିଦ୍ୟାଳୟଠାରେ ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ ବିଶ୍ୱବିଦ୍ୟାଳୟ ଦଳ ଚୟନ କରାଯିବ।

# ବେଙ୍ଗାଲୁରୁକୁ ହରାଇଲା ମୁମ୍ବାଇ ସିଟି

ମାର୍ଗାଓ,୫।୧(ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ସିଟି ୩-୧ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ସ୍ଥାନୀୟ ଫାଟୋର୍ଡ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ମୁମ୍ବାଇ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏଥିସହିତ ୯ଟି ମ୍ୟାଚ୍ ଖେଳି ମୁମ୍ବାଇ ୭ଟି ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ମୋଟ୍ ୨୨ ପଏଣ୍ଟ ପାଇ ତାଲିକାରେ ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ କରିଛି। ଆଇଏସ୍‌ଏଲ୍‌ରେ ବେଙ୍ଗାଲୁରୁ ଏଥିସହିତ

## ଇଣ୍ଡିଆନ ସୁପର ଲିଗ୍

ପ୍ରଥମଥର ପାଇଁ କ୍ରମାଗତ ୩ଟି ମ୍ୟାଚ୍‌ରେ ପରାଜୟ ବରଣ କରିଛି। ବେଙ୍ଗାଲୁରୁ ୯ଟି ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୧୨ ପଏଣ୍ଟ ପାଇ ତାଲକାର ପଞ୍ଚମ ସ୍ଥାନରେ ରହିଛି।

ମୁମ୍ବାଇ ତରଫରୁ ମୌରଟାଡା ଫଲ୍ ନବମ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟ୍‌ରେ ବିପିନ ସିଂ ଆଉ ଏକ ଗୋଲ ଦେଇ ମୁମ୍ବାଇ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ମ୍ୟାଚ୍‌ର ୭୯ତମ ମିନିଟ୍‌ରେ ବେଙ୍ଗାଲୁରୁ ତରଫରୁ ଅଧିନାୟକ ସୁନୀଲ ଛେତ୍ରୀ ପେନାଲ୍ଟି ଜରିଆରେ ଗୋଲ ଦେଇ ଗୋଲ ବ୍ୟବଧାନକୁ କମାଇଥିଲେ। ଏହାର ୫ ମିନିଟ୍ ପରେ ବାର୍ଥୋଲୋମ୍ୟୁ ଓଗୋବେଚେ ଗୋଲ ଦେଇ ମୁମ୍ବାଇକୁ ୩-୧ରେ ଅଗ୍ରଣୀ କରାଇଥିଲେ। ଏହାପରେ ମ୍ୟାଚ୍‌ରେ ଗୋଲ ସ୍କୋର ନ ହେବାରୁ ମୁମ୍ବାଇ ବିଜୟୀ ହୋଇଥିଲା। ମୁମ୍ବାଇର ଅହମ୍ମଦ ଜାହୋଉ ୮୬ତମ ମିନିଟ୍‌ରେ ରେଡ୍ କାର୍ଡ ପାଇଥିଲେ। ବଲ୍ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ମୁମ୍ବାଇ ବେଙ୍ଗାଲୁରୁଠାରୁ ଯଥେଷ୍ଟ ଆଗରେ ଥିଲା।



ବିଜୟ ପରେ ମୁମ୍ବାଇ ସିଟି ଖେଳାଳି।

# ସଦାଶିବ ମେମୋରିଆଲ କ୍ରିକେଟ: ବ୍ଲୁ ରକ୍ ଷ୍ଟାର ସେମିରେ

ଭାପୁର,୫।୧(ଡି.ଏନ.ଏ.)

ନୟାଗଡ ଜିଲା ଭାପୁର ବ୍ଲକ ଫତେଗଡ ଗ୍ରାମର ଯୁବକ ସଂଘ ତରଫରୁ ନାଲିସାଗର ଖେଳପଡିଆଠାରେ ଚାଲିଥିବା ଏକାଦଶ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ନୟାଗଡ ଦଳକୁ ହରାଇ ବ୍ଲୁ ରକ୍ ଷ୍ଟାର ଯାଆଁଳା ସେମିଫାଇନାଲକୁ ଉଠିଛି। ଟସ୍ ଜିଣି ନୟାଗଡ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ ଆରମ୍ଭକରି ନିର୍ଦ୍ଧାରିତ ୨୫ ଓଭରରେ ୯ଉଇକେଟ ହରାଇ ୨୦୭ ରନ କରିଥିଲା ।

ଜବାବରେ ଯାଆଁଳା ୨୩.୪ ଓଭରରେ ୫ଉଇକେଟ ବିନିମୟରେ ୨୧୦ ରନ କରି ୫ଉଇକେଟରେ ବିଜୟୀ ହୋଇଥିଲା । ବିଜୟୀ ଦଳର ସତ୍ୟଜିତ ସାହୁ ୭୦ ରନ ସଂଗ୍ରହ କରିଥିଲେ ଓ ୪୮ବଲର ସମ୍ମୁଖୀନ ହୋଇ ୩ଟି ଛକା ଓ ୨ଟି ଚୌକା ମାରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଖେଳ ପରିଚାଳନା କରିଥିଲେ ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଦ୍ୱିଜେନ୍ଦୁ ଘୋଷ । ସ୍କୋରର ଥିଲେ ପବିତ୍ର କୁମାର ସାହୁ । ଧାରାବିବରଣୀ ଦେଇଥିଲେ ସରୋଜ କୁମାର ମହାପାତ୍ର ଓ ଶିବୁ ସିହ୍ନା । ଅତିଥି ଭାବେ ୧୮ ନଂ. ଜୋନର ଜିଲା ପରିଷଦ ପ୍ରତିନିଧି ମାନସ ରଞ୍ଜନ ବେହେରା, କରବର ସମିତି ସଭ୍ୟ କାହ୍ନୁ ଚରଣ ସ୍ୱାଇଁ ଯୋଗଦେଇ ବିଜୟୀ ଦଳକୁ ସମ୍ମାନିତ କରିଥିଲେ । ବୁଧବାର ଅନ୍ତିମ ମ୍ୟାଚରେ ମଞ୍ଜେଶ୍ୱର କ୍ରିକେଟ କ୍ଲବ ଓ ଟିଏଫ୍‌ସି ବମିଖାଲ ମଧ୍ୟରେ ମୁକାବିଲା ହେବ ।





ରାଜ୍ୟ ଶୁଟିଂ ପ୍ରତିଯୋଗିତା: ଅତିଥି ଓ ଆୟୋଜକଙ୍କ ଗହଣରେ କୃତୀ ପ୍ରତିଯୋଗୀଗଣ।

# ରାଣାପ୍ରତାପ, ପ୍ରିୟା ଶ୍ରେଷ୍ଠ ଶୁଟର

ଭୁବନେଶ୍ୱର, ୫।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ରାଜ୍ୟ ରାଇଫଲ ସଂଘ ତରଫରୁ ରାଜ୍ୟ ଶୁଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗରେ ରାଣା ପ୍ରତାପ ବ୍ରହ୍ମା ଏବଂ ମହିଳା ବିଭାଗରେ ପ୍ରିୟା ପ୍ରତିଶ୍ରୁତି ବେହେରା ଜାନୁୟାରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଶୁଟର ବିବେଚିତ ହୋଇଛନ୍ତି। ନରାଜ ଫାୟାରିଂ ରେଞ୍ଜ୍‌ରେ ୧ ଓ ୨ ତାରିଖରେ .୨୨ରାଇଫଲ, .୨୨ ପିସ୍ତଲ (୨୫ମିଟର), ୩୨ ସେଣ୍ଟର ଫାୟାର ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ୩,୪ ଓ ୫ ତାରିଖରେ ଉତ୍କଳ କରାଟେ ସ୍କୁଲର ଇଲେକ୍‌ଟ୍ରୋନିକ ରେଞ୍ଜରେ ୧୦ ମିଟର ଆଇଏସ୍‌ଏସ୍‌ଏଫ୍ ରାଇଫଲ ଓ ପିସ୍ତଲ, ୧୦ମିଟର ଏନ୍.ଆର୍ ରାଇଫଲ ଓ ପିସ୍ତଲ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା। କୋଭିଡ୍ ପ୍ରୋଟୋକଲକୁ ମାନି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟ ରାଇଫଲ ସଂଘର ପାଟ୍ରନ ତଥା ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆର ଉପସଭାପତି କଳିକେଶ ନାରାୟଣ ସିଂ ଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ତାଳଚେର ଯୁବରାଜ ବିଜେନ୍ଦ୍ର ଚନ୍ଦ୍ର ଦେବ ଏବଂ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ପଦକ ପ୍ରଦାନ କରିଥିଲେ। ସଂଘର କର୍ମକର୍ତ୍ତା ଆଶିଷ କୁମାର ନାୟକ, ବଳଭଦ୍ର ଦାସ, ଗୌରୀ ମହାନ୍ତି, ସନ୍ଦୀପ ମହାନ୍ତି, ରୋମିଓ ନନ୍ଦ, ଅଭିନାସ ପୁହିର, ହିମାଂଶୁ ଦାସ, ରାକେଶ ମହାନ୍ତି ଓ ସନ୍ଦୀପ ଦାସ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ଜାନୁୟାରୀ ୬/୨୦୨୧ Berhampur, Wednesday, January 6/ 2021

# ଆଦାନୀ ୱିଲ୍‌ମର ବିଜ୍ଞାପନରୁ ବାଦ୍ ପଡ଼ିଲେ ଗାଙ୍ଗୁଲି

**ନୂଆଦିଲ୍ଲୀ,୫।୧**

ପୂର୍ବତନ ଅଧିନାୟକ ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ମୃଦୁ ହୃଦ୍‌ଘାତର ଶିକାର ହେବାର ୩ ଦିନ ପରେ ଆଦାନୀ ୱିଲ୍‌ମର ଲିମିଟେଡ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏହି କମ୍ପାନୀ ଗାଙ୍ଗୁଲିଙ୍କ ସହିତ ଜଡିତ ଫର୍ଚ୍ୟୁନ ରାଇସ୍ ବ୍ରାନ୍ କୁକିଙ୍ଗ୍ ଅଏଲର ସବୁ ବିଜ୍ଞାପନକୁ ରୋକି ଦେଇଛି। ସବୁ ପ୍ଲାଟ୍‌ଫର୍ମରୁ ଗାଙ୍ଗୁଲିଙ୍କ ସହିତ ତିଆରି ହୋଇଥିବା ସମସ୍ତ ବିଜ୍ଞାପନକୁ ମଙ୍ଗଳବାର ହଟାଇବାକୁ କମ୍ପାନୀ ନିଷ୍ପତ୍ତି ନେଇଛି।

ହୃଦ୍‌ଘାତର ଶିକାର ହୋଇ ଗାଙ୍ଗୁଲି ଅସୁସ୍ଥ ହେବା ସତ୍ତ୍ୱେ ବିଜ୍ଞାପନ ପ୍ରସାରିତ ହେଉଥିବାରୁ କମ୍ପାନୀ ଉପଭୋକ୍ତା ତଥା ପ୍ରଶଂସକମାନେ ବହୁ ସଂଖ୍ୟାରେ ସମାଲୋଚନା କରିବା ସହ ଟ୍ରୋଲ କରିଥିଲେ। ବିଜ୍ଞାପନରେ ଏହି ତେଲ ହାର୍ଟ ପାଇଁ ବେଶ୍ ଉପଯୋଗୀ ବୋଲି ଦର୍ଶାଯାଇଥିଲା। ଏହି ବିଜ୍ଞାପନ 'ଦାଦା ବୋଲେ ୱେଲକମ୍ ଟୁ ଦି ଫଟିଜ୍' ଟ୍ୟାଗ୍ ଲାଇନ୍‌ରେ ପ୍ରସାରିତ ହୋଇ ଆସୁଥିଲା। ଏଥିରେ '୪୦ ପରେ ଆପଣ ବଞ୍ଚିବା ଛାଡି ଦେବେକି' ବୋଲି ଗାଙ୍ଗୁଲି ଲୋକଙ୍କୁ ପଚାରୁଥିବାର ଦେଖାଯାଉଛି। ଏହା ବିରୋଧାଭାସ ସୃଷ୍ଟି କରୁଥିବାରୁ କମ୍ପାନୀକୁ ଶେଷରେ ଏହି ନିଷ୍ପତ୍ତି ନେବାକୁ ହୋଇଥିଲା। ଫର୍ଚ୍ୟୁନ ରାଇସ୍ ବ୍ରାନ୍ କୁକିଙ୍ଗ୍ ଅଏଲ ଆଦାନୀ ଗ୍ରୁପ୍‌ର ଏକ ଉତ୍ପାଦନ।







ତେବେ ଆଦାନୀ ୱିଲ୍‌ମର ଫର୍ଚ୍ୟୁନ ବ୍ରାଣ୍ଡକୁ ସମର୍ଥନ କରିଛି। ଏହି ତେଲ ବେଶ୍ ସ୍ୱାସ୍ଥ୍ୟକର। ଗାଙ୍ଗୁଲିଙ୍କ ସହିତ ଆଗକୁ କାର୍ଯ୍ୟ କରିବା ଜାରି ରଖିବୁ। ଏହି ବ୍ୟବସାୟିକ ବିଜ୍ଞାପନକୁ ସାମୟିକ ଭାବେ ରୋକି ଦିଆଯାଇଛି ଓ ଖୁବ୍‌ଶୀଘ୍ର ଏହା ପ୍ରତ୍ୟାବର୍ତ୍ତନ କରିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି।

ଆମ ରାଇସ୍ ବ୍ରାନ୍ ତେଲ ବିଶ୍ୱର ଶ୍ରେଷ୍ଠ ବିବେଚିତ ହୋଇ ଆସୁଛି ବୋଲିଂ ଆଦାନୀ ୱିଲ୍‌ମର ଲିମିଟେଡ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଙ୍ଗସୁ ମଲିକ କହିଛନ୍ତି। ଏହି ତେଲରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ଏଥିରେ ଗାମା ଓରିଜନାଲ ରହିଥିବାରୁ ଶରୀରରେ ଏହା କୋଲେଷ୍ଟରଲ କମ୍ କରିବାରେ ସହାୟକ ହୋଇଥାଏ। ଏହା ଏକ ରନ୍ଧନ ତେଲ। ଔଷଧ ନୁହେଁ। ଆହର ସମ୍ପର୍କିତ ଓ ବଂଶାନୁକ୍ରମିକ ମାମଲା ଭଳି ଅନ୍ୟ ଭିନ୍ନ ଭିନ୍ନ କାରଣରୁ ଲୋକେ ହୃଦ୍‌ଘାତର ଶିକାର ହୋଇଥାନ୍ତି। ହୃଦ୍‌ଘାତ କାହାକୁ ବି ହୋଇପାରେ। ଗାଙ୍ଗୁଲି ଏହାର ଶିକାର ହେବା ଏକ ଦୁର୍ଭାଗ୍ୟଜନକ ଘଟଣା। ଗାଙ୍ଗୁଲି ମଧ୍ୟ ଆଗକୁ ଆମ ସହିତ ଜଡିତ ରହିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ଗାଙ୍ଗୁଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଦିନେ ଦୁଇଦିନ ମଧ୍ୟରେ ତାଙ୍କୁ ହସ୍ପିଟାଲରୁ ଛାଡ଼ ମିଳିବାର ସମ୍ଭାବନା ରହିଛି।

# ସୁମୋ ରେସ୍‌ଲରଙ୍କୁ କରୋନା

**ଟୋକିଓ, ୫।୧(ଏପି)**

ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ସୁମୋ ରେସ୍‌ଲର ହାକୁହୋ କରୋନା ସଂକ୍ରମିତ ହୋଇଛନ୍ତି। ଆଘ୍ରାଣ ଶକ୍ତି ହରାଇବାପରେ ହାକୁହୋଙ୍କ କୋଭିଡ୍ ଟେଷ୍ଟ ହୋଇଥିବା ଜାପାନ ସୁମୋ ଆସୋସିଏଶନ (ଜେଏସ୍‌ଏ) କହିଛି। ମଙ୍ଗୋଲିଆରେ ଜନ୍ମିତ ଏହି ୩୫ବର୍ଷୀୟ ସୁମୋ ରେସଲର ରବିବାର ଟୋକିଓଠାରେ ଆରମ୍ଭ ହେବାକୁଥିବା ନ୍ୟୁ ଇୟର ଗ୍ରାଣ୍ଡ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ ହେଉଥିଲେ। ହାକୁହେ ରେକର୍ଡ ୪୪ ଚାମ୍ପିୟନଶିପ୍ ଜିତିଛନ୍ତି। ଟୋକିଓ ଅଲିମ୍ପିକ୍ସ ପରେ ସେ ଅବସର ନେବାକୁ ଯୋଜନା କରିଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜେଏସ୍‌ଏ ତରଫରୁ କୌଣସି ସୂଚନା ଦିଆଯାଇ ନାହିଁ। ଜାପାନରେ କିଛି ସପ୍ତାହ ହେଲା କରୋନା ସଂକ୍ରମଣ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ଟୋକିଓରେ ଜରୁରି କାଳୀନ ପରିସ୍ଥିତି ଜାରି କରିବା ଲାଗି କହିଛନ୍ତି।








## ବ୍ୟାଟିଂରେ ସୁଧାର ପ୍ରୟାସ

**ଆଡାମ ଗିଲ୍‌କ୍ରିଷ୍ଟ**

ଏକ ସପ୍ତାହ ବ୍ରେକ୍ ପରେ ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ ଗୁରୁବାରଠାରୁ ଖେଳାଯିବ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ୪ମ୍ୟାଚ ବିଶିଷ୍ଟ ସିରିଜ ବର୍ତ୍ତମାନ ୧-୧ ସ୍ତରରେ ରହିଛି। ତୃତୀୟ ଟେଷ୍ଟ ପାଇଁ ଉଭୟ ଦଳରେ କେତୋଟି ପରିବର୍ତ୍ତନ ଅବଶ୍ୟମ୍ଭାବୀ। ୱିଲ୍ ପୁକୋଭସ୍କି ଟେଷ୍ଟ ପଦାର୍ପଣ କରିବେ। ଇଞ୍ଜୁରିରୁ ଆରୋଗ୍ୟ ଲାଭ କରିଥିବାରୁ ଡେଭିଡ୍ ୱାର୍ନର ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। ଜୋ ବର୍ନ୍ସ ଏବଂ ମାଥ୍ୟୁ ୱେଡ୍ ଯୋଡ଼ି ଏଥର ଓପନିଂ କରି ନ ପାରନ୍ତି। ୱେଡ୍‌ଙ୍କୁ ହୁଏତ ମିଡିଲ ଅର୍ଡରରେ ଖେଳାଯାଇ ପାରେ। ଟ୍ରାଭିସ୍ ହେଡ୍ ଦଳରୁ ବାଦ୍ ପଡ଼ିପାରନ୍ତି। ଏହି ପରିବର୍ତ୍ତନ ଦ୍ୱାରା ଅଷ୍ଟ୍ରେଲିଆ ବ୍ୟାଟିଂରେ ଉନ୍ନତି ଘଟିବ ବୋଲି ଟିମ୍ ପେନ୍ ଆଶା କରିବେ। ଭାରତୀୟ ବୋଲରଙ୍କ ପ୍ରଭାବୀ ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ବଡ଼ ସ୍କୋର କରିବାରେ ବିଫଳ ହୋଇଛି। ବ୍ୟାଟ୍ସମ୍ୟାନ ବଦଳ କରିବା ଏବଂ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ ଦ୍ୱାରା ଭାରତୀୟ ବୋଲରମାନେ ସେମାନଙ୍କୁ ଯୋଜନା ମୁତାବକ ବୋଲିଂ କରିବାରେ ସଫଳ ହୋଇପାରିବେ ନାହିଁ। ଅଭିଜ୍ଞ ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁ ଟପ୍ ଅର୍ଡରରେ ଅଷ୍ଟ୍ରେଲିଆ ଆହୁରି ଶକ୍ତିଶାଳୀ ହେବ। ସିରିଜ ସ୍କୋର ଲାଇନ୍‌କୁ ୧-୧ସ୍ତରରେ ରଖିବା ପଛରେ ଆଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟ ବିଶେଷ ଭୂମିକା ରହିଛି। ଦଳ ପାଇଁ ବ୍ୟାଟିଂ ଏକ ସମସ୍ୟା ଭାବେ ଦେଖାଦେଇଛି। ବିଶେଷ କରି ଆଡିଲେଡ୍‌ରେ ଚତୁର୍ଥ ଇନିଂସ ରନ୍ ଚେଜ୍ ଦଳ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ମେଲବୋର୍ନରେ ଅଲରାଉଣ୍ଡର






କାମେରନ ଗ୍ରୀନ୍ ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିଥିଲେ। କିନ୍ତୁ ଆଗାମୀ ମ୍ୟାଚଗୁଡ଼ିକରେ ତାଙ୍କୁ ବୋଲର ହିସାବରେ ବ୍ୟବହାର କରାଯାଇପାରେ। ଯେଉଁମାନେ ପରିସଂଖ୍ୟାନକୁ ବିଶ୍ୱାସ କରନ୍ତି ସେମାନେ ଷ୍ଟିଭ ସ୍ମିଥ୍‌ଙ୍କଠାରୁ ଏଥର ଆଶା କରିବେ। ଏହି ସିରିଜରେ ସ୍ମିଥ୍ ଏପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ସେ କିଛି ସପ୍ତାହ ପୂର୍ବେ ଶତକ ହାସଲ କରିଥିଲେ। ସ୍ମିଥ୍ ସବୁବେଳେ ଭାରତୀୟଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ କରିଥାନ୍ତି। ସିରିଜର ଦ୍ୱିତୀୟାର୍ଦ୍ଧରେ ଦଳ ପାଇଁ ତାଙ୍କର ଭଲ ଅବଦାନ ରହିବ ବୋଲି ମୁଁ ଆଶା କରୁଛି। ଭାରତୀୟ ଦଳରେ ମଧ୍ୟ କେତୋଟି ପରିବର୍ତ୍ତନର ସମ୍ଭାବନା ରହୁଛି। ଯଥା ଅଜିଙ୍କ୍ୟ ରାହାନେଙ୍କ ଉପଅଧିନାୟକ ହେବେ ରୋହିତ ଶର୍ମା। ଉମେଶ ଯାଦବ ଆଘାତପ୍ରାପ୍ତ ହୋଇଥିବାରୁ ବୋଲିଂରେ ନିହାତି ପରିବର୍ତ୍ତନର ଆବଶ୍ୟକତା ରହିଛି। ନବଦୀପ ସଇନି ଓ ଟି. ନଟରାଜନଙ୍କ ମଧ୍ୟରୁ ଜଣେ ଏହି ସ୍ଥାନ ପୂରଣ କରିବେ। ତେବେ ନଟରାଜନଙ୍କ ସମ୍ଭାବନା ଅଧିକ। ଏହି ବାମହାତୀ ପେସ୍ ବୋଲର ବୋଲିଂରେ ବିଭିନ୍ନତା ଆଣିପାରନ୍ତି। ଉଭୟେ ଦିନିକିଆରେ ଭଲ ବୋଲିଂ କରିଥିବାରୁ ଚୂଡ଼ାନ୍ତ ଏକାଦଶରେ କାହାରିକୁ ସୁଯୋଗ ମିଳୁଛି ତାହା ଦେଖିବାକୁ ବାକି ରହିଲା। ଜେମ୍ସ ପ୍ୟାଟିନସନ ଓ କେଏଲ୍ ରାହୁଲ ଆଘାତପ୍ରାପ୍ତ ହୋଇଛନ୍ତି। ମ୍ୟାଚ ବେଳକୁ ଯଦି ସେମାନେ ଫିଟ୍ ହୋଇଯାନ୍ତି ତେବେ ସୁଦ୍ଧା ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ କେହି ଦଳରେ ସ୍ଥାନ ପାଇବେ ବୋଲି ମୁଁ ମନେକରୁନି। ଉଭୟଙ୍କ ଅନୁପସ୍ଥିତି ମ୍ୟାଚ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ମୋର ଆଶା। -(**ଗେମ୍‌ପ୍ଲାନ**)।

## ଦକ୍ଷିଣ ଆଫ୍ରିକା ୨-୦ରେ ସିରିଜ ବିଜୟୀ


ବିଜୟ ସୂଚକ ରନ ସ୍କୋର ପରେ ଖୁସି ମୁହୂର୍ତ୍ତରେ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ଡିନ୍ ଏଲ୍‌ଗାର (ବାମ)।

**ଜୋହାନ୍ସବର୍ଗ, ୫।୧(ଏ.ପି.)**

ସ୍ଥାନୀୟ ୱାଣ୍ଡର୍ସ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ଦ୍ୱିତୀୟ ଓ ଅନ୍ତିମ ଟେଷ୍ଟ ମ୍ୟାଚ ୩ ଦିନ ଭିତରେ ଶେଷ ହୋଇଛି। ଏଥିରେ ଦକ୍ଷିଣଆଫ୍ରିକା ୧୦ ଉଇକେଟରେ ବିଜୟ ଲାଭ କରିବା ସହ ସିରିଜ ୨-୦ରେ ଜିତିନେଇଛି। ମଙ୍ଗଳବାର ୧୫୦/୪ ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋରରୁ ଖେଳ ଆରମ୍ଭ କରିଥିବା ଶ୍ରୀଲଙ୍କାକୁ ଦକ୍ଷିଣ ଆଫ୍ରିକା ୨୧୧ ରନରେ ଅଲଆଉଟ କରିଦେଇଥିଲା। ପୂର୍ବଦିନରୁ ୯୧ରନ କରି ଅପରାଜିତ ରହିଥିବା ଅଧିନାୟକ ଦିମୁଥ କରୁଣାରତ୍ନେ (୧୦୩) ଯଦିଓ ଶତକ ହାସଲ କରିଥିଲେ ୫ ଓଭର ଭିତରେ ସେ ଆଉଟ ହୋଇଯାଇଥିଲେ। ତାଙ୍କ ପରେ ଶ୍ରୀଲଙ୍କା ଏହାର ଅବଶିଷ୍ଟ ୫ଉଇକେଟ ମାତ୍ର ୩୫ରନରେ ହରାଇଥିଲା। ପେସ୍ ବୋଲିଂକୁ ସୁହାଉଥିବା ୱାଣ୍ଡର୍ସ ପିଚ୍‌ରେ ଘରୋଇ ଦଳ ୬୭ରନ ଟାର୍ଗେଟକୁ ମାତ୍ର ୧୩.୨ ଓଭରରେ ହାସଲ କରିନେଇଥିଲା। ଏଡେନ୍ ମାରକ୍ରମ ୩୬ ଓ ଡିନ୍ ଏଲ୍‌ଗାର ୩୧ ରନ କରି ଅପରାଜିତ ରହିଥିଲେ। ଏଲ୍‌ଗାର ଉଭୟ ମ୍ୟାନ ଅଫ୍ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୫୭

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୩୦୨

ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୧୧ (ଦିମୁଥ କରୁଣାରତ୍ନେ-୧୦୩, ନିରୋଶାନ ଡିକ୍‌ୱେଲା-୩୬, ଲୁନ୍‌ଗି ଏନ୍‌ଗିଡି-୪/୪୪, ଲୁଥୋ ସିପାମ୍ଲା-୩/୪୦ )।

ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୬୭/୦ (ଏଡେନ୍ ମାରକ୍ରାମ-୩୬*, ଡିନ୍ ଏଲ୍‌ଗାର-୩୧*)।

# ଟାଇଗର୍ସ ୨୯ ରନରେ ବିଜୟୀ



ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଦେବାଶିଷ ସାମନ୍ତରାୟ।

**ଭୁବନେଶ୍ୱର,୫।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଟାଇଗର୍ସ ୨୯ ରନରେ ଓଡ଼ିଶା ଚିତାସ୍‌କୁ ପରାସ୍ତ କରିଛି। ମଙ୍ଗଳବାର ଟୁର୍ନାମେଣ୍ଟରେ ୧୯ତମ ମ୍ୟାଚ୍‌ରେ ଟସ୍ ଜିତି ଟାଇଗର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ଚିତାସ ୪ ଉଇକେଟ ହରାଇ ୧୨୪ ରନରରେ ସୀମତ ରହି ପରାସ୍ତ ହୋଇଥିଲା। ଏଥି ସହିତ ଟାଇଗର୍ସ ୭ଟି ମ୍ୟାଚ୍ ଖେଳି ୩ ବିଜୟ ଓ ୪ ପରାଜୟ ସହ ୧୨ ପଏଣ୍ଟ ପାଇଁ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ଚିତାସ ୭ଟି ମ୍ୟାଚ୍ ଖେଳି ୩ ବିଜୟ, ୪ ପରାଜୟ ସହ ସମାନ ୧୨ ପଏଣ୍ଟ ପାଇଥିଲେ ମଧ୍ୟ ନେଟ୍ ରନ୍ ରେଟ୍‌ରେ ପଛରେ ରହି ପଞ୍ଚମ ସ୍ଥାନରେ ରହିଛି। ୪୯ ରନର ଦ୍ରୁତ ଅପରାଜିତ ଇନିଂସ ଖେଳିଥିବା ଟାଇଗର୍ସ ଅଧିନାୟକ ଦେବାଶିଷ ସାମନ୍ତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫୪ ରନ ବିଜୟ ଲକ୍ଷ୍ୟର ପିଛା କରି ଚିତାସ ଆବଶ୍ୟକ ହାରରେ ରନ୍ ସଂଗ୍ରହ କରିପାରି ନ ଥିଲା। ଦଳ ତରଫରୁ ମାରୋଜୁ ପ୍ରଶାନ୍ତ ସର୍ବାଧିକ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅଭିଷେକ ରାଉତ ୩୮ ରନ କରି ଅପରାଜିତ ରହିଥିଲେ। ଅଧିନାୟକ ଅନୁରାଗ ଷଡଙ୍ଗୀ ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଟାଇଗର୍ସର ବି. ଶବ ୨ ଓ ମିନାଲ ପରିଡା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ଓଡ଼ିଶା ଟି୨୦ ଲିଗ୍

ପ୍ରଥମେ ବ୍ୟାଟିଂ କରିଥିବା ଟାଇଗର୍ସ ତରଫରୁ ଦେବାଶିଷ ସର୍ବାଧିକ ଅପରାଜିତ ୪୯, ଅମିନ ଖାଁ ୪୫, ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୧୧, ରାକେଶ ଗୋଛାୟତ ୧୭ ରନ ସଂଗ୍ରହ କରିଥିଲେ। ହର୍ଷିତ ରାଠୋର ୨୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଚିତାସ ତରଫରୁ ଅଭିଜିତ ହୋତା, ମନୋଜ ବାରିକ, ଅନୁରାଗ ଓ ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ସେହିପରି ମଙ୍ଗଳବାର ଅନୁଷ୍ଠିତ ଟୁର୍ନାମେଣ୍ଟ ଦଶମ ମ୍ୟାଚ୍‌ରେ ଓଡ଼ିଶା ଲାୟନ୍ସ ୪ ଉଇକେଟରେ ଓଡ଼ିଶା ଜାଗୁଆର୍ସକୁ ହରାଇଛି। ଟସ୍ ଜିତି ଜାଗୁଆର୍ସ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ଜବାବରେ ଲାୟନ୍ସ ୧୯ ଓଭରରେ ୬ ଉଇକେଟ ହରାଇ ୧୧୭ ରନ କରି ବିଜୟୀ ହୋଇଥିଲା।

## ପରାଜୟ ସ୍ୱାଦ ଚାଖିଲା ପାନ୍ଥର୍ସ

**ଭୁବନେଶ୍ୱର, ୫।୧ (କ୍ରୀଡ଼ା ପ୍ରତିନିଧି):** ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ରେ ପ୍ରଥମଥର ପରାଜୟ ସ୍ୱାଦ ଚାଖିଛି ଓଡ଼ିଶା ପାନ୍ଥର୍ସ। କ୍ରମାଗତ ୫ ମ୍ୟାଚ ଜିତି ପଏଣ୍ଟ ଟେବୁଲର ଶୀର୍ଷରେ ଆଧିପତ୍ୟ ଜାହିର କରି ଆସୁଥିବା ପାନ୍ଥର୍ସ ସୋମବାରର ଦ୍ୱିତୀୟ ମ୍ୟାଚରେ ପୁମାସ ନିକଟରୁ ୨୯ ରନରେ ପରାଜିତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପୁମାସ ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ କରିଥିଲା। ଦଳ ପକ୍ଷରୁ ଅର୍ଦ୍ଧଶତକ ହାସଲକାରୀ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୫୧(୪୭ ବଲ, ୬ ଚୌକା), ଟୁକୁନା ସାହୁ ୪୦ (୩୦ ବଲ, ୭ ଚୌକା) ଓ ଅଧିନାୟକ ଅରବିନ୍ଦ ସିଂ ୨୦ ରନ କରିଥିଲେ। ବିପକ୍ଷ ଦଳର ଆଲୋକ ସାହୁ ୩ଟି, ପ୍ରଦୀପ ପ୍ରଧାନ ଓ ଅଭିଷେକ ଯାଦବ ୨ଟି ଲେଖାଏ ଏବଂ ଶୁଭମ୍ ନାୟକ ଗୋଟିଏ ଉଇକେଟ ନେଇଥିଲେ। ୧୩୮ ରନ ବିଜୟ ଲକ୍ଷ୍ୟରେ ପାନ୍ଥର୍ସ ୧୯.୩ ଓଭରରେ ୧୦୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଅଭିଷେକ ଯାଦବ ସର୍ବାଧିକ ୩୨ ଓ ରଞ୍ଜୀତ ପାଇକରାୟ ୨୦ ରନ କରିଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ଧୀରାଜ ସିଂ ଓ ପ୍ରୟାସ ସିଂ ୨ଟି ଲେଖାଏ ଏବଂ ପ୍ରଶାନ୍ତ ରଣା, ଜୀତେନ୍ଦ୍ର ଥାପ୍ପା ଓ ସନ୍ଦୀପ ପଟ୍ଟନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ